


▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-158 ♦THURSDAY ♦4 DECEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୫୮ ♦ଗୁରୁବାର ♦୪ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


### ଭାରତ ସହ ପ୍ରତିରକ୍ଷା ଚୁକ୍ତିକୁ ରୁଷ୍ ସଂସଦର ଅନୁମୋଦନ

# ସାମରିକ ଘାଟି ଉଭୟଙ୍କୁ ଖୋଲା

■ ମସ୍କୋ, ୩।୧୨ (ଏଜେନ୍ସି): ଆସନ୍ତାକାଲି ଭାରତର ଦୁଇ ଦନିଆ ଗସ୍ତରେ ଆସୁଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ। ଏହି ଅବସରରେ ଭାରତ ଓ ରୁଷ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଛି। ଏଥିମଧ୍ୟରେ ରହିଛି ପାରସ୍ପରିକ ସାମରିକ ଘାଟି ବ୍ୟବହାର ପାଇଁ ଅନୁମତି। ଏହି ଚୁକ୍ତି କର୍ଯ୍ୟକାରୀ ହେଲେ ଉଭୟ ଭାରତ ଏବଂ ରୁଷିଆ ପରସ୍ପରର ସାମରିକ ଘାଟି ଲଜିଷ୍ଟିକ ସେବା ପାଇଁ ବ୍ୟବହାର କରିପାରିବେ। ଦୁଇ ଦେଶ ପରସ୍ପରର ସାମରିକ ଘାଟି ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ, ସମ୍ବଳକୁ ମଧ୍ୟ ବ୍ୟବହାର କରିପାରିବେ। ଏଥିରେ ବନ୍ଦର ଏବଂ ଅନ୍ୟ ସାମରିକ ଭିତ୍ତିଭୂମି ରହିଛି। ଏସଂକ୍ରାନ୍ତ ପ୍ରସ୍ତାବକୁ ରୁଷ ସଂସଦ 'ଡୁମା' ମଞ୍ଜୁରୀ ପ୍ରଦାନ କରିଛି।



ଆଜି ଆସୁଛନ୍ତି ପୁତିନ

ଚଳିତ ବର୍ଷ ଫେବୃଆରୀ ୧୮ରେ ଏହି ଚୁକ୍ତି ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଗତ ସପ୍ତାହରେ ରୁଷିଆ ପ୍ରଧାନମନ୍ତ୍ରୀ ମିଖାଇଲ୍ ମିସୁଷ୍ଟିନ୍ ମଞ୍ଜୁରୀ ପାଇଁ ଏହାକୁ ସଂସଦକୁ ପଠାଇଥିଲେ। ଏହି ଚୁକ୍ତି ଦ୍ୱାରା ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଓ ସାମରିକ ଚୁକ୍ତି ଆହୁରି ଦୃଢ଼ ହେବ ବୋଲି ରୁଷିଆ ସଂସଦ ବାଚସ୍ପତି ଭ୍ୟାଚେସ୍ଲାଭ ଭୋଲୋଡିନ କହିଛନ୍ତି। ସାମରିକ ଦୃଷ୍ଟିକୋଣରୁ ଏହି ଚୁକ୍ତି ବିଶେଷ ମହତ୍ତ୍ୱ ରଖୁଛି। ଏସଂପର୍କରେ ଜଣେ ଭାରତୀୟ ଅଧିକାରୀ କହିଛନ୍ତି ଯେ ଏହି ଚୁକ୍ତି ଦୁଇ ଦେଶ ମଧ୍ୟରେ ଐତିହାସିକ ହେବ। ଉଭୟ ଦେଶ ପରସ୍ପରର ସାମରିକ ▶ପୃଷ୍ଠା-୭

## ରସାତଳକୁ ଗଲା ଟଙ୍କା
# ୧ ଡଲାର = ୯୦.୧୩ ଟଙ୍କା

■ ମୁମ୍ବଇ, ୩।୧୨ (ଏଜେନ୍ସି): ଦୁର୍ବଳ ହେବାରେ ଲାଗିଛି ଭାରତୀୟ ମୁଦ୍ରା 'ଟଙ୍କା'। ବୁଧବାର ଟଙ୍କା ମୂଲ୍ୟ ରେକର୍ଡ ସର୍ବନିମ୍ନ ୯୦ ଟଙ୍କା ସ୍ତରକୁ ଖସିଆସିଛି। ଆମେରିକୀୟ ଡଲାର ମଜବୁତ ହେବାର ପ୍ରଭାବରେ ଟଙ୍କା ମୂଲ୍ୟରେ ଏଭଳି ଐତିହାସିକ ହ୍ରାସ ଘଟିଛି। ଫଳରେ ଚାପଗ୍ରସ୍ତ ହୋଇଛି ଘରୋଇ ମୁଦ୍ରା। ଭାରତୀୟ ମୁଦ୍ରା ଇତିହାସରେ ପ୍ରଥମ ଥର ପାଇଁ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୯୦ ଟଙ୍କା ସ୍ତର ଅତିକ୍ରମ କରିଛି।

ଟଙ୍କା ଉପରେ ବଢୁଥିବା ଚାପ ପଛରେ ଅନେକ କାରଣ ରହିଛି। ଯେପରିକି ଡଲାର ଚାହିଦାରେ ବୃଦ୍ଧି ଓ ବିଶ୍ୱରେ ରାଜନୈତିକ-ଅର୍ଥନୈତିକ ଅନିଶ୍ଚିତତା। ବିଗତ କିଛି ଦିନ ହେବ ବୈଦେଶିକ ମୁଦ୍ରା ବିନିମୟ ବଜାରରେ



ଟଙ୍କା ମୂଲ୍ୟରେ ହ୍ରାସ ଧାରା ଜାରି ରହିଛି। ଆଜି ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୯ ପଇସା ହ୍ରାସ ଘଟି ଏହା ୯୦.୧୩ ▶ପୃଷ୍ଠା-୭

# ବଢ଼ିବନି ସର୍ବନିମ୍ନ ଇପିଏଫ୍ ପେନ୍‌ସନ୍

■ ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି): ଇପିଏଫ୍ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀଙ୍କୁ ଲାଗିଛି ବଡ଼ ଝଟ୍‌କା। କାରଣ ଆଉ ବଢ଼ିବନି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ସଦସ୍ୟଙ୍କ ସର୍ବନିମ୍ନ ପେନ୍‌ସନ୍। କେବଳ ଏତିକି ନୁହେଁ ପେନ୍‌ସନ୍‌ଭୋଗୀଙ୍କୁ ମିଳିବନି ମହଙ୍ଗା ଭତ୍ତା (ଡିଏ) ବୃଦ୍ଧିର ଲାଭ। ଅର୍ଥାତ୍ ଏଣିକି ଡିଏ ବୃଦ୍ଧି ଆଧାରରେ ବଢ଼ିବନି ପେନ୍‌ସନ୍ ଭୋଗୀଙ୍କ ମହଙ୍ଗା ଆଶ୍ୱସ୍ତି (ଡିଆର୍)। ଆଶା କରାଯାଉଥିଲା ଯେ ସରକାର କର୍ମଚାରୀ ପେନସନ ଯୋଜନା ୧୯୯୫ (ଇପିଏସ୍-୯୫) ଅନ୍ତର୍ଗତ ସ୍ୱଳ୍ପ ପେନ୍‌ସନ୍ ପରିମାଣକୁ ଏକ ସମ୍ମାନଜନକ ସ୍ତରକୁ ବୃଦ୍ଧି କରିବେ। ସର୍ବନିମ୍ନ ଇପିଏଫ୍ ପେନ୍‌ସନ ବର୍ତ୍ତମାନର ୧୦୦୦ ରୁ ୭୫୦୦ ଟଙ୍କାକୁ ବୃଦ୍ଧି

**ବୃଦ୍ଧି ହେବନି ପେନ୍‌ସନ୍ ଭୋଗୀଙ୍କ ଡିଆର୍**

**ସଂସଦରେ ସଫା ସଫା ମନା କଲେ ମନ୍ତ୍ରୀ**

ହେବା ନେଇ ବେଶ ଚର୍ଚ୍ଚା ହେଉଥିଲା। କେତେକ ଗଣମାଧ୍ୟମ ରିପୋର୍ଟରେ ଗତ ଅକ୍ଟୋବର ମାସର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ▶ପୃଷ୍ଠା-୭

# ୩ଟି ପର୍ଯ୍ୟାୟରେ ଯୁକ୍ତ ଦୁଇ ପରୀକ୍ଷା

■ ଭୁବନେଶ୍ୱର, ୩।୧୨ (ସମିସ): ଚଳିତ ଶିକ୍ଷାବର୍ଷର ଯୁକ୍ତ ଦୁଇ ପରୀକ୍ଷା ପାଇଁ ଆଜି ତାରିଖ ସୂଚୀ ପ୍ରକାଶ ପାଇଛି। ଚଳିତବର୍ଷର ୩ଟି ପର୍ଯ୍ୟାୟରେ + ୨ ପରୀକ୍ଷା ହେବ। ଇଣ୍ଟରନାଲ ଆସେସ୍‌ମେଣ୍ଟ ଓ ପ୍ରୋଜେକ୍ଟ ମୂଲ୍ୟାଙ୍କନ ଡିସେମ୍ବର ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ହେବ। ଜାନୁଆରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ସରିବ। ଫେବୃଆରୀ ୧୮ ତାରିଖରୁ ଲିଖିତ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨୧ ତାରିଖରେ ସରିବ। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବର୍ଗରେ ମୋଟ୍ ୨୨ ▶ପୃଷ୍ଠା-୭

**ଡିସେମ୍ବର ୨୨ରୁ ଇଣ୍ଟରନାଲ୍, ଜାନୁଆରୀରୁ ପ୍ରାକ୍ଟିକାଲ ଏବଂ ଫେବୃଆରୀ ୧୮ ରୁ ଲିଖିତ ପରୀକ୍ଷା**

# ଧାନ କିଣା ଆରମ୍ଭରୁ ବିଭ୍ରାଟ

## ବିଧାନସଭାରେ ସରକାରଙ୍କୁ ଘେରିଲେ ବିଜେଡି-କଂଗ୍ରେସ



**ମନଇଚ୍ଛା କଟ୍‌ନୀଛଟ୍‌ନୀ ନେଇ ବିରୋଧୀଙ୍କ ସନ୍ଦେହ**

**ଗତ ଖରିଫରେ ରେକର୍ଡ ପରିମାଣର ଧାନ ସଂଗ୍ରହ ହୋଇଛି: ଶାସକ**

■ ଭୁବନେଶ୍ୱର, ୩।୧୨ (ସମିସ): ଘାରେ ନ ପଶୁଣୁ ଚାଳ ବାଜିବା ପରି ଧାନ କିଣା ଆରମ୍ଭରୁ ଦେଖାଦେଇଛି ବିଭ୍ରାଟ । ପ୍ରାୟ ମାସେ ବିଳମ୍ବରେ ପଶ୍ଚିମ ଓଡ଼ିଶାରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ବିଳମ୍ବ ପ୍ରକ୍ରିୟା କାରଣରୁ ଚାଷୀ ଅଭାବୀ ବିକ୍ରିର ମଧ୍ୟ ଶିକାର ହେଲେଣି। ସରକାର ମିଲରଙ୍କର ଷ୍ଟକ ଯାଞ୍ଚ କରିନାହାନ୍ତି। ସବୁ ଆଡେ ଗ୍ରେନ ଆନାଲାଇଜର ମେସିନ ପହଞ୍ଚି ନାହିଁ। ଯେଉଁଠି ମେସିନ ନାହିଁ ସେଠାରେ ପୂର୍ବବର୍ଷ ପରି ମନଇଚ୍ଛା କଟନୀ ଛଟନୀ ହେବାର ଆଶଙ୍କା ଦେଖା ଦେଲାଣି। ଖରିଫ୍ ଧାନ କିଣା ପ୍ରକ୍ରିୟାକୁ ନେଇ ବୁଧବାର ବିଧାନସଭାରେ ଏମିତି ସନ୍ଦେହ ବ୍ୟକ୍ତ କରିଛନ୍ତି ବିରୋଧୀ। କେନ୍ଦ୍ର ସରକାରଙ୍କ ଘୋଷିତ ଏମଏସପି ୨୩୬୯ ଏବଂ ରାଜ୍ୟ ସରକାରଙ୍କ ଇନପୁଟ ସବସିଡି ୮୦୦ ଟଙ୍କାକୁ ମିଶାଇ ମୋଟ ୩୧୬୯ ଟଙ୍କା ସରକାର ଦେବେ କି ନାହିଁ ସିଧାସଳଖ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଶାସକ ଦଳ ବିଧାୟକମାନେ ବିରୋଧୀଙ୍କ ଅଭିଯୋଗ ଅମୂଳକ କହିବା ସହ ନୂଆ ସରକାର ଆସିବା ପରେ କଟନୀ ଛଟନୀ କମିଛି ବୋଲି ଯୁକ୍ତି ବାଢ଼ିଛନ୍ତି।

ମୁଲତବୀ ଆଲୋଚନା ଆରମ୍ଭ କରି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଲେ ଯେ ପଶ୍ଚିମ ଓଡ଼ିଶାରେ ଡିସେମ୍ବର ପ୍ରଥମ ସପ୍ତାହରୁ ଧାନ ସଂଗ୍ରହ ପ୍ରକ୍ରିୟା ସବୁଥର ଆରମ୍ଭ ହୁଏ। ମାତ୍ର ଚଳିତ ଥର ଏଥିରେ ପ୍ରାୟ ମାସେ ବିଳମ୍ବ ଘଟିଛି। ଧନ ଅମଳ ପରେ ଚାଷୀ ନିଜ ପାଖରେ ଧାନ ରଖିପାରେ ନାହିଁ। ସେଥିପାଇଁ ଚାଷୀ ଅଭାବୀ ବିକ୍ରି ଆରମ୍ଭ କଲେଣି। ଧାନ କିଣା ଆରମ୍ଭରେ କାହିଁକି ବିଳମ୍ବ ହେଲା ସରକାର ତାହାର ଉତ୍ତର ରଖିବାର ଆବଶ୍ୟକତା ରହିଛି। ବରଗଡ଼ରେ ପ୍ରାୟ ୫୦୦୦ ଚାଷୀ ପଞ୍ଜୀକରଣ କରିପାରି ନାହାନ୍ତି। ସେମାନେ କେଉଁଠାରେ ଧାନ ବିକିବେ ? ▶ପୃଷ୍ଠା-୭

# ୩୧୬୯ ନୁହେଁ; ସରକାର ଦେବେ ୩୧୦୦ ଟଙ୍କା: ମନ୍ତ୍ରୀ

■ ଭୁବନେଶ୍ୱର, ୩।୧୨ (ସମିସ): କେନ୍ଦ୍ର ସରକାର ଚଳିତ ଖରିଫରେ କ୍ୱିଣ୍ଟାଲ ପିଛା ୬୯ ଟଙ୍କା ଅଧିକ ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ଘୋଷଣା କରିଥିଲେ। ସେହି ଅନୁଯାୟୀ ଏମଏସପି ୨୩୬୯ ଟଙ୍କା ଏବଂ ଇନପୁଟ ସବସିଡି ବାବଦକୁ ୮୦୦ ଟଙ୍କା ମିଶାଇ ଚାଷୀ କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ପାଇବା ନେଇ ସମ୍ଭାବନା ଦେଖା ଦେଇଥିଲା। ତେବେ ଚଳିତ ଖରିଫ ଋତୁରେ ରାଜ୍ୟ ସରକାର ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରିବେ ବୋଲି ଆଜି ବିଧାନସଭାରେ ସ୍ପଷ୍ଟ କରିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବିରୋଧୀଙ୍କ ପକ୍ଷରୁ ଆଗତ ମୁଲତବୀ ଆଲୋଚନାରେ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ଚଳିତ ଖରିଫରେ ୧୯ ଜୁଲାଇ ୨୦୨୫ରୁ ୧୯ ଅଗଷ୍ଟ ୨୦୨୫ ଯାଏଁ ଚାଷୀ ପଞ୍ଜୀକରଣ ଧାର୍ଯ୍ୟ ହୋଇଥିଲା। ▶ପୃଷ୍ଠା-୭

# ଓଡ଼ିଶାକୁ ବହୁମୂଲ୍ୟ ଦେବାକୁ ପଡ଼ିବ: ମହୁଆ

## ପୁଲିସ ଡିଜି, ନୟାଗଡ଼ ଏସ୍‌ପିଙ୍କୁ ଚେତାବନୀ

■ ଭୁବନେଶ୍ୱର, ୩।୧୨ (ସମିସ): ବାଂଲାଦେଶୀ, ରୋହିଙ୍ଗ୍ୟାଙ୍କ ନାମରେ ପଶ୍ଚିମବଙ୍ଗ ବାସିନ୍ଦାଙ୍କୁ ଓଡ଼ିଶା ପୁଲିସ ଅଟକ ରଖୁଛି। ବଙ୍ଗଳାରେ କଥାବାର୍ତ୍ତା କରୁଥିବା ଲୋକଙ୍କୁ ଓଡ଼ିଶା ପୁଲିସ ଉଠାଇ ନେଉଛି। କେବଳ ବଙ୍ଗାଳୀ ହୋଇଥିବାରୁ ସେମାନଙ୍କୁ ତଡ଼ାଯାଇଛି। ଭିଡ଼ତନ୍ତ୍ରର ଏଭଳି ଏଜେଣ୍ଡାକୁ ପୁଲିସ ଦମନ କରିବା ବଦଳରେ ଅଧିକ ହାୱା ଦେଉଛି। ଏହା ଠିକ୍ ନୁହେଁ। ଓଡ଼ିଶାକୁ ଏହାର ମୂଲ୍ୟ ଦେବାକୁ ପଡ଼ିବ। ତୁମେ ବେଙ୍ଗାଲୀଙ୍କ ସହ ଯାହା କରୁଛ ଆମ ସରକାର ଓଡ଼ିଆଙ୍କ ସହ ଏଠାରେ ସେମିତି କଲେ ସ୍ଥିତି ବିଗିଡ଼ିଯିବ ବୋଲି ଓଡ଼ିଶାକୁ ଚେତାବନୀ ଦେଇଛନ୍ତି ଟିଏମ୍‌ସି ସାଂସଦ ମହୁଆ ମୋଇତ୍ର। ନୟାଗଡ଼ର ଏକ ଘଟଣାକୁ ନେଇ ଓଡ଼ିଶାର ପୁଲିସ ଡିଜି ଓ ନୟାଗଡ଼ ଏସ୍‌ପିଙ୍କୁ ଶ୍ରୀମତୀ ▶ପୃଷ୍ଠା-୭

# ଶୀତ ସହ ବଢ଼ିବ କୁହୁଡ଼ି

■ ଭୁବନେଶ୍ୱର, ୩।୧୨ (ସମିସ): ରାଜ୍ୟରେ ପୁଣି ତାପମାତ୍ରା ହ୍ରାସ ପାଇବ। ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ପାରଦ ଖସିବ। ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ତାମିଲନାଡୁ ଓ ପୁଡୁଚେରୀ ଉପକୂଳରେ ସୃଷ୍ଟି ହୋଇଥିବା ବାତ୍ୟା ଦୁର୍ବଳ ହୋଇ ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ଦୁର୍ବଳ ହେବା ପରେ ପୁଣି ଥରେ ରାଜ୍ୟକୁ ଉତ୍ତର ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ଆରମ୍ଭ ହୋଇଛି। ଏହା ଫଳରେ ରାଜ୍ୟର ଅନେକ ସ୍ଥାନରେ ଶୀତ ବଢ଼ିବା ନେଇ ଆକଳନ କରାଯାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ, ସାରା ରାଜ୍ୟରେ ବୁଧବାର ରାତିଠାରୁ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବ। ଆସନ୍ତା ଶନିବାର ରାତି ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ଜାରି ରହିବ। ଏହି ୪ ଦିନରେ ପାରଦ ପ୍ରାୟ ୪ ଡିଗ୍ରୀ କମିବାର ସମ୍ଭାବନା ରହିଛି। ୭ ତାରିଖ ଅର୍ଥାତ ରବିବାର ରାତିରେ ଭୁବନେଶ୍ୱର ସମେତ ଉପକୂଳ ଓଡ଼ିଶା ଓ କେନ୍ଦ୍ରୀୟ ଓଡ଼ିଶାରେ ଆଉ ୧ ଡିଗ୍ରୀ କମିପାରେ। ୮ ତାରିଖ ରାତିରେ ଅନେକ ସ୍ଥାନରେ ୧-୨ ଡିଗ୍ରୀ ବଢ଼ି ପୁଣି ତା ପରଦିନ ତାପମାତ୍ରା କମିବ ଓ ଶୀତ ଜାରି ରହିବ। ଆଗକୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ତେବେ ଏହି ସମୟରେ ରାଜ୍ୟର ଅନେକ ସ୍ଥାନରେ କୁହୁଡ଼ି ବଢ଼ିବ। ବିଶେଷ କରି ୫ ଓ ୯ ତାରିଖ ରାତିରେ ଘନ ▶ପୃଷ୍ଠା-୭







# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଆଇଟିୟୁର ଗଣଧାରଣା



ବଣାଇଁ,୩।୧୨(ସମିସ): ଆଜି ସିଆଇଟିୟୁ ପକ୍ଷରୁ ବଣାଇଁ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିଶାଳ ବିକ୍ଷୋଭ ଓ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଏଥିରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଅସିତ ଚୌଧୁରୀ, ଶସ୍ୟ କଳା ସରପଞ୍ଚ ଏମଲନ ଭୂୟାଁ, ସମିତି ସଭ୍ୟ ଶସ୍ୟକଳା ଅନିତା ଦୀପ୍ତି ମୁଣ୍ଡା, ଭୁତୁଡ଼ା ସମିତି ସଭ୍ୟା ମହିମା ବାର୍ଲା ବାଦଲ ବାରିକ,ଓମନ୍ତ ମହାନ୍ତ, ରାଜେଶ ପତି, ଧରମ ଦାସ ବାଡା,ଙ୍କ ସମେତ ଶତାଧିକ ଶ୍ରମିକ ମାନେ ଉପସ୍ଥିତ ହୋଇ ଗଣଧାରଣାରେ ସାମିଲ ହୋଇଥିଲେ। କୁର୍ମିତାର ଆଇରନ ଓର ମାଇନ୍ସରେ କାମ କରୁଥିବା ୫୭୦ ଜଣ କର୍ମଚାରୀଙ୍କୁ ପର୍ଯ୍ୟାପ୍ତ ପରିମାଣର ଲୌହ ପଥର ଯୋଗାଇଦେବା ସହ ସମସ୍ତ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା , ଆଦାନୀର ବିସ୍ତାର ପ୍ରକଳ୍ପ ପାଇଁ ୫୦୦ ଜଣ ଅନ୍ୟ ସ୍ଥାନୀୟ କର୍ମଚାରୀଙ୍କୁ ନିଯୁକ୍ତି କରିବା ପାଇଁ ଏଥିରେ ଦାବି କରାଯାଇଥିଲା। ଏଥିସହ ଖଣିର ପାରିପାର୍ଶ୍ୱିକ ଗ୍ରାମ ଗୁଡିକର ବିକାଶ ପାଇଁ ଅତିଶୀଘ୍ର ଏକ ଯୋଜନା ପ୍ରସ୍ତୁତି କରିବା, ଗତ ୨୮. ୦୯. ୨୦୧୯ ପତ୍ର ସଂଖ୍ୟା ୩୩୪୬ ଲିଖିତ ସମସ୍ତ ନିର୍ଦ୍ଦେଶକୁ କୁର୍ମିତାର ଲୌହ ଖଣି ଓଏମସି ଶତପ୍ରତିଶତ ପାଳନ କରିବା ପାଇଁ ପୂର୍ବରୁ ଦାବି ଉପସ୍ଥାପନ କରାଯାଇଛି। ପୂର୍ବରୁ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ଏସପି, ଡିଆଇଜି, ଉପଖଣ୍ଡ ପୋଲିସ ଅଧିକାରୀ, ବରିଷ୍ଠ ଓଏମସି ଅଧିକାରୀ, ଆଦାନୀ ପକ୍ଷରୁ ଦାବି ପୂରଣ ନେଇ ଆଶ୍ୱାସନା ଦିଆଯାଇଥିଲା। କିନ୍ତୁ ତାହା ପୂରଣ କରାଯାଇ ନାହିଁ। ଏପରିକି ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ପତ୍ର ପରେ ବି କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାକୁ ନେଇ ଗଣଧାରଣାରେ କ୍ଷୋଭ ପ୍ରକାଶ ପାଇଥିଲା। ଏହି ସମ୍ବନ୍ଧରେ ବଣାଇଁ ଉପ ଜିଲ୍ଲାପାଳ ଅପରାହ୍ନ ୩ଟା ୩୦ରେ ତାଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରତ ଶ୍ରମିକଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୯ ତାରିଖ ଦିନ ଓଏମସି ଓ ଆଦାନୀର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବା ପାଇଁ ସମୟ ଦେବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା।

# କେବେ ଖୋଲିବ ନୂତନ ଶବଦାହ ଗୃହ

ବଣାଇଁ,୩।୧୨(ସମିସ)

ବଣାଇଁ ସହର ଦେଓଗାଁ ବ୍ରାହ୍ମଣୀ ନଦୀ କୂଳରେ ଥିବା ସର୍ବଧର୍ମ ଶ୍ମଶାନ ଘାଟଟି ଅବ୍ୟବସ୍ଥାରେ ଚାଲିଥିବା ବେଳେ କୌଣସି ପ୍ରକାରର ମୌଳିକ ସୁବିଧା ନ ପାଇ ଶବଦାହ ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ମୃତକଙ୍କ ପରିବାର ଓ ଜ୍ଞାତି କୁଟୁମ୍ବ। ହିନ୍ଦୁଧର୍ମ ସଂପ୍ରଦାୟର ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ଏକ ଶବଦାହ ଗୃହ କୋଟି କୋଟି ଟଙ୍କା ଅଟକଳରେ ଆଜକୁ ୪ ବର୍ଷ ହେବ କାର୍ଯ୍ୟ ଆରମ୍ଭ ହୋଇ ଶେଷ ମଧ୍ୟ ହେଲାଣି। କିନ୍ତୁ ସର୍ବସାଧରଣଙ୍କ ପାଇଁ ଆଜି ପର୍ଯ୍ୟନ୍ତ ଖୋଲିନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ଚାରି ବର୍ଷ ତଳେ ଇସାରା ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡକୁ କାର୍ଯ୍ୟାଦେଶ ମିଳିଥିବା



ବେଳେ ସୁନ୍ଦରଗଡ ଜିଲ୍ଲାର ଦିଲ୍ଲୀପ କୁମାର ପଟେଲ ନିର୍ମାଣ କାର୍ଯ୍ୟ କରୁଥିଲେ। କୌଣସି ସ୍ଥାନରେ ଅଟକଳ ପରିମାଣ କିମ୍ବା କାର୍ଯ୍ୟର ଅବଧି ସମ୍ପର୍କରେ ସୂଚନା ଫଳକ ଲଗାଯାଇ ନାହିଁ। ତେବେ ଉକ୍ତ କାମକୁ ପରେ କେନ୍ଦୁଝର ଜିଲ୍ଲାର ଅନ୍ୟ ଜଣେ ଠିକାଦାର ଦେଖାରେଖା କରୁଥିବା ଜଣାପଡିଥିଲା। ବିଦ୍ୟୁତ୍ ଚାଳିତ ଶବଗୃହ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଏବେ ଘର ପଛପଟେ ଅସ୍ଥାୟୀ ଭାବେ ଶବଦାହ କରାଯାଉଛି। ଶବ ଦାହ ପାଇଁ ତିଆରି ହୋଇଥିବା ଲୁହା ଫ୍ରେମଟି ଦୀର୍ଘ ଦିନ ହେବ ନିଆଁ ସଂସ୍ପର୍ଶରେ ଆସି ଦୁର୍ବଳ ହୋଇ ଭାଙ୍ଗି ଯାଇ ଥିବା ବେଳେ ଶବଦାହ କରିବାରେ ଲୋକମାନେ ବିଶେଷ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଶବଦାହ ପରେ ନିଆଁ ଲିଭାଇବାକୁ ଜଳର ଆବଶ୍ୟକ ଥିବା ବେଳେ ସେଠାରେ କୌଣସି ସୁବିଧା କରାଯାଇନାହିଁ। ପାନୀୟ ଜଳ, ବିଶ୍ରାମ ସ୍ଥଳ ସହ ଆଲୋକର ବ୍ୟବସ୍ଥା ନଥିବା ବେଳେ ରାତିରେ ଶବଦାହ କରିବାକୁ ଆସୁଥିବା ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟରେ ସୁନ୍ଦରଗଡ଼ର ନୂତନ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ବଣାଇଁ ଗସ୍ତରେ ଆସିବା ସମୟରେ ଉକ୍ତ କାର୍ଯ୍ୟଟିକୁ ତଦାରଖ କରିବା ସହିତ ଶବ ଦାହ କେନ୍ଦ୍ରରୁ ନଦୀକୁ ପାହାଚ ନିର୍ମାଣ ସହିତ ଯଥାଶୀଘ୍ର ସର୍ବ ସାଧାରଣଙ୍କ ପାଇଁ ତାହାକୁ ଖୋଲିବା ନିମନ୍ତେ ବଣାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବି ଯଥା ପୂର୍ବ ତଥା ପରଂ ସ୍ଥିତି ରହିଛି। ପ୍ରଶାସନର କେବେ ନିଦ ଭାଙ୍ଗିବ, ଶବଦାହ ଗୃହ ଖୋଲିବ, ତାକୁ ବଣାଇଁବାସୀ ଚାହିଁ ବସିଛନ୍ତି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏନେଇ ବଣାଇଁଗଡ଼ ବିଡିଓ ଦିବ୍ୟ ଶଙ୍କର ଜୟପୁରିଆଙ୍କୁ ପଚାରିବାରୁ ନୂତନ ଶବଦାହ କେନ୍ଦ୍ର ଆମ ବଣାଇଁଗଡ଼ ପଞ୍ଚାୟତକୁ ଚଳେଇବା ପାଇଁ ଦାୟିତ୍ୱ ଦେଇଛି। ଯଥାଶୀଘ୍ର ନିଜେ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କରି ଖୋଲିବା ପାଇଁ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

**ନୂତନ ଜିଲ୍ଲାପାଳ ବଣାଇଁ ଗସ୍ତ ବେଳେ କରିଥିଲେ ସମୀକ୍ଷା**

# ଡାଲମିଆ ମହାବିଦ୍ୟାଳୟରେ ଏଡ୍‌ସ ଦିବସ

କୁତ୍ରା,୩।୧୨(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅନ୍ତର୍ଗତ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନା ଡା. ଉମେଶ ଚନ୍ଦ୍ର ଗୁରୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଛାତ୍ର ହିତେଶ ଜୟପୁରୀଆ ସଭାର ସଂଯୋଜନା କରିଥିଲେ। ଦୈନନ୍ଦିନ ଜୀବନ ଶୈଳୀ ଯୋଗୁଁ ସୃଷ୍ଟି ହେଉଥିବା ବିଭିନ୍ନ ରୋଗ ଏଡ୍‌ସ ରୋଗଠାରୁ ମଧ୍ୟ ଉତ୍କଟ ଅଟେ ବୋଲି ଡା. ଗୁରୁ କହିଥିଲେ। କୁତ୍ରା କମ୍ୟୁନିଟି ହେଲଥ ସେଣ୍ଟର ତରଫରୁ ରକ୍ତ ପରୀକ୍ଷା ଶିବିରର ଆୟୋଜନ କରାଯାଇ ସମସ୍ତ ଛାତ୍ରଛାତ୍ରୀମାନଙ୍କର ବ୍ଲଡ଼ ଗ୍ରୁପ ପରୀକ୍ଷା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଟିକୁ ମହାବିଦ୍ୟାଳୟର ୱାଇଆର୍‌ସି ଅଫିସର ଅଧ୍ୟାପକ ପ୍ରଶାନ୍ତ ମାଝୀ, ଅଧ୍ୟାପିକା ଗୋଲାପୀ ଓରାମ ଓ ଏନ୍‌ସିସି ଅଫିସର ହମିଦ ମହମ୍ମଦ ଆୟୋଜନ କରିଥିବା ବେଳେ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

# ହୋମ୍ ଏଣ୍ଡ ହୋପ୍‌ରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

ରାଉରକେଲା,୩।୧୨(ସମିସ): ରାଉରକେଲା ଇସ୍ପାତ କାରଖାନା ପୃଷ୍ଠପୋଷକତାରେ ପରିଚାଳନାଧୀନ ଭିନ୍ନକ୍ଷମ ଶିକ୍ଷାନୁଷ୍ଠାନ ହୋମ୍ ଏଣ୍ଡ ହୋପ୍‌ରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ରାଉରକେଲା ଇସ୍ପାତ କାରଖାନା ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଖଣି ଉନ୍ନୟନ ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ଖଣି ଓଜିଓଏମ୍ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଡାକ୍ତର ପ୍ରତିଭା ଷଡଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆଭ୍ୟନ୍ତରୀଣ ଅଡିଟ ବିଭାଗର ସିଜିଏମ୍ ତଥା ହୋମ୍ ଏଣ୍ଡ ହୋପ୍‌ର ସମ୍ପାଦକ ଡ.ଜିଏସ ଦାସ ଏବଂ ଆରଏସପିର ଅନ୍ୟ ବହୁ ବରିଷ୍ଠ ଅଧିକାରୀ, ଅଭିଭାବକ ସଂଘର ସଦସ୍ୟ, ହୋମ୍ ଏଣ୍ଡ ହୋପ୍ ଏବଂ ଆଶାର ବହୁସଂଖ୍ୟକ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। ଚଳିତ ବର୍ଷର ଉତ୍ସବର ବିଷୟବସ୍ତୁ 'ସାମାଜିକ ପ୍ରଗତିକୁ



ଆଗକୁ ବଢ଼ାଇବା ପାଇଁ ଭିନ୍ନକ୍ଷମ-ସମାବେଶୀ ସମାଜକୁ ପ୍ରୋତ୍ସାହିତ କରିବା' ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଶ୍ରୀ ବର୍ମା ଅନୁଷ୍ଠାନରେ ଥିବା ପ୍ରତ୍ୟେକ ପିଲା ସେମାନଙ୍କର ସାହସ ଓ ଧୈର୍ଯ୍ୟର ସହ ପ୍ରତ୍ୟେକ ଆହ୍ୱାନକୁ ଅତିକ୍ରମ କରି ଉପରକୁ ଉଠିବା ପାଇଁ ଦୃଢ଼ ସଂକଳ୍ପ ସହ ଅଗ୍ରସର ହେଉଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଉଲ୍ଲେଖନୀୟ ସଫଳତା ଓ ବିବିଧ କାର୍ଯ୍ୟକଳାପ ନିମନ୍ତେ ଅତିଥିମାନେ ହୋମ୍ ଏଣ୍ଡ ହୋପ୍‌ର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ପ୍ରସ୍ତୁତ କଳା ଓ ହସ୍ତଶିଳ୍ପ ସାମଗ୍ରୀର ପ୍ରଦର୍ଶନୀକୁ ଅତିଥିମାନେ ପରିଦର୍ଶନ କରିଥିଲେ। ଜିଏସ୍ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ହୋମ୍ ହାପ୍‌ର ଅଧ୍ୟକ୍ଷା ପଦ୍ମିନୀ ଦାସ ବିଦ୍ୟାଳୟର ବିବରଣୀ ପ୍ରଦାନ କରିଥିଲେ। ଅଭିଭାବକ ସଂଘର ସମ୍ପାଦକ ରଞ୍ଜନ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଅର୍ଥ ବିଭାଗର ଏଜିଏମ୍ ତଥା ହୋମ୍ ହାପ୍‌ର କୋଷାଧ୍ୟକ୍ଷ ନିର୍ମଳ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିପୂର୍ବରୁ ସକାଳେ ଭଞ୍ଜଭବନଠାରେ ଆରଏସପିର ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ ବିକେ ଯୋଜୋ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଆୟୋଜିତ ଏକ ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଆରଏସପିର ବହୁ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ପରେ ଶ୍ରୀ ଯୋଜୋ ହୋମ୍ ଏଣ୍ଡ ହୋପ୍ ପରିସରରେ ପତାକା ଉତ୍ତୋଳନ କରିଥିଲେ।

# 'ଉଜାଣୀ ଝଞ୍ଜାବତୀ' ପୁସ୍ତକ ଲୋକାର୍ପିତ



ରାଉରକେଲା,୩।୧୨(ସମିସ): କଲଚରାଲ ଏକାଡେମୀ ପରିସରରେ ପ୍ରାବନ୍ଧିକ ଏବଂ ଅନୁବାଦକ ନିଗମାନନ୍ଦ ଷଡ଼ଙ୍ଗୀଙ୍କ ପୁସ୍ତକ 'ଉଜାଣୀ ଝଞ୍ଜାବତୀ' ଲୋକାର୍ପିତ ହୋଇଯାଇଛି । ଏହି ଉତ୍ସବରେ ଐତିହାସିକ ଓ ଶିକ୍ଷାବିତ୍ ଡ. ପ୍ରଭାତ ମଲ୍ଲିକ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇଥିଲେ। ଏହି ପୁସ୍ତକଟି ସାହିତ୍ୟ, ସମାଜ ବିଜ୍ଞାନ, ରାଜନୀତି ବିଜ୍ଞାନର ଏକ ଅପୂର୍ବ ସଂଶ୍ଳେଷଣ ହେବା ସହିତ ବନ୍ଧୁଗାଁ ଓ ନାରାୟଣପାଟଣା ଅଞ୍ଚଳର ଅର୍ଥ-ସାମାଜିକ ତଥା ରାଜନୈତିକ କ୍ରୀୟା ପ୍ରକ୍ରିୟା ସମ୍ପର୍କର ତଥ୍ୟ ଓ ତତ୍ତ୍ୱ ଆଧାରିତ ଏକ ଐତିହାସିକ ଦସ୍ତାବେଜ୍ ବୋଲି ସେ କହିଥିଲେ। ଅନ୍ୟତମ ଆଲୋଚକ ଭାବେ କାଶୀନାଥ ପାତ୍ର ଯୋଗଦେଇଥିଲେ। ପୁସ୍ତକର ଲେଖକ ପ୍ରାବନ୍ଧିକ ଶ୍ରୀ ଷଡ଼ଙ୍ଗୀ ପୁସ୍ତକ ରଚନା ସମ୍ପର୍କରେ ତାଙ୍କର ଅନୁଭୂତି ପ୍ରକାଶ କରିବା ସହିତ ପୁସ୍ତକ ରଚନାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। କଲଚରାଲ ଏକାଡେମୀର ସଭାପତି ପଶୁପତିନାଥ ଚାଟାର୍ଜୀ ସଭାରେ ସଭାପତିତ୍ୱ କରିବା ସହିତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଡ. ନଗେନ ଦାସ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। କଲଚରାଲ ଏକାଡେମୀର ଅକ୍ଷୟ ସାମଲ, ଡ. କୃପାସିନ୍ଧୁ ନାୟକ, ପ୍ରତାପ ପଣ୍ଡା, ବଳରାମ ରାଉଳ, ଗୋକୁଳାନନ୍ଦ ଦାଶ, ଅକ୍ଷୟ କୁମାର ପଣ୍ଡା, ଗଗନ ବିହାରୀ ଧଳ, ପ୍ରଶାନ୍ତ ପତି, ଗଗନ ବିହାରୀ ନାୟକ, ଶ୍ରୀଧର ସୁନା, ସୁଶ୍ରୀ ଚେତନା ପାତ୍ର, ଆର୍ତ୍ତତ୍ରାଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କୁ ଭେଟିଲେ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ



ରାଉରକେଲା,୩।୧୨(ସମିସ): ସୁନ୍ଦରଗଡ଼ ଜିଲ୍ଲାର ବରିଷ୍ଠନେତା, ପୂର୍ବତନ ମନ୍ତ୍ରୀ, ସାଂସଦ, ରାଜଗାଙ୍ଗପୁରର ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ଉପସଭାପତି ମଙ୍ଗଳା କିଷାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ (ଏସପି) ଅମ୍ରିତପାଲ କୌରଙ୍କୁ ସାକ୍ଷାତ କରି ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାରେ ଡାକ୍ତର ଅଭାବ, ରାଜଗାଙ୍ଗପୁର ଫ୍ଲାଏଓଭର ବ୍ରିଜ୍‌ର କାର୍ଯ୍ୟରେ ମନ୍ଥର ଗତି, ରାଜଗାଙ୍ଗପୁର ଗୋଶାଳାର ନୂତନ ଗୃହ ନିର୍ମାଣ, ରାଜଗାଙ୍ଗପୁର ଚୁଙ୍ଗିମାଟିଠାରେ ନିର୍ମାଣଧୀନ ବ୍ରିଜର ରାସ୍ତା ନିର୍ମାଣ, ରାଜଗାଙ୍ଗପୁରରେ ରାସ୍ତାଘାଟ ବିପର୍ଯ୍ୟସ୍ତ ସମସ୍ୟାର ସମାଧାନ, ପ୍ରସିଦ୍ଧ ଶୈବ ପୀଠ ଘୋଗର ମନ୍ଦିର ଠାରେ ନିର୍ମାଣଧୀନ ବ୍ରିଜ୍ କାର୍ଯ୍ୟ ମନ୍ଥର, ଘୋଗର ନାଳ ଠାରେ ଏକ ନୂତନ ଅତ୍ୟାଧୁନିକ ଶ୍ମଶାନଘାଟ ନିର୍ମାଣ, ରାଜଗାଙ୍ଗପୁର ଲିପଲୋଇ ବ୍ରିଜ୍‌ରୁ ଶିରିଡିସାଇ ମନ୍ଦିର ପର୍ଯ୍ୟନ୍ତ ନଦୀରେ ଗାର୍ଡ୍‌ୱାଲ୍ ନିର୍ମାଣ, ରାଜଗାଙ୍ଗପୁର ବାଣ୍ଟୁପଡାଠାରେ ଥିବା ସରସ୍ୱତୀ ଶିଶୁମନ୍ଦିରର ନୂତନ ଶ୍ରେଣୀ ଗୃହ ନିର୍ମାଣ ଆଦି ଦାବି ନେଇ ଶ୍ରୀ କିଷାନ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ବିଜେଡି ନେତା ଅନିଲ ବରୁଆ, ସୁନ୍ଦରଗଡ଼ ବିଜେଡି ନେତା ତଥା ବିଧାୟକ ପ୍ରତିନିଧି ଜୟନାରାୟଣ ତ୍ରିପାଠୀ, ସୁନ୍ଦରଗଡ଼ ମ୍ୟୁନିସିପାଲିଟିର ପୂର୍ବତନ କାଉନସିଲର ବେଣୁଧର ତାଣ୍ଡିଆ, ରାଜଗାଙ୍ଗପୁର ବିଜେଡି ନେତା ଅମରେଶ ପଣ୍ଡା, ବିଜେଡି ନେତା ଜିତୁ ଦାସ, ରାଜଗାଙ୍ଗପୁର ବିକାଶ ପରିଷଦର ସଭାପତି ସନ୍ଦୀପ ଅଗ୍ରୱାଲ, ବିଶ୍ୱଜିତ ସାନ୍ତରା ପ୍ରମୁଖ ଉପସ୍ଥିତ ଥିଲେ।

# 'ପ୍ରଦୂଷଣ ନିରାକରଣ ପୃଥିବୀ ପାଇଁ ଏକ ବିରାଟ ଆହ୍ୱାନ'

ରାଉରକେଲା,୩।୧୨(ସମିସ): ପ୍ରଦୂଷଣ ନିରାକରଣ ପୃଥିବୀ ପାଇଁ ଏକ ବିରାଟ ଆହ୍ୱାନ ବୋଲି ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳନ ଅବସରରେ ବିଶିଷ୍ଟ ପରିବେଶ ବିଜ୍ଞାନୀମାନେ ମତପ୍ରକାଶ କରିଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆର୍‌ଏସ୍‌ପି ସ୍ଥିତ ସିପିଟିଆଇ ଅଡ଼ିଟୋରିୟମଠାରେ ମଙ୍ଗଳବାର ପ୍ରଦୂଷଣ ନିରାକରଣ ଦିବସ ପାଳିତ ହୋଇଯାଇଛି। ଏଥିରେ ଏସପିସିବିର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ତଥା




ଆଞ୍ଚଳିକ ଅଧିକାରୀ ଡ. ଅନୁପ କୁମାର ମଲ୍ଲିକ ଅଧ୍ୟକ୍ଷତା କରି ପ୍ରଦୂଷଣ ନିୟନ୍ତ୍ରଣ ଓ କାର୍ଯ୍ୟ ସ୍ଥଳରେ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ହେବ ବୋଲି କହିଥିଲେ। ସମ୍ମିଳିତ ଉଦ୍ୟମ ଦ୍ୱାରା ହିଁ ନିରାପଦ କାର୍ଯ୍ୟସ୍ଥଳ ଓ ସବୁଜ ଭବିଷ୍ୟତର ପରିକଳ୍ପନା ସଫଳ ହୋଇପାରିବ ବୋଲି ସେ କହିଥିଲେ। ଏଥିରେ ଆର୍‌ଏସ୍‌ପି ମାଇନିଂ ବିଭାଗ ଇଡି ଇଂ. ଏମ୍‌ପି ସିଂହ, ଏନ୍‌ଏସ୍‌ପିସିଏଲ୍‌ର ସିଜିଏମ ତଥା ବିୟୁଏଚ କେ. ସତ୍ୟନାରାୟଣ, ଫେକ୍ଟ୍ରି ଓ ବୟେଲର ବିଭାଗ ଡେପୁଟି ଡାଇରେକ୍ଟର ବିଭୁ ପ୍ରସାଦ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବୈଷୟିକ ପର୍ଯ୍ୟାୟରେ ଆର୍‌ଏସ୍‌ପିର ପରିବେଶ ଇଞ୍ଜିନିୟରିଂ ବିଭାଗ ଜିଏମ ଇଂ. ପ୍ରମୋଦ ଚନ୍ଦ୍ର ଦାଶ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଲିମିଟେଡ଼ର ନାରାୟଣପୋଷି ଆଇରନ ଓ ମାଙ୍ଗାନିଜ ମାଇନ୍ସର ସିନିୟର ଜିଏମ ସୁରେଶ ମହାପାତ୍ର, ଡାଲମିଆ ଭାରତ ଲିମିଟେଡ଼ର ସିନିୟର ଜିଏମ୍ ବିଜୟ ଦାଶ, ଏନ୍‌ଆଇଟି ରାଉରକେଲାର ଡିନ ତଥା ଆଲୁମ୍ନି ଇଣ୍ଟରନେସନାଲ ରିଲେସନ୍‌ସିପ୍ ପ୍ରଫେସର ଏଚବି ସାହୁ ପ୍ରମୁଖ ସେମାନଙ୍କର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ପୂର୍ବରୁ ୱାଇଏମ୍‌ଏଫ୍‌ଆଇ ତତ୍ତ୍ୱାବଧାନରେ ଆୟୋଜିତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଡିଇଇ ଇଂ. ରମଣୀ ରଞ୍ଜନ ଦାଶ, ଇଂ. ରଜତ କୁମାର ସେଠୀ, ଡିଇଇ ସିଏସ୍ ଚୌହାନ, ଏଇଏସ ପ୍ରଜ୍ଞାଜ୍ୟୋତି ସେନାପତି, ଓଏସ୍‌ଡି ବିବି ମହନ୍ତ, ବିବେକାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉପପରିବେଶ ଯନ୍ତ୍ରୀ ବିଜୟ ଭୋଇ ସଭା ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ଶ୍ରୀ ଅରବିନ୍ଦ ରାଉରକେଲା ସ୍କୁଲର ଶିକ୍ଷୟିତ୍ରୀ ଓ ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଶେଷରେ ସହକାରୀ ପରିବେଶ ବୈଜ୍ଞାନିକ ସୌମ୍ୟ ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମିଶନ ଲାଇଫ ଶପଥ ପାଠ କରାଯିବା ସହ କପଡାର ବ୍ୟାଗ ବିତରଣ କରାଯାଇଥିଲା। ଏଥିରେ ବିଭିନ୍ନ କଳକାରଖାନା ଖଣି, ହସ୍ପିଟାଲ, ବ୍ୟବସାୟିକ ପ୍ରତିଷ୍ଠାନର ପ୍ରତିନିଧି, ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ଥିଲେ।

# ଆଇଜିଏଚ୍‌ରେ ୯୧ ବର୍ଷୀୟ ମହିଳାଙ୍କ ସଫଳ ଅସ୍ତ୍ରୋପଚାର

ରାଉରକେଲା,୩।୧୨(ସମିସ): ଆରଏସପିର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍, ପୁଣି ଥରେ ଜଣେ ପୂର୍ବତନ କର୍ମଚାରୀଙ୍କ ୯୧ ବର୍ଷୀୟା ପତ୍ନୀଙ୍କର ସଫଳତାପୂର୍ବକ ଚିକିତ୍ସା କରି ନିଜର ଅସାଧାରଣ ଚିକିତ୍ସା କ୍ଷମତାର ପ୍ରଦର୍ଶନ କରିଛି। ଯାହା ବୟସ



ଅସ୍ତ୍ରୋପଚାର ପାଇଁ କୌଣସି ପ୍ରତିବନ୍ଧକ ନୁହେଁ ବୋଲି ପ୍ରମାଣ କରିଛି। ଗୁରୁତର ଅବସ୍ଥାରେ ଆଇଜିଏଚରେ ଭର୍ତ୍ତି ହୋଇଥିବା ମହିଳା ମସ୍ତିଷ୍କରୁ ରକ୍ତସ୍ରାବ ହେବା ସହ ଡାହାଣ ପାଶ୍ୱର୍ ହେମିପାରେସିସ୍‌ରେ ପୀଡିତ ଥିଲେ। ସମ୍ପୂର୍ଣ୍ଣ ଡାକ୍ତରୀ ଯାଞ୍ଚ ପରେ ତାଙ୍କ ସମ୍ପର୍କୀୟଙ୍କ ସମ୍ମତିକ୍ରମେ, ଡାକ୍ତରୀ ଦଳ ଜୀବନ ରକ୍ଷାକାରୀ ଅସ୍ତ୍ରୋପଚାର କରିବାକୁ ନିଷ୍ପତ୍ତି ନେଇଥିଲେ। ରୋଗୀଙ୍କର ଏକ ମିନି-କ୍ରାନିଓଟୋମି ପରୀକ୍ଷା କରାଯାଇଥିଲା ଏବଂ ପରେ ହେମାଟୋମାକୁ ଖାଲି କରାଯାଇଥିଲା। ଯାହା ବରିଷ୍ଠ ପରାମର୍ଶଦାତା ତଥା ନ୍ୟୁରୋସର୍ଜନ୍ ଡାକ୍ତର ମନୋଜ କୁମାର ଦେଓ କରିଥିଲେ। ଏହି ଅସ୍ତ୍ରୋପଚାରକୁ ଅତିରିକ୍ତ ସିଏମ୍‌ଓ (ଆନାସ୍ଥେସିଆ) ଡା. ସଞ୍ଜୁକ୍ତା ପାଣିଗ୍ରାହି ସହଯୋଗ କରିବା ସହିତ ବ୍ରଦର କମଳାକର ଏବଂ ସିଷ୍ଟର ଅର୍ଚ୍ଚନାଙ୍କ ଆନ୍ତଃଅପରେଟିଭ୍ ସହାୟତା ପ୍ରଦାନ କରିଥିଲେ। ଏହି ସମସ୍ତ ପ୍ରକ୍ରିୟା ପରେ ରୋଗୀଙ୍କୁ ଆଇସିୟୁକୁ ସ୍ଥାନାନ୍ତରିତ କରାଯାଇଥିଲା। ଯେଉଁଠାରେ ତାଙ୍କୁ ବୈକଳ୍ପିକ ଭାବେ ଭେଣ୍ଟିଲେଟରରେ ରଖାଯାଇଥିଲା। ସମୟାନୁଯାୟୀ ଅତି ସତର୍କତାର ସହ ଭେଣ୍ଟିଲେଟରରୁ ବାହାର କରାଯାଇଥିଲା। ସେ ପ୍ରାୟ ଗୋଟିଏ ମାସ ପର୍ଯ୍ୟନ୍ତ ଯତ୍ନ ସହକାରେ ପୋଷ୍ଟ-ଅପରେଟିଭ୍ କେୟାରରେ ରହିଥିଲେ। ପରେ ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ ଧୀରେ ଧୀରେ ସୁଧାର ଆସିଥିଲା। ଏଥିରେ ସିଷ୍ଟର ସାଇନି ଜର୍ଜ ଏବଂ ଅନ୍ୟ ସହାୟକ କର୍ମଚାରୀଙ୍କ ଦ୍ୱାରା ଯତ୍ନ ଯୋଗାଇ ଦିଆଯାଇଥିବା ବେଳେ ପରବର୍ତ୍ତୀ ୱାର୍ଡ ଯତ୍ନ ସିଷ୍ଟର ପଦ୍ମାବତୀ, ସିଷ୍ଟର ଜାନକୀ, ସିଷ୍ଟର ରୀମା ଏବଂ ସେମାନଙ୍କ ଦଳ ଦ୍ୱାରା ନିଆଯାଇଥିଲା। ରୋଗୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବା ଜାରି ରହିଛି ବୋଲି ଆଇଜିଏଚ୍ ପକ୍ଷରୁ ସୂଚାଯାଇଛି।

**ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବ**

# ଦ୍ୱିତୀୟ ସନ୍ଧ୍ୟାରେ ଦର୍ଶକଙ୍କ ମନ ଜିଣିଲା 'ଦେବତା'

ରାଉରକେଲା,୩।୧୨(ସମିସ): ଏକତ୍ର ପକ୍ଷରୁ ଆୟୋଜିତ ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଅବସରରେ ମଞ୍ଚସ୍ଥ ହୋଇଥିବା ସେକ୍ଟର - ୬ କୋଶଲ ନାଟକ ପରିଷଦର ନାଟକ 'ଦେବତା'ରେ ମଣିଷର ମୃତ୍ୟୁ ପରେ ତାକୁ ଦେବତା ସଦୃଶ୍ୟ ମାନିବା ନେଇ ରହିଥିବା ସାମାଜିକ ବିଧି ବ୍ୟବସ୍ଥା ଝଲକ ପ୍ରତିଫଳିତ ହୋଇଥିଲା। ମଣିଷ ଏକ ସାମାଜିକ ପ୍ରାଣୀ। ମଣିଷର ମୃତ୍ୟୁ ପରେ ମଧ୍ୟ ଆମେ ସେମାନଙ୍କୁ ସମ୍ମାନ ଦେଇଥାଉ। ସେ ହିନ୍ଦୁ ହେଉ ଅବା ଖ୍ରୀଷ୍ଟିଆନ ବା ମୁସଲମାନ। ସମସ୍ତେ ପିତୃ ପୁରୁଷଙ୍କୁ ଶ୍ରଦ୍ଧା ଓ ସମ୍ମାନ ଜଣାଇଥାନ୍ତି। ସେମାନେ ସନ୍ତୁଷ୍ଟ ହେଲେ ଆମର ମଙ୍ଗଳ ହୁଏ ବୋଲି ଧାରଣା ରହିଛି। ମୃତ ବ୍ୟକ୍ତିଙ୍କୁ ଦେବତା ସଦୃଶ ମାନିବା ନେଇ ରହିଥିବା




ସାମାଜିକ ବିଧିକୁ ନେଇ ନାଟକର କାହାଣୀ ଗତିଶୀଳ ହୋଇଥିଲା। ଯାହା ଦର୍ଶକଙ୍କ ମନ ଜିଣିଥିଲା। ଏହି ନାଟକର ନିର୍ଦ୍ଦେଶନା ଗୌତମ ମହାନନ୍ଦ ଦେଇଥିବାବେଳେ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ ଦେବେନ୍ଦ୍ର ରଣା। ବିଭିନ୍ନ ଭୂମିକାରେ ସୌରଭ ମହାନନ୍ଦ, ହର୍ଷିତା ମହାନନ୍ଦ(ଶିଶୁ), ଗୌତମ ମହାନନ୍ଦ, ଶ୍ରାବଣୀ ଗୋଛାଏତ, ଅମରେଶ ବେହେରା, ଶୁଜଲ୍ ମହାନନ୍ଦ, ସୁନୀଲ ନାଗ, ଜିତ ମହାନନ୍ଦ, ବିକ୍ରମ ଭେସ୍ରା, ସୁଭାଷ ଚନ୍ଦ୍ର ନାଗ ପ୍ରମୁଖ ଅଭିନୟ କରିଥିଲେ।

ସୌରଭ ମହାନନ୍ଦ ନାଟକଟିକୁ ରଚନା କରିଥିବା ବେଳେ ନନ୍ଦିତା ମହାନନ୍ଦ କଣ୍ଠଦାନ କରିଥିଲେ। ପ୍ରଫେସର ଡ. ସମର ମୁଦାଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦ୍ୱିତୀୟ ସନ୍ଧ୍ୟାକୁ ଆର୍‌ଏସ୍‌ପି ସହରସେବା ପ୍ରଶାସନର ମୁଖ୍ୟ ମହାପ୍ରବନ୍ଧକ ତପନ କୁମାର ଜି. କାନେକର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଝିଲିମା ମହାନ୍ତି ମଞ୍ଚ ସଂଯୋଜନା କରିଥିବାବେଳେ ଶେଷରେ ପ୍ରବୀର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. CRPD/SCO/2025-26/17 | |
|---|---|
| ପୋଷ୍ଟର ନାମ | ଖାଲି ପଦବୀ |
| ଭିପି ୱେଲ୍ଥ (ଏସଆରଏମ) | 506 |
| ଏଭିପି ୱେଲ୍ଥ (ଆରଏମ) | 206 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://sbi.bank.in/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 23.12.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 02.12.2025
**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**

## ବିଦ୍ୟାଳୟସ୍ତରୀୟ ମଡେଲ ପାର୍ଲାମେଣ୍ଟ



**ତରଭା,୩।୧୨(ସମିସ):** ତରଭା ପିଏମ୍ ଶ୍ରୀ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ବୁଧବାର ଅପରାହ୍ନରେ ବିଦ୍ୟାଳୟସ୍ତରୀୟ ମଡେଲ ପାର୍ଲ୍ୟାମେଣ୍ଟ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଡ. ମୁରଲୀଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ନଗରପାଳ ଶୈଳେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ସାହୁ ଓ ଅନ୍ତର୍ଯ୍ୟାମୀ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ସତ୍ୟବ୍ରତ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଶିକ୍ଷକ ଶ୍ରୀ ବିଶ୍ୱାଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ କହିଥିଲେ। ଛାତ୍ର ଅଭିଜିତ କୁମାର ବାଚସ୍ପତି ଦାୟିତ୍ୱ ତୁଲାଇ ଥିବା ବେଳେ ଓମ ସାହୁ ପ୍ରଧାନମନ୍ତ୍ରୀ, ମୁକେଶ ବାଘ ପରିବେଶ ମନ୍ତ୍ରୀ, ଦିବ୍ୟଜ୍ୟୋତି ପ୍ରକାଶ ଦାସ ଶିକ୍ଷାମନ୍ତ୍ରୀ ଓ ଶୁଭମ ଶେଖର ନାଏକ କୃଷିମନ୍ତ୍ରୀ, ବିରୋଧୀ ଦଳ ନେତା ଭାବେ ନିରଞ୍ଜନ ସାହୁ, ମୋହିତ କୁମାର ସାହୁ, ବଜରଙ୍ଗୀ ପଧାନ, ପ୍ରୀତମ ମେହେର, ବଣ୍ଟି ବିଶି, ରୋହିତ ନାଏକ, ମିଥୁନ କୁମାର ମେହେର, ଆୟୁଷ ନାଏକ ଦାୟିତ୍ୱ ତୁଲାଇଥିଲେ। ବିଭିନ୍ନ ଭୂମିକା ନିର୍ବାହ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରତିମା ସାହୁ ଓ ସ୍ଥିତିପ୍ରଜ୍ଞା ବାଘ ପରିଚାଳନା କରିଥିଲେ। ଶିକ୍ଷକ ସୁରଜ କୁମାର ସେଠୀ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ଚିନ୍ମୟୀ ମିଶ୍ର, ରିତାଞ୍ଜଳି ସାହୁ, ମମତା ମହାପାତ୍ର, ଅରୁଣିମା ସାହୁ, ସୌଦାମିନୀ ହୋତା, ପ୍ରତୀତି ମହାକୁଡ଼, ସ୍ୱର୍ଣ୍ଣପ୍ରଭା ରଣା, ଶିକ୍ଷକ ସରୋଜ କୁମାର ଦେହେରୀ, ଶତ୍ରୁଘ୍ନ ନାଏକ, ମମନ ବେହେରା, ମେଘନାଦ ମହଲା, ଅରୁଣ କୁମାର ସାହୁ, କର୍ମଚାରୀ ଅଶ୍ୱିନୀ ପୋଢ଼ ଓ ରଜନୀକାନ୍ତ ମିଶ୍ର ସହଯୋଗ କରିଥିଲେ।

## ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ପ୍ରତୀକ ବିଧାନସଭା



**ବୀରମହାରାଜପୁର,୩।୧୨(ସମିସ):** ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ ପିଏମ ଶ୍ରୀ ସୁବଳୟା ଉଚ୍ଚ ବିଦ୍ୟାଳୟରେ ପ୍ରତୀକ ବିଧାନସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଧାୟକ, ବିଧାୟିକା, ବିଭିନ୍ନ ବିଭାଗର ମନ୍ତ୍ରୀ, ବାଚସ୍ପତି ଭୂମିକାରେ ଅଭିନୟ କରିଥିଲେ। ବିଧାୟକମାନେ ନିଜନିଜ ଅଞ୍ଚଳର ସମସ୍ୟା ତଥା ଦାବି ଉପସ୍ଥାପନା କରିଥିବାବେଳେ ମନ୍ତ୍ରୀମାନେ ଯଥାର୍ଥ ଉତ୍ତର ପ୍ରଦାନ କରିଥିଲେ। ବାଚସ୍ପତି ଉଭୟ ସରକାର ଓ ବିରୋଧୀଦଳକୁ ନିୟନ୍ତ୍ରଣ କରି ଗୃହରେ ଶୃଙ୍ଖଳା ବଜାୟ ରଖିଥିଲେ। ଗୃହରେ ଅନେକ ବିଚାର ବିମର୍ଶ ପରେ ସର୍ବସମ୍ମତିକ୍ରମେ ଶିଶୁ ସୁରକ୍ଷା ଆଇନ ପାରିତ ହୋଇଥିଲା। ଏହି ଅବସରରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଅଜୟ କୁମାର ଲୁହା ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ତାଙ୍କ ଉପସ୍ଥାପନା ଶୈଳୀକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମଟି ପ୍ରଧାନ ଶିକ୍ଷକ ସ୍ୱର୍ଣ୍ଣଲତା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଓ ପଦଯାତ୍ରା



**ବୌଦ୍ଧ,୩।୧୨(ସମିସ):** ବୌଦ୍ଧ ସହର ମର୍ଜାକୁଦସ୍ଥିତ ବହୁମୁଖୀ ଭବନଠାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବୌଦ୍ଧ ଜିଲ୍ଲାପାଳ ବିଭୁତିଭୂଷଣ ନାୟକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଶାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ, ଭାରପ୍ରାପ୍ତ ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତି ବେଉରା, ସୋନପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆରର ସାଧନକର୍ମୀ ଅନଙ୍ଗ ନେଗୀ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ନାୟକ ମନୋନୀତ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବିଭିନ୍ନ ଭିନ୍ନକ୍ଷମ ସହାୟତା ଉପକରଣ ବଣ୍ଟନ କରିଥିଲେ। ଏହା ପୂର୍ବରୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ବୌଦ୍ଧ ଜଗନ୍ନାଥ ମନ୍ଦିର ଠାରୁ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ବିଭୁତିଭୂଷଣ ନାୟକ, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ରାଜୀନ୍ଦ୍ର କିଶାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଭିନ୍ନକ୍ଷମମାନେ ଅଂଶଗ୍ରହଣ କରିଥିଲେ।

**ବୀରମହାରାଜପୁର :** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ସୁବଳୟା ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବ୍ଲକ୍‌ସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ ରେଆର ସୋନପୁରର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ଯୋଗଦେଇ ଭିନ୍ନକ୍ଷମମାନଙ୍କ ଅଧିକାର ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥିଭାବେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସ୍ୱର୍ଣ୍ଣଲତା ବେହେରା, ସୁବଳୟା ସିଆରସିସି ମୋନାଲିସା ନନ୍ଦ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ବିନୟ ବିଶ୍ୱାଳ ସଂଯୋଜନା କରିଥିଲେ। ଏଥିରେ ଭିନ୍ନକ୍ଷମ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସିଆରସିସି କୌସ୍ତୁଭମଣି ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସଚେତନତା ପଦଯାତ୍ରା ସହର ପରିକ୍ରମା କରିଥିଲା। କମିଟିର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।




### ● ତେଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ



**ବୌଦ୍ଧ:** ବୌଦ୍ଧ ବ୍ଲକ୍ ଅଧୀନ ତେଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୌଦ୍ଧ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କମଳାକାନ୍ତ ଦଳବେହେରା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ଦିବ୍ୟାଙ୍ଗ ସଚେତନତା ଶୋଭାଯାତ୍ରା ବିଦ୍ୟାର୍ଥୀ, ଅଭିଭାବକ ଏବଂ ଶିକ୍ଷକ ମାନଙ୍କୁ ନେଇ ତେଲିବନ୍ଧ ଗ୍ରାମ ପରିକ୍ରମା କରିଥିଲେ। ଏହା ପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଦିବ୍ୟାଙ୍ଗ ଛାତ୍ର ଛାତ୍ରୀମାନଙ୍କୁ ମ୍ୟୁଜିକ ଚେୟାର, ଚିତ୍ରାଙ୍କନ, ଦୌଡ଼, ସଂଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହା ପରେ ଅରୁଣ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଉର୍ମା, ସହକାରୀ ଶିକ୍ଷକ ଶମ୍ଭୁ ଗିରି, ଅଭିଭାବକ ସୁଶୀଲ କୁମାର ସେଠୀ ଯୋଗଦେଇ ଦିବ୍ୟାଙ୍ଗ ଦିବସ ପାଳନର ଉଦ୍ଦେଶ୍ୟ ଓ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ଶିକ୍ଷଣ ସାମଗ୍ରୀ ବିତରଣ କରାଯାଇଥିଲା। ଭାଗ୍ୟବତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ୬୫ ଜଣ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ।

## କଙ୍କାଳି ବୁଢ଼ୀମନ୍ଦିର ପ୍ରତିଷ୍ଠା ଉତ୍ସବ

**ଶଗଡ଼ା,୩।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଗୁଡଭେଲି ପଦର ପଞ୍ଚାୟତ ଅଧୀନ ବୁକୁରାମୁଣ୍ଡା ଗ୍ରାମରେ କଙ୍କାଳି ବୁଢ଼ୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କରୁଣାକର ପାଣିଗ୍ରାହୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ ସଚିନ ମିଶ୍ର ଓ ଧର୍ମପତ୍ନୀ ନିବେଦିତା ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

## ସୌରୀ ପାଣିଗ୍ରାହୀଙ୍କ ପରଲୋକ



**ତରଭା,୩।୧୨(ସମିସ):** ତରଭା ଗଡ଼ଭିତର ନିବାସୀ ଅବସରପ୍ରାପ୍ତ ବ୍ଲକ୍ କର୍ମଚାରୀ ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ମାତା ସୌରୀ ପାଣିଗ୍ରାହୀ(୯୦)ଙ୍କ ସୋମବାର ରାତିରେ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣା ପରୋପକାରୀ ମହିଳା ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଏକମାତ୍ର ପୁଅ ସୁରେଶ, ପୁତ୍ରବଧୂ ଅଦିତି, ନାତି ପ୍ରତୀକ, ନାତି ବହୁ ଶିବାନୀଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ସୁରେଶ ମୁଖାଗ୍ନି ଦେଇଥିଲେ।

## ଆଗୁଆ ଧାଡ଼ିକ୍ଷେତ୍ର ପ୍ରଦର୍ଶନ ଉପରେ ତାଲିମ କାର୍ଯ୍ୟକ୍ରମ

### ● ତୈଳ ବୀଜ ଫସଲକୁ ଅଗ୍ରାଧିକାର

**ବୌଦ୍ଧ/ହରଭଙ୍ଗା,୩।୧୨(ସମିସ):** ବୌଦ୍ଧ ଜିଲ୍ଲାର ଭୌଗଳିକ ସ୍ଥିତି ଅନୁସାରେ ୬୨% ଉଚ୍ଚ ଓ ପାହାଡିଆ ଜମି ରହିଛି। ଏହା ସଙ୍ଗେସଙ୍ଗେ ଧାନ ଫସଲ ଦ୍ୱାରା ଚାଷୀର ଆୟ ସୀମିତ ରହିଛି। ଚାଷୀର ଆୟକୁ ବଢ଼ାଇବା ପାଇଁ ସରକାର ତୈଳବୀଜ ଫସଲ କରିବା ପାଇଁ ଯୋଜନା କରିଛନ୍ତି। ବୁଧବାର ପାଲଝାରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ତପନ କୁମାର ଦାସଙ୍କ ଦ୍ୱାରା ପଲ୍ଲୀ ବିକାଶ କୃଷକ ଉତ୍ପାଦକ ସଂଗଠନ ସହଯୋଗରେ ତୈଳବୀଜ ଫସଲକୁ ଅଗ୍ରାଧିକାର ଦେଇ କାନପୁର, ଜିରାଡ଼, ଜୟପୁର, ପିତାମ୍ବରପୁର ଗ୍ରାମର ୨୦ ଏକର ସୋରିଷ ଚାଷ କରିବା ପାଇଁ ବିହନ ବଣ୍ଟନ କରାଯାଇଛି। ଚାଷୀମାନଙ୍କର ବିଭିନ୍ନ, ଦ୍ୱନ୍ଦ୍ୱ, ପ୍ରଶ୍ନ, ଶଙ୍କା ତଥା ସମସ୍ୟାକୁ ଆସିଥିବା ବୈଜ୍ଞାନିକ ଗଣ ଡ଼. ମୟୂରୀ ସିଂ ସର୍ଦ୍ଦାର, ଗୃହ ବିଜ୍ଞାନର ବୈଜ୍ଞାନିକ ଡ. ସସ୍ମିତା ପାଲ, କ୍ଷେତ୍ର ବିଜ୍ଞାନର ବୈଜ୍ଞାନିକ ଡ଼. କବିତା ମିଶ୍ର ଆଲୋଚନା ତଥା କଥା ପ୍ରସଙ୍ଗରେ ବୁଝାଇ ଥିଲେ।

## ସ୍କୁଲ ପାଚେରିକୁ ଧକ୍କା ଦେଲା ହାଇୱା



**ଶଗଡ଼ା,୩।୧୨(ସମିସ):** ସ୍କୁଲ ପାଚେରିକୁ ଧକ୍କାଦେଇ ହାଇୱା ଦୁର୍ଘଟଣାଗ୍ରସ୍ତ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ସ୍କୁଲ ପାଚେରିକୁ ଧକ୍କା ଦେଇଥିଲା। ଏଥିରେ ପାଚେରିଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ମନମୁଣ୍ଡା ଥାନା ଶୁଣ୍ଢି ପଦର ପଞ୍ଚାୟତ ଅଧୀନ ଲକ୍ଷ୍ମୀ ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଏକ ହାଇୱା ଦ୍ରୁତ ଗତିରେ ଆସି ସ୍କୁଲ ପାଚେରିକୁ ଧକ୍କା ଦେଇଥିଲା। ମନମୁଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ହାଇୱା ଡ୍ରାଇଭରକୁ ଅଟକ ରଖିଛି। ଏହାର ତଦନ୍ତ କରି ଆବଶ୍ୟକୀୟ କ୍ଷତିପୂରଣ ସହ ସ୍କୁଲର ପାଚେରି ନିର୍ମାଣ କରିବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ କ୍ରୀଡ଼ା



**ଲଛିପୁର,୩।୧୨(ସମିସ):** ଭୀମ ଭୋଇ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଲଛିପୁରର ୨୦ତମ ବାର୍ଷିକ କ୍ରୀଡ଼ା ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବଳରାମ ପୂଝାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଲଛିପୁର ଥାନା ଅଧିକାରୀ ଆର୍ତ୍ତତ୍ରାଣ ସାହୁ, ସମ୍ମାନିତ ଅତିଥି ଭାବରେ ସୁବର୍ଣ୍ଣପୁର ସଂକୁଳ ପ୍ରମୁଖ ଦିଲୀପ କୁମାର ସାହୁ, ବିଦ୍ୟାଳୟର ସମ୍ପାଦକ ଅଶୋକ ଦେହେରି, ଉପସଭାପତି ରମାକାନ୍ତ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶାରୀରିକ ପ୍ରମୁଖ ସୁଧାଂଶୁ ଡାଙ୍ଗ, ସହପ୍ରମୁଖ ରଞ୍ଜୀତ ପଟ୍ଟନାୟକ, ଭୀମ ଭୋଇ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ରିଲୁଚନ୍ଦ୍ର ପାତ୍ର, ଦୟାନିଧି ସେଠ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମୋଟ ୨୧୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସମାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲା ବିଜେପି ଉପସଭାପତି ପୂର୍ଣ୍ଣଚନ୍ଦ୍ର ବିଶି ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଲଛିପୁର ଡାକଘର ମୁଖ୍ୟ ଲବ ଭୋଇ, ସମ୍ମାନିତ ଅତିଥି ଭାବେ ଗ୍ରାମ ପଞ୍ଚାୟତ ମହାବିଦ୍ୟାଳୟ ଲଛିପୁରର ଇଂରାଜୀ ଅଧ୍ୟାପିକା ପିଙ୍କି ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି କ୍ରୀଡ଼ାରେ ଶ୍ରେଷ୍ଠ ଖେଳାଳୀ ଭାବରେ ଶ୍ରେୟାନ ସ୍ନେହିତ ହୋତା, ଅଂଶୁମାନ ମହାକୁର, ଅନ୍ୱେଷା ପଧାନ, ସୁଭଦ୍ରା ପତି ବିଜେତା ହୋଇଥିଲେ। ଶେଷରେ ବିଦ୍ୟାଳୟର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଆଁ ଲାଗି ଜଳିଗଲା ଧାନଗଦା

**ଡୁଙ୍ଗୁରିପାଲି, ୩।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ କନ୍ଧମୁଣ୍ଡା ଗ୍ରାମର ଚାଷୀ ନରେନ୍ଦ୍ର ପୁଟେଲଙ୍କ ଧାନଗଦାରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଛି। ସେ ପ୍ରାୟ ତିନି ଏକର ଜମିର ଅମଳ ଧାନ କାଟି ଜମିରେ ଗଚ୍ଛିତ କରି ରଖିଥିଲେ। ରାତ୍ରିରେ କେହି ଦୁର୍ବୃତ୍ତ ଧାନ ଖଳାରେ ନିଆଁ ଲଗାଇ ଦେଇଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ କରିଥିଲେ। ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ତିନି ଏକର ଜମିର ଧାନ ପୋଡ଼ି ନଷ୍ଟ ହୋଇଯାଇଛି। ଏନେଇ ନରେନ୍ଦ୍ର ପୁଟେଲ ଡୁଙ୍ଗୁରିପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଧାନ ଖଳାରେ ନିଆଁ ଲଗାଇଥିବା ଦୁର୍ବୃତ୍ତକୁ ତୁରନ୍ତ ଗିରଫ କରିବା ସହ ସରକାରଙ୍କ ପକ୍ଷରୁ କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ କରିବାକୁ ନରେନ୍ଦ୍ର ନିବେଦନ କରିଛନ୍ତି।



## କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



**ବୌଦ୍ଧ,୩।୧୨(ସମିସ):** ସ୍ଥାନୀୟ କଚେରି ପଡ଼ିଆଠାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥିଭାବରେ ଜିଲ୍ଲାପାଳ ବିଭୁତିଭୂଷଣ ନାୟକ ଓ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ ଯୋଗଦେଇ ଥିଲେ। ଜିଲ୍ଲା କୃଷି ଅଧିକାରୀ ପି. ଭେଙ୍କଟ ରମଣ ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲାପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, କନ୍ଧମାଳ ସାଂସଦ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ସୁଧାଂଶୁ ଶେଖର ଦାସ ଯୋଗଦେଇ ଏହି କୃଷି ଯନ୍ତ୍ରପାତି ମେଳା ପାଇଁ ଚାଷୀମାନେ ବିଭିନ୍ନ ଚାଷସାମଗ୍ରୀ କିଣିବାରେ ସବସିଡିର ଲାଭ ଉଠାଇପାରିବେ। ଯୋଜନା ଅଧିକାରୀ ଉତ୍କଳ କେଶରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ତରଭାରେ ଫକୀର ବାବାଙ୍କ ଉର୍ସ୍ ଉତ୍ସବ

**ତରଭା,୩।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭାରେ ଦୁଇଦିନ ଧରି ପାଳିତ ହେବାକୁ ଥିବା ହଜରତ ବାବା ସୟଦ ଅବଦୁଲ ଶକୁର ସାହ ରହମେତୁଲ୍ଲା ଆଲ୍ଲେହେ ଓରଫ ତରଭା ୱାଲେ ଫକୀର ବାବାଙ୍କ ଉର୍ସ୍ ଉତ୍ସବ ବୁଧବାର ଆରମ୍ଭ ହୋଇଛି। ଅପରାହ୍ନରେ ୬ଟି ଚାଦର ଶୋଭାଯାତ୍ରା ମସଜିଦ ସମ୍ମୁଖରୁ ବାହାରି ସହର ପରିକ୍ରମା କରଯାଇଥିଲା। ଉର୍ସ୍ ଉତ୍ସବର ପ୍ରଥମ ଦିନ ୬ଟି ଦରବାରୀ ଚାଦରକୁ ସହର ପରିକ୍ରମା କରାଇବାର ପରମ୍ପରା ରହିଛି। ଏହି ୬ଟି ଚାଦର ମଧ୍ୟରୁ ପ୍ରଥମ ଦୁଇଟି ରାୟପୁରର ମହମ୍ମଦ ଆକବରଙ୍କ ପରିବାରରୁ ଆସୁଥିବା ବେଳେ ମଝିର ଦୁଇଟି ଚାଦର ରାୟପୁରର ରବୀନ୍ଦ୍ର ସିଂ ଚୌହାନ ଓ ଶେଷ ଦୁଇଟି ଛତିଶଗଡ଼ ବିଳାସପୁର ସହରର ଜୟପାଳ ମୁଦୁରିଆଲଙ୍କ ପରିବାରରୁ ଆସୁଥିଲା। ହେଲେ ରବୀନ୍ଦ୍ର ସିଂଙ୍କ ପରଲୋକ ପରେ ତରଭା ମସଜିଦ ମଜାର କମିଟି ତରଫରୁ ଦିଆ ଯାଉଥିବା ଦୁଇଟି ଚାଦର ଶୋଭାଯାତ୍ରାରେ ସାମିଲ କରାଯାଉଛି। ଏହି ୬ଟି ଦରବାରୀ ଚାଦର ଶୋଭାଯାତ୍ର ପରେ ଅନ୍ୟାନ୍ୟ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ଚାଦର ସହର ପରିକ୍ରମା ପରେ ମଜାରରେ ଚଢାଇବାର ପରମ୍ପରା ରହିଛି। ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକଙ୍କ ତତ୍ତ୍ୱାବଧାନ ତଥା ତରଭା ଥାନାର ଆଇଆଇସି ଅନିତା କିଡୋଙ୍କ ନେତୃତ୍ୱରେ ୩୦ ଜଣ ପୁଲିସ୍ ଅଫିସର ଓ ୫ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଛନ୍ତି। ମସଜିଦ ମଜାର କମିଟିର ସଦସ୍ୟମାନେ ସମସ୍ତ ପ୍ରକାର ସହଯୋଗ କରିଥିଲେ।



## ସାମ୍ବାଦିକ ସଂଘ ପକ୍ଷରୁ ରକ୍ତଦାନ ଶିବିର

**ଶଗଡ଼ା,୩।୧୨(ସମିସ):** ସାମ୍ବାଦିକ ସଂଘ କଣ୍ଟାମାଳ ବ୍ଲକ (ସାସକ) ପକ୍ଷରୁ ଆଜି ଏକ ମେଗା ରକ୍ତଦାନ ଶିବିର ମନମୁଣ୍ଡା ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶୁଶିଲ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଶିଳ୍ପପତି ଆଶିଷ କୁମାର ସାହୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ସମାଜସେବୀ ସୁଧୀର ମହାକୁଡ଼, ମନମୁଣ୍ଡା ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ବାଳଗୋପାଳ ନାୟକ, ସ୍ଥାନୀୟ ସରପଞ୍ଚ ରଞ୍ଜୁ ବେହେରା ପ୍ରମୁଖ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୩୨ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି ଶିବିରରେ ସଂଘର ସଦସ୍ୟ ଜଗାନନ୍ଦ ମହାପାତ୍ର, ହୃଦାନନ୍ଦ ମେହେର, ପ୍ରେମାନନ୍ଦ ମହାପାତ୍ର, କୁନୁ ରାଜହଂସ, ବିରଜା ନନ୍ଦନ ଦାନୀ , ସୁଶାନ୍ତ କୁମାର ସାହୁ, ରାଜେଶ ଠେଲାଙ୍କ ସମେତ ମନମୁଣ୍ଡା ଡ୍ରାଇଭର ମହାସଂଘ ପକ୍ଷରୁ ଶୁଶୀଲ ମେହେର, ଅଞ୍ଜନ ପଟ୍ଟନାୟକ, ତ୍ରିରଙ୍ଗା ଯୁବକ ସଙ୍ଘ ପକ୍ଷରୁ ଅଜିତ ମେହେର, ଯବାନ କ୍ଲବ୍‌ପକ୍ଷରୁ ରାଜକୁମାର ନାଏକ, ୟଙ୍ଗଷ୍ଟାର ଆସୋସିଏସନ ପକ୍ଷରୁ ସଞ୍ଜୟ ନାୟକ, ବାସୁଦେବ ପାଲି ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ବ୍ରହ୍ମାନନ୍ଦ ମହାନ୍ତିଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।




ଏହି ଶିବିରରେ ସୋନପୁର ରକ୍ତ ଭଣ୍ଡାର ପକ୍ଷରୁ ଚିତ୍ତରଞ୍ଜନ ତ୍ରିପାଠୀ, ଜଗତ ନାରାୟଣ ଦରୁଆନ, ଟଙ୍କଧର କହଁର , ସୁଦାମ ବିଶ୍ୱାଳ, ଯୁଧିଷ୍ଠିର ନାଏକ ପ୍ରମୁଖ ପରିଚାଳନା କରିଥିଲେ

### ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି

## ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ସେବାୟତ ସଂଘ

**ପୁରୀ,୩।୧୨(ସମିସ):** ପୁରୀ ସହରବାସୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଏବଂ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ହୋଇଆସୁଛି। ପୁରୀବାସୀ ଏକାଠି ହୋଇ ବିଭିନ୍ନ ଫୋରମ୍‌ରେ ତାଙ୍କ ଦାବି ରଖୁଛନ୍ତି। ଏହି କ୍ରମରେ ବୁଧବାର ଜିଲ୍ଲାପାଳଙ୍କୁ ଭେଟିଛନ୍ତି ଶ୍ରୀମନ୍ଦିର ସେବାୟତ ସଂଘ। ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୁରୀ ସହରବାସୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରି ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। କୋଭିଡ୍ ମହାମାରୀ ପରଠାରୁ ଦୀର୍ଘ ବର୍ଷ ହେବ ମହାପ୍ରଭୁଙ୍କୁ ସୁବିଧାରେ ଦର୍ଶନ କରିପାରୁ ନାହାନ୍ତି ପୁରୀ ସହରବାସୀ। ପୂର୍ବରୁ ପୁରୀ ସହରବାସୀ ଅନାୟାସରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଓ ବଡ଼ସିଂହାର ବେଶ ଦେଖୁଥିଲେ। ଏକାଧିକଥର ମନ୍ଦିରକୁ ଯାଇପାରୁଥିଲେ। କିନ୍ତୁ କୋଭିଡ୍ କଟକଣା ଲାଗିବା ପରଠାରୁ ଏହି ସୁଯୋଗ ଆଉ ପାଉ ନାହାନ୍ତି। ସାଧାରଣତଃ ମାଳ, ମହାପ୍ରସାଦ, ଲଡ୍ଡୁ, ଭୋଗ ପାଇଁ ଦିନର ବିଭିନ୍ନ ସମୟରେ ଶ୍ରୀମନ୍ଦିର ଯାଉଥିବା ପୁରୀ ସହରବାସୀଙ୍କୁ ଏବେ ଦୀର୍ଘ ସମୟ ଧାଡ଼ିରେ ଅପେକ୍ଷା କରିବାକୁ ପଡୁଛି। ପୁରୀ ପୌରାଞ୍ଚଳ ବାସୀଙ୍କ ପାଇଁ ଆଧାର କାର୍ଡ, ଭୋଟ ପରିଚୟପତ୍ର କିମ୍ବା ଅନ୍ୟ କୌଣସି ପ୍ରମାଣପତ୍ର ଦେଖାଇ ଶ୍ରୀମନ୍ଦିରକୁ ସହଜରେ ପ୍ରବେଶ ପାଇଁ ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା।

## ବିରୋଧ ଯୋଗୁଁ ଫେରିଲା ଏନ୍‌ଫୋର୍ସମେଣ୍ଟ ଟିମ୍

**ପୁରୀ,୩।୧୨(ସମିସ):** ଉଚ୍ଛେଦକୁ ବିରୋଧ ଯୋଗୁଁ ଫେରିଗଲା ପୁରୀ ପୌରପାଳିକା ଏନ୍‌ଫୋର୍ସମେଣ୍ଟ ଟିମ୍। ବୁଧବାର ବେଳାଭୂମିରେ କ୍ଷୁଦ୍ର ଦୋକାନୀ ଉଚ୍ଛେଦକୁ ତୀବ୍ର ବିରୋଧ କରିଥିଲେ। ପୁରୀ ପୌରପାଳିକା ପକ୍ଷରୁ ଭାଙ୍ଗିବା ପାଇଁ ଅଣାଯାଇଥିବା ଜେସିବି ଗାଡ଼ି ଅଟକାଇଥିଲେ ଦୋକାନୀ। ୨୨୨ ଉଠା ଓ କ୍ଷୁଦ୍ର ଦୋକାନୀଙ୍କ ବିରୋଧ ଯୋଗୁଁ ଉଚ୍ଛେଦ ପାଇଁ ଆସିଥିବା ଟିମ୍ ଫେରିଯିବାକୁ ବାଧ୍ୟ ହୋଇଥିଲେ। ଥଇଥାନ ନ କରି ଉଚ୍ଛେଦ ପାଇଁ ଆସିଥିବାରୁ ସେମାନଙ୍କୁ ବିରୋଧ କରାଯାଇଥିଲା। ମହାଲକ୍ଷ୍ମୀ କ୍ଷୁଦ୍ର ବ୍ୟବସାୟୀ ସଂଘ, ବତୀଘର କ୍ଷୁଦ୍ର ବ୍ୟବସାୟୀ ସଂଘ ଓ ମା' ମହାଲକ୍ଷ୍ମୀ କ୍ଷୁଦ୍ର ବ୍ୟବସାୟୀ ସଂଘର ୨୨୨ ଜଣ ଦୋକାନୀ ଦୀର୍ଘଦିନ ହେବ ସମୁଦ୍ର ବାଲିରେ ନିଜର ପସରା ମେଲାଇ ଜୀବନ ଜୀବିକା ନିର୍ବାହ କରୁଛନ୍ତି। କିନ୍ତୁ ଏବେ ଲାଇଟ୍ ହାଉସଠାରୁ ମଙ୍ଗଳା ମୁହାଣ ପର୍ଯ୍ୟନ୍ତ ବ୍ଲୁ ଫ୍ଲାଗ ବିଚ୍ ପାଇଁ ଏମାନଙ୍କୁ ଉଚ୍ଛେଦ ନିମନ୍ତେ ନୋଟିସ ହୋଇଥିଲା। କିନ୍ତୁ ଏହି ତିନୋଟି ସଂଘ ଶୁଭ ପ୍ୟାଲେସଠାରୁ ବିର୍ଲା ଗେଷ୍ଟ ହାଉସ୍ ପର୍ଯ୍ୟନ୍ତ ଦୋକାନ କରିଛନ୍ତି, ଯାହା ପ୍ରସ୍ତାବିତ ବ୍ଲୁ ଫ୍ଲାଗ ପରିସର ଭୁକ୍ତ ନୁହେଁ। ୨୨୨ ଦୋକାନୀ ପୁରୀ ପୌରପାଳିକାକୁ ପ୍ରତ୍ୟେକ ୧,୨୨୦ ଟଙ୍କା ଲେଖାଏ ଇଜିରା ଦେବାର ଦୁଇଦିନ ପରେ ଉଚ୍ଛେଦ ପାଇଁ ନୋଟିସ୍ ହୋଇଥିଲା। ତେବେ ଉଚ୍ଛେଦକୁ ବିରୋଧ ପରେ ପୌରପାଳିକା ଏନଫୋର୍ସମେଣ୍ଟ ଟିମ୍ କ୍ଷୁଦ୍ର ଦୋକାନୀଙ୍କୁ ୭ ଦିନ ସମୟ ଦେଇଛି।

## ଡାକ୍ତରଙ୍କୁ ୧୮ ଟି ସୁବିଧା ଯୋଗାଇଦେବାକୁ ଦାବି

**ପୁରୀ,୩।୧୨(ସମିସ):** ଦୀର୍ଘ ଦେଢ଼ବର୍ଷ ହେବ ରାଜ୍ୟର ଡାକ୍ତରମାନଙ୍କ ବିଭିନ୍ନ ଅସୁବିଧାକୁ ଧ୍ୟାନ ଦେଉ ନ ଥିବାରୁ ନଭେମ୍ବର ୨୦ରୁ ରାଜ୍ୟର ସମସ୍ତ ଜିଲ୍ଲାରେ ଡାକ୍ତରମାନେ କଳାବ୍ୟାଜ୍ ଓ ଡ୍ରେସ୍ ପରିଧାନ କରି ପ୍ରତିବାଦ କରିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ପୁରୀ ଓମ୍‌ସା ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅକ୍ଷୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟ ଅଧିକାରୀମାନଙ୍କ ଭଳି ଡାକ୍ତରମାନଙ୍କୁ ବିଭିନ୍ନ ପ୍ରକାର ୧୮ ଟି ସୁବିଧା ଯୋଗାଇ ଦେବାକୁ ଦାବି ଜୋର୍ ଧରିଥିଲା। ବୈଠକରେ ଉପସଭାପତି ଡାକ୍ତର ଶୁଭେନ୍ଦୁ କୁମାର ମହାନ୍ତି, ସମ୍ପାଦକ ରବୀନ୍ଦ୍ର ଚନ୍ଦ୍ର ଘଡ଼େଇ, ସହ ସମ୍ପାଦକ ଡାକ୍ତର ଇପ୍ସିତା ଦାସ, କୋଷାଧ୍ୟକ୍ଷ ଡାକ୍ତର ଯଶୋଷୀ ଦାସଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ଡାକ୍ତର ଏକତ୍ରିତ ହୋଇଥିଲେ। ଏହି କଳାବ୍ୟାଜ୍ ଓ କଳା ଡ୍ରେସ୍ ପିନ୍ଧି ପ୍ରତିବାଦ ଏକମାସ ଧରି ଚାଲିବ। ଏହାପରେ ସରକାର ଯଦି ନ ଶୁଣନ୍ତି କେନ୍ଦ୍ରୀୟ କମିଟିର ପରବର୍ତ୍ତୀ ନିଷ୍ପତ୍ତି ଅନୁସାରେ କାର୍ଯ୍ୟ କରିବୁ ବୋଲି ଉପସଭାପତି ଡା. ମହାନ୍ତି ସୂଚନା ଦେଇଛନ୍ତି।

## ଥାନାରୁ ମିଳିଲାନି ନ୍ୟାୟ; ଏସ୍‌ପିଙ୍କୁ ଫେରାଦ

**ପୁରୀ,୩।୧୨(ସମିସ):** ପିପିଲି ଥାନା ଅନ୍ତର୍ଗତ କାକୁଡ଼ିକୁଶାଙ୍ଗ ଗ୍ରାମର ଦଳିତଙ୍କ ଉପରେ ସବର୍ଣ୍ଣଙ୍କ ଆକ୍ରମଣ ଘଟଣାରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ତେଣୁ ଏହି ଘଟଣାକୁ ନେଇ ବୁଧବାର ଦଳିତ ସଂଗଠନ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ସାକ୍ଷାତ୍ କରି ନ୍ୟାୟ ମାଗିଛନ୍ତି। ପିପିଲି ଲକ୍ଷ୍ମୀନାରାୟଣ ପଞ୍ଚାୟତ ଅନ୍ତର୍ଗତ କାକୁଡ଼ିକୁଶାଙ୍ଗ ଗାଁର ଭୂମିହୀନ ଦଳିତ ପରିବାର ଗାଁର ଏକ ବସ୍ତି ଯୋଗ୍ୟ କିସମ ଜମି ଉପରେ ବୃତ୍ତି କରି ଚଳି ଆସୁଥିଲେ। କିନ୍ତୁ ଦଳିତ ପରିବାରଙ୍କ ଜମି ଉପରୁ ବଳପୂର୍ବକ ବାଲି ମାଫିଆମାନେ ଚୋରି କରୁଥିବାବେଳେ ଏହାର ପ୍ରତିବାଦ କରିବାରୁ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏପରି କି ଦଳିତ ମହିଳାଙ୍କୁ ଅସଦାଚରଣ କରି ଜଣଙ୍କର ହାତ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଗତ ନଭେମ୍ବର ୨୩ ତାରିଖରେ ପିପିଲି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ହେଲେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା ଓଲଟା ଚାପ ପ୍ରୟୋଗ କରି ଘଟଣାକୁ ରଫାଦଫା କରିବାକୁ ଉଦ୍ୟମ କରୁଛି ବୋଲି କହିଛନ୍ତି ଦଳିତ ଆଦିବାସୀ ସଂଗଠନ କର୍ମକର୍ତ୍ତା।

### ଜିଲ୍ଲାସ୍ତରୀୟ ଭିନ୍ନକ୍ଷମ ଦିବସ ପାଳିତ

# ସମାଜ ପାଇଁ ବୋଝ ନୁହନ୍ତି ଭିନ୍ନକ୍ଷମ

**ପୁରୀ,୩।୧୨(ସମିସ)**



ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଟାଉନ ହଲ୍‌ଠାରେ ପୁରୀ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଭିନ୍ନକ୍ଷମମାନେ ସମାଜର ଅଭିନ୍ନ ଅଙ୍ଗ। ସେମାନେ ସମାଜ ପାଇଁ ବୋଝ ନୁହନ୍ତି। ସେମାନଙ୍କ ଦକ୍ଷତା ଓ ପ୍ରତିଭାର ଉନ୍ମେଷ ଘଟିଲେ ସେମାନେ ସମାଜ ପାଇଁ ସମ୍ବଳ ପାଲଟିବେ ବୋଲି କହିବା ସହ ସମାଜରେ ହଜାର ହଜାର ବିକଶିତ ଓ ସମୃଦ୍ଧ ଭିନ୍ନକ୍ଷମଙ୍କ ଉଦାହରଣ ଅନ୍ୟମାନଙ୍କୁ ଅନୁପ୍ରାଣିତ କରୁଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଭିନ୍ନକ୍ଷମ ବ୍ୟକ୍ତିତ୍ୱ ତଥା ସର୍ବଗିଳା ନାମରେ ପରିଚିତ ରତ୍ନାକର ବେହେରା ଭିନ୍ନ ପ୍ରକାର କ୍ଷମତା ସେମାନଙ୍କ ପାଖରେ ଅଛି ବୋଲି ସେମାନଙ୍କୁ ଭିନ୍ନକ୍ଷମ କୁହାଯାଏ। ଅନେକ ଭିନ୍ନକ୍ଷମ ସମାଜର ସକ୍ଷମଙ୍କଠାରୁ ମଧ୍ୟ ଅଧିକ ଦକ୍ଷ ବୋଲି କହିବା ସହ ସର୍ବାଙ୍ଗ ଠିକ୍ ଥାଇ ମଧ୍ୟ ଜଣେ ଯଦି ଆଳସ୍ୟ ରହେ ତେବେ ସେ ହିଁ ଭିନ୍ନକ୍ଷମ ପଦବାଚ୍ୟ ବୋଲି କହିଥିଲେ। ଅନ୍ୟତମ ଭିନ୍ନକ୍ଷମ ଅତିଥି ଗଜଲକ୍ଷ୍ମୀ ରାୟ ବିଭିନ୍ନ କାର୍ଯ୍ୟାଳୟଙ୍କରେ ଭିନ୍ନକ୍ଷମମାନଙ୍କ ପାଇଁ ରାମ୍ପ୍ ଓ ଅନ୍ୟାନ୍ୟ ସୁବିଧା ଲାଗି ଅନୁରୋଧ କରିଥିଲେ।

ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ମମତାରାଣୀ ପ୍ରଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନମିତା ଚାନ୍ଦ ନାୟକ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜସେବୀ ସିଦ୍ଧାର୍ଥ ରାୟ ମଞ୍ଚ ପରିଚାଳନା କରିଥିଲେ। ପାଞ୍ଚ ଜଣ ସ୍ୱ ଉଦ୍ୟମରେ ପ୍ରତିଷ୍ଠିତ ଭିନ୍ନକ୍ଷମ ବ୍ୟକ୍ତି ସମାଜସେବୀ ସୁମନ୍ତ କୁମାର ମହାରଣା, କ୍ରୀଡ଼ାବିତ୍ ରଶ୍ମିତା ଜେନା, ସୁନୀତା ମିଶ୍ର ଓ ପତ୍ରକାର ବିଜୟ କୁମାର ମିଶ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ତେବେ ଅଧ୍ୟାପକ ବସନ୍ତ କୁମାର ସେଠୀ ଅନୁପସ୍ଥିତ ଥିବାରୁ ତାଙ୍କୁ ପରେ ପ୍ରଦାନ କରାଯିବ ବୋଲି ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିବାବେଳେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପଟ୍ଟଚିତ୍ର କର୍ମଶାଳା ଓ ପ୍ରଦର୍ଶନୀ ଉଦ୍‌ଯାପିତ




**ପୁରୀ,୩।୧୨(ସମିସ):** ଭାରତ ସରକାରଙ୍କ ବିକାଶ ଆୟୁକ୍ତ ହସ୍ତଶିଳ୍ପ ବିଭାଗ ପ୍ରାୟୋଜିତ ଏବଂ ହସ୍ତଶିଳ୍ପ ପଟ୍ଟଚିତ୍ର ଉତ୍ପାଦକ କମ୍ପାନୀ ଲିମିଟେଡ୍, ଐତିହ୍ୟଗ୍ରାମ ରଘୁରାଜପୁର ପକ୍ଷରୁ ପଟ୍ଟଚିତ୍ରକୁ ନେଇ ଚାଲିଥିବା ତ୍ରିଦିବସୀୟ କର୍ମଶାଳା ଓ ପ୍ରଦର୍ଶନୀ ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ତଥା ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ବିଶ୍ୱନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶିକା ସଂଯୁକ୍ତା ପ୍ରଧାନ ସ୍ୱାଗତଭାଷଣ ଦେଇଥିଲେ। ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସ୍ଥପତି ଲିଙ୍ଗରାଜ ମହାରଣା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଶିଳ୍ପୀ ଭ୍ରମରବର ନାୟକ, ତାଳପତ୍ର ଖୋଦେଇ ଶିଳ୍ପୀ କରୁଣାକର ସାହୁ ଏବଂ ସୁକାନ୍ତି ସ୍ୱାଇଁ, ଭାରତ ସରକାରଙ୍କ ହସ୍ତଶିଳ୍ପ ପ୍ରବନ୍ଧନ ଅଧିକାରୀ ବୀର ଭରତ ମାରାଣ୍ଡି, ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ବିଷ୍ଣୁପଦ ମାରାଣ୍ଡି, ହସ୍ତଶିଳ୍ପ ବିକାଶ ଅଧିକାରୀ ସୂର୍ଯ୍ୟକାନ୍ତ ପଣ୍ଡା, ଶିକ୍ଷାବିତ୍ ଭଗବାନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପଟ୍ଟଚିତ୍ରର ଅତୀତ, ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବାବେଳେ ଅନୁଷ୍ଠାନର ଉପଦେଷ୍ଟା ଡ. ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୁରୀ ସଦର ବ୍ଲକ୍‌ରୁ ଯୋଗଦେଇଥିବା ୨୦ ଜଣ ଅଂଶଗ୍ରହଣକାରୀ ଶିଳ୍ପୀଙ୍କର ଚିତ୍ର ପ୍ରଦର୍ଶିତ ହେବା ସହ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକ ଏବଂ ସୁଶାନ୍ତ ମହାରଣା ଭକ୍ତିସଙ୍ଗୀତ ପରିବେଷଣ କରିଥିବାବେଳେ ମଧୁସୂଦନ ସେନାପତି ବଂଶୀବାଦନ କରିଥିଲେ।

# ଜିଲ୍ଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ


**ପୁରୀ,୩।୧୨(ସମିସ)**



ଜିଲ୍ଲା ଶିକ୍ଷା ଓ ସମଗ୍ର ଅଭିଯାନ କାର୍ଯ୍ୟାଳୟ ତରଫରୁ ବୁଧବାର ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତି ବ୍ଲକରୁ ୧୦ ଜଣ ଲେଖାଏଁ ହିସାବରେ ୧୧ ବ୍ଲକ୍‌ରୁ ୧୧୦ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଅତିଥିଙ୍କ ପରିଚୟ ଦେଇ ଭିନ୍ନକ୍ଷମ ଦିବସ ଉପରେ ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ, ଆଜି ସାରା ବିଶ୍ୱରେ ଭିନ୍ନକ୍ଷମ ଦିବସ ପାଳନ କରାଯାଉଛି। ଭିନ୍ନକ୍ଷମ ବ୍ୟକ୍ତି ତାଙ୍କ ପ୍ରତିଭା ପ୍ରଦର୍ଶନ କରି ନିଜକୁ ପ୍ରତିପାଦିତ କରିପାରିଛନ୍ତି। ନିକଟରେ ଟି-୨୦ କ୍ରିକେଟ୍ ମ୍ୟାଚ୍‌ରେ ଭାରତର ଦୃଷ୍ଟିହୀନ ମହିଳା ଦଳ ବିଜୟୀ ହୋଇଥିଲେ, ଯେଉଁଥିରେ ଆମ ଓଡ଼ିଶାର ୪ ଜଣ ଅଂଶଗ୍ରହଣ କରିଥିଲେ। ଶିକ୍ଷା ବିଭାଗ ପକ୍ଷରୁ ପ୍ରତି ବ୍ଲକରେ ସ୍ୱତନ୍ତ୍ର ଶାରିରୀକ ଅକ୍ଷମ ଚିହ୍ନଟ କରି ତାଙ୍କର ଆଭିମୁଖ୍ୟ ଜାଣିବା ପାଇଁ ମୋବାଇଲ ୟୁନିଟ୍ କରାଯାଇଛି। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ସ୍ୱାସ୍ଥ୍ୟ ଚିକିତ୍ସାଧିକାରୀ ମାନସ ରଞ୍ଜନ ଦାସ କହିଥିଲେ ଯେ ସରକାରଙ୍କ ତରଫରୁ ଭିନ୍ନକ୍ଷମମାନଙ୍କ ପରୀକ୍ଷା କରାଯାଇ ସେମାନଙ୍କୁ ଶାରୀରିକ ଅକ୍ଷମ ପ୍ରମାଣପତ୍ର ଦିଆଯାଉଛି। ସେହିପରି କୃତ୍ରିମ ଗୋଡ଼, ହାତ ଦିଆଯାଉଛି। ମୁଖ୍ୟଅତିଥି ଶ୍ରୀ ବେହେରା କହିଥିଲେ ଯେ ପୁରୀ ଜିଲ୍ଲାରେ ବହୁତ କମ୍ ଭିନ୍ନକ୍ଷମ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଅଧାରୁ ପାଠପଢ଼ା ଛାଡ଼ି ଘରେ ରହୁଛନ୍ତି। ତେଣୁ ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରି ତାଙ୍କ ପାଖରେ ଆମେ ପହଞ୍ଚି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସରକାର ଚାକିରି ଏବଂ ପାଠପଢ଼ାରେ ଭିନ୍ନକ୍ଷମଙ୍କ ପାଇଁ କୋଟା ରହିଛି ବୋଲି କହିଥିଲେ। ଶେଷରେ ପ୍ରତି ବ୍ଲକ୍‌ରୁ ଆସିଥିବା ଛାତ୍ରଛାତ୍ରୀମାନେ ସଙ୍ଗୀତ ପରିବେଷଣ କରିଥିଲେ। ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଙ୍ଗୀତ ଶିକ୍ଷୟିତ୍ରୀ ଇଶ୍ମିତା ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାପ୍ରଭୁଙ୍କର ହେଲା ବନକଲାଗି

**ପୁରୀ,୩।୧୨(ସମିସ):** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ଣ ୫ଟା ୧୫ରେ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହୋଇଥିଲା। ଏହାପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁଁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁଁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।







## ରେଣୁ ଉତ୍ସବରେ ଆକର୍ଷଣୀୟ ନୃତ୍ୟ, ସଙ୍ଗୀତ

**ପୁରୀ,୩।୧୨(ସମିସ):** ରେଣୁକା ସଙ୍ଗୀତ କଳାକେନ୍ଦ୍ରର ପ୍ରଥମ ରେଣୁ ଉତ୍ସବ ଗତ ରବିବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଅଧ୍ୟକ୍ଷତା କରି ଅନୁଷ୍ଠାନର କଳାକାରମାନଙ୍କୁ ପ୍ରଶଂସା କରିବା ସହ ସଙ୍ଗୀତ, ନୃତ୍ୟ, ଚିତ୍ରକଳା ଆଦି ଶିଶୁର ମାନସିକ ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଶକ୍ତି ପ୍ରସାଦ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମାଜସେବୀ ଚକ୍ରଧର ମହାପାତ୍ର, ଶିଶୁ ସାମଚାରର ସମ୍ପାଦକ ସୁକାନ୍ତ କୁମାର ପଣ୍ଡା, ସମାଜସେବୀ ମନୋଜ ରଥ, ଶିକ୍ଷାବିତ୍ ଡ. ପ୍ରମୋଦ ଆଚାର୍ଯ୍ୟ, ସାହିତ୍ୟିକା ପ୍ରତିଭା ତ୍ରିପାଠୀ, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ ମିଶ୍ର, ରେଣୁକା ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଦି ବେଲ୍‌ର ସଭାପତି ସିଦ୍ଧାର୍ଥ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିର ବ୍ୟାପକତା ସମ୍ପର୍କରେ ଆଲୋକପାତ କରିଥିଲେ। ସଭା କାର୍ଯ୍ୟ ପରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଓଡ଼ିଶୀ, ମାହାରୀ, ଭଜନ ନୃତ୍ୟ ସହ ଓଡ଼ିଶୀ ସଙ୍ଗୀତ, ଶାସ୍ତ୍ରୀୟ ସଙ୍ଗୀତ, ଛାନ୍ଦ ଓ ଚମ୍ପୁ ପରିବେଷଣ କରାଯାଇଥିଲା। ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ଗୁରୁ ସତ୍ୟନାରାୟଣ ଗୁରୁ, ଗୁରୁ ହରିଶ୍ଚନ୍ଦ୍ର ଦାଶ, ଗୁରୁ ଅଶୋକ ଦାଶ, ଗୁରୁ ଶକ୍ତି ପ୍ରସାଦ ନାୟକ, ସଞ୍ଜୟ ପାତ୍ର ଏବଂ ପ୍ରତାପ ଦାଶ। ମଞ୍ଚ ପରିଚାଳନା କରିଥିଲେ ସର୍ବାଣୀ ଦାଶ ଏବଂ ଡ. ଶ୍ରୀନିବାସ ଘଟୁଆରୀ। ଏହି ପରିପ୍ରେକ୍ଷୀରେ ପ୍ରଥମ ରେଣୁକା ସମ୍ମାନ ବିଶିଷ୍ଟ ତବଲା ବାଦକ ଏବଂ ସଙ୍ଗୀତ ନିର୍ଦ୍ଦେଶକ ଆଲୋକ କୁମାର ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ହେମାମାଳିନୀ ଦାଶ, ସଂଘମିତ୍ରା ନାୟକ, ବିକ୍ରମ ସାହୁ, ଡ. ଦୁର୍ଗାମାଧବ କର, ରାମଚନ୍ଦ୍ର ନାୟକ, ପ୍ରଭାକର ବିଶ୍ୱାଳ, ଇଂ. ରାଜେଶ ମିଶ୍ର, ପ୍ରଭାତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉଦ୍‌ଘୋଷକ ପ୍ରସନ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କୁଲଡିହା ଅଭୟାରଣ୍ୟରୁ ୫ ଶିକାରୀ ଗିରଫ

ନୀଳଗିରି, ୩।୧୨ (ସମିସ)



କୁଲଡ଼ିହା ଅଭୟାରଣ୍ୟରେ ବନ୍ୟଜନ୍ତୁ ଶିକାରକୁ ସମ୍ପୂର୍ଣ୍ଣ ମୂଳପୋଛ କରିବାପାଇଁ ଅଣ୍ଟାଭିଡ଼ିଛି ବନବିଭାଗ। ବିଗତ ଦେଢ଼ବର୍ଷ ମଧ୍ୟରେ ୬୦ରୁ ଉଦ୍ଧ୍ୱର୍ ଶିକାରୀଙ୍କୁ କାବୁକରି ଜେଲ ହାଜତକୁ ପଠାଯାଇଛି। ବିଶେଷ ସୂତ୍ରରୁ ଖବରପାଇ କୁଲଡିହା ଅଭୟାରଣ୍ୟର ଇନଚାର୍ଜ ତଥା ଏସିଏଫ୍ ସୁବ୍ରତକୁମାରବେହେରାଙ୍କ ନେତୃତ୍ୱରେ ବନବିଭାଗର ଏକ ଟିମ୍ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଖୁଲିଆଟୁଆ ମୁହଁ ପ୍ରବେଶ ପଥରେ ଜଗିରହିଥିବା ବେଳେ ଶିକାର ଉଦ୍ଦେଶ୍ୟରେ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିବା ୫ଜଣ ଶିକାରୀଙ୍କୁ କାବୁକରିବା ସହିତ ସେମାନଙ୍କୁ ବନ୍ୟଜନ୍ତୁ ଆଇନ୍ ଧାରା ୫୧ ଅନୁଯାୟୀ ଗିରଫ କରିଛି। ଅଭିଯୁକ୍ତ ଶିକାରୀହେଲେ ନିର୍ମଳ ସିଂ(୪୩), ଚିନ୍ତାମଣି ସିଂ(୪୫), ଶ୍ୟାମ ସିଂ(୩୦), ବ୍ରଜକିଶୋର ସିଂ(୫୧) ଏବଂ ହରିମୋହନ ସିଂ(୪୦)। ସମସ୍ତ ଅଭିଯୁକ୍ତ ନୀଳଗିରି ଥାନା ଔପଦା ବ୍ଲକ୍ କାଣ୍ଡଗରଡି ପଞ୍ଚାୟତ ଖୁଲିଆ ଗ୍ରାମର ଅଟନ୍ତି। ସେମାନଙ୍କ ନିକଟରୁ ଦୁଇଟି ଗୁଳି ଭର୍ତ୍ତି ଦେଶୀବନ୍ଧୁକ ଜବତ କରାଯିବା ସହିତ ୧୦ଗ୍ରାମ ଲାଲବାରୁଦ, ୧୦୦ଗ୍ରାମ କଳାବାରୁଦ, ୩ଟି କାଣ୍ଡ, ୧୭ଟି ଶର, କାଚଗୁଳି ଆଦି ବିଭିନ୍ନ ପ୍ରକାରର ଶିକାର ସାମଗ୍ରୀ ଜବତ କରିଛି। ଏ ନେଇ ବନବିଭାଗ ମାମଲା ରୁଜୁକରି ଆଜି ଅଭିଯୁକ୍ତ ଶିକାରୀଙ୍କୁ କୋର୍ଟଚାଲାଣ କରାଯିବାର ସୂଚନା ରହିଛି।

# ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ଜଳେଶ୍ୱର ବ୍ଲକ, ୩।୧୨ (ସମିସ): ଜଳେଶ୍ୱର ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଗୁଆଗଡ଼ିଆ ସ୍ଥିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଆୟୋଜିତ ସଭାରେ ଶିକ୍ଷକ ଦିଲ୍ଲୀପକୁମାର ସେଠୀ ମଞ୍ଚ ଆହ୍ୱାନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା ସଭାପତିତ୍ୱ କରି କୁନି ବୈଜ୍ଞାନିକ ମାନଙ୍କ ମଧ୍ୟରେ ସମ୍ଭାବନା ରହିଥିବା କହିଛନ୍ତି। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଚାନ୍ଦିପୁର ବୈଜ୍ଞାନିକ ସୁବୋଧ କୁମାର ବାରିକ, ଅକ୍ଷୟ ମିଶ୍ର, ସମ୍ମାନୀତ ଅତିଥି ଭାବେ ଜଳେଶ୍ୱର ଅତିରିକ୍ତ ଶିକ୍ଷା ଶିକ୍ଷା ଅଧିକାରୀ ଜ୍ୟୋତ୍ସ୍ନା ରାଣୀ ପ୍ରଧାନ, ସୁଶାନ୍ତ ଜେନା, ସରପଞ୍ଚ ପ୍ରତିନିଧି ଗୌରାଙ୍ଗ ବେହେରା, ସଦସ୍ୟ ମୁକୁନ୍ଦ ରଞ୍ଜନ ଜେନା, ପ୍ରଧାନ ଶିକ୍ଷକ ଶରତ ଚାନ୍ଦ, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ବେହେରା, ସିଆରସିସି ଭାରତୀ ବେହେରା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହାନ୍ତ, ଓଷ୍ଟା ରାଇବଣିଆ ସଭାପତି ସୁକୁମାର ପ୍ରଧାନ, ସମ୍ପାଦକ ହରମୋହନ ମହାନ୍ତ, ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା, ଜଳେଶ୍ୱର ଓଷ୍ଟା ସଭାପତି ସୁକୁମାର ମିଶ୍ର, ଶିକ୍ଷକନେତା ପ୍ରଦୀପ ଜେନା, ଅଲଓଷ୍ଟା ସଭାପତି କୁମୁଦ ରଞ୍ଜନ ଜେନା, ରାଜେନ୍ଦ୍ର ନାୟକ, ବୁଦ୍ଧଦେବ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିଜ୍ଞାନ ପ୍ରଦର୍ଶନୀ ମେଳା ରେ ବ୍ଲକର ୧୭ ଟି ସାଧନ କେନ୍ଦ୍ରରୁ ମୋଟ ୧୮୯ ପ୍ରକଳ୍ପ ସ୍ଥାନ ପାଇଥିଲା। ବିଚାରକ ଭାବେ ପ୍ରଭାତ ରଂଜନ ଦାସ, ଗଣେଶ କିଙ୍କର ଆଚାର୍ଯ୍ୟ, ସମର ରଞ୍ଜନ ଜେନା, ଗୌର ଗୋପାଳ ପାତ୍ର, ସୌଭାଗ୍ୟ ରଞ୍ଜନ ଦେ, ସନ୍ତୋଷ କୁମାର ସାହୁ, କିଶୋର କୁମାର ମହାନ୍ତି, ଆଦିକନ୍ଦ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ମହେଶ୍ୱର ଘୋଷ ଧନ୍ୟବାଦ ଦେଇଥିଲେ। କୃତିତ୍ୱ ଅର୍ଜନ କରି ଜିଲ୍ଲା ସ୍ତରକୁ ଉନ୍ନତି ହୋଇଥିବା କୁନି ବୈଜ୍ଞାନିକ ମାନଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା



ଭୋଗରାଇ/ଚନ୍ଦନେଶ୍ୱର, ୩।୧୨ (ସମିସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଶଙ୍ଖାରି ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ବାଲ ବିଜ୍ଞାନ ମେଳା ଉଦଯାପିତ ହୋଇଯାଇଛି। ଏହି ବିଜ୍ଞାନ ମେଳାକୁ ଉଦଘାଟନ କରିଥିଲେ ମୁଖ୍ୟଅତିଥି ଡ଼ି ଆର ଡ଼ି ଓ ର ଅବସରପ୍ରାପ୍ତ ବୈଜ୍ଞାନିକ ଚିତ୍ତରଞ୍ଜନ ଓଝା। ଗୋଷ୍ଠୀଶିକ୍ଷାଧିକାରୀ ନିହାର ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ମଞ୍ଚ ଆହ୍ୱାନ କରିଥିଲେ ଶିକ୍ଷକ ଦେବବ୍ରତ ଦେ। ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ବ୍ଲକ ବିଜ୍ଞାନ ସଂଯୋଜକ ମହେଶ୍ୱର ଗିରି। ବିବରଣୀ ପାଠ କରିଥିଲେ ଓଷ୍ଟାର ସମ୍ପାଦକ ଶାଶ୍ୱତ କୁମାର ଜେନା। ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ସମ୍ମାନିତ ଅତିଥ ଡ଼ିଆରଡ଼ିଓର ବୈଜ୍ଞାନିକ ହରେକୃଷ୍ଣ ଚାନ୍ଦ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋସ୍ନାରାଣୀ ପଣ୍ଡା, ପ୍ରଧାନ ଶିକ୍ଷକ ସୁନୀଲ କୁମାର ଦତ୍ତ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଜିଲ୍ଲା ପରିଷଦ ସଦସ୍ୟା ପ୍ରତିମା ଚାନ୍ଦ, ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ସିଂ, ସରପଞ୍ଚ ସିଦ୍ଧେଶ୍ୱର ପାତ୍ର, ସମିତି ସଦସ୍ୟା ସୁବାସିନୀ ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମାନସ କୁମାର ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ମୋଟ ୨୦୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ଦକ୍ଷ ବିଜ୍ଞାନ ଶିକ୍ଷକ ବିଚାରକ ମଣ୍ଡଳୀ ଦ୍ୱାରା ୭ଟି ବିଜ୍ଞାନ ପ୍ରକଳ୍ପକୁ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଥିଲା। ଶିକ୍ଷକ ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ଭୋଗରାଇ, ୩।୧୨ (ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ଅଲାରବିନ୍ଧା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରାଙ୍କ ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଚାକିରୀ ଜୀବନର ପ୍ରାକ କାଳରେ ଓଡିଶା ସଚିବାଳୟ ଭୁବନେଶ୍ୱରରୁ ଚାକିରୀ ପରିତ୍ୟାଗ କରି ନିଜର ବିଦ୍ୟାନୁରାଗୀ ଏବଂ ଛାତ୍ର ବତ୍ସଳତା ଗୁଣ ଯୋଗୁଁ ୧୯୭୩ ମସିହାରେ ଶିକ୍ଷକତା ବୃତ୍ତି ଆରମ୍ଭ କରିଥିଲେ ପ୍ରଥମେ ବାଲିମ ହାଇସ୍କୁଲରେ। ୨୦୦୧ ମସିହାରେ ବହ୍ଲାରପୁର ଶ୍ରୀକାନ୍ତ ମୋକ୍ଷଦା ହାଇସ୍କୁଲରୁ ଅବସର ନେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ ବାସନ୍ତୀ ବେହେରା, ବଡ଼ପୁଅ ଭୁବନେଶ୍ୱର କିମ୍ସ ହସ୍ପିଟାଲର ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଚିନ୍ମୟ ବେହେରା, ସାନପୁଅ ତନ୍ମୟ ବେହେରା, ପୁତୁରା ରବୀନ୍ଦ୍ର ବେହେରା, ବୋହୂ, ନାତି ନାତୁଣୀ, ପରିବାରବର୍ଗ ତଥା ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ଖବରପାଇ ବହ୍ଲାରପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ମହାନ୍ତିଙ୍କ ସହ ବହୁ ଶୁଭେଚ୍ଛୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ଗୀତା ଜୟନ୍ତୀ




ଭୋଗରାଇ, ୩।୧୨(ସମିସ) : ଭୋଗରାଇ ବ୍ଲକ ଭୋଗରାଇ ପଞ୍ଚାୟତରେ ଥିବା ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ସଭାରେ ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର, ସମୀର ନନ୍ଦ, ବିନୋଦ ବିହାରୀ ଜେନା, ପଦ୍ମଲୋଚନ ପଣ୍ଡା, ବନସ୍ମିତା ନାୟକ, ଦେବବ୍ରତ ମିଶ୍ର ପ୍ରମୁଖ ଶ୍ରୀମଦ୍ ଭଗବତ ଗୀତାର ସାର୍ବକାଳିନ ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ କହ୍ନେଇଲାଲ ଧାରୁଆ, ଗାୟତ୍ରୀ ହେମ୍ବ୍ରମ ଅର୍ଦ୍ଧେନ୍ଦୁ ମୁଖାର୍ଜୀ, ବିଶ୍ୱଜିତ ଦତ୍ତ, ବିନୟ କୃଷ୍ଣ ଦାସ, ଶକ୍ତିମାନ ମିଶ୍ର, ନିର୍ମଳ ସାହୁ, ଦେବାଶିଷ ଚକ୍ରବର୍ତ୍ତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଯୋଧ୍ୟା ପିଏମ୍‌ଶ୍ରୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ନୀଳଗିରି, ୩।୧୨ (ସମିସ): ନୀଳଗିରି ବ୍ଲକ ଅଧିନ ଅଗ୍ରଣି ଶିକ୍ଷାନୁଷ୍ଠାନ ଅଯୋଧ୍ୟା ପି.ଏମ.ଶ୍ରୀ ଉଚ୍ଚ ବିଦ୍ୟାଳୟ ଅଯୋଧାରେ ଦୁଇଦିନ ଧରି ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ ମିତ୍ରପୁରର ପ୍ରଧାନ ଶିକ୍ଷକ ଅନନ୍ତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସୁଶାନ୍ତ ପରିଡା ମଞ୍ଚାସିନ ହୋଇଥିଲେ। ଉଦଯାପନୀ ଉତ୍ସବର ମୁଖ୍ୟଅତିଥି ଭାବେ ଚମ୍ପୁଆ କେନ୍ଦୁଝର ଚନ୍ଦ୍ରଶେଖର କଲେଜ ପ୍ରାକାନ ଅଧ୍ୟକ୍ଷ ପଦ୍ମନାଭ ପ୍ରଧାନ, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଜିଲ୍ଲା ହାଇସ୍କୁଲ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ



କୁମାର ରଣା ଓ ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଇଶ୍ୱର ଚନ୍ଦ୍ର ଖୁଣ୍ଟିଆ ଏବଂ ସମ୍ମାନିତ ଅତିଥି ରୂପେ ବାମନ ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବ୍ଲକସ୍ତରୀୟ ବିଶ୍ୱ ଭିନ୍ନକ୍ଷମ ଦିବସ



ଜଳେଶ୍ୱର,୩।୧୨(ସମିସ)

ଜଳେଶ୍ୱର ପୌରାଞ୍ଚଳସ୍ଥିତ ସାନ୍ତିଆ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ଭିନ୍ନକ୍ଷମ ଦିବସ ଓ ବିଜ୍ଞାନ କୁଇଜ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଦିବ୍ୟାଙ୍ଗ ମାନଙ୍କୁ ନେଇ ବ୍ଲକ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ ଏବିଇଓ ସୁଶାନ୍ତ ଜେନା ସଭାପତିତ୍ୱ କରି ସମାଜର ପ୍ରଗତି ପଥରେ ଭିନ୍ନକ୍ଷମଙ୍କୁ ସାମିଲ କରିବା ସହ ଉଚିତ୍ ସମ୍ମାନ ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଲାପରିଷଦ ଉପସଭାପତି ଅନସୂୟା ପ୍ରଧାନ, ମୁଖ୍ୟବକ୍ତା ଭାବେ ଓଷ୍ଟା ବ୍ଲକ ସଭାପତି ସୁକୁମାର ମିଶ୍ର, ସମ୍ମାନିତ ଅତିଥିଭାବେ ଏବିଇଓ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ, ଶିକ୍ଷକ ନେତା ପ୍ରଦୀପ ଜେନା, ସୁବ୍ରତ ସୁତାର, ରଂଜିତା ମହାନ୍ତି, ଅଂଜନ ପ୍ରଧାନ ପ୍ରମୁଖ ମଂଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଦିଲ୍ଲିପ ସେଠୀ ମଂଚ ଆହ୍ୱାନ କରିଥିବା ବେଳେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀ ଓ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଏବଂ ୪ଟି ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ବ୍ଲକ ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଜଳେଶ୍ୱର ନୂଆବଜାର ହାଇସ୍କୁଲରରେ ଅନୁଷ୍ଠିତ ହୋଇ ଯାଇଛି। ଜୁନିୟର ବିଭାଗରେ ୨୭ଜଣ ସିନିୟର ବିଭାଗରେ ୩୩ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ କୃତିତ୍ୱ ଅର୍ଜନ କରି ଜିଲାସ୍ତରକୁ ଯିବାକୁ ଥିବା ଦୁଇଜଣ ପ୍ରତିଯୋଗୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।





**ନୀଳଗିରି:** ସଜନାଗଡ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ବ୍ଲକ୍ ସ୍ତରୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇ ଯାଇଛି। ଏଥି ନିମନ୍ତେ ସ୍କୁଲ ପରିସରରେ ଆୟୋଜିତ ସଭାରେ ବିଆର୍‌ସିସି ମିହିର କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସଜନାଗଡ ସରପଞ୍ଚ ପ୍ରଦୀପ କୁମାର ଖାଲ ପାଳିଆ, ମୁଖ୍ୟ ବକ୍ତା ଭାବେ ଏବିଓ ଲମ୍ବୋଦର ସିଂ, ସମ୍ମାନିତ ଅତିଥି ଭାବେ ସଜନାଗଡ ସି ଆର୍ ସି ସି ବିଶ୍ୱଜିତ୍ ବେହେରା, ସଜନଗଡ ପ୍ରାଥମିକ ବିଦ୍ୟାଳୟର ହେଡ୍ ମାଷ୍ଟର ସୁଶାନ୍ତ କୁମାର ସିଂ, ଚଣ୍ଡୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରହେଡମାଷ୍ଟରବିଦ୍ୟାଧରସେଠୀଙ୍କସମେତ ବିଶିଷ୍ଟ ଭିନ୍ନକ୍ଷମ ବ୍ୟକ୍ତିତ୍ୱ ଭାବେ ସାଗର ପଢ଼ିଆରୀ ( ଆନ୍ତର୍ଜାତୀୟ ଶିଳ୍ପୀ), ଇଞ୍ଜିନିୟର ସମିତ୍ ରଞ୍ଜନ ମନ୍ନା, ମଞ୍ଚାଷିନ ରହି ନିଜ ନିଜର ବକ୍ତବ୍ୟ ଉତ୍ଥାପନ କରିବା ସହିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ମାନଙ୍କରେ ଉନ୍ନତିର ପ୍ରଥମ ସୋପାନ ବୋଲି ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନୀଳଗିରି ବ୍ଲକର ୨୦୯ ପ୍ରାଥମିକ ବିଦ୍ୟାଳୟରୁ ୧୮୨ ପ୍ରାଥମିକ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି ଦିବସ ବ୍ୟାପି କାର୍ଯ୍ୟକ୍ରମ ମଧ୍ୟରେ ମ୍ୟୁଜିକ୍ ଚେୟାର, ନୃତ୍ୟ, ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ରଞ୍ଜିତ କୁମାର ପରିଡ଼ା ଏବଂ କନକଲତା ବେହେରା ସଂଯୋଜନା କରିଥିଲେ। ଅନ୍ୟ ପକ୍ଷରେ ଆଇ ଇ ଭି, ସୁଧାରଞ୍ଜନ ହୋତା, ଜଗନ୍ନାଥ ବାରିକ୍, ଚିନ୍ତାମଣି ବେହେରା, ଦୁର୍ଗା ଚରଣ ବେହେରା, ବିଜୟ ସେଠୀ, ଜିତେନ୍ଦ୍ର ବାରିକ୍, ଶତ୍ରୁଘ୍ନ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜଳେଶ୍ୱରରେ ପୃଥକ ସଡ଼କ ଦୁର୍ଘଟଣା, ୬ ଗୁରୁତର

ଜଳେଶ୍ୱର, ୩।୧୨(ସମିସ): ସଡ଼କ ସୁରକ୍ଷା କାର୍ଯ୍ୟକ୍ରମର ନାଁ ଗନ୍ଧ ନଥିବା ଥିବା ବେଳେ ବୁଧବାର ଜଳେଶ୍ୱର ଅଞ୍ଚଳରେ ୨ଟି ସଡ଼କ ଦୁର୍ଘଟଣା ଘଟିଯାଇଛି। ଅପରାହ୍ନରେ ପୌରାଞ୍ଚଳ ଅଧୀନ ୪ନଂ ୱାର୍ଡ ପଥରପୁରା ଗାଁର ଶେଖ୍ ସାମଶୁଦ୍ଦିନଙ୍କ ପୁଅ ଶେଖ୍ ରୋହିତ(୨୮) ସ୍ତ୍ରୀ ଶାହାନା ବିବି(୨୫) ୨କୁନି ପୁଅ ସହ ୬୦ନଂ ଜାତୀୟ ରାଜପଥ ପାଖର୍ ମିରିଚି ହୋଟେଲକୁ ଖାଇବାକୁ ଯାଉଥିଲେ। ପଶ୍ଚିମବଂଗ ପଟୁ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଶେଖ୍ ରୋହିତଙ୍କ ପରିବାର ସଡକରେ ଛିଟିକି ପଡି ଗୁରୁତର ହୋଇଥିଲେ। କାର ଚାଳକ, ଗୁରୁତର ମାନଙ୍କୁ ସ୍ଥାନୀୟ ଜିକେ ଭଟ୍ଟର ହସ୍ପିଟାଲ ରେ ଭର୍ତ୍ତି କରିଥିଲେ। ଶାହାନା ବିବିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ରୋହିତ ର ହାତ ଭାଙ୍ଗିବା ସହିତ ଦୁଇ ଶିଶୁ ଖଣ୍ଡିଆ ଖାବରା ହୋଇ ରେମୁଣାସ୍ଥିତ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ବ୍ଲକ ନିକଟ କନଭେଣ୍ଟ ସ୍କୁଲ ସମ୍ମୁଖରେ ଜଳେଶ୍ୱର ବ୍ଲକର ପୂର୍ବତନ ଜିଆରଏସ ସସ୍ମିତା ମହାନ୍ତିଙ୍କ ଶିଶୁ ପୁତ୍ର ଛିଡ଼ା ହୋଇଥିବା ବେଳେ ଏକ ନାବାଳକ ସ୍କୁଟି ଆରୋହୀ ଧକ୍କା ଦେଇଥିଲା। ଫଳରେ କୁନି ଛାତ୍ରର ସମସ୍ତ ଦାନ୍ତ ଭାଙ୍ଗି ଯିବା ସହ ଗୁରୁତର ଆହାତ ହୋଇଛନ୍ତି। ସଙ୍କଟାପନ୍ନ ଭାବେ ଜିକେ ଭଟ୍ଟର ହସ୍ପିଟାଲ ପରେ ବାଲେଶ୍ୱର ହସ୍ପିଟାଲ କୁ ସ୍ଥାନାନ୍ତର କରାଯାଇଛି। ଅଞ୍ଚଳରେ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ବ୍ୟସ୍ତ ବହୁଳ ସଡ଼କ ରହିଥିବାରୁ ଜଳେଶ୍ୱରରେ ଟ୍ରମା ସେଣ୍ଟର ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି।

# ଜଳେଶ୍ୱର କଂଗ୍ରେସର ବୈଠକ



ଜଳେଶ୍ୱର, ୩।୧୨ (ସମିସ): କଂଗ୍ରେସକୁ ମଜବୁତ କରିବା ପାଇଁ ନବ ନିଯୁକ୍ତ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ଅଣ୍ଟା ଭିଡିଛନ୍ତି। ବିଶେଷ କରି ଜଳେଶ୍ୱର କଂଗ୍ରେସକୁ ସଂଗଠିତ କରିବା ଲକ୍ଷ୍ୟରେ ଜମାଲପୁର ବାଇପାସ୍‌ସ୍ଥିତ ମଧୁବନ ହୋଟେଲ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ପ୍ରାକ୍ତନ ବ୍ଲକ କଂଗ୍ରେସ କମିଟି ସଭାପତି ରାଜୀବ ପରିଡା ଅଧ୍ୟକ୍ଷତା କରିଥିଲେ। ପ୍ରାକ୍ତନ ବିଧାୟକ ଦେବୀ ପ୍ରସନ୍ନ ଚନ୍ଦ, ପ୍ରାକ୍ତନ ନଗର ସଭାପତି ଗିରିଜା ଶଙ୍କର ଦାସ, ବରିଷ୍ଠ କଂଗ୍ରେସ ନେତ ସତ୍ୟ ସୁନ୍ଦର ଦାସ, ସୁଦାମ ପାତ୍ର, ମଧୁସୁଦନ ଦାସ, ଫରିଦ୍ ଅହମ୍ମଦ, ସପନ ଜେନା, ଛାତ୍ର କଂଗ୍ରେସ ନେତା ଜଗନ୍ନାଥ ମହାପାତ୍ର, ଯୁବ କଂଗ୍ରେସ ନେତା ହରିଶଙ୍କର ଜେନା, ମଧୁସୁଦନ ଗାନ୍ଧୀ, ମିହିର ଭୂୟାଁ, ନୟନ ପାଠୀ, ଖଗେନ୍ଦ୍ର ଜେନା ପ୍ରମୁଖ ବହୁ କର୍ମୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।







# ଅଲିଭ୍ ରିଡ୍‌ଲେ ସୁରକ୍ଷା ଓ ସଂରକ୍ଷଣ ନେଇ ସଚେତନତା




ବାଲେଶ୍ୱର, ୩।୧୨(ସମିସ): ବାଲେଶ୍ୱର ୱାଇଲ୍ଡଲାଇଫ୍ ଡିଭିଜନ୍ ଆନୁକୂଲ୍ୟରେ କୁରୁଡ଼ାସ୍ଥିତ ଡିଏଫ୍ଓଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ସାମୁଦ୍ରିକ କଇଁଛ ଅଲିଭ୍ ରିଡ୍‌ଲେର ସୁରକ୍ଷା ଓ ସଂରକ୍ଷଣ ସମ୍ପର୍କିତ ସର୍କଲ୍ ସ୍ତରୀୟ ସମନ୍ୱୟ ବୈଠକ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଆୟୋଜିତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଏଫ୍ଓ ପ୍ରଫୁଲ୍ଲ ମଲ୍ଲିକ ଅଧ୍ୟକ୍ଷତା କରି ପ୍ରଜନନ ଋତୁରେ କଇଁଛଙ୍କ ସୁରକ୍ଷିତ ଅଣ୍ଡାଦାନକୁ ନେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଏସିଏଫ୍ ଜୟଶ୍ରୀ ମୁର୍ମୁ ମଞ୍ଚ ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥି ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ ସଂରକ୍ଷକ, ବାରିପଦା ପ୍ରକାଶ ଚନ୍ଦ୍ର ଗୋଗନେନି ଯୋଗଦେଇ ଏହି ପ୍ରଜାତିର କଇଁଛଙ୍କ ଅଣ୍ଡାଦାନ ସମୟରେ ସରକାରଙ୍କ କଟକଣାକୁ ସମସ୍ତେ ମାନିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାଶ, ସାମୁଦ୍ରିକ ଏଡିଏଫ୍ଓ ସିଏସ୍ ପଲ୍ଲବି, ବନ୍ୟ ପ୍ରାଣୀ ବିଶେଷଜ୍ଞ ଡ. ପ୍ରକାଶ ମର୍ଦ୍ଦରାଜ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ କୁମାର ଦାସ ପ୍ରମୁଖ ମଞ୍ଚାସୀନ ହୋଇ ଅଲିଭ୍ ରିଡ୍‌ଲେ କଇଁଛ ନଭେମ୍ବରରୁ ମଇ ମାସ ମଧ୍ୟରେ ଗହୀରମଥା, ଋଷିକୂଲ୍ୟା, ଧାମରା ଆଦି ସମୁଦ୍ର ଉପକୂଳରେ ଅଣ୍ଡାଦାନ ପାଇଁ ଆଗମନ କରିଥାନ୍ତି। ସେମାନଙ୍କ ସୁରକ୍ଷିତ ଅଣ୍ଡାଦାନ ସମୟରେ ମତ୍ସ୍ୟଜୀବୀ, ମତ୍ସ୍ୟ ବ୍ୟବସାୟୀ ଓ ଉପକୂଳବର୍ତ୍ତୀ ଅଧିବାସୀ ସଚେତନ ହେବା ଜରୁରୀ ବୋଲି କହିଥିଲେ। ଏସିଏଫ୍ ତଟିନୀ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଉତ୍ତର ବାଲେଶ୍ୱରରେ ଖୋଲୁନି ଧାନମଣ୍ଡି

ବାଲେଶ୍ୱର(ଉତ୍ତର), ୩।୧୨(ସମିସ)



**ଗାଁରେ ବୁଲିଲେଣି ପଶ୍ଚିମବଙ୍ଗ ବ୍ୟବସାୟୀ**

ଖରିଫ ଧାନ ଫସଲ ଅମଳ ଆରମ୍ଭ ହୋଇଯାଇଥିବା ବେଳେ ଉତ୍ତର ବାଲେଶ୍ୱରର ବିଭିନ୍ନ ବ୍ଲକରେ ଏଯାଏଁ ଖୋଲୁନି ସରକାରୀ ଧାନ ମଣ୍ଡି। ଏହାର ସୁଯୋଗ ନେଇ ପଶ୍ଚିମବଙ୍ଗ ବ୍ୟବସାୟୀମାନେ ଗାଁ ଗାଁ ରେ ବୁଲିବାକୁ ଲାଗିଲେଣି। ଚାଷୀ ମାନେ ଟଙ୍କା ଧାର ଉଧାର ଆଣି ଚାଷ କରିଥିବାରୁ ଏବେ ପରିଶୋଧ କରିବା ପାଇଁ ଅଧା ଦରରେ ପଶ୍ଚିମବଙ୍ଗ ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବସ୍ତା, ବାଲିଆପାଳ, ଜଳେଶ୍ୱର ଏବଂ ଭୋଗରାଇ ବ୍ଲକରେ।

ପ୍ରକାଶ ଯେ, ଚାଷୀମାନେ ବିଭିନ୍ନ ସେବା ସମବାୟ ସମିତି ଏବଂ ଅନ୍ୟ ସରକାରୀ ଧାନ ମଣ୍ଡିରେ ପଞ୍ଜୀକରଣ କରିଛନ୍ତି। ମାତ୍ର ଧାନ ଅମଳ ସରିବାକୁ ବସିଲାଣି ବର୍ତ୍ତମାନ ପର୍ଯ୍ୟନ୍ତ ମଣ୍ଡି ଖୋଲି ନଥିବାରୁ ଅଧା ଦରରେ ପଶ୍ଚିମବଙ୍ଗ ବ୍ୟବସାୟୀଙ୍କୁ ବିକ୍ରୀ କରିବାକୁ ବାଧ ହେଉଛନ୍ତି। ସରକାରୀ ଧାନ ମଣ୍ଡି ଖୋଲିବା ବିଳମ୍ବ ହେଉଥିବାରୁ ଏହାର ସୁଯୋଗ ନେଇ ଫାଇଦା ନେଉଛନ୍ତି ପଶ୍ଚିମବଙ୍ଗ ବ୍ୟବସାୟୀ ଏବଂ ଦଲାଲ। ଉତ୍ତର ବାଲେଶ୍ୱରରେ ନଭେମ୍ବର ମାସରୁ ଧାନ ଅମଳ ଆରମ୍ଭ ହୋଇଥାଏ। ସରକାର ମଧ୍ୟ ନଭେମ୍ବର ତୃତୀୟ ସପ୍ତାହରୁ ଧାନ କିଣିବେ ବୋଲି ଘୋଷଣା କରିଥିଲେ। ମାତ୍ର ଅଦ୍ୟାବଧି କୌଣସି ପ୍ୟାକ୍ସ, ଲ୍ୟାମ୍ପରେ ମଣ୍ଡି ଖୋଲି ନାହିଁ। ତେଣୁ ଅମଳ ହୋଇଥିବା ଚାଷୀମାନଙ୍କ ଧାନ ଏବେ ବିଭିନ୍ନ ସ୍ଥାନରେ ଖୋଲା ଆକାଶ ତଳେ ପଡିରହିଛି। ଅପରପକ୍ଷରେ ଚାଷୀ ମାନେ ସାର ଓ କୀଟନାଶକ ଦୋକାନରୁ ନେଇଥିବା ବାକି ସହିତ ମୂଲିଆ ମାନଙ୍କୁ ମଜୁରୀ ଟଙ୍କା ଦେବା ପାଇଁ ଅର୍ଥର ଆବଶ୍ୟକତା ଥିବାରୁ ସମସ୍ୟା ଭୋଗୁଛନ୍ତି। ଯାହାର ଫାଇଦା ନେଉଛନ୍ତି ଏହି ପଶ୍ଚିମବଙ୍ଗର ଦଲାଲ। ଚାଷୀଙ୍କ ଠାରୁ କୁଇଣ୍ଟାଲ ପ୍ରତି ୧୬ ଶହ ୧୭ ଶହ ଟଙ୍କାରେ ଧାନ କିଣି ନେଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୂର୍ବରୁ ଧାନ ମଣ୍ଡି ପରିସରରେ ଧାନ ଢାଳି ଓଜନ ହେଉଥିଲା କିମ୍ବା ମିଲର ଅଖା ଯୋଗାଉ ଥିଲେ। ମାତ୍ର ମଣ୍ଡି ନ ଖୋଲୁଣୁ ବିଭିନ୍ନ ସମବାୟ ସମିତି ଓ ଲ୍ୟାମ୍ପସ ପକ୍ଷରୁ ଚାଷୀଙ୍କୁ କୁହାଯାଉଛି ଧାନ ଅଖା ବସ୍ତାରେ ଭର୍ତ୍ତି କରି ମଣ୍ଡିକୁ ନ ଆଣିଲେ ନିଆଯିବ ନାହିଁ। ବଜାର ମୂଲ୍ୟରେ ବସ୍ତା ଗୋଟାକୁ ୩୦ ଟଙ୍କା ପଡୁଛି, ପୁଣି ସେହି ବସ୍ତାକୁ ମିଲର ନେଇଯିବେ ତା ଛଡ଼ା ଅଖା ମଧ୍ୟ ଏବେ ବଜାରରେ ମିଳୁ ନାହିଁ। ଜଣେ ଚାଷୀ ଦିନ ରାତି ଏକ କରି ଚାଷ କରୁଛି ପୁଣି ୩୦ ଟଙ୍କା ଦେଇ ଅଖା କିଣି ଧାନ ଦେବେ କିପରି ସେ ନେଇ ଚାଷୀ ମାନେ ଅଭିଯୋଗ କରିଛନ୍ତି। ବାଲେଶ୍ୱର ଜିଲ୍ଲାର ବସ୍ତା, ଜଳେଶ୍ୱର ବାଲିଆପାଳ ଅଞ୍ଚଳରେ ବର୍ତ୍ତମାନ ୯୦ ପ୍ରତିଶତ ଧାନ ଅମଳ ଶେଷ ହୋଇଥିଲା ବେଳେ ଭୋଗରାଇ ଅଞ୍ଚଳରେ ମଧ୍ୟ ୫୦ ପ୍ରତିଶତ ଧାନ ଅମଳ ହୋଇସାରିଲାଣି। ଚାଷୀ ମାନେ ମଣ୍ଡି ରେ ଧାନ ବିକ୍ରି କରିବାକୁ ଅନାଇ ରହିଛନ୍ତି। ମାତ୍ର ସରକାର ମଣ୍ଡି ଖୋଲି ବାରେ ବିଳମ୍ବ କରୁଥିବା ବେଳେ କଟନୀ ଛଟନୀ ବନ୍ଦ କରି ଏଫଏକ୍ୟୁ ମାନର ଧାନ କିଣିବା ନେଇ ସରକାର ମିଲ ମାଲିକ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ପ୍ରତିକୂଳ ପାଣିପାଗ ପାଇଁ ନିର୍ଦ୍ଧାରିତ କିସମର ଧାନ ଅମଳ ହୋଇ ନଥିବାରୁ କିପରି ଧାନ ସରକାରଙ୍କୁ ବିକ୍ରି କରିବେ ସେହି ନେଇ ଚାଷୀ ମାନେ ଚିନ୍ତାରେ ରହିଛନ୍ତି। ରାଜ୍ୟ ସରକାର ତୁରନ୍ତ ଉପୁଜିଥିବା ସମସ୍ୟାର ଆବଶ୍ୟକ ପଦକ୍ଷେପ ନେଇ ଚାଷୀଙ୍କୁ ନ୍ୟାୟ ପ୍ରଦାନ କରିବା ସହିତ ଚାଷୀଙ୍କୁ ଅଖା ବସ୍ତା ଯୋଗାଇ ଦେବା ପାଇଁ ମିଲରକୁ ନିର୍ଦ୍ଦେଶ ଦେବାକୁ ଚାଷୀ ମାନଙ୍କ ପକ୍ଷରୁ ଦାବି କରାଯାଇଛି। ସେହିପରି ଚଳିତବର୍ଷ ଅନିୟମିତ ବର୍ଷା ଓ ବନ୍ୟା ଯୋଗୁଁ ଅଧିକାଂଶ ସ୍ଥାନରେ ଧାନର ମାନ ଟିକେ କମ ରହିଛି ତେଣୁ ସମସ୍ତ ମଣ୍ଡିରେ କିଣିବାକୁ ଥିବା ଧାନର ମାନରେ କୋହଳ କରିବା ସହିତ ତୁରନ୍ତ ସମସ୍ତ ମଣ୍ଡି ଖୋଲି ଧାନ କିଣିନେବାକୁ ଉତ୍ତର ବାଲେଶ୍ୱର ଅଞ୍ଚଳର ଚାଷୀ ମାନଙ୍କ ପକ୍ଷରୁ ଦାବି ହୋଇଛି।

# ଏକଦିବସୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା




ବାଲେଶ୍ୱର,୩।୧୨(ସମିସ): ବାଲେଶ୍ୱର ୱାଇଏମସିଏ ପକ୍ଷରୁ ଇଣ୍ଡୋର ହଲ୍‌ରେ ଏକଦିବସୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାକୁ ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା କ୍ରିଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ୧୭ନମ୍ବର ୱାର୍ଡ କାଉନସିଲର ସତ୍ୟଶିବ ସୁନ୍ଦର ଦାସ, ଭାଗବତ ସାହୁ ଏବଂ ୱାଇଏମସିଏ ପୂର୍ବ ଭାରତ ସମ୍ପାଦକ ଜୟଦୀ ସରକାର ଉପସ୍ଥିତ ଥିଲେ। ବାଲେଶ୍ୱର ୱାଇଏମସିଏ,କଟକ ୱାଇଏମସିଏ, ଏବଂ ଫୁଲବାଣୀ ୱାଇଏମସିଏ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ବାଲେଶ୍ୱର ୱାଇଏମସିଏର ପ୍ରୋଗ୍ରାମ କମିଟିର ଚେୟାରମେନ ସାଲେମ ବିକ୍ରମ କୁମର ଖେଳ ପରିଚାଳନା କରିଥିଲେ। ପ୍ରତିଯୋଗିତାର ସିଙ୍ଗଲ୍ସରେ କଟକ ୱାଇଏମସିଏର ଶାବନ ପଟ୍ଟନାୟକ ବିଜୟୀ ହୋଇଥିବା ବେଳେ ଶମହେଶ କୁମର ମାଝୀ ରନର୍ସଅପ ହୋଇଥିଲେ। ଡବଲ୍ସ ପ୍ରତିଯୋଗିତାରେ ଅର୍ପିତ ସିମନସ, ଜିରୋଲଡ୍ସ ସିମନସ ବିଜୟୀ ହୋଇଥିବା ବେଳେ ସାମୁଏଲ ଦୀପ ରାଉତ ଓ ସାମୁଏଲ ନନ୍ଦ ମିଳିତ ଭାବେ ରନର୍ସଅପ ହୋଇଥିଲେ। ଶେଷରେ ଚାମ୍ପିଅନ ଏବଂ ରନର୍ସଅପମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାକୁ ୱାଇଏମସିଏର କର୍ମକର୍ତ୍ତା ସମ୍ପାଦକ ସବିନୟ ବେହେରା, କୋଷାଧ୍ୟକ୍ଷ ବିନୟ ଭୂଷଣ ସୀନା, ମାନସ ରଞ୍ଜନ ମହାପାତ୍ର, ଅନିମେଷ ସିଂହ, ଅଭିଷେକ ମାର୍ଣ୍ଡି, ଶୁଭମ ସିଂହ, ଶୁଭ୍ରାଂଶୁ ସିଂହ, ନିଷିଦ୍ଧ ରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ବାଲେଶ୍ୱର ଟାଉନ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



ବାଲେଶ୍ୱର, ୩।୧୨(ସମିସ): ଟାଉନ ହାଇସ୍କୁଲର ୬୬ତମ ବାର୍ଷିକ କ୍ରୀଡା ଉତ୍ସବ ବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ସିମୁଳିଆ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ସହିତ କ୍ରୀଡ଼ାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସଦର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ଭୂୟାଁ ଏଥିରେ ଅଧ୍ୟକ୍ଷତା କରିବା ସହ ବାର୍ଷିକ କ୍ରୀଡ଼ା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ ପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁମତି ରାଉତ ଏଥିରେ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଭାରତୀ ରାଉଳ ଧନ୍ୟବାଦ ଦେଇଥିଲେ। ୭୦ଟି ଖେଳ ଅନୁଷ୍ଠିତ ହେବା ସହିତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଟାଉନ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ପ୍ରିତମ କୁମାର ଦାସଙ୍କ ନେତୃତ୍ୱରେ ଆୟୋଜିତ କ୍ରୀଡ଼ା ଉତ୍ସବକୁ ଅତିଥି ଶିକ୍ଷକ ଦାମୋଦର ପଣ୍ଡା, ଗୋପୀନାଥ ପାଢ଼ୀ, ଚକ୍ରଧର ମିଶ୍ର, ରାମକୃଷ୍ଣ ପଣ୍ଡା, ଶଶିକାନ୍ତ ମିଶ୍ର, ଶିକ୍ଷୟିତ୍ରୀ ଜୟନ୍ତୀ ଚାଷି, ଦେବସ୍ମିତା ଦାସ, ସସ୍ମିତା ପଣ୍ଡା, ସସ୍ମିତା ଗିରି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଚୋରା ମଦ ଜବତ, ୫ ଗିରଫ

ବାଲେଶ୍ୱର,୩।୧୨(ସମିସ): ରେମୁଣାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ସେଠାରୁ ମୋଟ ୨୪୦ଲିଟର ଚୋରାମଦ ଜବତ ସହ ୫ଜଣ ମଦ ବେପାରୀକୁ ଗିରଫ କରାଯାଇଛି। ଗିରଫ ବେପାରୀମାନେ ହେଲେ ରେମୁଣା ନଛିପୁର ଅଞ୍ଚଳର ଚନ୍ଦ୍ରକାନ୍ତ ମଣ୍ଡଳ(୨୩), ଗଣେଶ୍ୱର ସିଂ(୨୯), ଶିଳସୂଆଁ ଅଂଚଳର ଶୁକ ସିଂ(୨୫), ନଛିପୁର ଅଂଚଳର ସର୍ବେଶ୍ୱର କର(୩୬) ଏବଂ ବାଲିପାଳ ଅଂଚଳର କାହ୍ନୁ ମହାରଣା(୨୮)। ଜବତ ହୋଇଥିବା ମଦର ମୂଲ୍ୟ ୫୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

## ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ବିଶ୍ୱ ଏଡ୍‌ସ ଦିବସ'



ବାଲେଶ୍ୱର/ସୋର, ୩।୧୨(ସମିସ): ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରେଡକ୍ରସ ୟୁନିଟ ଓ ରେଡ ରିବନ କ୍ଲବ ୟୁନିଟ ତରଫରୁ 'ବିଶ୍ୱ ଏଡ୍ସ ଦିବସ' ପାଳିତ ହୋଇ ଯାଇଛି। ପ୍ରଥମେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ତଥା ତାଲିମପ୍ରାପ୍ତ ଅଭିଜ୍ଞ ପରାମର୍ଶଦାତା ଡ. ପୁଣ୍ୟବ୍ରତ ମହାନ୍ତି, ବରିଷ୍ଠ ଅଧ୍ୟାପକ ଡ. ପଙ୍କଜ ଜେନା, ୟୁଥ ରେଡ କ୍ରସ କାଉନସିଲର ପ୍ରଶାନ୍ତ ଜେନା, ବରିଷ୍ଠ ଅଧ୍ୟାପିକା ପୁଷ୍ପଲତା ପାଢୀ ଓ ରଞ୍ଜିତାବାଳା ମହାପାତ୍ର ଏଚଆଇଭି, ଏଡ୍ସ ରୋଗର ଭୟାବହତା, କାରଣ, ନିରାକରଣ ଓ ଉପଚାର ବିଷୟରେ ଆଲୋକପାତ କରିଥିଲେ। ଅଧ୍ୟାପକ ଅଜୟ ବାରିକ, ସତ୍ୟ ନାରାୟଣ ସାହୁ, ସଞ୍ଜୟ ଦାସ, ପିଜିଟି ସୁଜିତ ଗୋଛାୟତ, ଗଜେନ୍ଦ୍ର କବି, ଶାନ୍ତନୁ ପାତ୍ର, ମନୋଜ ଶବର, ଇତିଶ୍ରୀ ମହଲା ସହଯୋଗ କରିଥିଲେ। ୟୁଥ ରେଡକ୍ରସ କାଉନସିଲର ଶ୍ରୀ ଜେନା ଧନ୍ୟବାଦ ଦେଇଥିଲେ।

## ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ପଦାର୍ଥ ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ଭୋଗରାଇ, ୩।୧୨(ସମିସ): ଭୋଗରାଇ ବ୍ଲକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ପଦାର୍ଥ ବିଜ୍ଞାନ ବିଭାଗର 'ବିଜ୍ଞାନ ଓ ବୈଷୟିକ ଜ୍ଞାନର ଅଗ୍ରଗତି' ଶୀର୍ଷକ ଆଲୋଚନାଚକ୍ର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିଜୟ କୁମାର ମିଶ୍ର ଅଧ୍ୟକ୍ଷତାରେ ଆଲୋଚନା ଚକ୍ରରେ ଡିଆରଡିଓର ନିର୍ଦ୍ଦେଶକ ସୁବୋଧ ନାୟକ, ପ୍ରଶାସନିକ ଅଧିକାରୀ ଜଗଦୀଶ ଚନ୍ଦ୍ର ଗିରି, ବିଭାଗୀୟ ମୁଖ୍ୟ ଦିଲ୍ଲୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ପଦାର୍ଥ ବିଜ୍ଞାନ ଓ ରାସାୟନିକ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ସ୍ୱଲିଖିତ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଅଧ୍ୟାପକ ତପନ ପଣ୍ଡା, ଶ୍ୱେତାପଦ୍ମା ପାତ୍ର, ଦୁଷ୍ମନ୍ତ ଦାସ, ପ୍ରଦୀପ ଜେନା, ରାସାୟନିକ ବିଭାଗର ମୁଖ୍ୟ ଦୀନକୃଷ୍ଣ ଗିରି, ନୟନ ପ୍ରଧାନ, ରାମକୃଷ୍ଣ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ନିଳାମ୍ବର ଦାସ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀମଦ୍ ଭାଗବତ ଗୀତା ଜୟନ୍ତୀ ସମାରୋହ



ବାଲେଶ୍ୱର,୩।୧୨(ସମିସ): ସିଦ୍ଧି ବିନାୟକ ପବ୍ଲିକ ସ୍କୁଲରେ ଶ୍ରୀମଦ୍ ଭାଗବତ୍ ଗୀତା ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଗୀତା ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ସଭାପତି ଡ. କୁମାର ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୈଦିକ ପଣ୍ଡିତ ପର୍ଶୁରାମ ମିଶ୍ର ଭାବେ ଯୋଗଦେଇ ଭାଗବତ ଗୀତାର ପଠନ ଓ ଶ୍ରବଣ ଦ୍ୱାରା ମାନବ ଜୀବନର ସର୍ବାଙ୍ଗିନ ଉନ୍ନତି ଘଟିଥାଏ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁଧାଂଶୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଭାଗବତ ଗୀତା କଣ୍ଠପାଠ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ମହାଭାରତ ସଙ୍ଗୀତରେ ନୃତ୍ୟାଭିନୟ କରିବେଷଣ କରାଯାଇଥିଲା। ବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସଂସ୍କୃତ ପଣ୍ଡିତ ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ ସଂଯୋଜନା କରିବା ସହିତ ସଂସ୍କୃତ ଆଚାର୍ଯ୍ୟ ଅରୁଣ ରଥ ସଭାକୁ ସଂଚାଳନ କରିଥିଲେ। ଶିକ୍ଷୟିତ୍ରୀ ଜୟନ୍ତୀ ଦାସ, ରଶ୍ମି ରଞ୍ଜିତା ପରିଡା ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଭବେଶ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଧରାପଡ଼ିଲା ସାଇକଲ ଚୋର

ସୋର, ୩।୧୨(ସମିସ): ସୋର ପୌରପାଳିକା ୨ନମ୍ବର ୱାର୍ଡ ଅଧିନସ୍ଥ କମରପୁର ଗ୍ରାମରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଜଣେ ଷଷ୍ଠ ଶ୍ରେଣୀର ଛାତ୍ର ନିତ୍ୟାନନ୍ଦ ମହନ୍ତ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ରେ ଭାଗନେବା ପାଇଁ ଖେଳ ପଡିଆକୁ ଯାଇଥିଲେ। ଖେଳ ପଡିଆରୁ ଆସିବା ପରେ ବିଦ୍ୟାଳୟରେ ନିଜ ସାଇକଲକୁ ପାଇନଥିଲେ। ଏ ବିଷୟରେ ଶିକ୍ଷକଙ୍କୁ ଜଣାଇବା ପରେ ସ୍ଥାନୀୟ ପଡିଶାଙ୍କ ସିସିଟିଭିରୁ ସାଇକଲଟି ଚୋର ଚୋରି କରୁଥିବାର ଦେଖା ଯାଇଥିଲା। ତତ୍ କ୍ଷଣାତ ବିଦ୍ୟାଳୟ ଅଧ୍ୟକ୍ଷ ରିବିନ୍ଦ୍ର ପାତ୍ର ସୋର ଥାନାକୁ ଖବର ଦେବା ସହିତ ସିସିଟିଭି ଆଧାରରେ ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରିଥିଲେ। ସେହି ସମୟରେ ସାଇକେଲ ଚୋରି କରିଥିବା ବ୍ୟକ୍ତି ଜଣକ ବିଦ୍ୟାଳୟ ଦେଇ ଘରକୁ ଫେରୁଥିବା ସମୟରେ ସ୍କୁଲ କର୍ତ୍ତୃପକ୍ଷ ଧରି ପଚରା ଉଚରା କରିବା ସହିତ ସ୍ଥାନୀୟ ଗ୍ରାମରେ ରହୁଥିବା ଭଡ଼ା ଘରୁ ଚୋରି ସାଇକଲକୁ ଉଦ୍ଧାର କରିଥିଲେ। ପରେ ଉକ୍ତ ବ୍ୟକ୍ତିକୁ ପୁଲିସ ଜିମା ଦେଇଥିଲେ। ସ୍ଥାନୀୟ ଲୋକ ଓ ସ୍କୁଲ କର୍ତ୍ତୃପକ୍ଷ କହିବା ଅନୁସାରେ ଉକ୍ତ ଅଭିଯୁକ୍ତର ନାମ ରଜତ କୁମାର ଦାସ ପିତା ପ୍ରଫୁଲ୍ଲ କୁମାର ଦାସ। ଘର ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଅଞ୍ଚଳରେ ସୂଚନା ମିଳିଛି। ସେ ଦୀର୍ଘ ଦିନ ହେବ ଉକ୍ତ ଗ୍ରାମର ଜନୈକ ବ୍ୟକ୍ତି ଙ୍କ ଘରେ ଭଡା ସୂତ୍ରରେ ରହି ଆସୁଛନ୍ତି।

## ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



ଜଳେଶ୍ୱର, ୩।୧୨ (ସମିସ) : ଜଳେଶ୍ୱର ପୌରାଞ୍ଚଳସ୍ଥିତ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ସଂଗ୍ରାମ ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏକ ସଭାରେ ପ୍ରାକ୍ତନ ଅଧ୍ୟକ୍ଷ କମଳାକାନ୍ତ ଚାନ୍ଦ, ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀ ଉପସ୍ଥିତ ହୋଇ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ।

# ଜିଲ୍ଲାସ୍ତରୀୟ ଅର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ

**୧୧ ଦିବ୍ୟାଙ୍ଗଙ୍କୁ ବ୍ୟାଟେରୀ ଚାଳିତ ଗାଡି ପ୍ରଦାନ**

ବାଲେଶ୍ୱର,୩।୧୨(ସମିସ)



ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ୨୦୨୫ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ପାଳିତ ହୋଇଯାଇଛି। ଭିନ୍ନକ୍ଷମଙ୍କ ଅନ୍ତର୍ଭୁକ୍ତି,ଅଭିଗମ୍ୟତା ଏବଂ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ପାଇଁ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗ ଦେଇ ଦିବ୍ୟାଙ୍ଗମାନଙ୍କୁ ବ୍ୟାଟେରୀ ଚାଳିତ ତିନିଚକିଆ ଯାନ ପ୍ରଦାନ କରିବା ସହ ଉକ୍ତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ହାତ ତିଆରି ଜିନିଷ ଏବଂ ଫଟୋ ପ୍ରଦର୍ଶନୀକୁ ଉଦଘାଟନ କରି ଆଜିର ଦିବସର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସାମାଜିକ ଓ ଭିନ୍ନକ୍ଷମ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ବକ୍ତା ଭାବେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଭୁବନେଶ୍ୱରସ୍ଥିତ ପୋଖରୀପୁଟ ଠାରେ ଥିବା ପୁନର୍ବାସ କେନ୍ଦ୍ରର ଉପ ନିର୍ଦ୍ଦେଶକ ରାମକିଶୋର ଶର୍ମା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୀଳଗିରି ଉପଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ, ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଲଭିୟ, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି, ଜିଲ୍ଲା ପ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ବିସିଆଇସିର ଉପସଭାପତି ଭଗବାନ ଗୁପ୍ତା ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ୧୧ଜଣ ଦିବ୍ୟାଙ୍ଗମାନଙ୍କୁ ବ୍ୟାଟେରୀ ଚାଳିତ ଗାଡି ପ୍ରଦାନ କରାଯାଇଥିଲା। ସେହିପରି ଜଣେ ଦିବ୍ୟାଙ୍ଗଙ୍କୁ ରେସିଂ ହୁଇଲଚେୟାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଭିନ୍ନ ଦିବ୍ୟାଙ୍ଗ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଏକ ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରି ଗାନ୍ଧୀସ୍ମୃତି ଭବନ ପରିସରକୁ ଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ବିଭାଗ ପକ୍ଷରୁ ପ୍ରୀତମ ସାହୁ, ରାଜୀବ ରଞ୍ଜନ ନାୟକ,ସୀମାରାଣୀ ମହନ୍ତ, ସତପ୍ରେମ ପ୍ରଧାନ, ତାପସ ରଞ୍ଜନ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/17

| ପୋଷ୍ଟର ନାମ | ଖାଲି ପଦବୀ |
|---|---|
| ଭିପି ୱେଲ୍ଥ (ଏସଆରଏମ) | 506 |
| ଏଭିପି ୱେଲ୍ଥ (ଆରଏମ) | 206 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 23.12.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 02.12.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନରେ ଅବ୍ୟବସ୍ଥା

# ଆସିଥିବା ଅନୁଦାନ ଅର୍ଥ ଚଳୁ କରିବାକୁ ମସୁଧା






ନୟାଗଡ଼,୩।୧୨(ସମିସ)

ନୟାଗଡ଼ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ବିଭାଗ ଏହି ଦିବସ ପାଳନ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଦେଇଥିବାବେଳେ ସିଧାସିଧା ୩ ଲକ୍ଷ ଟଙ୍କା ଚଳୁ କରିବାକୁ ନୟାଗଡ଼ ଡିଏସ୍ଏସ୍ଓ ଓ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ମସୁଧା କରିଛନ୍ତି। ଯାହାକୁ ନେଇ ଦିବ୍ୟାଙ୍ଗ ଶିଶୁଙ୍କ ଅଭିଭାବକ ମହଲରେ ବ୍ୟାପକ ଅସନ୍ତୋଷ ଦେଖାଯାଇଛି।

ରାଜ୍ୟ ସରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ପାଇଁ ୧.୫ ଲକ୍ଷ ଟଙ୍କା, ୩୦୦ ଜଣଙ୍କ ଖାଦ୍ୟ ଓ ପାନୀୟ ପାଇଁ ୯୦ ହଜାର ଟଙ୍କା, ଟେଣ୍ଟ ପାଇଁ ୧ ଲକ୍ଷ ଟଙ୍କା, ମାରାଥନ ତଥା ଶୋଭାଯାତ୍ରା ପାଇଁ ୧.୫ ଲକ୍ଷ ଟଙ୍କା ଏବଂ ଫୁଲ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ୧୦ ହଜାର ଟଙ୍କା ବରାଦ କରିବା ସହ ଏଥିପାଇଁ ଏକ ଗାଇଡ୍ଲାଇନ୍ ମଧ୍ୟ ଦେଇଥିଲେ। ସରକାରଙ୍କ ଗାଇଡ୍ଲାଇନ୍କୁ ଅଣଦେଖା କରି ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ ଆସିଥିବା ଅର୍ଥକୁ ଚଳୁ କରାଯିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା ହୋଇଛି। ଶୋଭାଯାତ୍ରାରେ ସାମିଲ୍ ହୋଇଥିବା ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ ୯୦ ଟଙ୍କିଆ ଗଞ୍ଜି ଏବଂ ୩୦ ଟଙ୍କିଆ କ୍ୟାପ୍ ବାବଦରେ ସର୍ବାଧିକ ୪୦ ହଜାର ଟଙ୍କା ବ୍ୟୟ କରାଯାଇଥିବା ବେଳେ ପିଲାଙ୍କ ଜଳଖିଆ ଓ ମିଲ୍ ବାବଦରେ ୧୪୦ ଟଙ୍କା ବିଭାଗ ପକ୍ଷରୁ ଖର୍ଚ୍ଚ କରାଯାଇଛି। ପିଲାମାନଙ୍କୁ ଜଳଖିଆରେ ବରା, ଚପ୍ ଓ ମିଠା ଦିଆଯାଇଥିଲା। ମଧ୍ୟାହ୍ନଭୋଜନରେ ଭାତ, ଡାଲମା, ଚିକେନ୍, ଖଟା, ଖିରି ଦିଆଯାଇଥିଲା। ରାଜ୍ୟ ସରକାର ଖାଦ୍ୟ ପାଇଁ ଜଣଙ୍କ ପିଛା ୩ଶହ ଟଙ୍କା ଦେଇଥିବାବେଳେ ମାତ୍ର ୧୪୦ ଟଙ୍କାରେ ବିଭାଗ କାମ ଶେଷ କରିଛି। ସେହିଭଳି ଟେଣ୍ଟ ପାଇଁ ୧ ଲକ୍ଷ ଟଙ୍କା ଆସିଥିବାବେଳେ ମାତ୍ର ୨୫ ହଜାରରୁ କମ୍ ମୂଲ୍ୟରେ ଯେନତେନ ଟେଣ୍ଟ ନିର୍ମାଣ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ କେବଳ ୩ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବାବେଳେ ଏ ବାବଦ ଅର୍ଥକୁ ଫଲ୍ସ ବିଲ୍ କରିବା ଯୋଜନା ରହିଛି। କେବଳ କ୍ରୀଡ଼ା ପ୍ରତିଯୋଗିତାରେ ପୁରସ୍କାର ବ୍ୟବସ୍ଥା କରାଯାଇଛି। ସିଧାସଳଖ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଘୋଟାଲା କରିବାକୁ ସାମାଜିକ ସୁରକ୍ଷା ବିଭାଗ ଯୋଜନା କରିଥିବା ଅଭିଯୋଗ ହୋଇଛି। ବୁଧବାର ସକାଳୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସଚେତନତା ଶୋଭାଯାତ୍ରା ବାହାରି ଷ୍ଟାଡିୟମ୍ଠାରେ ପହଞ୍ଚିଥିଲା।

> ▶ ୩୦୦ ବଦଳରେ ୧୪୦ ଟଙ୍କାର ଖାଦ୍ୟ
> ▶ ଟେଣ୍ଟ ଅବ୍ୟବସ୍ଥା; ଗୁଲୁଗୁଲିରେ ଛାତ୍ରଛାତ୍ରୀ
> ▶ ଶସ୍ତା ଗଞ୍ଜି ଓ କ୍ୟାପ୍‌ରେ ଚଳିଲା କାମ

ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛକୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

ଅପରାହ୍ଣରେ ଅନୁଷ୍ଠିତ ଉଦ୍‌ଯାପନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, କ୍ରୀଡ଼ା ଅଧିକାରୀ ସୁଜାତା ସାହୁ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

● ବିଦ୍ୟାଳୟରେ ଛାତ୍ରଙ୍କୁ ମାଡ଼ ଘଟଣା

## ତଦନ୍ତ କଲେ ଅତିରିକ୍ତ ଶିକ୍ଷା ଅଧିକାରୀ

**ଗଣିଆ,୩।୧୨(ସମିସ):** ଗଣିଆ ବ୍ଲକ୍ ରାସଙ୍ଗ ପଞ୍ଚାୟତ କାଦୁଆ ହଟିଆପଲ୍ଲୀ ବିଦ୍ୟାଳୟରେ ମଙ୍ଗଳବାର ଜଣେ ଛାତ୍ର ଦୁଷ୍ଟାମୀ କରିବାରୁ ତାଙ୍କୁ ବିଦ୍ୟାଳୟ ପ୍ରଧାନଶିକ୍ଷକ ବୁଲୁ ଖମାରି ମାଡ଼ମାରି ହାତ ଆଙ୍ଗୁଠି ଫଟାଇ ଦେଇଥିଲେ। ଏ ନେଇ ଛାତ୍ରର ଅଭିଭାବକ ଗଣିଆ ଥାନାକୁ ଆସିବା ପରେ ସେଠାରେ ଗ୍ରାମବାସୀ ପହଞ୍ଚି ତାଙ୍କୁ ବୁଝାସୁଝା କରି ଘରକୁ ନେଇଥିଲେ। ଏ ନେଇ ବୁଧବାର କେବଳ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶିତ ହେବା ପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ଗଣିଆ ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ନିରୁପମା ମହାପାତ୍ର, ଅତିରିକ୍ତ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ବେହେରା, ସିଆର୍‌ସିସି ସୁଶାନ୍ତ କୁମାର ରଣା ପ୍ରମୁଖ ବିଦ୍ୟାଳୟରେ ପହଞ୍ଚିଥିଲେ। ବିଦ୍ୟାଳୟରେ ପହଞ୍ଚି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ମାଡ଼ ଖାଇଥିବା ଛାତ୍ର ଜଣକ ବିଦ୍ୟାଳୟକୁ ଆସି ନ ଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଧାନଶିକ୍ଷକଙ୍କଠାରୁ ଆରମ୍ଭ କରି ସମସ୍ତ ଶିକ୍ଷକଙ୍କୁ ତାଗିଦ୍ କରିଥିବା ଜଣାପଡ଼ିଛି। ଏପରିକି ଆଗକୁ ଯେପରି ଏଭଳି ଘଟଣା ନ ଘଟିବ ସେଥିପ୍ରତି ଦୃଷ୍ଟି ଦେବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଶିକ୍ଷକଙ୍କମାନେ ଅତିରିକ୍ତ ଶିକ୍ଷା ଅଧିକାରୀଙ୍କୁ ଅଣ୍ଡରଟେକିଂ ଲେଖି ଦେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଅତିରିକ୍ତ ଶିକ୍ଷା ଅଧିକାରୀ ନିରୁପମା ମହାପାତ୍ରଙ୍କୁ ପଚାରିବାରୁ ସେ ବିଦ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ଶିକ୍ଷକମାନେ ଦେଇଥିବା ଅଣ୍ଡରଟେକିଂ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ପ୍ରେରଣ କରିଥିବା ପ୍ରକାଶ କରିଛନ୍ତି। ଏପରିକି ଆଗାମୀ ୧୫ ତାରିଖରେ ଆଉଥରେ ବିଦ୍ୟାଳୟକୁ ଯାଇ ପାଠପଢ଼ା ସହିତ ଅନ୍ୟ ସମସ୍ତ କାର୍ଯ୍ୟକୁ ତଦାରଖ କରିବେ ବୋଲି ପ୍ରକାଶ କରିଛନ୍ତି।

## ଧର୍ମପରାୟଣ ମହିଳାଙ୍କ ପରଲୋକ

**କଣ୍ଟିଲୋ,୩।୧୨(ସମିସ):** କଣ୍ଟିଲୋ ଛାମୁସାହି ପାଟଣାର ଧର୍ମପରାୟଣ ମହିଳା ରଞ୍ଜୁବାଳା ମହାରଣା (୬୪)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ମଧୁମେହ ରୋଗରେ ପୀଡ଼ିତ ଥିଲେ। ମହାନଦୀ କୂଳସ୍ଥିତ ଅଲେଖ ମହିମାଶ୍ରମ ନିକଟସ୍ଥ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିବାବେଳେ ଏକମାତ୍ର ପୁତ୍ର ରବିନ୍ଦ୍ର ମୁଖାଗ୍ନି ଦେଇଥିଲେ। ସେ ସାମ୍ବାଦିକ ଶ୍ରୀପତି ମହାରଣାଙ୍କ ଧର୍ମପତ୍ନୀ ଅଟନ୍ତି। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକପ୍ରକାଶ ପାଇଛି।

● ବାଇକ ଧକ୍କାରେ ଯୁବକ ମୃତ

## ପୁରୀ-ଭୁବନେଶ୍ୱର ରାଜପଥ ଅବରୋଧ

**ପିପିଲି,୩।୧୨(ସମିସ):** ବୁଧବାର ସନ୍ଧ୍ୟାରେ ମଙ୍ଗଳପୁର ନିକଟ ସାନ ସରଗାଇଲ ଛକଠାରେ ଏକ ବାଇକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ମୃତ ଯୁବକ ଜଣଙ୍କ ସାନ ସରଗାଇଲ ଗ୍ରାମର ଧୀରେନ୍ଦ୍ର ବରାଳଙ୍କ ପୁଅ ବିଷ୍ଣୁପ୍ରସାଦ (୨୪ ବର୍ଷ)। ବିଷ୍ଣୁ ଏକ ଜେସିବି ମାଲିକ ପାଖରେ ସୁପରଭାଇଜର ଥିଲେ। ଉକ୍ତ ଜେସିବି ସାନ ସରଗାଇଲ ସିଡ଼ିଠାରେ ଏକ ଟ୍ରକରେ ତାଙ୍କ ତଦାରଖରେ ଲୋଡ ହେଉଥିଲା ବେଳେ ଭୁବନେଶ୍ୱର ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ ବାଇକ ତାଙ୍କୁ ଧକା ଦେଇଥିଲା। ଜେସିବି ଲୋଡ ହେଉଥିବା ଟ୍ରକ ପଛପଟେ ନେଇ ତାଙ୍କୁ ପିଟିଥିଲା। ଦୁର୍ଘଟଣା ପରେ ଗୁରୁତର ଆହତ ଅବସ୍ଥାରେ ନିକଟସ୍ଥ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆଣିଥିଲେ; ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ସ୍ଥାନୀୟ ଲୋକମାନେ ଉତ୍ତ୍ୟକ୍ତ ହୋଇ ରାଜପଥର ଉଭୟ ରାସ୍ତାକୁ ଅବରୋଧ କରିଥିଲେ। ରାତି ଆଠଟାରୁ ସାଢେ ଆଠଟା ପର୍ଯ୍ୟନ୍ତ ଅଧଘଣ୍ଟେ ପାଇଁ ରାସ୍ତାରୋକ ହୋଇଥିଲା। ପିପିଲି ପୁଲିସ ବୁଝାସୁଝା କରି ପରିସ୍ଥିତିକୁ ସ୍ୱାଭାବିକ କରାଇଥିଲା। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲା ପ୍ରାଥମିକ ଶିକ୍ଷକ ମହାସଂଘର ଦାବିପତ୍ର

**ସାକ୍ଷୀଗୋପାଳ,୩।୧୨(ସମିସ):** ଓଡ଼ିଶା ପ୍ରାଥମିକ ଶିକ୍ଷକ ମହାସଙ୍ଘ ଆହ୍ୱାନକ୍ରମେ ଦୁଇ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲ୍ଲା ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପୁରୀ ଜିଲ୍ଲା ଶିକ୍ଷକ ମହାସଙ୍ଘ ପକ୍ଷରୁ ବୁଧବାର ସନ୍ଧ୍ୟାରେ ପ୍ରଦାନ କରାଯାଇଛି। କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ୬ ବର୍ଷ ଚାକିରିକୁ ମୂଳ ଚାକିରିରେ ଗଣନା କରାଯିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ସମୟରେ ସଙ୍ଘର ଆବାହକ ସୁଶ୍ରୀସ୍ମିତା ମହାନ୍ତି ଓ ଶିକ୍ଷକ ବିକ୍ରମ ରଥ, ମିହିର ମିଶ୍ର, ଜୟପ୍ରକାଶ ପ୍ରଧାନ, ବୈକୁଣ୍ଠ ବିଶ୍ୱାଳ, ମୃତ୍ୟୁଞ୍ଜୟ ମହାପାତ୍ର, ବସନ୍ତ ସ୍ୱାଇଁ, ଅନନ୍ତ ନାରାୟଣ ପାତ୍ର ଓ ଶିକ୍ଷୟିତ୍ରୀ ଅଳକା ମିଶ୍ର ପ୍ରମୁଖଙ୍କ ସହ ୧୧ ବ୍ଲକରୁ ୫୩ ଜଣ ଶିକ୍ଷକ ପ୍ରତିନିଧି ଉପସ୍ଥିତ ଥିଲେ।

■ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ଉଦ୍‌ଘାଟିତ

## ନୂଆ ଗାଇଡ୍‌ଲାଇନ୍ ଦେଇ ଭୂଆଁ ବୁଲାଇଲେ ସମ୍ପାଦକ



**ଓଡ଼ଗାଁ,୩।୧୨(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ କେନ୍ଦ୍ର ସମବାୟ ବ୍ୟାଙ୍କ ଓଡ଼ଗାଁ ଶାଖା କଲେଜ ରୋଡ୍, ଦଳକକୁ ସ୍ଥାନାନ୍ତରିତ ହୋଇଛି। ବୁଧବାର ସକାଳେ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଆନୁଷ୍ଠାନିକ ଭାବେ ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ଉକ୍ତ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ଦୀର୍ଘ ବର୍ଷ ଧରି ଓଡ଼ଗାଁ ଲକ୍ଷ୍ମୀ ବଜାର ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ସାମ୍ନାରେ କାର୍ଯ୍ୟ କରିଆସୁଥିବା ବେଳେ ବୁଧବାରଠାରୁ ଦଳକ କଲେଜ ରୋଡ୍ ସନ୍ତୋଷୀ ମା' ମନ୍ଦିର ସାମ୍ନାରେ ଏହି ବ୍ୟାଙ୍କ ଶାଖା କାର୍ଯ୍ୟକ୍ଷମ ହୋଇଛି। ବୁଧବାର ନିର୍ଦ୍ଧାରିତ ସମୟ ପୂର୍ବାହ୍ଣ ୧୧.୩୦ରେ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଓଡ଼ଗାଁ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ, ନୟାଗଡ଼ ଜିଲ୍ଲା ସମବାୟ ବ୍ୟାଙ୍କ ସମ୍ପାଦକ ଅଜୟ ପଟ୍ଟନାୟକ, ନୟାଗଡ଼ ସମବାୟ ସମିତି ସମୂହ ଉପନିବନ୍ଧକ ଅନନ୍ତ କୁମାର ନାୟକ, ସମବାୟ ବ୍ୟାଙ୍କ ସହକାରୀ ସାଧାରଣ ପରିଚାଳକ ସରୋଜ ସାହାଣୀଙ୍କ ସହିତ ଓଡ଼ଗାଁ ବ୍ୟାଙ୍କ ଶାଖା ଅନ୍ତର୍ଗତ ସମବାୟ ସମିତି ସମ୍ପାଦକମାନେ ଉତ୍ସବରେ ଯୋଗଦେଇଥିଲେ। ନିବନ୍ଧକ ସମବାୟ ସମିତି ସମୂହ, ଓଡ଼ିଶାଙ୍କ ସ୍ୱୀକୃତି କ୍ରମେ ଶାଖା ସ୍ଥାନାନ୍ତର ହୋଇଛି। କାର୍ଯ୍ୟକ୍ଷମ ୧ ମାସ ମଧ୍ୟରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ନାବାର୍ଡ଼କୁ ବ୍ୟାଙ୍କ ଶାଖା ସ୍ଥାନାନ୍ତର ସମ୍ପର୍କରେ ସୂଚନା ପ୍ରଦାନ କରାଯିବ ବୋଲି କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ କହିଥିଲେ। ଏହା ସହିତ ଗତ ନଭେମ୍ବର ୨୮ରେ ଆର୍‌ବିଆଇ ପକ୍ଷରୁ ପ୍ରକାଶିତ ନୂତନ ଗାଇଡ୍‌ଲାଇନ୍‌କୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରଦାନ କରିଥିଲେ। ଗତ ଅକ୍ଟୋବର ମାସରୁ ବ୍ୟାଙ୍କ ସ୍ଥାନାନ୍ତରଣ ପାଇଁ ନିଷ୍ପତ୍ତି ହୋଇଥିବାବେଳେ ନୂଆ ଗାଇଡ୍‌ଲାଇନ୍‌କୁ ଆଳ କରିବା ସାଂଘାତିକ ବିଷୟ ବୋଲି ଅଭିଯୋଗ ହୋଇଛି। ଉକ୍ତ ଗାଇଡ୍‌ଲାଇନ୍‌ରେ ସ୍ପଷ୍ଟ ଭାବେ ପରିଚାଳନା ପରିଷଦ ଅନୁମତି ଆବଶ୍ୟକ ବୋଲି ଉଲ୍ଲେଖ ଥିବାବେଳେ ପରିଚାଳନା ପରିଷଦଠାରୁ ବ୍ୟାଙ୍କ ଶାଖା ସ୍ଥାନାନ୍ତରଣ ପାଇଁ ଅନୁମତି କେବେ ନିଆଗଲା ବୋଲି ପ୍ରଶ୍ନ ଉଠିଛି। ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ମନମୁଖୀ କାର୍ଯ୍ୟ ଚରମସୀମାରେ ପହଞ୍ଚିଥିବା ଆଲୋଚନା ହେଉଛି।

## ବ୍ଲକ୍‌ସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ

**ବ୍ରହ୍ମଗିରି,୩।୧୨(ସମିସ):** ବୁଧବାର ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବିଜେବି ସରକାରୀ ଉଚ୍ଚ ବିଦ୍ୟାଳୟ ଗଡ଼ରୋଡ଼ଙ୍ଗ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ବ୍ରହ୍ମଗିରି ଆଲୋକ କୁମାର ବନ୍ଧଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଉନ୍ନୟନ ଧିକାରୀ ମନିଷା ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ ଡ଼. ଚିତ୍ତରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀକୁମାର ଆଚାର୍ଯ୍ୟ, ସରପଞ୍ଚ ଗଡ଼ରୋଡ଼ଙ୍ଗ ନମିତା ବଳିଆରସିଂ, ଯୋଗ ଦେଇଥିଲେ। ସେହିପରି ମଧ୍ୟାହ୍ନରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା, ମୁଖ୍ୟବକ୍ତା ଅଧ୍ୟକ୍ଷ ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମଣ୍ଡଳସହ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ସେଠୀ, ମନୋଜ କୁମାର ବେହେର ଓ ପରିଚାଳନା କମିଟି ଅଧ୍ୟକ୍ଷା ଅହଲ୍ୟା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ମୋଟ ୧୪୧ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିରୁ ୬ଟି ଜିଲ୍ଲାସ୍ତରକୁ ମନୋନୀତ ହୋଇଛି। ଜିଲ୍ଲାସ୍ତରକୁ ମନୋନୀତ କୃତୀ ପ୍ରକଳ୍ପଧାରୀଙ୍କୁ ପୁରସ୍କୃତ କରାଯାଇଥିଲା।

● ପୁତୁରା କଟୁରୀ ଚୋଟରେ ଦାଦା ମୃତ୍ୟୁ ମାମଲା

## ମୁଖ୍ୟ ଅଭିଯୁକ୍ତ ସହ ୬ ଅଟକ



**ବଳଙ୍ଗା,୩।୧୨(ସମିସ):** ପାରିବାରିକ ବିବାଦକୁ କେନ୍ଦ୍ରକରି ବଳଙ୍ଗା ଥାନା ତୋରିହିଁ ବନ୍ଧ ଗ୍ରାମର ଅମିୟ ପ୍ରଧାନ ହତ୍ୟା ମାମଲାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଅମିୟଙ୍କ ପୁତୁରା ସହ ୬ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ପୁଲିସ ଏହି ଘଟଣାରେ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରୀ ସହ ଗୋଟିଏ ବୁଲେଟ ବାଇକକୁ ଜବତ କରିଛି। ଏହାସହ ଶବ ବ୍ୟବଚ୍ଛେଦ କରି ପରିବରକୁ ହସ୍ତାନ୍ତର କରିଛି। ବୁଧବାର ପୂର୍ବାହ୍ଣରେ ମୃତ ଅମିୟଙ୍କ ପତ୍ନୀ କୌଶଲ୍ୟା ସ୍ୱାଇଁଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି। କୌଶଲ୍ୟାଙ୍କ ଅଭିଯୋଗ ଅନୁସାରେ ଗତକାଲି ଅମିୟଙ୍କୁ ତାଙ୍କ ଦେଢ଼ଶୁର, ଯାଆ, ପୁତୁରା ଅଶ୍ୱିନୀ ଓ ଝିଅ ଜ୍ୱାଇଁମାନେ ହତ୍ୟା କରିଥିଲେ। ଏହି ଘଟଣାରେ ବଳଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା, ପିପିଲି ଡିଏସପି ଦେବାଶିଷ ମିଶ୍ର ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳ ପରିଦର୍ଶନ କରି ରକ୍ତ ନମୁନା ସଂଗ୍ରହ କରିଛନ୍ତି।

**ନୟାହାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତାଲା**

## ନିରାଶରେ ଫେରିଲେ ଛାତ୍ରଛାତ୍ରୀ




**ନୟାହାଟ,୩।୧୨(ସମିସ):** ନୟାହାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ତାଲା ପଡ଼ିଥିବାବେଳେ ପାଠ ପଢିବାକୁ ଆସି ଶହଶହ ଛାତ୍ରଛାତ୍ରୀ ଓ ଜନୈକ ଅଧ୍ୟାପକ ମଧ୍ୟ କଲେଜ ଭିତରକୁ ଯିବାକୁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିଥିଲେ। ଏ ସମ୍ପର୍କରେ ଆମ ପ୍ରତିନିଧି ଘଟଣା ସ୍ଥଳରେ ପହଞ୍ଚି ଶୁଣିବାକୁ ପାଇଥିଲେ ଯେ, କଲେଜର ଅଧ୍ୟକ୍ଷ, ଅଧ୍ୟାପିକା, କର୍ମଚାରୀ ୬୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଯାଜପୁର ଜିଲ୍ଲାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଯାଇଛନ୍ତି। କଲେଜ୍ ସଭାପତି ଦାୟିତ୍ୱରେ ଥିବା ପୁରୀ ଉପଜିଲ୍ଲାପାଳ ରାଜକିଶୋର ଜେନାଙ୍କୁ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ସେ ନଉଠାଇବାରୁ ତାଙ୍କ ମତାମତ ମିଳିପାରିନାହିଁ। ଏସମ୍ପର୍କରେ ଭୁବନେଶ୍ୱରରେ ଥିବା ଶିକ୍ଷା ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଥିଲେ ଯେ, ମୁଁ ଏ ସମ୍ପର୍କରେ କିଛି ଜାଣିନାହିଁ କି କାହାକୁ ନିର୍ଦ୍ଦେଶ ଦେଇନାହିଁ। କଲେଜ୍ ଚାଲୁଥିବା ସମୟରେ ପିକ୍‌ନିକ୍ ଯିବା ମନା। ଏସମ୍ପର୍କରେ ଇମେଲ୍ ଯୋଗେ ଅଭିଯୋଗ ପହଞ୍ଚିଛି, ନୟାହାଟ କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ପ୍ରତିନିଧି ଶିକ୍ଷା ବିଭାଗ ନିର୍ଦ୍ଦେଶିକାଙ୍କୁ ଜଣାଇବର ୨ ଘଣ୍ଟା ପରେ ଜନୈକ ଚପରାଶି ପହଞ୍ଚି ଗେଟ୍ ତାଲା ଖୋଲିଥିଲେ। ଇଂରାଜୀ ଅଧ୍ୟାପକ ଭିତରକୁ ଯାଇ ସବୁ ରୁମ୍ ତାଲା ପଡ଼ିଥିବା ଦେଖି ନିରାଶ ହୋଇ ଫେରିଥିଲେ। ମାସେ ହେଲା ନିଯୁକ୍ତି ପାଇଥିବା କଲେଜ୍ ଅଧ୍ୟକ୍ଷ ନୟାହାଟ ଅଞ୍ଚଳର ବାସିନ୍ଦା ହୋଇଥିବାରୁ ତାଙ୍କର ଏହିପରି ମନମୁଖୀ କାର୍ଯ୍ୟ ପାଇଁ ସାଧାରଣରେ ଜନ ଅସନ୍ତୋଷ ପ୍ରକାଶ ପାଇଛି। ତାଙ୍କ ସ୍ଥାନରେ ଅଲଗା କଲେଜରୁ ବରିଷ୍ଠ ଅଧ୍ୟାପକ ଙ୍କୁ ଅଣାଯାଇ ନୟାହାଟ କଲେଜରେ ଅଧ୍ୟାପକ କରାଯିବାକୁ ଦାବି ହେଉଛି। ଏଦିଗରେ ଶିକ୍ଷା ବିଭାଗ ନିର୍ଦ୍ଦେଶିକାଙ୍କୁ ଦୃଷ୍ଟି ଦେବାକୁ ଦାବି ହେଉଛି।

## ରାସ୍ତା ସମ୍ପ୍ରସାରଣ ପାଇଁ ପାଣି ଲାଇନ୍ କାଟିଦେଲେ

**ବଳଙ୍ଗା,୩।୧୨(ସମିସ):** ରାସ୍ତା ସମ୍ପ୍ରସାରଣ ପାଇଁ ବିଭିନ୍ନ ସ୍ଥାନରେ କଲଭର୍ଟ କାମ ଆରମ୍ଭ କରି ଅଧପନ୍ତରିଆ ଅବସ୍ଥାରେ କାମ ବନ୍ଦ କରି ରଖିଛନ୍ତି ଠିକାଦାର।



ଅଞ୍ଚଳବାସୀ ହନ୍ତସନ୍ତ

ହରିପୁରଠାରୁ ବାମନାଳ ଭାୟା ବଳଙ୍ଗା ଦେଇ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଛି। ରାସ୍ତା କାର୍ଯ୍ୟ କରୁଥିବା ଠିକାଦାର ଜଣକ ଏହି ରାସ୍ତାର ଗଡ଼ଚାନ୍ଦପୁରଠାରେ ଦୀର୍ଘ ୧୦ ଦିନ ହେବ ବସୁଧା ପାଣି ଲାଇନ୍ କାଟିବା ହେତୁ ଅରେଇସାହି, ମେଳକ ସାହି, ସୁନିନ୍ଦା, ସୁନିନ୍ଦା ମଳିକ ସାହି, ଉତ୍ତରଗଡ଼, ମଳିକ ସାହି ଆଦି ଗ୍ରାମବାସୀ ପାଣି ବିନା ହନ୍ତସନ୍ତ ହୋଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ରାସ୍ତା କାର୍ଯ୍ୟ ସହିତ ପାଣି କାମ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏହି ରାସ୍ତାରେ କଲଭର୍ଟ ପାଇଁ ଖୋଳି ଦେଇଥିବାରୁ ଜନସାଧାରଣ ଯିବା ଆସିବାପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀ ଦୃଷ୍ଟି ପକାଇବାକୁ ଦାବି କରିଛନ୍ତି।

## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ



**ସାକ୍ଷୀଗୋପାଳ,୩।୧୨(ସମିସ):** ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଶ୍ରୀ ନୃସିଂଦେବ ଆଞ୍ଚଳିକ ଯୁବ ପରିଷଦ ଦ୍ୱାରା ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ସତ୍ୟବାଦୀ ମଣ୍ଡଳ ଉନ୍ନୟନ ଅଧିକାରୀ ଦେବାଶିଷ ନାୟକ ଏବଂ ଟେକ ମହିନ୍ଦ୍ରାର ମ୍ୟାନେଜର ରଶ୍ମିରଂଜନ ମହାନ୍ତି, ଅନୁଷ୍ଠାନର ଉପସଭାପତି ରବୀନ୍ଦ୍ର ତ୍ରିପାଠୀ, ଶ୍ରୀ ନୃସିଂହ ଦେବ ଆଞ୍ଚଳିକ ଯୁବ ପରିଷଦର ସମ୍ପାଦିକା ମମତା ମିଶ୍ର, ଶିଶୁ କଲ୍ୟାଣ କମିଟିର ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ ଏବଂ ଶ୍ରଦ୍ଧା ଫାଉଣ୍ଡେସନ ଟ୍ରଷ୍ଟର ସମ୍ପାଦକ ପ୍ରଭାତ ସାମନ୍ତରା ଯୋଗ ଦେଇଥିଲେ। ରବୀନ୍ଦ୍ର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। କୁନିକୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ସଂଗୀତ ଏବଂ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

● ୩୬ତମ କୋଣାର୍କ ଉତ୍ସବର ତୃତୀୟ ସନ୍ଧ୍ୟା

# ମନ ମୋହିଲା ଓଡ଼ିଶୀ, କଥକଳି

କୋଣାର୍କ,୩।୧୨(ସମିସ)

କୋଣାର୍କ ଉତ୍ସବର ତୃତୀୟ ସନ୍ଧ୍ୟାରେ ଓଡ଼ିଶୀ ଓ କଥକଳି ନୃତ୍ୟ ଶୈଳୀର ଅପୂର୍ବ କଳା ଓ କଳ୍ପନା ଦେଖିବାକୁ ମିଳିଥିଲା କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରର ସୃଜନ ଅନୁଷ୍ଠାନର ଗୁରୁ ରତିକାନ୍ତ ମହାପାତ୍ର ଓ ସାଥୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା ଓଡ଼ିଶୀ ନୃତ୍ୟ। ଶିଳ୍ପୀମାନଙ୍କ ପ୍ରସ୍ତୁତିରେ ଥିଲା 'ଅଦ୍ୱିତୀୟମ୍'। ଦ୍ରୁତ ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ଦ୍ୱାରା କାଳଜୟୀ ଜ୍ଞାନକୁ ପୁନର୍ଜୀବିତ କରି ପ୍ରାଚୀନ ଭିତରେ ଆଧୁନିକକୁ ଖୋଜିବା ଏହି ପ୍ରସଙ୍ଗର ଆଭିମୁଖ୍ୟ। ଗୁରୁ କେଳୁଚରଣ ମହାପାତ୍ରଙ୍କ ଅମର ଐତିହ୍ୟ ଦ୍ୱାରା ଅନୁପ୍ରାଣିତ ହୋଇ ଓଡ଼ିଶୀରେ ନୂତନ ସୃଜନଶୀଳ ସୀମା ଅନୁସନ୍ଧାନ କରିବା ପାଇଁ ତାଙ୍କର ଦୂରଦୃଷ୍ଟିପୂର୍ଣ୍ଣ ତଥ୍ୟକୁ ସଂରକ୍ଷଣ କରି ଶାସ୍ତ୍ରୀୟ ଶବ୍ଦାବଳୀ ସହିତ ଏହା ବିବର୍ତ୍ତନକୁ ଗ୍ରହଣ କରେ, ପରମ୍ପରାକୁ ନବସୃଜନ ସହିତ ସମନ୍ୱୟ କରେ। ଏହି ନବଶାସ୍ତ୍ରୀୟ ଅନୁସନ୍ଧାନଗୁଡ଼ିକ ଐତିହ୍ୟ ଏବଂ ପ୍ରଗତି ମଧ୍ୟରେ ସଂଳାପକୁ ସମର୍ଥନ କରେ। ନିଶ୍ଚିତ କରେ ଯେ ଓଡ଼ିଶୀ ପ୍ରାସଙ୍ଗିକ, ଶ୍ରଦ୍ଧାଳୁ ଏବଂ ସୌନ୍ଦର୍ଯ୍ୟପୂର୍ଣ୍ଣ ଭାବରେ ଆଗେଇ ଚାଲିଛି ଯାହା ଭକ୍ତି, ବୁଦ୍ଧି ଏବଂ କଳାକୃତି ଦ୍ୱାରା ଆକୃତିପ୍ରାପ୍ତ। ଏହି ପ୍ରସ୍ତୁତିଟିର ନୃତ୍ୟ ସଂରଚନା ଗୁରୁ ରତିକାନ୍ତ ମହାପାତ୍ର କରିଥିଲା ବେଳେ ସଙ୍ଗୀତ ସଂଯୋଜନା ପଣ୍ଡିତ ଭୁବନେଶ୍ୱର ମିଶ୍ର, ପଣ୍ଡିତ ରଘୁନାଥ ପାଣିଗ୍ରାହୀ ଏବଂ ଅଗ୍ନିମିତ୍ର ବେହେରା ଆଲୋକ ଡିଜାଇନ୍ କରିଥିଲେ। ସଞ୍ଚାଳନ ଦେବୀପ୍ରସାଦ ମିଶ୍ର କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ କେରଳ କଳାମଣ୍ଡଳମର ଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା କଥକଳି ନୃତ୍ୟ। ସେମାନଙ୍କ ପ୍ରସ୍ତୁତିରେ ଥିଲା ଦୁର୍ଯ୍ୟୋଧନ ବଧ, ଉୟାସ୍କର ଆର୍ଯ୍ୟନ୍ ନାରାୟଣନ୍ ମୁସାଦଙ୍କ ଦ୍ୱାରା ଲିଖିତ ଏକ କଥକଳି ନୃତ୍ୟ ନାଟିକା ଯାହା ମହାଭାରତର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକୁ ନାଟକୀୟ କରିଥିଲା। ଦୁର୍ଯ୍ୟୋଧନଙ୍କ ଅହଂକାରର ଉତ୍ଥାନ ଏବଂ ତାଙ୍କର ଚୂଡ଼ାନ୍ତ ପତନକୁ ଦର୍ଶାଇଥିଲା।

ଚନ୍ଦ୍ରଭାଗାର ବାଲୁକା ବେଳାଭୂମିରେ ୧୫ତମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବର ତୃତୀୟ ଦିନର ବିଷୟବସ୍ତୁ ପୁରୁଷ ବାଲୁକା କଳା ଶିଳ୍ପୀଙ୍କ ପାଇଁ ଥିଲା ସାମୁଦ୍ରିକ ଜୀବନ ଏବଂ ମହିଳା ବାଲୁକା କଳା ଶିଳ୍ପୀମାନଙ୍କ ପାଇଁ ଥିଲା ମହିଳା ସଶକ୍ତିକରଣ। ମୁକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଡକ୍ଟର ମୃତ୍ୟୁଞ୍ଜୟ ରଥ ଓ ନାଜିୟା ଆଲ୍ଲମ। ପରିଚାଳନରେ ସହଯୋଗ କରିଥିଲେ ଡକ୍ଟର ସଂଗୀତା ଗୋସାଇଁ।



## ତିଗିରିଆରେ କୃଷିଭିତ୍ତିକ ଶ୍ରମିକ ସଙ୍କଟ; ଚିନ୍ତାରେ ଚାଷୀ

# ବିଲରେ ଶୋଇଛି ହେକ୍ଟର ହେକ୍ଟର ସୁନାର ଫସଲ



ତିଗିରିଆ,୩।୧୨(ସମିସ): ତିଗିରିଆ ବ୍ଲକର ମୋଟ ୫୦ଟି ରାଜସ୍ୱ ଗ୍ରାମରେ ଥିବା ହଜାର ହଜାର ହେକ୍ଟର ଚାଷଜମିରେ ଏବେ ସୁନାର ଫସଲ ଧାନ ଲହଡି ଭାଙ୍ଗୁଛି। ସାମୁଦ୍ରିକ ବାତ୍ୟା ମୋନ୍ଥା ପ୍ରଭାବରେ ବହୁ ପରିମାଣର ଜମିରେ ପାଚିଲା ଗଛ ବିଲରେ ଶୋଇପଡିଛନ୍ତି। ସମ୍ପ୍ରତି ତିଗିରିଆ ବ୍ଲକର କୃଷିକ୍ଷେତ୍ରରେ କାର୍ଯ୍ୟ କରିବାକୁ କୃଷିଭିତ୍ତିକ ଶ୍ରମିକ ମିଳିବା ଏକ ବଡ ସଙ୍କଟ ପାଲଟିଛି। ପବନ ମାଡ ସହ ପାଚିଲା ଧାନକୁ କାଟି ଅମଳ କରିବା ଏବେ ଚାଷୀମାନଙ୍କ ଚିନ୍ତାର କାରଣ ପାଲଟିଛି। ସରକାରୀ ନଥିପତ୍ରରେ ହଜାର ହଜାର ଶ୍ରମିକ କାମ ନ ପାଇ ଘରେ ବସିରହିଥିବା ବେଳେ ଚାଷୀ ନିଜର ମୁଣ୍ଡ ଝାଳ ତୁଣ୍ଡରେ ମାରି ନିଜ କ୍ଷେତବାଡିରେ ଚାଷ କରିଥିବା ସୁନାର ଫସଲକୁ କାଟିବା ପାଇଁ ଶ୍ରମିକ ପାଉ ନ ଥିବା ବେଳେ ଧାନ ଅମଳ ପାଇଁ ଅତ୍ୟାଧୁନିକ ହାର୍ଭେଷ୍ଟର ମେସିନ ମଧ୍ୟ ପାଉନାହାଁ। ଏପରି ପରିସ୍ଥିତିରେ ପାଚିଲା ଧାନ ସବୁ ବିଲରେ ପଡି ନଷ୍ଟ ହେବାକୁ ବସିଲାଣି। ସୂଚନା ମୁତାବକ ଚଳିତ ବର୍ଷ ତିଗିରିଆ ବ୍ଲକ ଅଧିନ ଅଚଳକୋଟ, ଭିରୁଡା, ପାଞ୍ଚଗାଁ, ସୋମପଡା, ନିଜିଗଡ, ପୁରୁଣା ତିଗିରିଆ, ବିନ୍ଧାଣିମା, ବାଲିପୁଟ, ଡନାଉପୁଟ, ହାଟମାଳ, ଗଦାଧରପୁର, ଜେମାଦେଇପୁର, ଭୋଗରା ଓ ନୂଆପାଟଣା ଆଦି ପଞ୍ଚାୟତ ଅଧିନ ୫୦ଟି ରାଜସ୍ୱ ଗ୍ରାମରେ ଭଲ ଧାନ ଫସଲ ହୋଇଛି। ସରକାରୀ ତଥ୍ୟ ଅନୁଯାୟୀ ଚଳିତ ବର୍ଷ କୃଷି ପ୍ରଧାନ ତିଗିରିଆ ବ୍ଲକର ମୋଟ ୫୦ଟି ରାଜସ୍ୱ ମୌଜାର ୪୩୫୯ ହେକ୍ଟର ଚାଷଜମିରେ ଧାନଫସଲ ଲଗାଯାଇଛି। ନଭେମ୍ବର ମାସ ପ୍ରଥମ ସପ୍ତାହରୁ ବ୍ଲକର ବିଭିନ୍ନ ଅଞ୍ଚଳରେ ଲଗାଯାଇଥିବା ଅପେକ୍ଷାକୃତ ସଅଳ କିଶମର ଧାନ କଟା ସରି ପ୍ରାୟତଃ ଅମଳ କାର୍ଯ୍ୟ ସରିଯାଇଛି ଓ ବର୍ତ୍ତମାନ ବଡଧାନ କାଟି ଅମଳ କରିବାର ସମୟ ଆସିଛି। ସଂପ୍ରତି ଏହି ଅଞ୍ଚଳର ୯୦ ପ୍ରତିଶତ ଧାନ କଟାହେବା ଅପେକ୍ଷାରେ ଥିବା ବେଳେ କୃଷିକ୍ଷେତ୍ରରୁ ଧାନକୁ କାଟି ଏହାର ଅମଳ କାର୍ଯ୍ୟ ସମ୍ପାଦିତ କରିବା ପାଇଁ ଉଭୟ କୃଷିଭିତ୍ତିକ ଶ୍ରମିକ ସଙ୍କଟ ସହିତ ଅତ୍ୟାଧୁନିକ ଧାନକଟା ଓ ଅମଳ ମେସିନ ହାର୍ଭେଷ୍ଟରର ସଙ୍କଟ ସୃଷ୍ଟି ହୋଇଛି। କୃଷିକ୍ଷେତ୍ରରେ କାର୍ଯ୍ୟ କରିବାକୁ ଶ୍ରମିକମାନେ ଆଉ ରାଜି ହେଉ ନ ଥିବା ବେଳେ ଆଜିର ଯୁବପିଢି ଧିରେ ଧିରେ କୃଷକ୍ଷେତ୍ର ପ୍ରତି ମନଉଣା କରିବା ଆରମ୍ଭ କଲେଣି। ଉଭୟ କୃଷିଭିତ୍ତିକ ଶ୍ରମିକ ଓ ହାର୍ଭେଷ୍ଟର ମେସିନ ସଙ୍କଟ ପାଇଁ ଚଳିତ ବର୍ଷ ଧାନ ଅମଳ ବିଶେଷ ଭାବେ ବାଧାପ୍ରାପ୍ତ ହୋଇଛି। ଅନ୍ୟପକ୍ଷରେ ଏପରି ଧାରା ଲାଗି ରହିଲେ ଆସନ୍ତା ଦିନରେ ଚାଷୀମାନେ ଚାଷ ପ୍ରତି ବିମୁଖ ହେବେ ବୋଲି ଆକଳନ କରାଯାଇଛି।

## ସ୍ତ୍ରୀର ନିର୍ଯାତନା ଅସହ୍ୟ; ଯୁବକଙ୍କ ଆତ୍ମହତ୍ୟା



ଭଦ୍ରେଶ୍ୱର,୩।୧୨(ସମିସ): ମାହାଙ୍ଗା ବ୍ଲକ ଜଳେଶ୍ୱରପୁର ଗ୍ରାମପଞ୍ଚାୟତ କାହ୍ନୁପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପତ୍ନୀ ଦ୍ୱାରା ବାରମ୍ବାର ମାନସିକ ନିର୍ଯାତନାର ଶିକାର ହୋଇ ଶେଷରେ ସ୍ୱାମୀ ଆତ୍ମହତ୍ୟା କରିବା ଘଟଣାକୁ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। କାହ୍ନୁପୁର ଗ୍ରାମର ମୋହନ ବାରିକଙ୍କ ପୁତ୍ର ଉମେଶ ଚନ୍ଦ୍ର ବାରିକ ବାଲେଶ୍ୱର ଫକୀରମୋହନ ବିଶ୍ୱ ବିଦ୍ୟାଳୟରେ ଷ୍ଟେନୋ ରୂପେ କାର୍ଯ୍ୟ କରନ୍ତି। ଉମେଶ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଭେଡା ସାଲେପୁର ଗ୍ରାମରେ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ବିବାହର ମାତ୍ର ଅଳ୍ପ ଦିନ ପରେ ପତି ପତ୍ନୀଙ୍କ ମଧ୍ୟରେ କୌଣସି କାରଣକୁ କେନ୍ଦ୍ରକରି ବିବାଦର ସୂତ୍ରପାତ ହୋଇଥିଲା। ଫଳରେ ତାଙ୍କର ପତ୍ନୀ ଶାଶୁଘର ଛାଡି ନିଜ ବାପଘରକୁ ପଳାଇ ଯାଇଥିଲେ। ପତ୍ନୀ ବାପ ଘରେ ରହି ଭରଣପୋଷଣ ନିମନ୍ତେ ସ୍ୱାମୀଙ୍କ ଠାରୁ ୨୫ଲକ୍ଷ ଟଙ୍କା ଦାବି କରିଆସୁଥିବାର ତାଙ୍କ ପରିବାର ସୂତ୍ରରୁ ପ୍ରକାଶ। ତେବେ ପତ୍ନୀଙ୍କ ନିର୍ଯାତନାରେ ମାନସିକସ୍ତରରେ ଭାଙ୍ଗିପଡି ଉମେଶ ୩ ଦିନ ତଳେ ନିଖୋଜ ହୋଇଯାଇଥିଲେ। ତେବେ ଟାଙ୍ଗି ଚୌଦ୍ୱାର ନିକଟବର୍ତ୍ତୀ ରେଳ ଲାଇନରେ ତାଙ୍କର ମୁଣ୍ଡ ଗଣ୍ଡି ପଡିଥିବାର ଦେଖିବାକୁ ମିଳିଥିଲା। ଖବର ପାଇ ଘର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କର ଶବକୁ ଉଦ୍ଧାର କରି ପୈତୃକ ଗ୍ରାମକୁ ଆଣିଥିଲେ। ତାଙ୍କର ଶବକୁ ଶୋକାକୂଳ ପରିବେଶରେ ଦାହ କରାଯାଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସନ୍ଥ ଦିନମଣି ଦାସଙ୍କ ବ୍ରହ୍ମଲୀନ ସମାଧି ପ୍ରତିଷ୍ଠା ଉତ୍ସବ



ମାହାଙ୍ଗା,୩।୧୨(ସମିସ): ଓଡ଼ିଶାର ଆଧ୍ୟାତ୍ମିକ ଜଗତରେ ଅଖାପାଲିଆ ବାବା ବା ସନ୍ଥ ଦିନମଣୀ ଦାସ ମହାରାଜ ନାମରେ ବେଶ ପରିଚିତ ଥିବା ପୂଜ୍ୟ ବ୍ରହ୍ମ ଅବଧୂତ ସନ୍ଥ ଦିନମଣୀ ଦାସ ଆଉ ଇହଧାମରେ ନାହାଁନ୍ତି। ତାଙ୍କ ଦେହତ୍ୟାଗର ଏକବିଂଶତମ ତିଥିରେ, ସନ୍ଥ ଅରକ୍ଷିତ ଦାସଙ୍କ ସାଧନା ପୀଠ ଓଳାଶୁଣୀ ପାଦଦେଶରେ ଅବସ୍ଥିତ ଐତିହାସିକ ଲଳିତଗିରିଠାରେ ଥିବା ତାଙ୍କ ସାଧନା ପୀଠ ଓ ଆଶ୍ରମରେ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାବାଙ୍କ ବ୍ରହ୍ମଲୀନ ଅବସରରେ ଲଳିତଗିରି ଆଶ୍ରମ ପ୍ରାଙ୍ଗଣରେ ସମାଧି ପ୍ରତିଷ୍ଠା, ଗୀତା ଭାଗବତ ପଠନ ଏବଂ ପୁସ୍ତକ ଉନ୍ମୋଚନ ଉତ୍ସବ ଆୟୋଜିତ ହୋଇଥିଲା। ଓଳାଶୁଣୀ ମଠର ମହନ୍ତ ନାମାନନ୍ଦ ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏକ ବିରାଟ ସନ୍ଥ ସମାବେଶ ଦେଖିବାକୁ ମିଳିଥିଲା। ଏହି ଅବସରରେ ବାବାଙ୍କ ସ୍ମୃତିରେ 'ବ୍ରହ୍ମାନନ୍ଦ ସ୍ମରଣେ' ଶୀର୍ଷକ ଏକ ସ୍ମରଣିକାକୁ ସ୍ଥାନୀୟ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଉନ୍ମୋଚନ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମହନ୍ତ ସୁଧାକର ଦାସ, ମହନ୍ତ ପରମେଶ୍ୱର ମହାରାଜ, ମହନ୍ତ ସରୋଜ ରାମ ଦାସ, ମହନ୍ତ ଆସାରାମ ଦାସ, ମହନ୍ତ ପର୍ଶୁରାମ ଦାସ, ମହନ୍ତ ପରାଶର ଦାସ, ମହନ୍ତ ହିମାଂଶୁ ଶେଖର ଦାସ, କ୍ଷେତ୍ରମୋହନ, ଜିତେନ୍ଦ୍ର ଶତପଥୀ, ସାମ୍ବାଦିକ ଭକ୍ତ ଚରଣ ସାହୁ, ଅମରେନ୍ଦ୍ର ସିଂ, ସାହିତ୍ୟିକ ଅଖିଳେଶ ମହାନ୍ତି, ଅଜୟ ମହାନ୍ତି, ବିଳାସ ଚନ୍ଦ୍ର ବାରିକ, ଯଯାତି ସିଂ, ପ୍ରଦୀପ୍ତ ମହାରଣା ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ବକ୍ତା ବାବାଙ୍କ ଅହିଂସା ଓ ଆଦର୍ଶ ଜୀବନଶୈଳୀକୁ ଯୁବ ସମାଜ ପାଇଁ ଅନୁକରଣୀୟ ବୋଲି ଆହ୍ୱାନ ଦେବା ସହ ତାଙ୍କ ଆଧ୍ୟାତ୍ମିକ ବାଣୀର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ, ବୁଦ୍ଧିଜୀବୀ ତଥା ବାବାଙ୍କ ଶହ ଶହ ଆଶ୍ରିତ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ନିରତାରରେ ବିଶ୍ୱ ଭିନ୍ନକ୍ଷମ ଦିବସ



କଣ୍ଟାପଡ଼ା,୩।୧୨(ସମିସ): ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ଦିବ୍ୟାଙ୍ଗଙ୍କ ପାଇଁ ଉତ୍ସର୍ଗକୃତ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଅଧୀନରେ କାର୍ଯ୍ୟରତ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା (ଏସ୍‌ଭି ନିରତାର)ରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଭିନ୍ନକ୍ଷମଙ୍କ ଦ୍ୱାରା ଆୟୋଜିତ ଓ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଷ୍ଟଲକୁ ମୁଖ୍ୟଅତିଥି ଭୁବନେଶ୍ୱର ସ୍ଥିତ ରାଜଧାନୀ ଡାକ୍ତରଖାନାର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡାକ୍ତର ଚିତ୍ତ ରଞ୍ଜନ ଦାଶ ଉଦଘାଟନ କରିଥିଲେ। ପରେ ନିରତାର ନିର୍ଦ୍ଦେଶକ ଡ଼ ପତିତ ପାବନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକାର୍ଯ୍ୟରେ ବରିଷ୍ଠ ନିଶ୍ଚେତକ ବିଶେଷଜ୍ଞ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ଡ଼ ମହାନ୍ତି ନିରତାର ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଭିନ୍ନକ୍ଷମଙ୍କୁ ବିଭିନ୍ନ ସହାୟତା ଉପକରଣ ମୁଖ୍ୟଅତିଥି ବିତରଣ କରିଥିଲେ ଏବଂ ଭିନ୍ନକ୍ଷମଙ୍କ ଦ୍ୱାରା ଅନୁଷ୍ଠିତ ବିଭିନ୍ନ ଖେଳକୁଦ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ପରେ ଅପରାହ୍ନରେ ଦିବ୍ୟାଙ୍ଗଙ୍କ ଦ୍ୱାରା ଚିତ୍ତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ପ୍ରଶାସନିକ ଉପ ନିର୍ଦ୍ଦେଶକ ଇଂ ସତ୍ୟଜିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ



କିଶନନଗର,୩।୧୨(ସମିସ): ଅବିଭକ୍ତ କଟକ ଜିଲ୍ଲାର ଜଣାଶୁଣା ସମାଜସେବୀ ତଥା କଟକ ସଦର ଅନ୍ତର୍ଗତ ପ୍ରହରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ହରି ଗୋଛାୟତଙ୍କର ବୁଧବାର ସକାଳେ ପରଲୋକ ହୋଇଯାଇଛି। କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୭୫ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିବା ଜଣାପଡିଛି। ସ୍ୱର୍ଗତ ଗୋଛାୟତଙ୍କର ମୃତ୍ୟୁଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମରଶରୀର ତାଙ୍କ ଦକ୍ଷିଣସାଇଲୋ ବାସଭବନରେ ପହଞ୍ଚିବା ପରେ ପଞ୍ଚାୟତ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ସରପଞ୍ଚ ଅବଦୁଲ ୱାହିଦ୍ ଖାଁ, ସମିତିସଭ୍ୟ ଲିୟାକତ ଅଲ୍ଲୀ ଖାଁଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ତଥା କଟକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ ଗଭୀର ଶୋକପ୍ରକାଶ କରିଛନ୍ତି। ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ଜଣାପଡିଛି।

## ଜଳିଗଲା ଗୁହାଳ ଓ ରୋଷେଇ ଘର



ଭଦ୍ରେଶ୍ୱର,୩।୧୨(ସମିସ): ଗତକାଲି ରାତିରେ ମାହାଙ୍ଗା ବ୍ଲକ ଓଷଙ୍ଗ ଗ୍ରାମପଞ୍ଚାୟତ କୌଡକୋଲା ଗ୍ରାମର ରାମଚନ୍ଦ୍ର ନାୟକଙ୍କ ଘରେ ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟି ତାଙ୍କର ଗୁହାଳ ଘର ଓ ରୋଷେଇ ଘର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ଗତକାଲି ରାମଚନ୍ଦ୍ରଙ୍କ ପରିବାର ଗୁହାଳ ଘରେ ଧୁଆଁ ଦେଇଥିଲେ। ଅସାବଧାନତା ବଶତଃ ଗୁହାଳ ଘରେ ଟଙ୍ଗାଯାଇଥିବା ଜରିରେ ନିଆଁ ଲାଗି ଚାଳରେ ଲାଗିଯାଇଥିଲା। ଏଥିରେ ତାଙ୍କ ଗୁହାଳ ଓ ରୋଷେଇଘର ସମ୍ପୂର୍ଣ୍ଣ ପୋଡିଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ଓ କୁଆଁପାଳ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିବା ନିମନ୍ତେ ଉଦ୍ୟମ କରି ବିଫଳ ହୋଇଥିଲେ। ତେବେ ଏହି ଗ୍ରାମକୁ ଆସିବା ନିମନ୍ତେ ଭଲ ରାସ୍ତା ନ ଥିବା କାରଣରୁ ଦମକଳ ଗାଡି ଠିକଣା ସମୟରେ ଘଟଣାସ୍ଥଳରେ ପହଞ୍ଚି ପାରି ନ ଥିଲା। ସ୍ଥାନୀୟ ଲୋକେ ଗୁହାଳରେ ବନ୍ଧା ହୋଇଥିବା ଗାଈଗୋରୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ତେବେ ଏହି ଗ୍ରାମ୍ୟ ରାସ୍ତାକୁ ତୁରନ୍ତ ପ୍ରଶସ୍ତୀକରଣ କରାଯିବା ନିମନ୍ତେ ଗ୍ରାମବାସୀ ଦୃଢ ଦାବି କରିଛନ୍ତି।

## କର୍କଟ ପୀଡ଼ିତ ଛାତ୍ରଙ୍କୁ ସହାୟତା



ନିଶ୍ଚିନ୍ତକୋଇଲି,୩।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ନରେନ୍ଦ୍ରପୁର ପଞ୍ଚାୟତ ରାମେଶ୍ୱରପୁର ଗ୍ରାମର କାଳନ୍ଦୀ ମଳିକଙ୍କ ପୁତ୍ର ଶୁଭମ୍ ମଳିକ (୧୩) ବର୍ଷ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଅର୍ଥାଭାବରୁ ଚିକିତ୍ସିତ ହୋଇପାରୁ ନ ଥିବା ଖବର ଗଣମାଧ୍ୟମରୁ ଜାଣିବା ପରେ ମାହାଙ୍ଗା କଂଗ୍ରେସ ବରିଷ୍ଠ ନେତା ଦେବେନ୍ଦ୍ର କୁମାର ସାହୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଶ୍ରୀ ସାହୁ ଆକ୍ରାନ୍ତଙ୍କ ପରିବାରଙ୍କୁ ଭେଟି ତାଙ୍କର ଚିକିତ୍ସା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ଦାରିଦ୍ର୍ୟତା କାରଣରୁ ଅର୍ଥ ନ ଥିବାରୁ ପୁଅକୁ ସଠିକ୍ ଭାବେ ଚିକିତ୍ସା ସେବା ଯୋଗାଇ ଦେଇ ପାରୁ ନ ଥିବା ସଂକ୍ରାନ୍ତରେ ବାପାମାଆଙ୍କ ଠାରୁ ସବୁ ଜାଣିବା ପରେ ଶ୍ରୀ ସାହୁ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା ପ୍ରତିଷ୍ଠାନର ଡାକ୍ତର ସୁରେନ୍ଦ୍ରନାଥ ସେନାପତିଙ୍କ ସହ ପରାମର୍ଶ କରି ସଂପୃକ୍ତ କର୍କଟ ପୀଡିତଙ୍କୁ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା ପ୍ରତିଷ୍ଠାନରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଛନ୍ତି। ବ୍ଲକ କଂଗ୍ରେସ କମିଟିର ପ୍ରାକ୍ତନ ସଭାପତି ରମାକାନ୍ତ ବେହେରା ଏହି ରୋଗୀଙ୍କୁ ଚିକିତ୍ସା ସେବାରେ ସହଯୋଗ କରୁଥିବା ବେଳେ କର୍କଟ ପୀଡିତ ଛାତ୍ରଙ୍କ ପିତା କାଳନ୍ଦୀ ମଳିକ ଓ ମାଆ ମମତା ମଳିକ ପୁଅର ଚିକିତ୍ସା କଥା ବୁଝୁଛନ୍ତି।

## ଦୁଇ ଚୋର ଗିରଫ

କିଶନନଗର,୩।୧୨(ସମିସ): ଗତକିଛି ଦିନ ହେଲା ବନ୍ଦ ଘରର କବାଟ ଭାଙ୍ଗି ଚୋରି କରୁଥିବା ଚୋରଙ୍କୁ ଧରିବା ପାଇଁ କିଶନନଗର ପୁଲିସ ଜାଲ ବିଛାଇଥିବା ବେଳେ ଏଥିରେ ଦୁଇଜଣ ଚୋର ଧରାପଡ଼ି ଗିରଫ ହୋଇ କୋର୍ଟଚାଲାଣ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ପ୍ରହରାଜପୁର ପଞ୍ଚାୟତର ଆରୋଗ୍ୟ କେନ୍ଦ୍ରର ତାଲା ଭାଙ୍ଗି ଘରୁ ଇନଭର୍ଟରର ମେସିନ, ବ୍ୟାଟ୍ରି, ଆକୱାଗାର୍ଡ, ପାଣି ମଟର ପ୍ରଭୃତି ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଥାନା ଅଧିକାରିଣୀ ଦୁର୍ଗେଶ ନନ୍ଦିନୀ ମହାନ୍ତି ତଦନ୍ତ ଚଳାଇ ପ୍ରହରାଜପୁର ପଞ୍ଚାୟତ ନାରଦା ଗଉଡ ଗାଁର ଦୁଇ ଚୋର ଟିକିନା ଭୋଇ(୩୫) ଓ ଶୁଭ୍ରାଂଶୁ ଶେଖର ମଳିକ (୩୨)ଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଉଦ୍ଧାର କରିଥିବା ଜଣାପଡିଛି। ଆଜି ଉଭୟ ଚୋରଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଅଲ୍ ଇଣ୍ଡିଆ ୫ମ ଶଙ୍ଖାମେରୀ ପ୍ରିମିୟର ଲିଗ୍

# ସେମିଫାଇନାଲରେ କମାଣ୍ଡୋ ଇଲେଭେନ ଓ ଭୁବନେଶ୍ୱର



ବଡ଼ମ୍ବା,୩।୧୨(ସମିସ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ହାଇସ୍କୁଲ ପଡ଼ିଆରେ ବାପୁଜୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ପଞ୍ଚମ ଅଲ୍ ଇଣ୍ଡିଆ ଶଙ୍ଖାମେରୀ ପ୍ରିମିୟର ଲିଗ୍ (ପଚାଶ ବଲ୍ ଲିଗ୍) ତୃତୀୟ ଦିନରେ ପହଞ୍ଚିଛି। ତୃତୀୟ ଦିନରେ ଦୁଇଟି ଲିଗ୍ ମ୍ୟାଚ୍ ସହ ଗୋଟିଏ କ୍ୱାର୍ଟର ଫାଇନାଲ ମ୍ୟାଚ ମଧ୍ୟରୁ ପ୍ରଥମ ଲିଗ୍ ମ୍ୟାଚ୍ କମାଣ୍ଡୋ ଇଲେଭେନ୍, ଭୁବନେଶ୍ୱର ବନାମ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଢେଙ୍କାନାଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିବା ବେଳେ ପ୍ରଥମେ ବ୍ୟାଟିଂ କରି ୯ ଓଭରରେ ୪ ୱିକେଟ୍ ହରାଇ ମାତ୍ର ୬୮ରନ୍ କରିବାକୁ ସକ୍ଷମ ହୋଇଥିଲା ବେଳେ ଜବାବରେ କମାଣ୍ଡୋ ଇଲେଭେନ୍, ଭୁବନେଶ୍ୱର ମାତ୍ର ୪ ଓଭର ୧ଟି ବଲ୍‌ରେ ଦୁଇ ୱିକେଟ୍ ହରାଇ ବିଜୟ ହାସଲ କରିଥିଲା। ଦ୍ୱିତୀୟ ଲିଗ୍ ମ୍ୟାଚ୍ ପିଙ୍କି ଏକାଦଶ, ଅଭିମାନପୁର୍ ବନାମ ଏମ୍‌ଏସ, ବଲାଙ୍ଗୀର ମଧ୍ୟରେ ହୋଇଥିବା ବେଳେ ଏହି ଲିଗ୍ ମ୍ୟାଚରେ ପ୍ରଥମେ ଟସ୍ ଜିତି ବଲାଙ୍ଗୀର ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଅଭିମାନପୁର ୯ ଓଭରରେ ୬ ୱିକେଟ୍ ହରାଇ ୬୦ ରନ୍ କରିଥିବା ବେଳେ ଜବାବରେ ବଲାଙ୍ଗୀର ଦଳ ୬ ଓଭର ୨ଟି ବଲରେ ମାତ୍ର ୪ଟି ୱିକେଟ୍ ହରାଇ ବିଜୟ ହାସଲ କରିଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱର ବନାମ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ କମାଣ୍ଡୋ ଇଲେଭେନ୍, ଭୁବନେଶ୍ୱର ଦଳ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚକୁ ସନ୍ତୋଷ ବିଶ୍ୱାଳ ଓ ଶକ୍ତି ପ୍ରସାଦ ପରିଚାଳନା କରିଥିଲେ।




## ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ଗର୍ଭମୁଦ ନୀତି ସମ୍ପନ୍ନ



ତିଗିରିଆ,୩।୧୨(ସମିସ): ତିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ନୂତନ ମନ୍ଦିର କାର୍ଯ୍ୟ ଚାଲିଥିବା ବେଳେ ଆଜି ନୂତନ ମନ୍ଦିରର ଗର୍ଭମୁଦ ନୀତି ସମ୍ପନ୍ନ ହୋଇଛି। ମାର୍ଗଶୀର ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ହେମନ୍ତ କୁମାର ମିଶ୍ର, ପଣ୍ଡିତ ପ୍ରିୟବ୍ରତ ଦାଶ, ମନ୍ଦିର ପୂଜକ ପଣ୍ଡିତ ଆଲୋକ ରଞ୍ଜନ ପଣ୍ଡା, ପଣ୍ଡିତ ହରେକୃଷ୍ଣ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ସର୍ବପ୍ରଥମେ ଇନ୍ଦ୍ରଇନ୍ଦ୍ରାଣି ପୂଜା ସମ୍ପର୍ଣ୍ଣ ହୋଇଥିଲା। ପରେ ପଦ୍ମ ପଥର ପୂଜା, ଦଧିବାମନ ପୂଜା, ଇନ୍ଦ୍ରଇନ୍ଦ୍ରାଣି ବିବାହ ସମ୍ପର୍ଣ୍ଣ ହୋଇଥିଲା। ପରେ ଯଜ୍ଞ କର୍ମ ସମ୍ପନ୍ନ ହୋଇ ଶେଷରେ ଗର୍ଭମୁଦ ନୀତି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଶିରିଶ ସିଂହ ସାମନ୍ତ ଓ ପତ୍ନୀ ଅନିତା ସିଂହ ସାମନ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଞ୍ଚଗାଁ ଗ୍ରାମ ଦେଶର ସଭାପତି ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ଦଧିବାମନଜୀଉ ସେବା ସଂସଦର ସଭାପତି ପ୍ରଦ୍ୟୁମ୍ନ ଦାଶ, ସମାଜସେବୀ ସରୋଜ ଦାଶ, ସରପଞ୍ଚ ନିରଞ୍ଜନ ଦଳେଇ, ଯୁବନେତା ଚିନ୍ମୟ ମଲ୍ଲିକ, ପୂର୍ବତନ ସରପଞ୍ଚ ସନ୍ତୋଷ ସିଂହ ସାମନ୍ତ, ଆଇନଜୀବୀ ରଘୁନାଥ ଦାଶ, ଏବିଡ଼ିଓ ଯାଜ୍ଞସିନୀ ଗୋଛାୟତଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ, ମହିଳା ଭକ୍ତ, ଦଧିବାମନଜୀଉ ସେବା ସଂସଦର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।



### ଅବ୍ୟବସ୍ଥା ମଧ୍ୟରେ ଶେଷ ହେଲା ବ୍ଲକସ୍ତରୀୟ ବାଲ୍ ବିଜ୍ଞାନ ପ୍ରଦର୍ଶନୀ

# ଯୋଗଦେଲେନି ଅତିଥି; ସରପଞ୍ଚ କଲେ ଉଦ୍‌ଘାଟନ

**ବନ୍ତ/ଆଗରପଡ଼ା,୩।୧୨(ସମିସ):** ବୁଧବାର ବନ୍ତ ବ୍ଲକ୍‌ସ୍ତରୀୟ ବାଲ୍ ବିଜ୍ଞାନ ପ୍ରଦର୍ଶନୀ ସେଣ୍ଡତୀରାସ୍ଥିତ ପିଏମ୍‌ଶ୍ରୀ ଜନାର୍ଦ୍ଦନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅବ୍ୟବସ୍ଥାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ବିଧାୟକଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗଦେବାର କାର୍ଯ୍ୟକ୍ରମ ଥିବାବେଳେ କୌଣସି ଅତିଥି ଯୋଗଦେଇ ନ ଥିଲେ। ଫଳରେ ସ୍ଥାନୀୟ ସରପଞ୍ଚଙ୍କୁ ନେଇ ଉଦ୍‌ଘାଟନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ବ୍ଲକ୍‌ର ୧୧୧ଟି ବିଦ୍ୟାଳୟରୁ ୧୪୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଭାଗିରଥି ପାତ୍ର, ମୁଖ୍ୟବକ୍ତା ଭାବେ ରାଧାନାଥ ମିଶ୍ର, ସମ୍ମାନିତ ଅତିଥି ଭାବେ ଅନାଦି ଚରଣ ସେନାପତି, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନନ୍ତ ଚରଣ ନାୟକଙ୍କ ସମେତ ବ୍ଲକ୍ ବିଜ୍ଞାନ ସଂଯୋଜକ ପ୍ରମୁଖ ଯୋଗଦେଇ ମେଳାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଶିକ୍ଷକ ଅଭୟ ପ୍ରଧାନ ମଞ୍ଚ ସଂଯୋଜନା, ଶିକ୍ଷକ ଶ୍ରୀକାନ୍ତ ପଣ୍ଡା ଅତିଥି ପରିଚୟ ଓ ଶିକ୍ଷକ ପଞ୍ଚାନନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ବିଚାରକ ଭାବେ ଗୋପୀନାଥ ଦାଶ, ବିଜୟ ଷେଣ୍ଡ ପ୍ରକଳ୍ପ ପରିଚାଳନାରେ ସମସ୍ତ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ୭ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିଲା। ୨ୟ ଅଧିବେଶନରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସ୍ଥାନୀୟ ସମିତିସଭ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ସେମାନେ ଆସି ନ ଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ମଧ୍ୟାହ୍ନଭୋଜନ ପରେ ପ୍ରକଳ୍ପଗୁଡ଼ିକୁ ନେଇ ଛାତ୍ରଛାତ୍ରୀ ଓ ଗାଇଡ୍ ଶିକ୍ଷକମାନେ ପଳାଇ ଯାଇଥିବାର ଦେଖାଯାଇଥିଲା। ଏମିତି ବି ପିଲା ବସିବାର ଠିକ୍ ବ୍ୟବସ୍ଥା ହୋଇ ନ ଥିବାବେଳେ ମନଇଚ୍ଛା ଭାବରେ ପିଲା ଚୟନ ହୋଇଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଅବ୍ୟବସ୍ଥା ପାଇଁ ପ୍ରଧାନଶିକ୍ଷକ ଅନନ୍ତ ଚରଣ ନାୟକଙ୍କୁ ପଚାରିବାରୁ ସେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶୁଭ୍ର ପ୍ରକାଶ ରାଉଳ ନାମ ନେଇ ଖସି ଯାଇଥିଲେ। ରାଜ୍ୟ ସରକାର ପିଲା ବିଜ୍ଞାନ କ୍ଷେତ୍ରରେ ଅଧିକ ଜ୍ଞାନ କିପରି ଅର୍ଜନ କରିବେ ପାଇବା ସେଥିପାଇଁ ଅପରପକ୍ଷରେ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଭିଭାବକ ଦାବି କରିଛନ୍ତି।

## କଳାକାର ସଂଘର ଜିଲ୍ଲାସ୍ତରୀୟ ବୈଠକ



**ବାସୁଦେବପୁର,୩।୧୨(ସମିସ):** ବାସୁଦେବପୁର ଯାତ୍ରା କଳାକାର ସଂଘର ଜିଲ୍ଲାସ୍ତରୀୟ ବୈଠକ ବାସୁଦେବପୁର ବ୍ଲକ୍ ମିଶନ ଶକ୍ତି ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାର ମୁଖ୍ୟ ଅତିଥି ଭାବେ ବାସୁଦେବପୁର ବ୍ଲକ୍ ବିଡିଓ ତନ୍ମିତା କର ଯୋଗଦେଇ କହିଥିଲେ ଯେଉଁଠି କଳା ଅଛି ସେଠାରେ ଗରିବୀ ନାହିଁ। ସମସ୍ତଙ୍କ ମନୋରଞ୍ଜନ କରୁଥିବା କଳାକାର ସମାଜରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥାଏ। ଯାତ୍ରା କଳାକାର ସଂଘର ସଭାପତି କରୁଣାକର ମଲ୍ଲିକ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ କଳାକାର ସଂଘର ଉପସଭାପତି ଅଭୟ କୁମାର ସାମଲ, ଉପଦେଷ୍ଟା ଅମରେନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ମଦନମୋହନ ପାଢ଼ୀ ଯୋଗଦେଇ କଳାକାର ପାଇଁ ସ୍ଥାୟୀ ଘରଟିଏ ଦାବି କରିଥିଲେ। ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ଯାତ୍ରା କଳାକାର ଯୋଗଦେଇ ସେମାନଙ୍କ ଅଞ୍ଚଳର ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ବାସୁଦେବପୁର ଯାତ୍ରା କଳାକାର ସଂଘ ପକ୍ଷରୁ ଦୀର୍ଘ ଦିନ ଧରି ବ୍ଲକ୍‌ଠାରୁ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଘରଟିଏ ଯୋଗାଇଦେବାକୁ ଅଭିଯୋଗ କରି ଆସୁଛନ୍ତି। ଆଜି ପର୍ଯ୍ୟନ୍ତ କେହି ଶୁଣୁନାହାନ୍ତି ବୋଲି ସଂଘର କର୍ମକର୍ତ୍ତା କହିଛନ୍ତି। ଘରଟିଏ ଯୋଗାଇଦେଲେ ଆଗାମୀ ପିଢ଼ି ପାଇଁ ଯୁବ କଳାକାର ସୃଷ୍ଟି କରିବାକୁ ଉଦ୍ୟମ କରନ୍ତେ।

## ଆଖୁଆପଦାଠାରେ ଗୀତ ଜୟନ୍ତୀ



**ବାରିକପୁର,୩।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଯୋଗବେଦାନ୍ତ ସେବା ସମିତି ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା ଯୋଗଦେଇ ଶ୍ରୀମଦ୍ ଭଗବତ ଗୀତାର କର୍ମ ଯୋଗ, ଭକ୍ତି ଯୋଗ ଓ ଜ୍ଞାନ ଯୋଗ ପଥକୁ ଅନୁସରଣ କଲେ ଜୀବନରେ ସଫଳତା ମିଳିବ ବୋଲି ମତବ୍ୟକ୍ତ କରିଥିଲେ। ଗୀତା କେବଳ ଗ୍ରନ୍ଥ ନୁହେଁ ବରଂ ମାନବ ଜାତି ପାଇଁ ଏହା ମାର୍ଗଦର୍ଶକ ବୋଲି ମୁଖ୍ୟ ଅତିଥି କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ବିଭୂତିଭୂଷଣ ମହାନ୍ତି, ସମାଜସେବୀ ଶରତ ଚନ୍ଦ୍ର ଜେନା, ସାମ୍ବାଦିକ ଆକାଶ ଆଦିତ୍ୟ ବେହେରା, ଶିକ୍ଷକ ନରେନ୍ଦ୍ର ସେଠୀ, ଗାୟତ୍ରୀ ସାହୁ ପ୍ରମୁଖ ଉପସ୍ଥିତ ରହି ଗୀତା ପଠନର ଉପକାରିତା ସମ୍ପର୍କରେ ବିଭିନ୍ନ ମତ ଦେଇଥିଲେ। ସମିତି ପକ୍ଷରୁ ମୁଖ୍ୟ ଅତିଥି ଛାତ୍ରଛାତ୍ରୀମାନଙ୍କୁ ଗୀତା ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

### ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ

# ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା ଓ ପୁରସ୍କାର ପ୍ରଦାନ

ଧାମନଗର,୩।୧୨(ସମିସ)





ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପ୍ରତିବର୍ଷ ଡିସେମ୍ବର ୩ ତାରିଖରେ ପାଳିତ ହୁଏ। ଏହି ପରିପ୍ରେକ୍ଷୀରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଜିଲ୍ଲା ପ୍ରଶାସନ ତରଫରୁ ଏହି ଉପଲକ୍ଷେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଦିବ୍ୟାଙ୍ଗ ଓ ସାଧାରଣ ବର୍ଗର ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା ସହ ଧାମନଗରସ୍ଥିତ ଜିଲ୍ଲା ଜରାନିବାସ ପରିସରରେ ପହଞ୍ଚିଥିଲେ। ସେଠାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା, ପ୍ରବନ୍ଧ ଲିଖନ, ସଙ୍ଗୀତ, ନୃତ୍ୟ ପରିବେଷଣ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ସ୍ୱପ୍ନ ପୂରଣ ପାଇଁ ଭିନ୍ନକ୍ଷମମାନେ ବଦ୍ଧପରିକର ହୁଅନ୍ତୁ। ସଫଳତାର ଚାବିକାଠି ରୂପେ କରିପାରିଲେ ସମସ୍ତଙ୍କର ସମସ୍ୟା ସମାଧାନ ହେବ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଧାଞ୍ଜନ ନାୟକ, ବିଡିଓ ବନବିହାରୀ ଦିନ୍ଦା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ମଧୁସ୍ମିତା ମହାପାତ୍ର, ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ସମ୍ପର୍କରେ ବାର୍ତ୍ତା ଦେଇଥିଲେ।

ସଭାରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ ସ୍ୱାଗତ ଭାଷଣ ଦେବା ସହ ଦିବ୍ୟାଙ୍ଗ ଦିବସ ଉପଲକ୍ଷେ ଦିବ୍ୟାଙ୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନାର ସୁବିଧାସୁଯୋଗ ସମ୍ବନ୍ଧରେ ବିସ୍ତୃତ ସୂଚନା ଦେଇଥିଲେ। ସେବାନିବୃତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ସଞ୍ଚାଳନ କରିଥିଲେ।

ଏହି ଅବସରରେ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ଏକପାଦ ନୃତ୍ୟଗୁରୁ ନିତ୍ୟାନନ୍ଦ ଦାସ, ଦିବ୍ୟାଙ୍ଗ ଚିତ୍ରଶିଳ୍ପୀ ପ୍ରତିଭା ନମିତା ବେହେରା, ଦିବ୍ୟାଙ୍ଗଙ୍କ ପାଇଁ ଉତ୍ତମ ସେବା ନେଇ ସିଆର୍‌ଏସ୍‌ଆର୍ ଓ ଡିଏସ୍‌ଏସ୍‌ଆର୍‌ର ପ୍ରତିଷ୍ଠାତା ଏବଂ ପରିଚାଳକ ଡାକ୍ତର ଭଗବାନ ପରିଡ଼ା, ଫିଜିଓଥେରାପି ଡାକ୍ତର ସବ୍ୟସାଚୀ ପାତ୍ର, ସଂଘର କର୍ମକର୍ତ୍ତା ମନୋରଞ୍ଜନ ତ୍ରିପାଠୀ, ହରିହର ଦାସ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯିବା ସହ ଭିନ୍ନକ୍ଷମମାନଙ୍କ ଉନ୍ନତି ନିମନ୍ତେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ପ୍ରମୁଖଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟୁ ସୁନ୍ଦର ନାୟକ, ଅରୂପ ବସ୍ତିଆ, ସାଇସ୍ୱରୂପା, ଶରତ ଚନ୍ଦ୍ର ଆଚାର୍ଯ୍ୟ ଓ ଅନ୍ୟମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ଭଦ୍ରକରେ ୩୭୭ ନୂତନ ମତଦାନ କେନ୍ଦ୍ର ଗଠନ ପାଇଁ ଅନୁମୋଦନ

**ଭଦ୍ରକ,୩।୧୨(ସମିସ):** ଭାରତୀୟ ନିର୍ବାଚନ ଆୟୋଗ ତଥା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଓ ନିୟମାବଳୀ ଅନୁସାରେ ଭଦ୍ରକ ଜିଲ୍ଲାର ମତଦାତାଙ୍କର ବିଭିନ୍ନ ପ୍ରକାର ଅସୁବିଧାକୁ ଦୃଷ୍ଟିରେ ରଖି ୧୨୦୦ରୁ ଅଧିକ ମତଦାତା ଥିବା ୪୦୫ଟି ମତଦାନ କେନ୍ଦ୍ରକୁ ପୃଥକୀକରଣ କରି ୩୭୭ଟି ନୂତନ ମତଦାନ କେନ୍ଦ୍ର ସୃଷ୍ଟି କରାଯାଇଛି। ଏଥି ନିମନ୍ତେ ଭାରତୀୟ ନିର୍ବାଚନ ଆୟୋଗଙ୍କର ପୂର୍ଣ୍ଣ ସହମତି ମିଳିବା ପରେ ଭାରତର ଜନପ୍ରତିନିଧି ଆଇନ-୧୯୫୧ର ଧାରା ୨୫ ପ୍ରକାରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ଭଦ୍ରକ ଜନସାଧାରଣଙ୍କ ଅବଗତି ନିମନ୍ତେ ଏକ ବିଜ୍ଞପ୍ତି ଜାରି କରିଛନ୍ତି।

# ମହିଳାଙ୍କ ବିରୋଧରେ ଘଟୁଥିବା ହିଂସାର ବିଲୋପ ପାଇଁ ସଚେତନତା






**ଭଦ୍ରକ,୩।୧୨(ସମିସ):** ଭଦ୍ରକ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ସଭାଗୃହରେ ୧୬ ଦିବସୀୟ ଲିଙ୍ଗଭିତ୍ତିକ ଅଭିଯାନ ଅବସରରେ ମହିଳା ଓ ଶିଶୁଙ୍କ ବିରୋଧରେ ହିଂସା ବିଲୋପ ପାଇଁ ସମ୍ମିଳିତ ପ୍ରୟାସ ଶୀର୍ଷକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିଭାଗ, ଓଡ଼ିଶା ସରକାର ଏବଂ ଫେଲୋସିପ୍, ଆସିଆନା ଓ ନୁହାସ୍ ଶକ୍ତି ସଦନ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଫେଲୋସିପ୍‌ର ସମ୍ପାଦକ ଏସ୍.ଏମ୍. ଫାରୁକ୍ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ ଯୋଗଦେଇ ନିଜ ଅଭିଭାଷଣରେ ପରିବାରରେ ସଚେତନତା ମୁଖ୍ୟ ବୋଲି କହିବା ସହ ବିଭିନ୍ନ ଦୃଷ୍ଟାନ୍ତମୂଳକ ଉଦାହରଣ ଦେଇଥିଲେ। ସ୍ୱାଗତ ଭାଷଣରେ ଫେଲୋସିପ୍ ସମ୍ପାଦକ ଲଲାଟେନ୍ଦୁ ମହାନ୍ତି କାର୍ଯ୍ୟକ୍ରମର ମୂଳ ବିଷୟବସ୍ତୁ 'ମହିଳାମାନଙ୍କ ପାଇଁ ସୁରକ୍ଷିତ ସ୍ଥାନ' ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମ୍ବିତ ମାଝୀ, ଅରୁପ ଅଭିଶେକ୍ ଯୋଗଦେଇ ସମାଜରେ ଘଟୁଥିବା ହିଂସା ପାଇଁ ଆମକୁ ପ୍ରଥମେ ସଜାଗ ରହିବା ସଙ୍ଗେ ସଙ୍ଗେ ଆଇନର ସାହାଯ୍ୟ ନେବା ପାଇଁ ପରାମର୍ଶ ଦେଇଥିଲେ। ଡିଏସ୍‌ପି ବିଶ୍ୱପତି ପଣ୍ଡା, ଦୀପ୍ତିରେଖା ପ୍ରିୟଦର୍ଶନୀ ସାହୁ, ନିରୀକ୍ଷଣ ଅଧିକାରିଣୀ ବନ୍ଦନା ଦେବୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ଅଧିକାରୀ ସୁବ୍ରତ ଦାସ ପ୍ରମୁଖ ଯୋଗଦେଇ ସାମାଜିକ ଗଣମାଧ୍ୟମର ବ୍ୟବହାର ପ୍ରତି ସତର୍କ ଓ ସଚେତନତା ରହିବା ସହ ସର୍ବଦା ମନୋବଳ ଦୃଢ଼ ରଖି ବିଭିନ୍ନ ବିଭାଗ ସହ ସମନ୍ୱୟ ସହଯୋଗ ରଖିଲେ ଅପରାଧ ଓ ଅପରାଧୀ କବଳରୁ ରକ୍ଷା ପାଇପାରିବେ ବୋଲି ମତପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୧ନଂ ୱାର୍ଡ କାଉନ୍‌ସିଲର ପ୍ରତିନିଧି ପଙ୍କଜ ବଳ, ଚାଇଲ୍ଡ ଲାଇନ୍‌ର ସଂଯୋଜିକା ଶୁଭଶ୍ରୀ କର, ହନିଫ୍ କ୍ଲବ୍‌ର ବରିଷ୍ଠ ସଦସ୍ୟ ନାସିରୁଦ୍ଦିନ୍ ଖାନ୍, ସେକ୍ ଜହିର୍, ଏମ୍‌ଏସ୍‌ଏଫ୍‌ର ପରାମର୍ଶଦାତା ସେକ୍ ଆସିଫ୍ ଇକ୍‌ବାଲ, ସଭାପତି ସେକ୍ ଇମ୍‌ଦାଦ, ଫ୍ୟାମିଲି କାଉନ୍‌ସିଲର ପରାମର୍ଶଦାତ୍ରୀ ସ୍ନେହଲତା ପଣ୍ଡା, ପ୍ରିୟଙ୍କା ସାହୁ, ପୁଲିସ ଅଧିକାରୀ, ଓମେନ୍ ହେଲ୍ପ ଲାଇନ୍ ୧୮୧ର କର୍ମକର୍ତ୍ତା ଏବଂ ଜାନକୀ ଦେବୀ ନର୍ସିଂ ସ୍କୁଲ ଶିକ୍ଷୟିତ୍ରୀ ଓ ଛାତ୍ରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆସିଆନା ସଂଯୋଗ ରିଆଜ ଅହମ୍ମଦ ପରିଚାଳନା କରିଥିବାବେଳେ ଫେଲୋସିପ୍‌ର ଅଧ୍ୟକ୍ଷ ଯୋଗମାୟା ଚାନ୍ଦ, ନୁହାସ୍ ଅଧ୍ୟକ୍ଷ ଉଷାରାଣୀ ବେହେରା, ୱାନ୍ ଷ୍ଟପ୍ ସେଣ୍ଟରର ଆକାଉଣ୍ଟାଣ୍ଟ ଲିପ୍ସା ନାୟକ, ଫେଲୋସିପ୍‌ର କର୍ମକର୍ତ୍ତା ଜିତେନ୍ଦ୍ର ନାୟକ ସହଯୋଗ କରିଥିଲେ। ଶେଷରେ ସଖୀ କେନ୍ଦ୍ର ପ୍ରଶାସିକା ପୁଷ୍ପଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପୋତି ହୋଇଗଲାଣି ବାହାଳି ନାଳ




**ଅସୁରାଳି,୩।୧୨(ସମିସ):** ଗୋବିନ୍ଦପୁର ପଞ୍ଚାୟତରେ ରେବା ନଦୀରୁ ବାହାରି ଗଡ଼ିଆଳି ପଞ୍ଚାୟତର କାକୁଡ଼ିଗଡ଼ିଆ ପର୍ଯ୍ୟନ୍ତ ଲମ୍ବିଥିବା 'ବାହାଳି ନାଳ' ଏବେ ଅସ୍ତିତ୍ୱ ସଂକଟରେ। ପ୍ରାୟ ୧.୨୦୦ କି.ମି. ଦୀର୍ଘ ଏହି ନାଳ। ଏକଦା ଚାଷୀଙ୍କ ଜୀବନରେ ଅବିଭାଜ୍ୟ ସାଥୀ, ଆସ୍ତେ

- **ମୁଣ୍ଡରେ ହାତ ଦେଇ ବସିଲେଣି ପରିବା ଚାଷୀ**
- **ନାଳ ଖନନ ଓ ଜବରଦଖଲ ମୁକ୍ତ ପାଇଁ ଦାବି**

ଆସ୍ତେ ପୋତି ହୋଇଗଲାଣି। ଜବରଦଖଲରେ ପ୍ରାୟ ଅସ୍ତିତ୍ୱ ହରେଇ ସାରିଲାଣି। ଦିନ ଥିଲା ଏହି ନାଳର ଜଳ ବ୍ୟବହାର କରି ଲୋକମାନେ ବହୁ ଫସଲ ଉପୁଜାଇଥିଲେ। ଚାଷୀଙ୍କ ପାଇଁ ଏହା ରୋଜଗାରର ମାଧ୍ୟମ ହୋଇଥିଲା। ଗାଁର ଲୋକଙ୍କ ମୁଖରେ ଦାନା ବାଜୁଥିଲା। ଜୀବନରେ ସମୃଦ୍ଧି ଆସୁଥିଲା। ମାତ୍ର ବର୍ତ୍ତମାନ ନାଳର ଶଯ୍ୟା ପୋତି ହୋଇଗଲାଣି। ଜବରଦଖଲରେ ଜଳଧାରଣ କ୍ଷମତା ହ୍ରାସ ହୋଇଗଲାଣି ଓ ଏପଟେ ଜଳାଭାବରେ ପରିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ତେଣୁ ଫସଲ ଉପଜାଇବାରେ ବାଧା, ରୋଜଗାରରେ ସଙ୍କଟ ଦେଖାଯାଉଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଲୋକଙ୍କ ଦାବି ଅନୁଯାୟୀ, ବାହାଳି ନାଳର ସଂସ୍କାର ନିତାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ପ୍ରଶାସନ ତତ୍କାଳ ପଦକ୍ଷେପ ନେଇ ନାଳର ଶଯ୍ୟା ଖନନ ଓ ଜବରଦଖଲମୁକ୍ତ କରିବା ଆବଶ୍ୟକ। ବାହାଳି ନାଳ କେବଳ ଜଳ ପଥ ନୁହେଁ, ଏହା ଗାଁର ଚାଷୀଙ୍କ ଜୀବନରେ ଆଶାର ଦୀପ।

## ସାହି ମୂରବି ଧର୍ମଗତ ପାଣିଙ୍କ ଦେହାନ୍ତ




**ବନ୍ତ/ଆଗରପଡ଼ା,୩।୧୨(ସମିସ):** ବନ୍ତ ବ୍ଲକ୍ ବଡ଼ମହିଁଷଗୋଠ ପଞ୍ଚାୟତ ଅନ୍ତର୍ଗତ ନରାଜପୁର ଗ୍ରାମର ଧର୍ମଗତ ପାଣିଙ୍କର ୯୮ ବର୍ଷ ବୟସରେ ଦେହାନ୍ତ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥ ହୋଇ ଘରେ ଚିକିତ୍ସା ହେଉଥିଲେ। ସେ ସାହି ମୂରବି, ପୁରୋହିତ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ବେଶ୍ ପରିଚିତ ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ ପ୍ରଫେସର ଅମରେନ୍ଦ୍ର ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ତାଙ୍କ ଦେହାନ୍ତରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### କାଗଜକଲମରେ ସୀମିତ 'ଶୂନ୍ୟ ମୃତ୍ୟୁ' ନିରୀକ୍ଷଣ କାର୍ଯ୍ୟକ୍ରମ

# ନାବାଳକଙ୍କ ହାତରେ ବାଇକ୍; ହେଉନି କାର୍ଯ୍ୟାନୁଷ୍ଠାନ

ବନ୍ତ/ଆଗରପଡ଼ା,୩।୧୨(ସମିସ)



ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ୧୬ରୁ ୩୦ ତାରିଖ ଯାଏ 'ଶୂନ୍ୟ ମୃତ୍ୟୁ' ନିରୀକ୍ଷଣ କାର୍ଯ୍ୟକ୍ରମ ପାଳନ କରିବା ସହ ନାବାଳକଙ୍କୁ ବେପରୁଆ ବାଇକ୍ ଚଳାଇବାରେ ପ୍ରତିବନ୍ଧକ ଲଗାଇବା ପାଇଁ ନିର୍ଦ୍ଦେଶ ରହିଥିଲା। ଉକ୍ତ ନିର୍ଦ୍ଦେଶକୁ ପାଳନ କରିବା ନିମନ୍ତେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପତ୍ର ଯୋଗେ ଅବଗତ ମଧ୍ୟ କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାକୁ ଉକ୍ତ ପତ୍ର ବିଷୟରେ ଅବଗତ ମଧ୍ୟ କରାଇଥିବା ଜଣାପଡ଼ିଥିଲା। ୧୫ଦିନ ବ୍ୟାପୀ ପାଳିତ ଉକ୍ତ କାର୍ଯ୍ୟକ୍ରମରେ ସେମାନଙ୍କ ପୂର୍ଣ୍ଣ ସହଯୋଗ କାମନା କରିବା ସହ ସଚେତନତା ବାର୍ତ୍ତା ପ୍ରଦାନ ପାଇଁ ଅନୁରୋଧ ମଧ୍ୟ କରାଯାଇଥିଲା। ତତ୍‌ସହିତ ନାବାଳକଙ୍କୁ ଶିକ୍ଷାନୁଷ୍ଠାନକୁ ବାଇକ୍ ଧରି ଆସିବାରୁ ନିବୃତ ରହିବା ପାଇଁ ଆଦେଶ ଦେବାକୁ ମଧ୍ୟ କୁହାଯାଇଥିଲା। ଯଦି କେହି ନାବାଳକ ଆଦେଶକୁ ଅବମାନନା କରେ ତେବେ ଯାନବାହନ ଚଳାଚଳ ନିୟମ-୧୯୮୮ ସେକ୍ସନ୍ ୧୯୯ରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ କାର୍ଯ୍ୟକ୍ରମର ସମୟ ଅବଧି ସରିଯାଇଥିଲେ ମଧ୍ୟ ସରକାରଙ୍କ ନିର୍ଦ୍ଦେଶକୁ କେହିବି (କୌଣସି ଶିକ୍ଷାନୁଷ୍ଠାନ) ମାନିଲେ ନାହିଁ। ଉକ୍ତ ନିର୍ଦ୍ଦେଶନାମା କେବଳ କାଗଜକଲମରେ ସୀମିତ ରହିଗଲା। ତେଣୁ ପ୍ରଶାସନ ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଦିନକୁ ଦିନ ବେପରୁଆ ଗାଡ଼ି ଚାଳନା ବୃଦ୍ଧି ପାଇବାରେ ଲାଗିଛି। କାହାରିକୁ ନ ମାନି ବେପରୁଆ ଭାବେ ଦ୍ରୁତଗତିରେ ଗାଡ଼ି ଚଳାଇବାରେ ମୁଖ୍ୟତଃ ପିଲାମାନଙ୍କୁ ଦେଖିବାକୁ ମିଳୁଛି। ପିଲାଙ୍କ ହାତରେ ଅଭିଭାବକମାନେ ବାଇକ୍ ଚାବି ଧରାଇଦେବା ପରେ ସେମାନେ ଆଉ କାହାରିକୁ ମାନୁନାହାନ୍ତି। ନିୟମିତ ଏଭଳି ବାଇକ୍ ଚାଳନା ପାଇଁ ଅନ୍ୟ ପଥଚାରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ସ୍କୁଲ୍ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀ ବାଇକ୍ ଓ ସ୍କୁଟି ଚଳାଉଥିଲାବେଳେ ଏଥିପ୍ରତି କାହାରି ନିଘା ରହୁ ନ ଥିବା ଅଭିଯୋଗ ହେଉଛି।

ବନ୍ତ ବ୍ଲକ୍‌ର ବିଭିନ୍ନ ରାସ୍ତାଘାଟ ସହ ଗାଁ ଗଣ୍ଡା ସବୁଠି ପିଲାଙ୍କ ହାତରେ ବାଇକ୍। ସ୍କୁଲ୍ ଓ କଲେଜ ସହିତ ଟ୍ୟୁସନ୍ ଯାଉଥିବା ପିଲାମାନେ ଏସବୁକୁ ଚଳାଉଥିବା ଦେଖିବାକୁ ମିଳୁଛି। ଗୋଟିଏ ଗୋଟିଏ ଗାଡ଼ିରେ ୨ରୁ ୩ ଜଣ ଲେଖାଏଁ ବସି ଅତି ବେପରୁଆ ଭାବେ ଦ୍ରୁତଗତିରେ ଚାଳନା କରୁଛନ୍ତି। ଅଭିଭାବକଙ୍କଠାରୁ ଆରମ୍ଭ କରି ପୁଲିସ ପ୍ରଶାସନ ଯାଏଁ କାହାରି ଏଥିପ୍ରତି ଦୃଷ୍ଟି ପଡୁନାହିଁ। ୧୮ ବର୍ଷରୁ କମ୍ ବୟସର ଯେକୌଣସି ଭାରତୀୟ ନାଗରିକ ଗାଡ଼ି ଚଳାଇବା ଦଣ୍ଡନୀୟ ଅପରାଧ ସତ୍ତ୍ୱେ ବିନା ଲାଇସେନ୍ସ ଓ ବିନା ହେଲ୍‌ମେଟ୍‌ରେ ଶତାଧିକ ପିଲା ଗାଡ଼ି ଚଳାଉଛନ୍ତି। ବନ୍ତ ବ୍ଲକ୍ ଅଞ୍ଚଳରେ ଏହାର କୌଣସି ପ୍ରଭାବ ପଡୁ ନ ଥିବା ଦେଖିବାକୁ ମିଳୁଛି।


SBI
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/17

| ପୋଷ୍ଟର ନାମ | ଖାଲି ପଦବୀ |
|---|---|
| ଭିପି ୱେଲ୍ଥ (ଏସଆରଏମ) | 506 |
| ଏଭିପି ୱେଲ୍ଥ (ଆରଏମ) | 206 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 23.12.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 02.12.2025
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

**ପୀତବାସ ହତ୍ୟା ମାମଲା**

# ସିଡି ଦାଖଲ ପାଇଁ ସମୟ ନେଲା ପୁଲିସ; ୯ରେ ପରବର୍ତ୍ତୀ ଶୁଣାଣି

ବ୍ରହ୍ମପୁର,୩।୧୨(ସମିସ):



ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସ ସିଡି ବା କେସ ଡାଏରୀ ଦାଖଲ କରିନଥିବାରୁ ଘଟଣାରେ ଗିରଫ ୪ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ୯ତାରିଖ ମଙ୍ଗଳବାରକୁ ଘୁଞ୍ଚିଛି। ସ୍ଥାନୀୟ ଗଞ୍ଜାମ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ଆଇନଜୀବୀ ମଦନ ଦଳେଇ, ପିଣ୍ଟୁ ଦାଶ ଓ ଶୂନ୍ୟ ଦାସଙ୍କ ପକ୍ଷରୁ ସେମାନଙ୍କ ଓକିଲ ଜାମିନ ଆବେଦନ କରିଥିଲେ। ବୁଧବାର ପୂର୍ବାହ୍ନରେ ଜିଲ୍ଲା ଜଜ୍ ଅଶାନ୍ତ କୁମାର ଦାସଙ୍କ କୋର୍ଟରେ ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ମାମଲାର ପିଟିସନ ଉପରେ ଶୁଣାଣି ଆରମ୍ଭ ପୂର୍ବରୁ ତଦନ୍ତ ଜାରି ରହିଥିବା ଦର୍ଶାଇ ତଦନ୍ତକାରୀ ଅଧିକାରୀଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ସିଡ଼ି ଦାଖଲ ପାଇଁ କୋର୍ଟରେ ଅଧିକ ସମୟ ମାଗିଥିଲେ। ଆବେଦନକୁ କୋର୍ଟ ଗ୍ରହଣ କରି ପରବର୍ତ୍ତି ଶୁଣାଣି ଆସନ୍ତା ୯ତାରିଖ ମଙ୍ଗଳବାର ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ହତ୍ୟାକାଣ୍ଡ ଅକ୍ଟୋବର ୬ରେ ଘଟିଥିବା ବେଳେ ଘଟଣା ଦିନ ହିଁ ଏତଲା ଦାଏର ହୋଇଥିଲା। ସେପଟେ ଜାମିନ ଆବେଦନ କରାଯାଇଥିବା ପ୍ରାୟ ସମସ୍ତ ଅଭିଯୁକ୍ତଙ୍କୁ ୨୨ତାରିଖ ସୁଦ୍ଧା ଗିରଫ କରିଥିଲା ପୁଲିସ। ତେବେ ୨୨ତାରିଖ ପର୍ଯ୍ୟନ୍ତ ପୁଲିସ କୋର୍ଟରେ କୌଣସି ସିଡି ବା କେସ ଡାଏରୀ ଦାଖଲ କରିନଥିବା ବେଳେ ସେଥିରେ କିଛି ହେରାଫେରି କରିବାର ଆଶଙ୍କା କରି ଅଭିଯୁକ୍ତଙ୍କ ପକ୍ଷରୁ ଏସ୍‌ଡିଜେଏମଙ୍କ କୋର୍ଟରେ ପିଟିସନ ଦାଖଲ କରାଯାଇଥିଲା। ବର୍ତ୍ତମାନ ଘଟଣାକୁ ୫୦ଦିନ ବିତିଯାଇଥିଲେ ହେଁ ପୁଲିସ କୋର୍ଟରେ କେସ ଡାଏରୀ ଦାଖଲ କରିବା ପରିବର୍ତ୍ତେ ପୁଣି ସମୟ ନେଇଥିବାରୁ ଶୁଣାଣିରେ ବାଧା ସୃଷ୍ଟି ହୋଇଥିବା କହିଛନ୍ତି ବିକ୍ରମ ଓ ମଦନଙ୍କ ଓକିଲ।

ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ଆଇନଜୀବୀ ମଦନ ଦଳେଇ, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କ ଗିରଫ କ୍ଷେତ୍ରରେ ବ୍ୟକ୍ତିର ସାମ୍ବିଧାନିକ ମୌଳିକ ଅଧିକାର ୨୧ ଓ ୨୨ର ଉଲ୍ଲଂଘନ ହୋଇଥିବା ଅଭିଯୋଗ କରାଯାଇଛି। ଯେଉଁଥିରେ ଗିରଫ ପୂର୍ବରୁ ଯେକୌଣସି ବ୍ୟକ୍ତିଙ୍କୁ ଗିରଫର କାରଣ ଜଣାଇବା ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ସଦସ୍ୟ ଅଥବା ସ୍ଥାନୀୟ ଜଣାଶୁଣା ବ୍ୟକ୍ତିଙ୍କୁ ନୋଟିସ ସର୍ଭ କରିବାର ନିୟମ ରହିଛି। ଏଠାରେ ସେ ସବୁର ଖିଲାପ କରାଯାଇଥିବା ଅଭିଯୋଗ କରି ପିଟିସନ ଦାଖଲ କରାଯାଇଛି। ସବୁଠାରୁ ବଡକଥା ଏହି ହତ୍ୟାକାଣ୍ଡରେ ପୁଲିସ ମୋଟ ୧୬ଜଣଙ୍କୁ ବିଭିନ୍ନ ସ୍ଥାନରୁ ଉଠାଇ ନେଇ

**ପୁଣି ଝୁଲି ରହିଲା ବିକ୍ରମ, ପିଣ୍ଟୁ, ମଦନ ଓ ଶୂନ୍ୟଙ୍କ ଜାମିନ**

**ଏକାଧିକ ଅପରାଧରେ ଜଡ଼ିତ ଚନ୍ଦ୍ରଶେଖରଙ୍କୁ ସାକ୍ଷୀ ରଖିବାକୁ ନେଇ ଉଠିଲା ପ୍ରଶ୍ନ**

ଗିରଫ ଦର୍ଶାଇଥିବା ବେଳେ ଏକାଧିକ ଅଭିଯୁକ୍ତଙ୍କ ଗିରଫ ସମୟରେ ସହରର ଜଣେ ଭଦ୍ର ବ୍ୟକ୍ତି ଚନ୍ଦ୍ରଶେଖର ଗୌଡ଼ଙ୍କୁ ସାକ୍ଷ୍ୟ ଭାବେ ନିଆଯିବାକୁ ନେଇ ଉଠିଛି ପ୍ରଶ୍ନ। ଚନ୍ଦ୍ରଶେଖର ଗୌଡ ଓରଫ୍ ବାବୁ ଗୌଡ଼ଙ୍କ ଘର ବଡ଼ବଜାର ଥାନା ଅଞ୍ଚଳରେ ହୋଇଥିବା ବେଳେ ତାଙ୍କ ବିରୁଦ୍ଧରେ ମଧ ବ୍ରହ୍ମପୁର ପୁଲିସ ଜିଲ୍ଲାର ବିଭିନ୍ନ ଥାନାରେ ଏକାଧିକ ଅପରାଧିକ ମାମଲା ରହିଥିବା ବିକ୍ରମ ଓ ମଦନଙ୍କ ଓକିଲ ସିଧାସଳଖ ଅଭିଯୋଗ କରିଛନ୍ତି। ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ପୁଲିସ ଗତ ୨୧ତାରିଖ ବିଳମ୍ବିତ ରାତିରେ ତାଙ୍କ ଗଜପତିନଗର ସ୍ଥିତ ବାସଭବନରୁ ପୁଲିସ ନେଇ ୨୨ତାରିଖ ପୂର୍ବାହ୍ନରେ ଗିରଫ ଦର୍ଶାଇ କୋର୍ଟ ଚାଲାଣ କରିଥିଲା। ତେବେ ବିକ୍ରମଙ୍କୁ ତାଙ୍କ ଘରୁ ରାତିରେ ନେବା ସତ୍ତ୍ୱେ ତାଙ୍କ ପରିବାର ବର୍ଗ ଅଥବା ସ୍ଥାନୀୟ କୌଣସି ଜଣାଶୁଣା ବ୍ୟକ୍ତିଙ୍କୁ ବିକ୍ରମଙ୍କ ଗିରଫ ସମ୍ପର୍କିତ ନୋଟିସ ସର୍ଭ ନକରି ବଡବଜାର ଅଞ୍ଚଳର ଚନ୍ଦ୍ରଶେଖର ଗୌଡଙ୍କୁ ପୁଲିସ ସାକ୍ଷୀ ରଖିବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ। ଭଦ୍ର ବ୍ୟକ୍ତି ଭାବେ ପୁଲିସ ସାକ୍ଷୀ କରିଥିବା ଚନ୍ଦ୍ରଶେଖର ଗୌଡଙ୍କ ନାମରେ ପୂର୍ବରୁ ଏକାଧିକ ଅପରାଧିକ ମାମଲା ଥିବା ନେଇ ଆବଶ୍ୟକ ସମସ୍ତ ନଥିପତ୍ର କୋର୍ଟରେ ଦାଖଲ କରାଯିବ ବୋଲି ସେ କହିଛନ୍ତି। ଏହି ମାମଲାରେ ବିକ୍ରମ ଓ ମଦନଙ୍କ ପାଇଁ ବରିଷ୍ଠ ଆଇନଜୀବୀ ମାନସ ଚାନ୍ଦ, ଦୀପକ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିବା ବେଳେ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ତଥା ଆଇନଜୀବୀ ସଂଜିତ ପାଣିଗ୍ରାହୀ, ଅନନ୍ତ ମହାନ୍ତ. ଶିବରାମ ପାତ୍ର, ଅଜିତ ପଣ୍ଡାଙ୍କ ସମେତ ବହୁ ଆଇନଜୀବୀ ମକଦ୍ଦମା ପରିଚାଳନାରେ ସହଯୋଗ କରିଥିଲେ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ସଫଳତା




ବ୍ରହ୍ମପୁର,୩।୧୨(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲୋଜି ବିଭାଗର ସ୍ନାତକୋତ୍ତର ପ୍ରଥମବର୍ଷ ଛାତ୍ର ଆର୍. ଧବଳେଶ୍ୱର ରେଡ୍ଡୀ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ, ଛାତ୍ରକଲ୍ୟାଣ ଅଧିକାରୀ ଡ. ଉଷାରାଣୀଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଧବଳେଶ୍ୱରଙ୍କୁ ଅଭିନନ୍ଦନ ଜ୍ଞାପନ ସହ ଅଜସ୍ର ସଫଳତା କାମନା କରିଛନ୍ତି। ଚଳିତମାସ ଭୁବନେଶ୍ୱରରେ ଆୟୋଜିତ ୨୬ତମ ଓଡ଼ିଶା ବିଜ୍ଞାନ ଓ ପରିବେଶ ସମାବେଶରେ ଯୋଗଦେଇ କୃତି ଅର୍ଜନ କରିଥିଲେ। ସେହିପରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପରିବେଶ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆୟୋଜିତ 'ସର୍ବୋତ୍କୃଷ୍ଟ ପାରିବେଶିକ ପରିଚାଳନା' ଶୀର୍ଷକ କର୍ମଶାଳାରେ ନିଜ ପ୍ରସ୍ତୁତ ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ର ପ୍ରଦର୍ଶନ କରି ଧବଳେଶ୍ୱର ପ୍ରଥମ ସ୍ଥାନ ହାସଲ କରିଥିଲେ। ସେ ଜଣେ ମେଧାବୀ ଛାତ୍ର, ଜଣେ ସୁଗାୟକ, ସୁବକ୍ତା ତଥା ସୁଲେଖକ ଭାବରେ ବିଭିନ୍ନ ସମୟରେ ପ୍ରତିଭା ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି।

## ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ ପକ୍ଷରୁ ମା' ରମାଦେବୀଙ୍କ ଜୟନ୍ତୀ



ବ୍ରହ୍ମପୁର,୩।୧୨(ସମିସ): ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ ପକ୍ଷରୁ ରମାଦେବୀଙ୍କ ୧୨୫ତମ ଜନ୍ମ ବର୍ଷର ଅନ୍ତିମ ଦିବସ ସମେତ ୧୨୬ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ଫାଉଣ୍ଡେସନ ଅଧ୍ୟକ୍ଷ ସୁଧୀର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶ୍ୱବିଖ୍ୟାତ ପରିବେଶବିତ୍ ଗ୍ରୀନ୍ ନୋବେଲ ବିଜେତା ଓ ଗାନ୍ଧୀବାଦୀ କର୍ମୀ ପ୍ରଫୁଲ୍ଲ ସାମନ୍ତରା ମୁଖ୍ୟବକ୍ତା ଭାବେ ଯୋଗଦେଇ ମା' ରମାଦେବୀଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ୍‌ର ସଦସ୍ୟ ଶ୍ୟାମସୁନ୍ଦର ଖାଡଙ୍ଗା, ସୁଶାନ୍ତ ମହାନ୍ତି, ଶୁଭେନ୍ଦୁ ପାତ୍ର, ମାଧବ ନାୟକ, ଆଦିତ୍ୟ ନାରାୟଣ ରଥ, ଋଷିକୂଲ୍ୟା ବଞ୍ଚାଓ ଅଭିଯାନର ଭାଲଚନ୍ଦ୍ର ଷଡ଼ଙ୍ଗୀ, ପ୍ରତାପ ଚନ୍ଦ୍ର ପ୍ରଧାନ, ଗଣସଂଗଠନର ସୁବାଷ ଚନ୍ଦ୍ର ରାଉତଙ୍କ ସମେତ ବିଭିନ୍ନ ସଂଗଠନର ସଦସ୍ୟ ଓ ସ୍କୁଲ କଲେଜର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଶିକ୍ଷକଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ

ଦିଗପହଣ୍ଡି,୩।୧୨(ସମିସ): ଦିଗପହଣ୍ଡି ବ୍ଲକ ବମୋକେଇ ପଞ୍ଚାୟତ କୁମରଡ଼ା ଗ୍ରାମର ଶିକ୍ଷକ ଦେବୀପ୍ରସାଦ ପଟ୍ଟନାୟକ ବିରୋଧରେ ସ୍ତ୍ରୀ ସାଲୋନୀ ପଟ୍ଟନାୟକ ଯୌତୁକ ନିର୍ଯାତନା ସହ ମାଡ଼ ମାରିବା ନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର (ନଂ.୪୩୯/୨୫)ରେ ଏକ ମାମଲା ଅଭିଯୁକ୍ତ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କ ନାଁରେ ରୁଜୁ କରି ତଦନ୍ତ ଚଳାଇଛନ୍ତି। ୨୦୨୩ରେ ଦିଗପହଣ୍ଡି ପୁଞ୍ଜିକୟାଁ ଅଞ୍ଚଳ କଲୋନୀର ପ୍ରଶାନ୍ତ ପଟ୍ଟନାୟକଙ୍କ କନ୍ୟା ସାଲୋନୀ କୁମରଡ଼ା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ଚନ୍ଦ୍ର ପଟ୍ଟନାୟକଙ୍କ ପୁଅ ଶିକ୍ଷକ ସନ୍ତୋଷ ଓରଫ ଦେବୀପ୍ରସାଦଙ୍କୁ ବିବାହ କରିଥିଲେ। ଦାବି ମୁତାବକ ଯୌତୁକ ନେଇ ମଧ୍ୟ ବିବାହର କିଛିଦିନ ପରେ ଅଧିକ ଯୌତୁକ ପାଇଁ ସଲୋନୀଙ୍କୁ ସ୍ୱାମୀ ଓ ଶାଶୁ, ଶ୍ୱଶୁର ନିର୍ଯାତନା ଦେବାରୁ ସେ ବାପଘରେ ରହୁଥିଲେ। ସମାଧାନ ହୋଇ ପୁଣି ଶ୍ୱଶୁର ଘରକୁ ଫେରିଥିଲେ ମଧ୍ୟ ଗତ ୨୬ ତାରିଖରେ ତାଙ୍କୁ ସ୍ୱାମୀ ଓ ଶଶୁର ଘର ଲୋକେ ମାଡ଼ ମାରିବା ସହ ନିର୍ଯାତନା ଦେବାରୁ ପୁଣି ବାପଘରକୁ ଚାଲି ଆସିଥିବା ଏତଲାରେ ଉଲ୍ଲେଖ କରିଛନ୍ତି ବୋଲି ତଦନ୍ତ ଅଧିକାରୀ ଏସ୍‌ଆଇ ସୋଫିଆ ମିଶ୍ର କହିଛନ୍ତି।

**■ ବ୍ଲକସ୍ତରୀୟ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ**

## 'ଦିବ୍ୟାଙ୍ଗମାନେ ସମାଜର ଅବିଚ୍ଛେଦ୍ୟ ଅଙ୍ଗ'




ବ୍ରହ୍ମପୁର,୩।୧୨(ସମିସ): ସ୍ଥାନୀୟ ବିସି ପ୍ରାଥମିକ ବିଦ୍ୟାଳୟ ପରିସରରେ ଗଞ୍ଜାମ ଜିଲ୍ଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ବ୍ଲକସ୍ତରୀୟ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ପ୍ରମୋଦ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଧାୟକ ପ୍ରତିନିଧି ଅଶୋକ କୁମାର ଶୁକ୍ଳ ଓ ଏବିଇଓ ଜଗନ୍ନାଥ ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ। ଦିବ୍ୟାଙ୍ଗଜନ ହେଉଛନ୍ତି ସମାଜର ଅବିଚ୍ଛେଦ୍ୟ ଅଙ୍ଗ, ସେମାନଙ୍କର ବିକାଶରେ ହିଁ ସମାଜର ବିକାଶ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହ "ପ୍ରୟାସ' ପତ୍ରିକାକୁ ଉନ୍ମୋଚନ କରିଥିଲେ। ଏ ଅବସରରେ ଏକ ଶୋଭାଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। ସେହିପରି ଉଦ୍‌ଯାପନୀ ଉତ୍ସବରେ ସାମ୍ବାଦିକ ରବି ରଥ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହା ସହ ଛାତ୍ରଛାତ୍ରୀଙ୍କୁ ଶୀତବସ୍ତ୍ର ସହ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗରର ୭୭ ଓ ବ୍ଲକରୁ ୮୭ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ବ୍ରହ୍ମପୁର ସିଟି ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ




ବ୍ରହ୍ମପୁର,୩।୧୨(ସମିସ): ଆମ୍ବପୁଆ ସ୍ଥିତ ବ୍ରହ୍ମପୁର ସିଟି ମହାବିଦ୍ୟାଳୟ ପରିସରରେ ଚାଲିଥିବା ଦୁଇ ଦିବସୀୟ ସ୍ୱାସ୍ଥ୍ୟକୁ ପରିବର୍ତ୍ତନ କରୁଥିବା ଆଣବିକ ଔଷଧ ଶୀର୍ଷକ ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜୟନ୍ତ ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପାଟପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶଙ୍କର ପ୍ରସାଦ ଅଧିକାରୀ ଯୋଗଦେଇ ମନୁଷ୍ୟ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ହେଭି ମେଟାଲ୍ ଶୀର୍ଷକରେ ସନ୍ଦର୍ଭ ପାଠ କରିଥିଲେ। ସମ୍ମିଳନୀର ଆବାହକ ଡ.ଅଜୟ କୁମାର ପେଣ୍ଟେଇ, ଅଧ୍ୟାପକ ଶିକ୍ଷା ବିଭାଗ, ସଂଯୋଜକ ଅଧ୍ୟାପକ ଡ.ସୁରଜ କୁମାର ବେହେରା, ସହ ସଂଯୋଜିକା ଅଧ୍ୟାପିକା ଡ.ମନିଷା ପଟ୍ଟନାୟକ, ଉପଦେଷ୍ଟା ଡ.ଅଂଜଳୀ ପାତ୍ର, ସହ ସଂଯୋଜକ ଅଧ୍ୟାପକ ମେଘନାଦ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମିଳନୀରେ ଅଷ୍ଟ୍ରେଲିଆର କୁଇନ୍ସଲ୍ୟାଣ୍ଡ ୟୁନିଭରସିଟି ରିସର୍ଚ୍ଚ ସ୍କଲାର ଆକାଂକ୍ଷା ସାହୁ ଏବଂ ବ୍ରହ୍ମପୁର ସିଟି ମହାବିଦ୍ୟାଳୟର ଜୀବ ବିଜ୍ଞାନ ବିଭାଗର ଛାତ୍ରୀ ସ୍ମୃତି ପଣ୍ଡା ନିଜର ସନ୍ଦର୍ଭ ପାଠ କରିଥିଲେ। ଶେଷରେ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ଅଧ୍ୟାପକ ଡ.ପ୍ରତାପ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଡାକ୍ତର କେ. ଲକ୍ଷ୍ମୀ ବାଇଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୩।୧୨(ସମିସ): ସ୍ତ୍ରୀ ରୋଗ ବିଶେଷଜ୍ଞ ତଥା ଶତାୟୁ ଡ଼ାକ୍ତର ପ୍ରଫେସର ଡା. ଲକ୍ଷ୍ମୀ ବାଇକୁ ଜିଲ୍ଲା ବିଜେପି ପକ୍ଷରୁ ଭାବାନଗର ସ୍ଥିତ ତାଙ୍କ ବାସ ଭବନରେ ସମ୍ବର୍ଦ୍ଧିତ କାରାଯାଇଛି। ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ନିଜର ସଞ୍ଚିତ ସମ୍ପତି ୩ କୋଟି ୪୦ ଲକ୍ଷ ଟଙ୍କା ସ୍ତ୍ରୀ ରୋଗ(କର୍କଟ) ସେବା ପାଇଁ ଦାନ କରିଛନ୍ତି। ତାଙ୍କର ଏଭଳି ନିଷ୍ପତି ଓ ତ୍ୟାଗ ବ୍ରହ୍ମପୁର ସହରର ସମେତ ଗଞ୍ଜାମ ତଥା ଓଡିଶା ପାଇଁ ଗର୍ବ ଆଣିଥିବା କୁହାଯାଇଥିଲା। କାର୍ଯ୍ୟକ୍ରମରେ ବିଜେପିର ଜିଲ୍ଲା ସଭାପତି ସରୋଜ ସାବତ, ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ନାୟକ, ସୁରେଶ ପାଢ଼ୀ, ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ରାମ ପାତ୍ର, ସିଦ୍ଧାନ୍ତ ଗଙ୍ଗ ଦେଓ, ପ୍ରଭାତ ଷଡ଼ଙ୍ଗୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



## ଅଭିନ୍ନ ଜ୍ୟୋତି ଆଶ୍ରମର ବାର୍ଷିକ ଉତ୍ସବ




ବ୍ରହ୍ମପୁର,୩।୧୨(ସମିସ): ପବିତ୍ର ଗୀତା ଜୟନ୍ତୀ ଅବସରରେ ମାର୍କଣ୍ଡୀ ସ୍ଥିତ ଠାକୁର ଶ୍ରୀ ଶ୍ରୀ ଅଭିନ୍ନ ଜ୍ୟୋତି ଆଶ୍ରମର ଦ୍ୱାଦଶତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହେଉଛି। ଏହି ଅବସରରେ ଶାନ୍ତି ଆନନ୍ଦାଶ୍ରମର ବରିଷ୍ଠ ସାଧୁ ମହାତ୍ମାଙ୍କ ପୌରହିତ୍ୟରେ ନାମଯଜ୍ଞ, ଗୀତାଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଛି। ମଙ୍ଗଳବାର ଆରମ୍ଭ ହୋଇଥିବା ଉଦ୍‌ଘାଟନ କାର୍ଯ୍ୟକ୍ରମରେ କଳସଯାତ୍ରା ଓ ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ ହୋଇଥିଲା। ବୁଧବାର ଗୀତାଯଜ୍ଞ, ସମ୍ମିଳନୀ ଉଦଘାଟିତ ହୋଇଥିଲା। ସେହିଭଳି ଅପରାହ୍ନରେ ବିଶ୍ୱଶାନ୍ତି ନାମଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। ସନ୍ଧ୍ୟାରେ ସନ୍ଧ୍ୟା ଆଳତୀ ସହିତ ସାଧୁ ସନ୍ଥମାନଙ୍କ ଦ୍ୱାରା ହରିକଥା ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଗ୍ରାମର ଯୁବଗୋଷ୍ଠୀ ପରିଚାଳନାରେ ସହଯୋଗ କରୁଛନ୍ତି।

## ସରିଲା ସ୍ୱତନ୍ତ୍ର ପ୍ରଗତି ପରୀକ୍ଷା; ୬ରେ ଫଳାଫଳ

ବ୍ରହ୍ମପୁର,୩।୧୨(ସମିସ):

ଚଳିତବର୍ଷ ଦଶମ ବୋର୍ଡ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଫଳାଫଳ ଲକ୍ଷ୍ୟରେ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦଶମଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ଚାଲିଥିବା ସ୍ୱତନ୍ତ୍ର 'ପ୍ରଗତି ପରୀକ୍ଷା-୧' ଶେଷ ହୋଇଛି। ଗଞ୍ଜାମ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ପରୀକ୍ଷାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର କିଛି ନିର୍ଦ୍ଦିଷ୍ଟ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଥିଲା। ଚଳିତମାସ ୧ରୁ ୩ ତାରିଖ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ୨ଟି ବିଷୟକୁ ନେଇ ପରୀକ୍ଷା ହୋଇଥିଲା। ବେସଲାଇନ୍ ପରୀକ୍ଷା-୧ ଓ ୨ ଫଳାଫଳରେ ଏ-୧ ଓ ୨ ଏବଂ ବି-୧ ହାସଲ କରିଥିବା ଛାତ୍ରଛାତ୍ରୀ ଉକ୍ତ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବିଷୟର ମୂଲ୍ୟାଙ୍କନ ୫୦ମାର୍କ ରହିଥିବା ବେଳେ ୨୦ ମାର୍କ ସଂକ୍ଷିପ୍ତ ଏବଂ ୩୦ ବିସ୍ତୃତ ରହିଥିଲା। ଏଥିପାଇଁ



ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ୧ ଘଣ୍ଟା ୧୫ମିନଟ ସମୟ ଦିଆଯାଇଥିଲା। କେବଳ ଗଣିତ ବିଷୟ ପରୀକ୍ଷା ବେଳେ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ୧୫ମିଟନ ଦିଆଯାଇଥିଲା। ଅନୁଷ୍ଠିତ ହୋଇଥିବା 'ପ୍ରଗତି ପରୀକ୍ଷା-୧'ରେ ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକରେ ୬୦୧ସ୍କୁଲର ୮ହଜାର ୩୨୦ଜଣ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ଏଥିରେ ସର୍ବାଧିକ ଦିଗପହଣ୍ଡି ବ୍ଲକର ୫୭୯ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଉପାନ୍ତ ଇଲାକା ଜଗନ୍ନାଥପ୍ରସାଦ ବ୍ଲକର ୨୪୭ ଓ ପାତ୍ରପୁର ବ୍ଲକର ୨୨୮ ଜଣ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ସେହିଭଳି ବ୍ରହ୍ମପୁର ସହରର ୪୧୯ଜଣଙ୍କ ସମେତ ଛତ୍ରପୁର ବ୍ଲକରୁ ୩୧୯ଜଣ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ। ସ୍କୁଲସ୍ତରରେ ଉକ୍ତ ପରୀକ୍ଷାର ଫଳାଫଳ ବିଶ୍ଳେଷଣ ଚଳିତ ମାସ ୪ତାରିଖ ସୁଦ୍ଧା ସମାପ୍ତ କରି ନୋଡାଲ୍ ହାଇସ୍କୁଲଗୁଡ଼ିକୁ ଦାଖଲ କରାଯିବାକୁ ନିର୍ଦ୍ଦେଶ ରହିଛି। ଡିସେମ୍ବର ୫ତାରିଖ ସୁଦ୍ଧା ଗଞ୍ଜାମର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ମାସ ୬ତାରିଖରେ ଏହାର ଫଳାଫଳ ପ୍ରକାଶ ପାଇବ। ନିର୍ଦ୍ଦେଶାବଳୀର ବିଚ୍ୟୁତି ହେଲେ ଗମ୍ଭୀରତାର ସହ ବିଚାର କରାଯିବ ଏବଂ ତ୍ରୁଟିପୂର୍ଣ୍ଣ ବିଭାଗୀୟ ମୁଖ୍ୟଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ରହିଛି।

## ୬ରେ ଗଞ୍ଜାମ ଜିଲ୍ଲା ବାସ୍କେଟବଲ ଦଳ ଚୟନ ଶିବିର

ବ୍ରହ୍ମପୁର,୩।୧୨(ସମିସ): ଚଳିତମାସ କଟକରେ ୬୬ତମ ବାସ୍କେଟ ବଲ୍ ଚାମ୍ପିଅନ୍‌ସିପ୍ ଆୟୋଜିତ ହେବ। ଏହି ଚାମ୍ପିଅନ୍‌ସିପ୍ ୧୪ରୁ ୧୮ ଯାଏ ଚାଲିବ। ଏଥିନିମନ୍ତେ ଚଳିତମାସ ୬ରେ ଗଞ୍ଜାମ ଜିଲ୍ଲା ବାସ୍କେଟ୍ ବଲ ଦଳର ଚୟନ ଶିବିର ଅନୁଷ୍ଠିତ ହେବ। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଏହି ଚୟନ ଶିବିର ଅନୁଷ୍ଠିତ ହେବ। ଉକ୍ତଦିନ ଇଚ୍ଛୁକ ଉଭୟ ପୁରୁଷ ଓ ମହିଳା ବରିଷ୍ଠ ଖେଳାଳିମାନେ ନିଜ କିଟ୍ ସହ ଶିବିରରେ ଅଂଶଗ୍ରହଣ କରିବାକୁ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. CRPD/SCO/2025-26/17 | |
|---|---|
| ପୋଷ୍ଟର ନାମ | ଖାଲି ପଦବୀ |
| ଭିପି ୱେଲ୍ଥ (ଏସଆରଏମ) | 506 |
| ଏଭିପି ୱେଲ୍ଥ (ଆରଏମ) | 206 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://sbi.bank.in/web/careers/post-your-query)** ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 23.12.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 02.12.2025
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

## ରମାଦେବୀ ଥିଲେ ସମଗ୍ର ମାନବ ଜାତିର ମା'



**୧୨୫ତମ ଜୟନ୍ତୀରେ ମତ ପ୍ରକାଶ**

**କଟକ,୩ା୧୨(ସମିସ):** ମା' ରମାଦେବୀ ୧୨୫ତମ ଜୟନ୍ତୀ ପିଏମଶ୍ରୀ ରେଭେନ୍ସା ଉଚ୍ଚ ମାଧ୍ୟମିକ ବାଳିକା ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏହି ସଭାରେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ କହିଥିଲେ ମା' ରମାଦେବୀ କେବଳ ସ୍ୱାଧୀନତା ସଂଗ୍ରାମୀ ନ ଥିଲେ ସେ ଥିଲେ ସମଗ୍ର ମାନବ ଜାତିର ମା'। ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରି ମାତ୍ର ୧୫ ବର୍ଷ ବୟସରେ ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀଙ୍କ ସହିତ ଘର ସଂସାର କରିଥିଲେ ମଧ୍ୟ ତାହା ତାଙ୍କୁ ସୁଖ ଦେଇପାରି ନ ଥିଲା। ବ୍ରିଟିଶ ଶାସନ କବଳରୁ ସମଗ୍ର ଭାରତ ବର୍ଷକୁ ମୁକ୍ତ କରିବାକୁ ଗାନ୍ଧୀଜୀଙ୍କ ଆହ୍ୱାନରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଲେ। ବାରମ୍ବାର ଜେଲ ଯିବା ଭିତରେ ସେହି ଜେଲ ଭିତରୁ ସ୍ୱାଧୀନତା ସଂଗ୍ରାମୀ ଭାବେ ଉଭା ହୁଅନ୍ତି। ସ୍ୱାଧୀନତା ପରେ ରୋଗ, ଦୁଃଖ, ଦାରିଦ୍ର୍ୟ, ବଢ଼ି, ମରୁଡ଼ି, ଆଦି ପ୍ରାକୃତିକ ବିପର୍ଯ୍ୟୟରୁ ମାନବ ସମାଜକୁ ରକ୍ଷାକରିବା ପାଇଁ ଦେଶ ଗଠନ କାମରେ ଲାଗିଥିଲେ। ଭୂଦାନ ଆନ୍ଦୋଳନ ଓ ଜରୁରିକାଳୀନ ପରିସ୍ଥିତି ସମୟରେ ମା' ରମାଦେବୀ ପ୍ରମୁଖ ଭୂମିକା ନିଭାଇଥିଲେ। ସମଗ୍ର ବିଶ୍ୱରେ ମା' ରମାଦେବୀ ଚୌଧୁରୀଙ୍କ ପରିବାର ଏକମାତ୍ର ପରିବାର ରାଷ୍ଟ୍ରର ସମୃଦ୍ଧି ପାଇଁ ନିଜର ପରିବାରକୁ ସମ୍ପୂର୍ଣ୍ଣ ନିସ୍ୱ କରିଦେଇଥିଲେ। ଉତ୍କଳ ସର୍ବୋଦୟ ମଣ୍ଡଳ ଓ କଟକ ଜିଲ୍ଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ଆୟୋଜିତ ଏହି ଜୟନ୍ତୀ ଉତ୍ସବ ବିଦ୍ୟାଳୟର ଅଧକ୍ଷା ସୌଦାମିନୀ ମହାପାତ୍ରଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିବା ବେଳେ କଟକ ଜିଲ୍ଲା ସର୍ବୋଦୟ ମଣ୍ଡଳର ସଭାପତି ଡାକ୍ତର ରବିରଞ୍ଜନ ସାହୁ ମୁଖ୍ୟବକ୍ତା, ଡ ପ୍ରିୟଲତା ଜେନା ସମ୍ମାନିତ ବକ୍ତା, ବିଦ୍ୟାଳୟର ପୁରାତନ ଛାତ୍ରୀ ରେଣୁକା ସାହୁ, ଅବସରପ୍ରାପ୍ତ ଯନ୍ତ୍ରୀ ସରୋଜ କାନ୍ତ ଧଳ, ଶିକ୍ଷୟିତ୍ରୀ ଜୟନ୍ତୀ ରଥ, ସର୍ବୋଦୟ ପାକ୍ଷିକ ପତ୍ରିକାର ପରିଚାଳିକା ଇନ୍ଦୁମତୀ ସାହୁ, ସ୍ନେହାଂଶୁ ଜେନା, ମାଳତୀ ପାତ୍ର, ପ୍ରଭାତ ପାତ୍ର ଓ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ।

**୫ରେ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଟିକେଟ୍ ବିକ୍ରି**

# ସର୍ପେଣ୍ଟାଇନ୍ ବାରିକେଡ୍‌ରେ ଆଶାୟୀ



**ବ୍ଲାକର୍ ହେବେ ସାବାଡ୍**

**ପୂର୍ବ ରାତି ନୁହେଁ: ସକାଳ ୬ରୁ ହେବ ଧାଡ଼ି**

**ଟିକେଟ୍ କାଉଣ୍ଟର ନିକଟବର୍ତ୍ତୀ ଅଞ୍ଚଳକୁ 'ନୋ ମ୍ୟାନ୍-ଲ୍ୟାଣ୍ଡ' ଘୋଷଣା କଲା ପୁଲିସ**

**କଟକ,୩ା୧୨(ସମିସ):** ବାରବାଟୀରେ ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଆସନ୍ତା ୯ରେ ଖେଳାଯିବ। ମଝିରେ ଆଉ ମାତ୍ର ୭ଦିନ। ଏଥି ନିମନ୍ତେ ପୂର୍ବ ପ୍ରସ୍ତୁତି କମିଶନରେଟ୍ ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ବେଳେ ଟିକଟ୍ ବିକ୍ରୟରେ ସ୍ୱଚ୍ଛତା ଆଣିବାକୁ ପୁଲିସ ଉଦ୍ୟମ କରୁଛି। ଆଜି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଟିକଟ୍ କାଉଣ୍ଟର୍ ବୁଲି ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିଥିଲେ। ଅନଲାଇନ୍‌ରେ ମାତ୍ର ୨ହଜାର ଟିକେଟ୍ ବିକ୍ରି ସରିଥିବା ବେଳେ କାଉଣ୍ଟରରେ ୧୦ହଜାର ଟିକେଟ୍ ବିକ୍ରି କରାଯିବ। ୧୧ହଜାର ଅନୁବନ୍ଧିତ ୟୁନିଟ୍ କ୍ରୟ କରୁଛନ୍ତି। ମୋଟ୍ ୨୩ହଜାର ଟିକେଟ୍ ବିକ୍ରୟ କରାଯିବ। ଷ୍ଟାଡିୟମ୍‌ର କ୍ଷମତା ୪୨ହଜାର ରହିଥିବା ବେଳେ ୧୮ହଜାର ୪୦୦ଟି ଟିକେଟ୍ କମ୍ପ୍ଲିମେଣ୍ଟାରୀ ପାସ୍ ଭାବେ ବଣ୍ଟାଯିବ। ତେବେ ଖୋଲାଯିବାକୁ ଥିବା କାଉଣ୍ଟର୍‌ରେ ମାତ୍ର ୧୦ହଜାର ଟିକଟ୍ ବିକ୍ରୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏତେ କମ୍ ସଂଖ୍ୟାକ ଟିକେଟ୍ କିଣିବାକୁ ଷ୍ଟାଡିୟମର ୪ଟି କାଉଣ୍ଟରରେ ୧ଲକ୍ଷରୁ ଅଧିକ ଲୋକ ରୁଣ୍ଡ ହେବେ। ପୂର୍ବଦିନ ତନ୍ମଧ୍ୟରୁ ଅଧିକାଂଶ ଲୋକ ଟିକେଟ୍ କଳାବଜାରୀ କରିବା ଆଶାରେ ଧାଡିରେ କିଛି ଦଲାଲଙ୍କୁ ନିୟୋଜିତ କରିବେ। ସେମାନଙ୍କ କିଛି ଟଙ୍କା ଦେଇ ଟିକଟ୍ ହାତେଇବେ। ପରବର୍ତ୍ତି ସମୟରେ ଏହି ଟିକଟ୍‌କୁ କଳାବଜାରୀ କରି ଚଢ଼ା ଦରରେ ବିକ୍ରି କରିବେ। ଏଭଳି ବେଆଇନ୍ କାର୍ଯ୍ୟ ପୂର୍ବରୁ କରାଯାଉଥିବା ବେଳେ ଏଥର ମ୍ୟାଚ୍‌ରେ ପୁଲିସ ଏହାକୁ ସମ୍ପୂର୍ଣ୍ଣ ଭାବେ ମୂଳପୋଛ କରିବାକୁ ପ୍ରୟାସ କରୁଛି। ସ୍ୱତନ୍ତ୍ର ସ୍କ୍ୱାଡ୍ ସହିତ ସାଦା ପୋଷାକଧାରୀ ପୁଲିସ କାଉଣ୍ଟର୍ ପାଖରେ ଡ୍ୟୁଟି କରିବେ। କୌଣସି ଅସାଧୁ ବ୍ୟକ୍ତି ଦିନମଜୁରିଆଙ୍କୁ ଟିକେଟ୍ କିଣିବାକୁ ଧାଡ଼ିରେ ଛିଡ଼ା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି ଶ୍ରୀ ଦ୍ୟାନଦେଓ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, କୌଣସି ବ୍ୟକ୍ତି ପୂର୍ବଦିନ ରାତିରୁ ଧାଡ଼ିରେ ଛିଡ଼ା ହୋଇ ପାରିବେ ନାହିଁ। ଟିକେଟ୍ ବିକ୍ରୟ ଦିନ ସକାଳ ୬ଟାରୁ ଧାଡ଼ିରେ ଛିଡ଼ା ହେବାକୁ ସେ କହିଛନ୍ତି।

ଟିକେଟ କାଉଣ୍ଟର ସାମ୍ନାରେ ଏଥର ବାଉଁଶ ବ୍ୟାରିକେଡ ନୁହେଁ, ସର୍ପେଣ୍ଟାଇନ୍ ବ୍ୟାରିକେଡ ଲାଗିଛି। ଦର୍ଶକଙ୍କ ନିମନ୍ତେ ୨ଫୁଟ୍ ଲେଖାଁଏ ୨ଟି ବ୍ୟାରିକେଡ୍ ଲାଇନ୍ କରାଯାଇଥିବା ବେଳେ ତା' ପାଖରେ ଆଉ ଗୋଟିଏ ୩ଫୁଟ୍‌ର ବ୍ୟାରିକେଡ୍ ହୋଇଛି। କାଉଣ୍ଟର ପାଖରୁ ୮୦୦ମିଟର ପର୍ଯ୍ୟନ୍ତ ଷ୍ଟିଲ୍ ବ୍ୟାରିକେଡ୍ ଲଗାଯାଇଛି। କାଉଣ୍ଟର ନିକଟବର୍ତ୍ତି ଅଞ୍ଚଳକୁ 'ନୋ ମ୍ୟାନ୍ ଲ୍ୟାଣ୍ଡ' ଘୋଷଣା କରାଯାଇଛି। ଯେଉଁମାନେ ଟିକେଟ୍ କିଣିବାକୁ ଆଶାୟୀ, ସେହିମାନେ ସେଠାରେ ରହି ପାରିବେ। ଅନ୍ୟ କୌଣସି ବ୍ୟକ୍ତି ଉକ୍ତ ଅଞ୍ଚଳରେ ରହି ପାରିବେ ନାହିଁ। ଏଭଳି ବ୍ୟବସ୍ଥା ହେବା ଦ୍ୱାରା ବିଶୃଙ୍ଖଳା କରୁଥିବା ଲୋକଙ୍କୁ ରୋକାଯାଇ ପାରିବ। ସର୍ପେଣ୍ଟାଇନ୍ ବ୍ୟାରିକେଡକୁ ଜିକ୍‌ଜାକ୍ ଶୈଳିରେ ବ୍ୟବସ୍ଥା କରାଯାଇଛି। ଟିକଟ୍ କାଉଣ୍ଟର୍ ଗୁଡ଼ିକ ସାମ୍ନାରେ ପ୍ରବଳ ଭିଡ଼ ହେତୁ କୌଣସି ବିଶୃଙ୍ଖଳା ନକରିବାକୁ ପୁଲିସ ନିବେଦନ କରିଛି। ଆସନ୍ତା ୫ରେ ଅଫଲାଇନ୍ ଟିକଟ୍ ବିକ୍ରୟ ହେବାକୁ ଥିବା ବେଳେ ଷ୍ଟାଡିୟମ ବାହାରେ ଟିକେଟ୍ ବିକ୍ରୟ ପୂର୍ବଦିନ ରାତି ୮ ଟାରୁ ୯ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବ। ଟିକଟ୍ ବିକ୍ରୟ ଦିନ ସକାଳ ୯ଟାରୁ ଆଉ ୧୯ପ୍ଲାଟୁନ୍ ଫୋର୍ସ କାଉଣ୍ଟର୍ ସମ୍ମୁଖରେ ନିୟୋଜିତ ରହିବେ। ଗୋଟିଏ ପ୍ଲାଟୁନ୍ ମହିଳା ପୁଲିସ ଡ୍ୟୁଟି କରିବେ। ସେମାନେ ସ୍ୱତନ୍ତ୍ର ଭାବେ ଖୋଲାଯାଇଥିବା 'ମହିଳା ଟିକଟ୍ କାଉଣ୍ଟର୍'କୁ ଜଗି ରହିବେ। ଟିକେଟ୍ ବିକ୍ରୟ ଆରମ୍ଭ ହେବା ପୂର୍ବରୁ ୧୦୦ଜଣ ଅଫିସର, ୫ରୁ ଅଧିକ ଏସିପି ଓ ୨ଜଣ ଏଡିସିପି ସୁରକ୍ଷା ଦାୟିତ୍ୱରେ ରହିବେ। ମୁଖ୍ୟତଃ କୌଣସି ଟିକଟ୍ ଆଶାୟୀ କାଉଣ୍ଟର ସମ୍ମୁଖରେ ବିଶୃଙ୍ଖଳା କଲେ କିମ୍ବା ନିୟମ ନମାନିଲେ ପୁଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଟିକେଟ୍ ବ୍ଲାକ୍ କରିବାର ସମ୍ଭାବନା ରହିଥିବାରୁ ୪ଟି ସ୍ୱତନ୍ତ୍ର ସ୍କ୍ୱାଡ୍ କାଉଣ୍ଟର୍ ଆଖପାଖରେ ସାଦା ପୋଷାକରେ ବୁଲିବେ। ଅନ୍ୟପଟେ ଏଥର ଟିକଟ୍ ପାଇଁ ପୂର୍ବ ରାତିରୁ ଧାଡିରେ ରହୁଥିବା ଲୋକଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯିବ।

# ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀ ସମାରୋହ ଉଦ୍‌ଯାପିତ



**କଟକ,୩ା୧୨(ସମିସ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ନେତ୍ରୀ ମା' ରମାଦେବୀଙ୍କର ୧୨୫ତମ ଜନ୍ମବାର୍ଷିକୀ ସମାରୋହ ବୁଧବାର ତାଙ୍କ ଜନ୍ମସ୍ଥାନ ତଥା ଉତ୍କଳ ଗୌରବ ମଧୁବାବୁଙ୍କ ଏନ୍ତୁଡ଼ିଶାଳ ସତ୍ୟଭାମାପୁରଠାରେ ଉଦ୍‌ଯାପିତ ହୋଇଛି। ମା' ରମାଦେବୀ ୧୨୫ ଜନ୍ମବାର୍ଷିକୀ କମିଟି, ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ବର୍ଷବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ତିନି ଦିନ ଧରି ଓଡ଼ିଶାର ବିଭିନ୍ନ ସ୍ଥାନ ଯଥା: ଯାଜପୁର ବାଲିପଡ଼ିଆ ଠକ୍କରବାପା ଆଶ୍ରମ, ଭୁବନେଶ୍ୱର ଓ କଟକ ପରେ ସତ୍ୟଭାମାପୁରରେ ଶେଷ ହୋଇଥିଲା। ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତିଙ୍କ ସଭାପତିତ୍ୱରେ ଏବଂ କମିଟିର ଆବାହକ ଡାକ୍ତର ବିଶ୍ୱଜିତଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଲୋହିଆ ଏକାଡେମୀର ସମ୍ପାଦକ ଦେବ ପ୍ରସାଦ ରାୟ, ମୁଖ୍ୟ ବକ୍ତା ଭାବରେ ଡକ୍ଟର ବାସନ୍ତୀ ମହାନ୍ତି ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଯୋଗଦେଇଥିଲେ। ଅତିଥିମାନେ ମା' ରମାଦେବୀଙ୍କ ତ୍ୟାଗ, ସମର୍ପଣ ଏବଂ ନବ ଉତ୍କଳର ନିର୍ମାଣ କ୍ଷେତ୍ରରେ ତାଙ୍କର ଅବଦାନକୁ ମୂଲ୍ୟାୟନ କରିଥିଲେ। ସେମାନେ ମତ ଦେଇଥିଲେ ଯେ ମା' ରମାଦେବୀଙ୍କ ଦେଶ ଓ ସମାଜ ପ୍ରତି ସମର୍ପିତ ଜୀବନର ମୂଲ୍ୟାୟନ କରିବା ସହିତ ତାଙ୍କ ଆଦର୍ଶକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବାର ଆବଶ୍ୟକତା ରହିଛି। ସରକାରୀ ଭାବରେ ତାଙ୍କର ଏହି ୧୨୫ତମ ଜନ୍ମବାର୍ଷିକୀକୁ ପାଳନ କରାଯାଇ ନ ଥିବାରୁ ଏହି ସମାରୋହରେ କ୍ଷୋଭ ପ୍ରକଟ କରାଯାଇଥିଲା। ପ୍ରାରମ୍ଭରେ ମା' ରମାଦେବୀଙ୍କ ସହ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କସ୍ତୁରବା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ଓ ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା। ବର୍ଷତମାମ ଉତ୍ସବକୁ ପ୍ରଚାର କରିଥିବାରୁ ସାମ୍ବାଦିକ ଶଶୀଭୂଷଣ ସାହୁଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନିତ କରାଯାଇଥିଲା।

**ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରସଙ୍ଗ**

# ହାଇକୋର୍ଟରେ ଡିସେମ୍ବର ୧୫ ପୂର୍ଣ୍ଣାଙ୍ଗ ଶୁଣାଣି

**କଟକ, ୩ା୧୨(ସମିସ):** ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପେନ୍‌ସନ୍ ପ୍ରଦାନ କରିବା ସପକ୍ଷରେ ଓଡ଼ିଶା ହାଇକୋର୍ଟର ଜଣିକିଆ ବିଚାରପତିଙ୍କ ଖଣ୍ଡପୀଠ ୨୦୨୪ ମସିହା ଜାନୁଆରୀ ୧୨ ତାରିଖରେ ପ୍ରଦାନ କରିଥିବା ରାୟ ବିରୋଧରେ ରାଜ୍ୟ ସରକାର ଦୁଇ ଜଣିଆ ଖଣ୍ଡପୀଠରେ ଯେଉଁ ରିଟ୍ ଅପିଲ୍ ଦାୟର କରିଥିଲେ, ତାହାର ଡିସେମ୍ବର ୧୫ ତାରିଖରେ ପୂର୍ଣ୍ଣାଙ୍ଗ ଶୁଣାଣି ହେବ। ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ତରଫରୁ ଦାୟର ଏକାଧିକ ରିଟ୍ ଅପିଲ୍‌ର ଏକତ୍ର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି।

ଶୁଣାଣି ସମୟରେ, ପ୍ରତିପକ୍ଷଙ୍କ ତରଫରୁ ଦର୍ଶାଯାଇଥିଲା ଯେ ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ସରକାରଙ୍କ ତରଫରୁ ଦାୟର ହୋଇଥିବା ଅନ୍ୟ କେତେକ ମାମଲା ଏପର୍ଯ୍ୟନ୍ତ ତାଲିକାଭୁକ୍ତ ହୋଇନାହିଁ। ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟ ୧୧ ତାରିଖ ସୁଦ୍ଧା ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ଦାୟର ଅନ୍ୟ ଅପିଲ୍‌ଗୁଡ଼ିକର ଏକ ତାଲିକା ଦାଖଲ କରିବାକୁ ଅତିରିକ୍ତ ସରକାରୀ ଓକିଲ (ଏଜିଏ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବ୍ଲକ୍ ଗ୍ରାଣ୍ଟ ଓ ଏବେର ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ଅବସର ଗ୍ରହଣ କରୁଥିବା ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଦୀର୍ଘ ଦିନ ଧରି ପେନ୍‌ସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ମିଳୁ ନାହିଁ। ଏହି ପ୍ରସଙ୍ଗ ନେଇ ପୂର୍ବରୁ ଶରତଚନ୍ଦ୍ର ପରିଡ଼ାଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ୨୦୧୫ ମସିହାରେ ହାଇକୋର୍ଟ ବ୍ଲକ୍ ଗ୍ରାଣ୍ଟ ସ୍କୁଲର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରଦାନ ସପକ୍ଷରେ ରାୟ ଦେଇଥିଲେ, ଯାହାକୁ ସୁପ୍ରିମକୋର୍ଟ ମଧ୍ୟ କାଏମ ରଖିଥିଲେ।

ଏହି ସୁପ୍ରିମକୋର୍ଟ ରାୟ ପରେ ଶତାଧିକ ଅବସରପ୍ରାପ୍ତ କର୍ମଚାରୀ ସେମାନଙ୍କ ପେନ୍‌ସନ୍ ଓ ଅବସରକାଳୀନ ପ୍ରାପ୍ୟ ଅବସରର ପର ଦିନଠାରୁ ପ୍ରଦାନ କରିବାକୁ ସରକାରଙ୍କ ନିକଟରେ ଦରଖାସ୍ତ କରିଥିଲେ। କିନ୍ତୁ ସରକାର ସେମାନଙ୍କ ଦରଖାସ୍ତକୁ ଖାରଜ କରିଦେଇଥିଲେ। ଏହା ପରେ ହେମନ୍ତ କୁମାର ଛୋଟରାୟ ଓ ଅନ୍ୟ ଶତାଧିକ କର୍ମଚାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଣିକିଆ ବିଚାରପତିଙ୍କ ଖଣ୍ଡପୀଠ ଅବସରପ୍ରାପ୍ତ କର୍ମଚାରୀଙ୍କ ଦରଖାସ୍ତ ଖାରଜ କରିବା ସମ୍ବନ୍ଧୀୟ ସରକାରଙ୍କ ନିର୍ଦ୍ଦେଶକୁ ରଦ୍ଦ କରିବା ସହ ତିନି ମାସ ଭିତରେ ସମସ୍ତ ପେନ୍‌ସନ୍ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ୨୦୨୪ ଜାନୁଆରୀ ୧୨ର ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ୍ କରି ହିଁ ରାଜ୍ୟ ସରକାର ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ୍ ଦାୟର କରିଛନ୍ତି। ପ୍ରଥମ ରିଟ୍ ଅପିଲ୍‌ର ପ୍ରତିପକ୍ଷ ଶ୍ରୀ ଛୋଟରାୟଙ୍କ ତରଫରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଛନ୍ତି।

**ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ**

# ଅନ୍ତର୍ଭୁକ୍ତି ଓ ଅଭିଗମ୍ୟତାରେ ସଶକ୍ତୀକରଣ ସମ୍ଭବ



**କଟକ,୩ା୧୨(ସମିସ):** ଦିବ୍ୟାଙ୍ଗମାନେ ସମାଜର ମୁଖ୍ୟସ୍ରୋତର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେମାନେ ନିଜକୁ କୌଣସି ଗୁଣରେ କମ୍ ଭାବିବା ଉଚିତ୍ ନୁହେଁ। ଜୀବନର ଯେକୌଣସି ସମସ୍ୟାର ମୁକାବିଲା କରିବା ନିମନ୍ତେ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରାଇବା ଉଚିତ। ଅନ୍ତର୍ଭୁକ୍ତି ଏବଂ ଅଭିଗମ୍ୟତା ଦ୍ୱାରା ଭିନ୍ନକ୍ଷମଙ୍କର ସଶକ୍ତିକରଣ ସମ୍ଭବ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯାଉଛି ଓ ସେମାନଙ୍କୁ ଆତ୍ମନିର୍ଭର କରାଇବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। ଖୁବଶୀଘ୍ର ଜିଲ୍ଲାର ସମସ୍ତ ମସ୍ତିଷ୍କ ପକ୍ଷାଘାତ ଭିନ୍ନକ୍ଷମଙ୍କୁ ସ୍ୱତନ୍ତ୍ର ଟ୍ରାଇସାଇକଲ ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଛନ୍ତି। ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ କାର୍ଯ୍ୟାଳୟ ପକ୍ଷରୁ ଆଜି ବାରବାଟୀ ପ୍ୟାଲେସଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଜିଲ୍ଲାର ବିଭିନ୍ନ ଭିନ୍ନକ୍ଷମଙ୍କୁ ହ୍ୱିଲଚେୟାର ବଣ୍ଟନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଡ ଇପସିତା ପ୍ରିୟଦର୍ଶିନୀ ମିଶ୍ର ଦିବ୍ୟାଙ୍ଗଙ୍କ ଉନ୍ନତି ପାଇଁ ଉତ୍ସର୍ଗୀକୃତ ମନୋଭାବ ସହ କାମ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରସନ୍ନ କୁମାର ହୋତା, ଆଇଡି ସଂଯୋଜକ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଦିବ୍ୟାଙ୍ଗମାନେ ନିଜର ସ୍ୱତନ୍ତ୍ର ଗୁଣ ସମ୍ପର୍କରେ ଅବଗତ ହୋଇ ସେହି ଗୁଣକୁ ବିକଶିତ କରି ଭିନ୍ନକ୍ଷମତାକୁ ଅତିକ୍ରମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜାତୀୟ ପାରା ସ୍ପୋର୍ଟସ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ନିଶ୍ଚିନ୍ତକୋଇଲିର ପ୍ରଦୀପ୍ତ ସ୍ୱାଇଁଙ୍କୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିବା ସହ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତାଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଓ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆର୍ନ୍ତଜାତୀୟ ଦିବ୍ୟାଙ୍ଗ ଦିବସ ଅବସରରେ ଆଜି ସକାଳେ ବାରବାଟୀ ଷ୍ଟାଡିୟମର ସଚିନ ତେନ୍ଦୁଲକର କମ୍ପ୍ଲେକ୍ସଠାରୁ ଏକ ରାଲି ବାହାରି ବାରବାଟୀ ପ୍ୟାଲେସ ପର୍ଯ୍ୟନ୍ତ ଯାଇଥିଲା। ଏହି ରାଲିରେ ଜିଲ୍ଲାର ୧୩ଟି ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରାୟ ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

## ବିଦ୍ୟାଧରପୁର ହାଇସ୍କୁଲରେ ଏଡ୍‌ସ ଦିବସ

**କଟକ,୩ା୧୨(ସମିସ):** ବିଦ୍ୟାଧରପୁର ହାଇସ୍କୁଲ ପରିସରରେ ବିଶ୍ୱ ଏଡସ ଦିବସ ପ୍ରଧାନ ଶିକ୍ଷକ ମଞ୍ଜୁଶ୍ରୀ ମହାନ୍ତିଙ୍କ ଅଧକ୍ଷତାରେ ପାଳନ କରାଯାଇଛି। ପ୍ରାରମ୍ଭରେ ବିଶ୍ୱ ଏଡସ ଦିବସର ପ୍ରାସଙ୍ଗିକତାକୁ ଶିକ୍ଷୟିତ୍ରୀ କଳ୍ପନା ରାଉତ ଛାତ୍ରଛାତ୍ରୀଙ୍କୁ ବୁଝାଇ କହିଥିଲେ ଭାରତ ସମେତ ସମଗ୍ର ବିଶ୍ୱରେ ଏଡ଼ସ ସଂକ୍ରମିତ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ୧୯୮୮ ମସିହାରୁ ପ୍ରତିବର୍ଷ ଡିସେମ୍ବର ୧ ତାରିଖ ଦିନ ବିଶ୍ୱ ଏଡ଼ସ ଦିବସ ପାଳନ କରାଯାଉଛି। ବିଶ୍ୱ ଏଡ଼ସ ଦିବସରେ ଏଡ଼ସ ବିରୁଦ୍ଧରେ ସଚେତନତା ବାର୍ତ୍ତା ପ୍ରଚାର କରାଯାଇଛି "ଜିତିବ ଜୀବନ ହାରିବ ଏଡ଼ସ'। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ବରିଷ୍ଠ ଶିକ୍ଷୟିତ୍ରୀ ସୁପ୍ରଭା ପଣ୍ଡା, ବାସନ୍ତୀ ବେହେରା, ସ୍ମିତାରାଣୀ ସେଠୀ, ହୃଷିକେଶ ମହାନ୍ତି, ଭାଗିରଥି ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ।




# ବିରୂପା ନଦୀକୁ ଖସିଲା କାର୍

**ଜଣେ ଉଦ୍ଧାର: ଜଣେ ନିଖୋଜ**

**ଗୁଗୁଲ୍ ମ୍ୟାପ୍ ଦେଖି ଫସିଗଲେ ୨ ସାଙ୍ଗ**

**କଟକ,୩ା୧୨(ସମିସ):** ଜଗତପୁର ଥାନା ଅନ୍ତର୍ଗତ ପଣ୍ଡାସାହି ନିକଟସ୍ଥ ବିରୂପା ନଦୀ ବନ୍ଧରେ ଘଟିଛି ଏକ ଅଘଟଣ। ଭାରସାମ୍ୟ ହରାଇ ଏକ ବ୍ୟାଟ୍ରି କାର୍ ନଦୀ ଭିତରକୁ ଖସି ପଡ଼ିଥିବା ବେଳେ ଜଣେ ଯୁବକ କାର୍ ଭିତରେ ଫସି ରହିଛନ୍ତି। ଅନ୍ୟ ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଯୁବକଙ୍କ ଘର ଭୁବନେଶ୍ୱର ଲିଙ୍ଗିପୁର ଅଞ୍ଚଳରେ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ସ୍କୁବା ଡାଇଭର ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ବିଳମ୍ବିତ ରାତ୍ରି ହେବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରଖାଯାଇଥିବା ସୂଚନା ମିଳିଛି।

ଘଟଣାରୁ ପ୍ରକାଶ, ଭୁବନେଶ୍ୱରରୁ ୨ ଜଣ ବନ୍ଧୁ ଏକ ହୋଟେଲ୍ ଓପନିଂ ଉତ୍ସବରେ ଯୋଗ ଦେବାକୁ ଆସିଥିଲେ। ସେ ଏକ ବ୍ୟାଟ୍ରିଚାଳିତ କାର୍‌ରେ ଆସୁଥିବା ବେଳେ ସମ୍ପୃକ୍ତ ରାସ୍ତା ଓ ଠିକଣା ସମ୍ପର୍କରେ କିଛି ବି ସୂଚନା ପାଇ ନଥିଲେ। ଫୋନ୍‌ରେ ଠିକଣା ଜାଣିବା ପରେ ଗୁଗୁଲ୍ ମ୍ୟାପ୍‌ର ନିର୍ଦ୍ଦେଶ ଅନୁଯାୟୀ ରାସ୍ତା ଅତିକ୍ରମ କରୁଥିଲେ। ହଠାତ ପଣ୍ଡାସାହି ନିକଟରେ ନଦୀ ବନ୍ଧକୁ ଉଠିବାକୁ ଏକ ଉଠାଣି ରାସ୍ତା ଆସିଥିଲା। ସେମାନେ ଏହା ଜାଣି ନପାରି ଦ୍ରୁତଗତିରେ କାର୍‌କୁ ନେଇ ନଦୀ ବନ୍ଧକୁ ଉଠିଯାଇଥିଲେ। ଏହାପରେ ନଦୀ ବନ୍ଧରେ ଡାହଣକୁ ଯିବାକୁ ଥିବା ବେଳେ ସେମାନେ ଭାରସାମ୍ୟ ହରାଇ ସିଧା ନଦୀ ମଧ୍ୟକୁ କାର୍‌କୁ ଡିଆଁଇ ଦେଇଥିଲେ। କାର୍‌ଟି ନଦୀ ବନ୍ଧରୁ ସିଧା ନଦୀ ଭିତରୁ ଯାଇ ପଡ଼ିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଜଣକୁ ଉଦ୍ଧାର କରାଯାଇଛି। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ କାର୍ କିମ୍ବା ଅନ୍ୟ ଜଣେ ଯୁବକଙ୍କ କୌଣସି ପତ୍ତା ମିଳିନାହିଁ।

**SBI**
**ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/17**

| ପୋଷ୍ଟର ନାମ | ଖାଲି ପଦବୀ |
|---|---|
| ଭିପି ୱେଲ୍ଥ (ଏସଆରଏମ) | 506 |
| ଏଭିପି ୱେଲ୍ଥ (ଆରଏମ) | 206 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 23.12.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 02.12.2025
**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**

# ଚାଷଜମିରେ ମାଟି ପକାଇ ରାସ୍ତା ନିର୍ମାଣ ନେଇ ଅସନ୍ତୋଷ

ପାପଡାହାଣ୍ଡି,୩।୧୨ (ସମିସ): ଦୁଇ ବର୍ଷ ହେବ ଚାଷ ହୋଇପାରିନି। ଚାଷ ଜମିରେ ନୂତନ ରାସ୍ତା ନିର୍ମାଣ ନାମରେ ପାଖାପାଖି ୧୨ ଫୁଟ ମାଟି ପକାଇ ଦେଇଛି ଆରଏଣ୍ଡବି ବିଭାଗ। ଜମି ବାବଦକୁ ନା' ମିଳିଛି କ୍ଷତିପୂରଣ ରାଶି, ନା ବଦଳା ଚାଷ ଜମି। ଏମିତିରେ କେମିତି ଚାଷ ଜମି ଟେକିଦେବୁ ସରକାରଙ୍କ ହାତରେ, ଜୋର୍ ଯାହାର ମୁଲକ ତାର ଭଳି କାମ କରୁଛି ସରକାର। ବିଭିନ୍ନ ସମୟରେ ଜନପ୍ରତିନିଧି ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଯାଇ ନୟନ୍ତା ହେଲୁଣି। ନା ଜମି ମିଳୁଛି ନା କ୍ଷତିପୂରଣ...ଏଭଳି ଅଭିଯାଗ କରିଛନ୍ତି ପାପଡାହାଣ୍ଡି ବ୍ଲକ ଶିରିସୀ ପଞ୍ଚାୟତ ଅନ୍ତର୍ଗତ ସରିଶପଦର ଗ୍ରାମର ଦଶ ଜଣ ଚାଷୀ। ସୂଚନା ଅନୁଯାୟୀ, ପାପଡାହାଣ୍ଡିରୁ କସାଗୁମୁଡା ରାଜ୍ୟ ରାଜପଥର ପଶସ୍ତି କରଣ କରାଯାଉଛି ଝ ପାପଡାହାଣ୍ଡି ମୁଖ୍ୟ ଛକଠାରୁ ଚାରି କିଲୋମିଟର କସାଗୁମୁଡା ଯିବା ବାଟରେ ଦୁଇଗୋଟି କ୍ଷିପ୍ର ବୁଲାଣି ପଡେ ସେହି କ୍ଷିପ୍ର ବୁଲାଣୀକୁ ସିଧା କରିବାକୁ ଯାଇ ବିଭାଗୀୟ ତରଫରୁ କୌଣସି ଅଗ୍ରିମ ନୋଟିସ ଚାଷୀଙ୍କୁ ନଦେଇ ସିଧା ସିଧା ଦଶଜଣ ଚାଷୀଙ୍କ ଜମିରେ ଛଅ ମିଟର ଓସାର ଏବଂ ପାଖାପାଖି ୧୨ ଫୁଟ ଉଚ୍ଚତାରେ ମାଟି ପକେଇଥିବା ଚାଷୀ ଅଭିଯୋଗ କରିଛନ୍ତି । ଏହି ବୁଲାଣି ବହୁତ କ୍ଷୀପ୍ର ଥିବାରୁ ବିଗତ ଦିନରେ ବହୁ ଯାନବାହାନ ଦୁର୍ଘଟଣା ହୋଇଥିବା ନଜିର ରହିଛି । ପ୍ରକାଶ ଥାଉକି ଗତ ପଞ୍ଚାୟତ ନିର୍ବାଚନ ସମୟରେ ସୁରକ୍ଷା ବାହିନୀକୁ ନେଇ ଏକ ବସ ନନ୍ଦାହାଣ୍ଡି ବ୍ଲକରୁ କସାଗୁମୁଡା



ଅଭିମୁଖେ ଯିବା ସମୟରେ ସେହି ସ୍ଥାନରେ ଦୁର୍ଘଟଣା ହୋଇ ୩ଜଣ ସୁରକ୍ଷା ବାହିନୀଙ୍କ ପ୍ରାଣ ଚାଲିଯାଇଥିଲା। ସେହି ସମୟରେ ଉକ୍ତ ଦୁର୍ଘଟଣା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ସେହି ରାସ୍ତାକୁ ସିଧା କରିବାକୁ ଯାଇ ୧୦ ଜଣ ଚାଷୀଙ୍କ ଚାଷ ଜମିରେ ମାଟି ପକା ଯାଇଛି। ଚାଷୀ ତିନିବର୍ଷ ହେବ ଚାଷ କରି ପାରୁନାହାନ୍ତି । ଯେଉଁ ଜାଗାରେ ମାଟି ପଡିଛି, ସେହି ଜାଗାରେ ଚାଷ ହେଉନାହିଁ। ଏହାସହ ମାଟି ପକେଇ ଥିବା ଉଭୟ ପାର୍ଶ୍ୱର ପାଖାପାଖି ତିନି ଏକର ଜାଗାରେ ପୋଖରୀ ଭଳି ପାଣି ଜମିଯିବାରୁ ମଧ୍ୟ ଚାଷ ହୋଇପାରୁନାହିଁ । ଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ଗ୍ରାମର ମାର୍ଟିନ ଲୁଥର ଖଣ୍ଡପାଣି, ମଙ୍ଗରୁ ଭତରା, ରତନ ଭତରା, ଦୁର୍ଜନ ଭତରା, ସାଦା ଭତରା, ଚନ୍ଦ୍ର ଭତରା, ମଧୁ ଭତରା, ସନାଇ ଭତରା, ବଲ ଭତରା, ରାଜେଶ ଅଗ୍ରୱାଲ ଓ ଗୁରୁବନ୍ଧୁ ଭତରା ପ୍ରମୁଖ ଚାଷୀ ମାନେ ଦାବି କରିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପାପଡାହାଣ୍ଡି ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା ଯୋଗାଯୋଗ କରିଥିବାରୁ ଚାଷୀଙ୍କ କ୍ଷତିପୂରଣ ବାବଦକୁ ଉପରସ୍ଥ ଅଧିକାରୀଙ୍କୁ ଜଣାଯାଇଛି, ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ମତ ରଖିଥିବା ଉପାଧକ୍ଷ ସୂଚନା ଦେଇଛନ୍ତି ।

## ଆର୍ଥିକ ଓ ଡିଜିଟାଲ୍ ସାକ୍ଷରତା କାର୍ଯ୍ୟକ୍ରମ

କୋଷାଗୁମୁଡ଼ା,୩।୧୨(ସମିସ): ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ କୋଡୀଙ୍ଗା ପକ୍ଷରୁ କୋଡୀଙ୍ଗା ଡିଗ୍ରୀ କଲେଜ, ଏସ୍‌ବିଆଇ କୋଷାଗୁମୁଡା ପକ୍ଷରୁ ପଣ୍ଡୁଗୁଡା ଏବଂ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ରାଜଡ଼ା ପକ୍ଷରୁ ରାଜଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆର. ବି.ଆଇ ନିର୍ଦ୍ଦେଶ ମୁତାବକ ଆର୍ଥିକ ଓ ଡିଜିଟାଲ ସାକ୍ଷରତା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରବିଆଇ ନିର୍ଦ୍ଦେଶ ମୁତାବକ ବ୍ୟାଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ଜିଲ୍ଲାରେ ପଞ୍ଚାୟତ ଏବଂ କଲେଜ ମାନଙ୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ବାର୍ଷିକ ୪୩୬ ଟଙ୍କାରେ ୨ ଲକ୍ଷ ଟଙ୍କାର ଆର୍ଥିକ ରାଶି ବୟସ ସୀମା ୧୮ ରୁ ୫୦ ବର୍ଷ, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଦୁର୍ଘଟଣା ଜନିତ ବୀମା ରାଶି ବାର୍ଷିକ ୨୦ ଟଙ୍କାରେ ୨ ଲକ୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା, ଅଟଳ ପେନସନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନାରେ କିପରି ସମସ୍ତେ ଅନ୍ତର୍ଭୁକ୍ତ ହୋଇ ପାରିବା ସେ ସମ୍ପର୍କରେ ବୁଝାଇଥିଲେ। ସାଇବର ସିକ୍ୟୁରିଟି, ଡିଜିଟାଲ ବ୍ୟାଙ୍କିଙ୍ଗ, ଶିକ୍ଷା ଋଣ, ବିଭିନ୍ନ ପ୍ରକାର ଠକେଇ, ଋଣ ସମ୍ବନ୍ଧରେ ଏବଂ ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଫଏଲସି ତନ୍ମୟ ଦାଶ, କୋଡିଙ୍ଗା କଲେଜ ପ୍ରିନ୍ସପାଲ ରାଜୀବ ଜାଲ, ରାଜଡ଼ା ସରପଞ୍ଚ ବନମାଳୀ ଭତ୍ରା, ପଣ୍ଡୁଗୁଡା ସରପଞ୍ଚ ନରସିଂହ ବାବୁ, ରାଜଡ଼ା ବ୍ୟାଙ୍କ ମ୍ୟାନେଜର ସୁଜ୍ଞାନ ସିଂ, କୋଷାଗୁମୁଡା ବ୍ୟାଙ୍କ କର୍ମଚାରୀ, କୋଡୀଙ୍ଗା ବ୍ୟାଙ୍କ କର୍ମଚାରୀ, ଧାନ ଫାଉଣ୍ଡେସନ ସିଏଫଏଲ କୋର୍ଡିନେଟର, ଆସୋସିଏଟ, ଏମ୍‌ବିକେ, ସିଆରପିଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ।

## ସୀମା ସୁରକ୍ଷା ବାହିନୀ ପ୍ରତିଷ୍ଠା ଦିବସ

କୋରାପୁଟ,୩।୧୨(ସମିସ): କୋରାପୁଟର ସେକ୍ଟର ମୁଖ୍ୟାଳୟରେ ସୀମା ସୁରକ୍ଷା ବଳ ୬୧ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ସୀମା ସୁରକ୍ଷା ବଳ ଭାରତର ପ୍ରଥମ ପ୍ରତିରକ୍ଷା ରେଖାରେ ପରିଣତ ହୋଇଛି ଯାହା ଦେଶର ସୀମାକୁ ସୁରକ୍ଷା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି କୋରାପୁଟ ସେକ୍ଟର ଡିଆଇଜି ସତ୍ୟବାନ ଖାନଚି ବକ୍ତବ୍ୟ ରଖିଥିଲେ। ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ସୁରକ୍ଷା ଦେବା ପାଇଁ ବାହିନୀର ପ୍ରତିବଦ୍ଧତାକୁ ପୁନଃପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏବଂ ଏସ୍‌ପି ରୋହିତ ବର୍ମାଙ୍କ ସମେତ ଅନେକ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ସଂସଦୀୟ ଖେଳ ମହୋତ୍ସବ ଉଦ୍‌ଯାପିତ



ନବରଙ୍ଗପୁର/ନନ୍ଦାହାଣ୍ଡି,୩।୧୨(ସମିସ):

ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ସ୍ତରୀୟ ସଂସଦୀୟ ଖେଳ ମହୋତ୍ସବ-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ନବରଙ୍ଗପୁର ସଂସଦୀୟ କ୍ରିକେଟ ପାଇଁ ସମସ୍ତ ୧୧ ପଞ୍ଚାୟତର ଖେଳାଳୀ ଅଂଶ ଗ୍ରହଣ କରିଥିଲେ। ଅନ୍ତିମ ଦିନ ମ୍ୟାଚରେ ନନ୍ଦାହାଣ୍ଡି ଓ ଧଣ୍ଡରା ପଞ୍ଚାୟତ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ନନ୍ଦାହାଣ୍ଡି ଗ୍ରାମପଞ୍ଚାୟତ ଦଳ ଚାମ୍ପିଅନ୍ ହୋଇଥିଲ।। ବିଜୟୀ ଦଳର ଅଧିନାୟକ ମାନସ ସୁନା ଓ ପ୍ରତିଦ୍ୱନ୍ଦ୍ୱୀ ଦଳର ଅଧିନାୟକ ଧନୁର୍ଜୟ ହରିଜନ ରହିଥିବାବେଳେ ମୁନା ସମରଥ ଓ ଅରୂପ ବେହେରା ଏମ୍ପାୟର ରୂପେ ଖେଳ ପରିଚାଳନା କରିଥିଲେ। ଶେଷରେ ଉଭୟ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଯାହାକି ଡିସେମ୍ବର ପଚିଶ ତାରିଖରେ ସମାପନ ହେବ। ମହୋତ୍ସବରେ ଲଙ୍ଗ ଜମ୍ପ, ହାଇଜମ୍ପ ଓ ଦୌଡ ପ୍ରତିଯୋଗିତା କରାଯାଇଥିଲା। ସମସ୍ତ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଖେଳାଳୀମାନେ ନବରଙ୍ଗପୁର ସଂସଦୀୟ କ୍ଷେତ୍ର ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ଜାନକୀକାନ୍ତ ବିଷୋୟୀ ଯୋଗ ଦେଇଥିବା ବେଳେ ନନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ , ବିଜେପି ମଣ୍ଡଳ ସଭାପତି ଭାବଗ୍ରାହୀ ଓ ଲକ୍ଷ୍ମଣ ନାୟକ, ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ରିତେଶ କୁମାର ଭଞ୍ଜ, ଶ୍ରୀନିବାସ ଶତପଥୀ, ଜ୍ୟୋତିର୍ମୟ ତ୍ରିପାଠୀ ପ୍ରମୁଖଙ୍କ ସମେତ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକମାନେ ଉପସ୍ଥିତ ରହିଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଭିନ୍ନକ୍ଷମ ଦିବସ ପାଳନ

ନବରଙ୍ଗପୁର, ୩।୧୨(ସମିସ) ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ନବରଙ୍ଗପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଆଶାକିରଣ (ମାନସିକ ଅନଗ୍ରସର ପିଲାଙ୍କ ନିମନ୍ତେ ଶିକ୍ଷା ଓ ବୈଷୟିକ ତାଲିମ କେନ୍ଦ୍ର) ପରିସରରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ସଚିବ ଶାଶ୍ୱତୀ ମିଶ୍ର ଯୋଗ ଦେଇଥିବା ବେଳେ ଅନ୍ୟାନ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଅଧିକାରୀ ଡ. ସୁକାନ୍ତ ଶତପଥି, ଡକ୍ଟର ଅଳକା ମିଶ୍ର, ରାଜ କିଶୋର ନାଗ, ଆଶା କିରଣ ସ୍କୁଲର ଅଧ୍ୟକ୍ଷ ଜଗନ୍ନାଥ ବେହେରା ଯୋଗ ଦେଇ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସର ମହତ୍ତ୍ୱ ବିଷୟରେ ଭିନ୍ନକ୍ଷମ ପିଲାଙ୍କୁ ବୁଝାଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘ



ନାରାୟଣପାଟଣା,୩।୧୨(ସମିସ): ନାରାୟଣପାଟଣା ବ୍ଲକ ଏକ୍ସ କ୍ୟାଡର ଶିକ୍ଷକ ସଂଘର ୫୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ସ୍ଥାନୀୟ ବୁଢ଼ୀ ଠାକୁରାଣୀ ମନ୍ଦିରରେ ଏକ ଧନ୍ୟବାଦ ସଭା ବରିଷ୍ଠ ଶିକ୍ଷକ ରାଜେନ୍ଦ୍ର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ଙ୍କ ଗଣ ଶିକ୍ଷା ବିଭାଗର ଚିଠି ନମ୍ବର ୧୮୦୧/ପି ଇ ଡି /୨୫ ତା.୧/୧୨/୨୦୨୫ ଅନୁସାରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଏକ୍ସ କ୍ୟାଡ଼ର ଶିକ୍ଷକ ଶିକ୍ଷୟିତ୍ରୀ ଗୋଷ୍ଠୀ ସାଧନ ସଂଯୋଜକ ଭାବେ କାର୍ଯ୍ୟ କରିବାକୁ ଯୋଗ୍ୟ ବିବେଚିତ ହେବା ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସଚିବ ଏନ.ତିରୁମୁଳା ନାୟକ,ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ନିର୍ଦ୍ଦେଶ ଯୋଗୁଁ ଏକ୍ସ କ୍ୟାଡ଼ର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଆଗକୁ ବିଭିନ୍ନ ପଦପଦବୀରେ ରହିବା ବ୍ୟବସ୍ଥା ଯୋଗୁ ଖୁସିର ଲହରୀ ଖେଳିଯାଇଛି। ଆୟୋଜିତ ଧନ୍ୟବାଦ କାର୍ଯ୍ୟକ୍ରମରେ ଚନ୍ଦନ ସେଠୀ , ଜି.ସନ୍ତୋଷ, ଜାମି ସୁରିଆ, ସୁରେଶ ଡୁରୁକ, ଉମେଶ୍ୱର ସୁବୁଦ୍ଧି, ଗଂଜନ ସାରା, ଲିଟୁ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

## ଏଚଆଇଭି ଓ ସିଫିଲିସ ସଚେତନତା ଶିବିର

ଜୟପୁର,୩।୧୨(ସମିସ): ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଏଚଆଇଭି ଓ ସିଫିଲିସ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜାତୀୟ ସେବା ଯୋଜନା ବ୍ୟୁରୋ ତଥା ଶିକ୍ଷା ବିଭାଗର ମୁଖ୍ୟ ଡ. ମନୋରଞ୍ଜନ ପ୍ରଧାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଲେପ୍ରା ଇଣ୍ଡିଆ ପକ୍ଷରୁ ଲେପ୍ରା କାଉନ୍‌ସିଲର ବିଜ୍ଞାନିକା ଦାସ, କାଉନସିଲର ମନ୍ସିନୀ ଟାକ୍ରି ଯୋଗ ଦେଇ ଏଚଆଇଭି ଓ ସିଫିଲିସ ବିଷୟରେ ଅବଗତ ହେବା ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଜାତୀୟ ସେବା ଯୋଜନାର ପୁରଷ ଶାଖାର କାର୍ଯ୍ୟକ୍ରମ ଅଧିକାରୀ ଲୋକେଶ ପ୍ରଧାନ ଓ ମହିଳା ଶାଖାର ଅଧିକାରୀ ସୁକାନ୍ତି ସଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଛାତ୍ରଛାତ୍ରୀ ମାନେ ପ୍ରଶ୍ନ ପଚାରି ବୁଝିବା ସହିତ ଏଚ୍‌ଆଇଭି ମୁକ୍ତ ଭାରତ ଗଠନ ପାଇଁ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ବଚପନ୍ ଏଏଚପିଏସ୍ ବିଦ୍ୟାଳୟରେ ଜ୍ଞାନ ବିଜ୍ଞାନ କାର୍ଯ୍ୟକ୍ରମ

ରାୟଗଡ଼ା,୩।୧୨(ସମିସ):

ରାୟଗଡ଼ା ସହର ସ୍ଥିତ ବଚପନ୍ ଓ ଏକାଡେମୀକ୍ ହାଇଟ୍ସ ପବ୍ଲିକ୍ ବିଦ୍ୟାଳୟରେ ଦୁଇ ଦିନ ଧରି ବିଜ୍ଞାନ, ହସ୍ତକଳା, ଚିତ୍ରକଳା ଓ ସଙ୍ଗୀତ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଦିନ ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ନିର୍ଦ୍ଦେଶକ ଅଶ୍ୱନୀ କୁମାର ଦାସ, ନିର୍ଦ୍ଦେଶିକା ସୁଶ୍ରୀତା ଦାସ , ବିଦ୍ୟାଳୟର ପ୍ରଧାନଶିକ୍ଷକ ଲାଡି ନାରାୟଣ ମୂର୍ତ୍ତି ଓ ସହ ପ୍ରଧାନଶିକ୍ଷକ ଶ୍ରୀଧର ମହାପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସୂଚାରୁ ରୂପେ ପରିଚାଳନା କରିଥିଲେ।




ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହକ ଏବଂ ସମ୍ମାନିତ ଅତିଥି ସ୍ଥାନୀୟ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଶ୍ରୀ ଅର୍ଚ୍ଚନା ପଟ୍ଟନାୟକଙ୍କ କର କମଳ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ବିଚାରକ ଭାବେ କସ୍ତୁରୀ ସାହୁ ଓ ବିନା କେ ଜନ୍ ଏହାର ମୂଲ୍ୟାଙ୍କନ କରିଥିଲେ । ପ୍ରମୋଦ କୁମାର ମହାପାତ୍ର ଏବଂ ଦେବବ୍ରତ ପାଢ଼ୀ ଯୋଗ ଦେଇ ସମସ୍ତ ପରିଯୋଜନା ଗୁଡ଼ିକର ସୂଚାରୁ ରୂପେ ବିଚାର କରିଥିଲେ। ସେହିପରି ନିମନ୍ତ୍ରିତ ଅତିଥି ଦୁଃଖିଶ୍ୟାମ ଦାସ , ଅଳକା ଦାସ, ଟି ଜୟରାମ , ଲକ୍ଷ୍ମୀ ନାରାୟଣ ସାହୁ, ସତ୍ୟବାଦୀ ପତି , ଲାଲବିହାରୀ ଲେଙ୍କା , ବୀର ବାବୁ , ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ତଥା ସମସ୍ତ ଅଭିଭାବକ ଓ ଅନେକ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଦର୍ଶନୀରେ ଯୋଗ ଦେଇଥିଲେ। ଆମ ଦେଶରେ ଯୁବକଙ୍କ ଅଭିନବ ଚିନ୍ତାଧାରା ଓ ଉନ୍ନତ ମାନର ଦେଶର ପରିଚାଳନା ବିଷୟକୁ ଆଧାର କରି ଏକ "ଯୁବ ସଂସଦ " ନାଟକ ପ୍ରସ୍ତୁତ କରାଯାଇଥିଲା। ଏହି ଯୁବ ସଂସଦ କାର୍ଯ୍ୟକ୍ରମରେ ସମସ୍ତ ୭ମରୁ ନବମ ଶ୍ରେଣୀ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମିଳିତ ଯୋଜନାରେ କାର୍ଯ୍ୟକ୍ରମ ଅତି ସୁନ୍ଦର ଭାବରେ ପରିଚାଳିତ ହୋଇଥିଲା। ଏହି ପ୍ରକଳ୍ପ ସମସ୍ତ ପ୍ରକଳ୍ପ ଠାରୁ ସ୍ୱତନ୍ତ୍ର ଓ ଅଭିନବ ଥିଲା।

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

ଉମରକୋଟ,୩।୧୨(ସମିସ): ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ତଥା ଶିକ୍ଷକ ଓ ଶିକ୍ଷକ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ପଞ୍ଚାୟତ ସମିତି ସ୍ତରୀୟ ବାଳ ବୈଜ୍ଞାନିକ ତଥା ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବିଜ୍ଞାନ ପ୍ରଦର୍ଶନୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜାମରୁଣ୍ଡା ଠାରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ସଭାପତି ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ, ସରପଞ୍ଚ ଜଗଦୀଶ ଗଣ୍ଡ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ପୁରୁଷୋତ୍ତମ ମାଝୀ, ଓ ଦେବେନ୍ଦ୍ର ବାଘ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୨୦ ପ୍ରକଳ୍ପ ଶିଶୁ ବୈଜ୍ଞାନିକ ମାନଙ୍କ ଦ୍ୱାରା ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ସଭାପତି ତଥା ଗୋଷ୍ଠୀ ଶିକ୍ଷାଧିକାରୀ ଈଶ୍ୱର ଚନ୍ଦ୍ର ମାଝି ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ବରଣ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ରାମ ନାହାକ, ଅନ୍ୟତମ ଅତିଥି ଝରୀଗାଁ ବିଧାୟକଙ୍କ ପ୍ରତିନିଧି ସମୀର ରଞ୍ଜନ ରାୟ, ଆବାହକ ଘନଶ୍ୟାମ ମାଝୀ, ମୁଖ୍ୟବକ୍ତା ଡ. ପ୍ରଦୀପ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଜଗଦୀଶ ହାଲଦାର ଓ ନୀଳରତନ ସରକାର, ପ୍ରଶାନ୍ତ ଦତ୍ତ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ ବୈଜ୍ଞାନିକ ଡ. ବିମାନ ରଞ୍ଜନ ବେହେରା ଓ ଅଧ୍ୟାପକ ଜଗନ୍ନାଥ ସ୍ୱର୍ଣ୍ଣକାର, ଜିଲ୍ଲାସ୍ତରକୁ ସାତୋଟି ପ୍ରକଳ୍ପ ମନୋନୀତ ହୋଇଥିଲା। ମଞ୍ଚ ସଂଚଳନା କରିଥିଲେ ବରିଷ୍ଠ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକ। ଧନ୍ୟବାଦ ଅର୍ପଣ କରିଥିଲେ ପ୍ରିୟବ୍ରତ ପ୍ରଧାନ।

## ଗୋଷ୍ଠୀ ଜୁନିଅର୍ ରେଡ୍‌କ୍ରସ ପରାମର୍ଶଦାତା ତାଲିମ ଶିବିର

ନବରଙ୍ଗପୁର,୩।୧୨(ସମିସ): ସରକାରୀ ଇନ୍ଦିରା ପ୍ରିୟଦର୍ଶିନୀ ଉଚ୍ଚ ବିଦ୍ୟାଳୟ କୁକୁଡାବାଇ ଠାରେ ନବରଙ୍ଗପୁର ଜିଲ୍ଲା ଜୁନିଅର ରେଡକ୍ରସ ଶାଖା ତଥା ରାଜ୍ୟ ଜୁନିଅର ରେଡକ୍ରସ ଶାଖାର ମିଳିତ ସହଯୋଗରେ ଗୋଷ୍ଠୀ ସ୍ତରୀୟ ଏକ ଦିବସୀୟ ଜୁନିଅର ରେଡକ୍ରସ ପରାମର୍ଶଦାତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଭାସିନୀ ମହାନ୍ତି ଓ ଜିଲ୍ଲା ଜୁନିଅର ରେଡକ୍ରସ ସମ୍ପାଦକ ପ୍ରଭାତ ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ପାଲ, ପ୍ରଶିକ୍ଷକ ଭାବେ ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ପ୍ରକାଶିନୀ ଚୌଧୁରୀ, ଯୁଗ୍ମ ସମ୍ପାଦକ ନଳିନୀ କାନ୍ତ ପାତ୍ର ଓ ମିଥୁନ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ମହାଲିକ ମାନବ ସେବା ହିଁ ମାଧବ ସେବା ଓ ରେଡକ୍ରସର ମୂଳ ମନ୍ତ୍ରରେ ଦୀକ୍ଷିତ ହେବା ପାଇଁ ଉପଦେଶ ଦେଇଥିଲେ। ପ୍ରଶିକ୍ଷକ ନଳିନୀ କାନ୍ତ ପାତ୍ର ରେଡ୍‌କ୍ରସର ଇତିହାସ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଶିବିରରେ ନବରଙ୍ଗପୁର ସମେତ ନନ୍ଦାହାଣ୍ଡି ଓ ତେନ୍ତୁଳିଖୁଣ୍ଟି ବ୍ଲକର ସମସ୍ତ ଜେଆରସି କାଉନସିଲର ଯୋଗ ଦେଇଥିଲେ।

## କାଶୀପୁରରୁ ଚଇତି କଳସ ଆଣିଲା ପଦ୍ମପୁର ବ୍ଲକ୍ ପ୍ରଶାସନ

ପଦ୍ମପୁର,୩।୧୨(ସମିସ): ଗଣପର୍ବ ଚଇତି-୨୦୨୫ର ଶୁଭାରମ୍ଭ କାଶୀପୁର ସ୍ଥିତ ମାଁ ମାଣିକେଶ୍ୱରୀ ମନ୍ଦିରରୁ ଶୁଭାରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ପଦ୍ମପୁର ବ୍ଲକ ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧି ପକ୍ଷରୁ ଆଜି ସକାଳୁ ପଦ୍ମପୁର ବ୍ଲକ୍ ଚଇତି ସଭାପତି ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ ଚନ୍ଦ୍ର ଜାନୀଙ୍କ ଅଧ୍ୟକ୍ଷତାରେ ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବର, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରି, ବ୍ଲକ୍ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ପଦ୍ମପୁର 'ଖ' ଜୋନ୍‌ର ରବିନାରାୟଣ ଆଚାର୍ଯ୍ୟ, ମଙ୍ଗଳ ଅଧିକାରୀ ଅର୍ଚ୍ଚନା ପଣ୍ଡା, ଜଗନମୋହନ୍ ପଣ୍ଡା, ଅଦିତ୍ୟ ମିଶ୍ର, ସମନ୍ୱିତ ଶିଶୁ ବିକାଶ ସୁପରଭାଇଜର ସାବିତ୍ରୀ ନାୟକ, ବ୍ଲକ୍ ଯୋଗାଣ ଅଧିକାରୀ ଅମର ଶବର, ବ୍ଲକ୍ ମିଶନ ଶକ୍ତି କୋର୍ଡିନେଟର ସୁକାନ୍ତ ପାଢ଼ୀ, ଜିପିଓ ଗୌରାଙ୍ଗ କାଦମ୍ବଲ୍ ପ୍ରମୁଖ ଦୀର୍ଘ ୧୫୦ କିମି ଯାଇ ମା' ମାଣିକେଶ୍ୱରୀଙ୍କ ପୀଠରୁ ଘଟକଳସୀ ଆଣି ପଦ୍ମପୁରରେ ପହଞ୍ଚି ଛନ୍ତି। ତେବେ ଆସନ୍ତା ଡ଼ିସେମ୍ବର ୧୪ତାରିଖ ଦିନ ପଦ୍ମପୁରରେ ଚଇତି ମହୋତ୍ସବ ପାଳନ କରାଯିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ ଚନ୍ଦ୍ର ଜାନୀ କହିଛନ୍ତି।




## ଜିଲ୍ଲାସ୍ତରୀୟ 'ପରବ'ନାଟକ ପ୍ରତିଯୋଗିତା

ଜୟପୁର,୩।୧୨(ସମିସ):

କୋରାପୁଟ ଜିଲ୍ଲାରେ ରାଜ୍ୟସ୍ତରୀୟ ଲୋକମହୋତ୍ସବ "ପରବ" ଅବସରରେ ଜୟପୁର ଠାରେ ଜିଲ୍ଲାସ୍ତରୀୟ ନାଟକ ପ୍ରତିଯୋଗିତାର ୨ୟ ସଂଧ୍ୟାରେ ନାରାୟଣପାଟନା ବ୍ଲକର ରେବତୀ, ପଟାଙ୍ଗି ବ୍ଲକର ବାଲ୍ୟ ବିବାହର କରୁଣ କାହାଣୀ ଓ ବୈପାରିଗୁଡା ବ୍ଲକର ପୁସପୁନୀ ପରବ ନାଟକ ମଞ୍ଚସ୍ଥ ହୋଇଥିଲା। ଆଜିର ଏହି ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ ଗୀତାଞ୍ଜଳି ମଣ୍ଡପଠାରେ ଆୟୋଜିତ ପ୍ରତିଯୋଗିତାରେ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ଓଡିଶୀ ନୃତ୍ୟଗୁରୁ ତଥା ସଂଗୀତ ନାଟକ ଏକାଡେମୀରେ ସମ୍ମାନିତ କାହ୍ନୁଚରଣ ପ୍ରଧାନ, ପ୍ରିୟାଥିଏଟର ଗ୍ରୁପ୍ ସଭାପତି ଦିଲ୍ଲୀପ ମହାପାତ୍ର, ସାମ୍ବାଦିକ ହୃଷିକେଶ ମିଶ୍ର ମଞ୍ଚାସିନ ଥିଲେ। ବିଚାରକ ଭାବେ ମୁରଲୀ ପଟ୍ଟନାୟକ,ଗୋପାଳ କୃଷ୍ଣ ସାମନ୍ତରାୟ, ଶିବ ରଥ ଯୋଗ ଦେଇଛନ୍ତି। ସାଂସ୍କୃତିକ ମହୋତ୍ସବ କମିଟିର କମଳାକାନ୍ତ ରଥ, ଗୁପ୍ତେଶ୍ୱର ପାଣିଗ୍ରାହୀ, ବରିଷ୍ଠ କଳାକାର ମହମ୍ମଦ ସରିଫ, ମଧୁସ୍ମିତା ମିଶ୍ର ପ୍ରମୁଖ ନାଟକ ପରିଚାଳନରେ ସହଯୋଗ କରିଥିଲେ। ଆସନ୍ତା କାଲି ଜୟପୁର ବ୍ଲକ, ଜୟପୁର ପୌରପରିଷଦ ଓ ସୁନାବେଡାର ନାଟକ ମଞ୍ଚସ୍ଥ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଯେ, ଜିଲ୍ଲାସ୍ତରୀୟ ଏହି ପ୍ରତିଯୋଗିତା ଗତକାଲି ସଂଧ୍ୟାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## କୋରାପୁଟ ବ୍ଲକସ୍ତରୀୟ 'ପରବ'

କୋରାପୁଟ,୩।୧୨(ସମିସ): କୋରାପୁଟ ବ୍ଲକ୍‌ସ୍ତରୀୟ ଆଦିବାସୀ ଲୋକ ମହୋତ୍ସବ ପରବ ଉଦ୍‌ଘାଟିତ ହୋଇଯାଇଛି। କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ନିଶାଣୀମୁଣ୍ଡା ଠାରେ ପୂଜାର୍ଚ୍ଚନା କରାଯାଇ ମଶାଲ ପ୍ରଜ୍ୱଳନ କରି ଏକ କଳସ ଯାତ୍ରାର ଆୟୋଜନ କରାଯାଇଥିଲା। କୋରାପୁଟ ବ୍ଲକର ୧୪ ଟି ପଞ୍ଚାୟତରୁ ଆସିଥିବା ବିଭିନ୍ନ ବିଭାଗର ପ୍ରତିନିଧି ମାନେ ଢେମସା ନାଚର ତାଳେ ତାଳେ ମସାଲକ ନେଇ ସହର ପରିକ୍ରମା କରି ସ୍ଥାନୀୟ ଟାଉନହଲ ଠାରେ ପହଞ୍ଚିଥିଲେ।



ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ କୋରାପୁଟ ବିଡ଼ିଓ ଦେବାଶିଷ ଗୌଡ଼, ସାଂସଦ ପ୍ରତିନିଧି ବାବୁଲା ବେନିଆ, କୋରାପୁଟ ବ୍ଲକ୍ ଅଧ୍ୟକ୍ଷା ନମିତା ମାଝୀ, ଜିଲ୍ଲା ପରିଷଦ ସଭ୍ୟ ରଘୁ ଯାନୀ ଓ ମିହିର କୁଲଦୀପଙ୍କ ସମେତ ୧୪ଗୋଟି ପଞ୍ଚାୟତର ସରପଞ୍ଚ ଓ ସମସ୍ତ ପଞ୍ଚାୟତର ଅଧିକାରୀ ମାନେ ଯୋଗ ଦେଇଥିଲେ। ପରେ ଟାଉନ୍ ହଲ ଠାରେ ବିଭିନ୍ନ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଖଇରପୁଟ, ୩।୧୨(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ନୂତନ ପେନସନ ଯୋଜନା ଭୁକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଦୁଇ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୋଷ୍ଠୀ ଶିକ୍ଷାଧିକାରୀ ଖଇରପୁଟଙ୍କ ଜରିଆରେ ପଠାଇଥିଲେ। ଦୁଇ ଦାବି ମଧ୍ୟରେ ସମସ୍ତଙ୍କୁ କେନ୍ଦ୍ରୀୟ ହରରେ ୩୪୫୦୦ଟଙ୍କା ଦରମା ଓ ୬ ବର୍ଷ ଗଣନା ସହ ୬ ଟି ନ୍ୟାସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ। ଏହି ଅବସରରେ ସଂଘର ସଭାପତି ପ୍ରଦୀପ କୁମାର ପଟ୍ଟନାୟକ, ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ଡମ୍ବରୁଧର ସୀସା, ଗୋଲୋକ ସାହୁ, କ୍ରିଷ୍ଣା ରାଓ, ଜିତୁ ପରିଛା, ଚନ୍ଦ୍ର ଖିଲ ଓ ବାସୁଦେବ ସମରଥ ପ୍ରମୁଖ ଉପସ୍ଥିତ ଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. CRPD/SCO/2025-26/17 | |
|---|---|
| ପୋଷ୍ଟର ନାମ | ଖାଲି ପଦବୀ |
| ଭିପି ୱେଲ୍ଥ (ଏସଆରଏମ) | 506 |
| ଏଭିପି ୱେଲ୍ଥ (ଆରଏମ) | 206 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 23.12.2025 ପର୍ଯ୍ୟନ୍ତ ।**

ସ୍ଥାନ: ମୁମ୍ବାଇ
ତାରିଖ: 02.12.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ଭଞ୍ଜନଗରରେ ୬୬ ନକଲି ଆକାଉଣ୍ଟ

## ସାଇବର ଠକ ବ୍ୟବହାର କରୁଥିବା ସନ୍ଦେହ

ଭଞ୍ଜନଗର, ୩।୧୨(ସମିସ)

ଗଞ୍ଜାମ ଜିଲ୍ଲାରେ ଅନ୍‌ଲାଇନ୍ ଲୁଟ୍‌ର ଶିକାର ହୋଇ ଲୋକ ତ୍ରାହି ତ୍ରାହି ଡାକୁଥିବା ବେଳେ ଭଞ୍ଜନଗର ସମେତ ଜିଲ୍ଲାର ସମସ୍ତ ଥାନା ଇଲାକାରେ ଏକାଧିକ ମୁଲ ଆକାଉଣ୍ଟ ଠାବ ହୋଇଛି।

ସାଇବର ଠକେଇର ଖିଅ ପାଇବା ପରେ ନୂଆଦିଲ୍ଲୀ ସ୍ଥିତ ଜାତୀୟ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ(ଏନସିଆରପି) ପକ୍ଷରୁ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଏହାର ଯାଞ୍ଚ ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଏହି 'ମ୍ୟୁଲ ଆକାଉଣ୍ଟ' ସମ୍ପର୍କରେ ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ହୋଇଥିବା ଯାଞ୍ଚ ବେଳେ ଭଞ୍ଜନଗରର ବିଭିନ୍ନ ବ୍ୟାଙ୍କରେ ୬୬ଟି ସନ୍ଦେହଯୁକ୍ତ ଶୂନ୍ୟ ବ୍ୟାଙ୍କ ଜମାଖାତା ବା ମ୍ୟୁଲ ଆକାଉଣ୍ଟ ଥିବା ଜଣାପଡ଼ିଛି। ଭଞ୍ଜନଗର ଅଧୀନସ୍ଥ ବିଭିନ୍ନ ବ୍ୟାଙ୍କରେ ଥିବା ଏପରି ୬୬ଟି ମ୍ୟୁଲ ଆକାଉଣ୍ଟ ସମ୍ପର୍କରେ ପୁଲିସ ପକ୍ଷରୁ ତଦନ୍ତ ଦ୍ୱାରା ବହୁ ତଥ୍ୟ ସାମ୍ନାକୁ ଆସିଛି। ଏନେଇ ଜିଲ୍ଲା ପୁଲିସ୍‌କୁ ନ୍ୟାସନାଲ୍ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ୍ ଆଧାରରେ ତାଲିକା ଆସିବା ପରେ ଭଞ୍ଜନଗର ଥାନା ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଯେଉଁ ମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ ସାଇବର ଠକେଇର ବ୍ୟବହାର କରାଯାଇଛି, ସେମାନଙ୍କୁ ଥାନାକୁ ଡକାଇ ଅନୁସନ୍ଧାନ କରାଯାଉଛି। କେଉଁ ପରିସ୍ଥିତିରେ ଓ କିପରି ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଆସିଛି, ସେନେଇ ଯାଞ୍ଚ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ଆକାଉଣ୍ଟ ଯାଞ୍ଚ କରାଯାଇ ୧୨୭୦/୨୫ରେ ଏକ ମାମଲା ରୁଜୁ ହୋଇଛି। ଏସଡିପିଓ ଡ. ଦୀପକ କୁମାର ମିଶ୍ର ଏହାର ତଦନ୍ତ କରୁଥିବା ବେଳେ ପ୍ରଥମେ ୧୦ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ଆଉ ବାକି ଆକାଉଣ୍ଟ ଗୁଡିକର ଯାଞ୍ଚ ଚାଲିଛି। ଯଦି ଠକେଇରେ ଭାଗିଦାରୀ ସ୍ପଷ୍ଟ ହୁଏ, ତେବେ ଅନ୍ୟ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି। ଏଥିସହିତ ନିଜ ଆକାଉଣ୍ଟକୁ ନିଜେ ସୁରକ୍ଷିତ ଭାବେ ବ୍ୟବହାର କରନ୍ତୁ। କିଛି ଟଙ୍କା ଲୋଭରେ ପଡ଼ି ନିଜର ଆକାଉଣ୍ଟକୁ ଅନ୍ୟ ବ୍ୟକ୍ତିକୁ ବ୍ୟବହାର କରିବାକୁ ଦିଅନ୍ତୁ ନାହିଁ। ଯଦି କୌଣସି ଅପରାଧରେ ଏହି ଆକାଉଣ୍ଟର ସମ୍ପୃକ୍ତି ଥାଏ, ତେବେ ସେମାନଙ୍କ ବିରୋଧରେ ମଧ୍ୟ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ଶ୍ରୀ ଜେନା ସତର୍କ କରାଇଛନ୍ତି।

# ଆର୍ସିଲିଙ୍ଗି ଘାଟିରେ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ



## ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ପାରଳାଖେମୁଣ୍ଡି, ୩।୧୨(ସମିସ): ଗଜପତି ଜିଲ୍ଲା ଗାରାବନ୍ଧ ଥାନା କିଞ୍ଚିଲିଙ୍ଗି-କଇଁପୁର ଘାଟି ରାସ୍ତାରେ ଥିବା ଆର୍ସିଲିଙ୍ଗି ଘାଟିରେ ଏକ ଟୁରିଷ୍ଟ ବସ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। କିନ୍ତୁ ସୌଭାଗ୍ୟବଶତଃ ବସ୍‌ଟି ସୁରକ୍ଷା ବାଡ଼ରେ ପିଟି ହୋଇ ଅଟକି ଯିବାରୁ ବଡ଼ ଦୁର୍ଘଟଣା ଟଳି ଯାଇଥିଲା। ବସର ସମ୍ମୁଖ ଭାଗ ସାମାନ୍ୟ ଭାଙ୍ଗିରୁଜି ଯାଇଥିବା ବେଳେ ଯାତ୍ରୀ, ବସଚାଳକ ଓ କର୍ମଚାରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ ନିଶିକାଙ୍କ ତତ୍ତ୍ୱାବଧାନରେ ପୁଲିସ୍ ଟିମ୍ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଗନ୍ତବ୍ୟସ୍ଥଳକୁ ସେହି ବସରେ ହିଁ ଛାଡି ଦିଆଯାଇଥିଲା। ଯାତ୍ରୀ ସମସ୍ତେ ଜିଲ୍ଲା ବାହାର ଏବଂ ମହେନ୍ଦ୍ରଗିରିକୁ ଆସି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର



ଜି.ଉଦୟଗିରି, ୩।୧୨(ସମିସ): ଜି.ଉଦୟଗିରି ପ୍ରାଥମିକ ଶିକ୍ଷକ ମହାସଂଘ ପୁଣିଥରେ ନିଜର ଦୀର୍ଘଦିନର ଦାବି ନେଇ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଛି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମହାସଂଘ ତରଫରୁ ୨ଦଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଦେଇ ଶିକ୍ଷକମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଛି। ଆସନ୍ତାକାଲି ସୁଦ୍ଧା ଦାବି ପୂରଣ ନ ହେଲେ ୫ ତାରିଖରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ପଦବୀ ଅପଗ୍ରେଡରେ ପ୍ରାଥମିକ ଶିକ୍ଷକଙ୍କ ମୂଳ ପଦବିକୁ ଲେବଲ ୯କୁ ଅପଗ୍ରେଡ କରି ୩୫, ୪୦୦ ଟଙ୍କା ମୂଳ ବେତନ ନିର୍ଦ୍ଧାରଣ ଓ ଠିକା ପ୍ରଥା ଉଚ୍ଛେଦ ପ୍ରମୁଖ ୨ ଦାବି ରହିଛି।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ପାରଳାଖେମୁଣ୍ଡି, ୩।୧୨(ସମିସ): ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଚାଳିତ ମହାବିଦ୍ୟାଳୟର ଖେଳପଡ଼ିଆରେ ଦୁଇଦିନ ଧରି ଚାଲିଥିବା ପ୍ରତିଯୋଗିତାକୁ ପ୍ରଧାନଶିକ୍ଷୟିତ୍ରୀ ମନୋଲିସା ଦାସ କ୍ରୀଡ଼ା ପତାକା ଅବତରଣ କରି ବାର୍ଷିକ କ୍ରୀଡ଼ାକୁ ଆନୁଷ୍ଠାନିକ ଭାବେ ଉଦଯାପନ ଘୋଷଣା କରିଥିଲେ। କ୍ରୀଡ଼ା ଶିକ୍ଷକ ସୁରେନ୍ଦ୍ର ପାତ୍ର ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ। ଦଶମ ଶ୍ରେଣୀ ଛାତ୍ର ଜଗନ୍ ବେଣିଆ ବରିଷ୍ଠ ବର୍ଗରେ ଚାମ୍ପିଅନ୍ ହୋଇଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ମନୋରଞ୍ଜନ ପାଇଁ ଥାନାରେ ସ୍ୱତନ୍ତ୍ର କକ୍ଷ ଉଦ୍‌ଘାଟିତ



## ଟେଲିଭିଜନରେ କାର୍ଟୁନ୍ କଥାଚିତ୍ର ବ୍ୟବସ୍ଥା

ବାଲିଗୁଡ଼ା, ୩।୧୨(ସମିସ): ଥାନାକୁ ଆସୁଥିବା ମା'ଙ୍କ ସହ ଶିଶୁଙ୍କ ମନୋରଞ୍ଜନ ପାଇଁ ପୁଲିସ୍ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ଅଭ୍ୟର୍ଥନା କକ୍ଷ ଓ ମହିଳା ଶିଶୁ ଡେସ୍କରେ ଶିଶୁଙ୍କ ପାଇଁ ପୁଲିସ୍ ପକ୍ଷରୁ ମନୋରଞ୍ଜନ ବ୍ୟବସ୍ଥା କରାଯାଇଛି। କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ କାର୍ଯ୍ୟରତ ପୂର୍ବତନ ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦଙ୍କ ଉଦ୍ୟମରେ ଥାନା ପରିସରରେ ହୋଇଥିବା ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି କନ୍ଧମାଳ ଏସ୍‌ପି ହରିଶ୍ ବିଶି। ଏହାଦ୍ୱାରା ବିଭିନ୍ନ କାର୍ଯ୍ୟ କିମ୍ବା କିଛି ମାମଲାରେ ଶିଶୁଙ୍କୁ ନେଇ ଥାନାକୁ ଆସୁଥିବା ମହିଳା ସେମାନଙ୍କ ଶିଶୁଙ୍କୁ ଏଠାରେ ମନୋରଞ୍ଜନ କରାଇପାରିବେ। ଏଥିରେ ଛୋଟଛୋଟ ଶିଶୁଙ୍କ ମନରେ ହସ ଫୁଟିବ ଏବଂ ଥାନାକୁ ଆସୁଥିବା ମହିଳାଙ୍କ ମନକୁ ସାନ୍ତ୍ୱନା ମିଳିବା ସହ ପୁଲିସ୍ ସହ ସୁସମ୍ପର୍କ ସ୍ଥାପନ ହୋଇପାରିବ ବୋଲି ଏସପି କହିଛନ୍ତି। ଏହି କକ୍ଷରେ ଶିଶୁଙ୍କ ପାଇଁ ବିଭିନ୍ନ ଖେଳନା, ଚିତ୍ର ବହି ସମେତ ମନୋରଞ୍ଜନ ପାଇଁ ଟେଲିଭିଜନ ମାଧ୍ୟମରେ କାର୍ଟୁନ୍ କଥା ଚିତ୍ରର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛୋଟଛୋଟ ଶିଶୁ ସାମିଲ୍ ହୋଇ ବେଶ୍ ଖୁସି ଅନୁଭବ କରିଥିବା ବେଳେ ପୁଲିସ୍ ପକ୍ଷରୁ ହୋଇଥିବା ଏହି ବ୍ୟବସ୍ଥାକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ଜେଆର୍‌ସି ପରାମର୍ଶଦାତା ତାଲିମ୍ ଶିବିର

ଗୁମ୍ମା, ୩।୧୨(ସମିସ): ଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ତଥା ଜିଲ୍ଲା ଜୁନିଅର ରେଡକ୍ରସ ମିଳିତ ଆନୁକୂଲ୍ୟରେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ମାୟାଧର ସାହୁ ଓ ଜିଲ୍ଲା ଶାରୀରିକ କ୍ରୀଡ଼ା ନିରୀକ୍ଷକ ସୁରେନ୍ଦ୍ର କୁମାର ପାତ୍ରଙ୍କ ଅନୁମୋଦନ କ୍ରମେ ଶିକ୍ଷକ କେ.ଆନନ୍ଦ କୁମାରଙ୍କ ନେତୃତ୍ୱରେ ଗୁମ୍ମା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ପରାମର୍ଶଦାତାଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ ୧୫ ଜଣ ପରାମର୍ଶଦାତା ଯୋଗ ଦେଇଥିଲେ। ରେଡକ୍ରସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସହ ପ୍ରାଥମିକ ଉପଚାର, ପ୍ରାକୃତିକ ବିପର୍ଯ୍ୟୟ, ରକ୍ତଦାନ, ସଡକ ସୁରକ୍ଷା, ବିଦ୍ୟାଳୟ ସୁରକ୍ଷା, ପରାମର୍ଶ ଦାତାମାନଙ୍କର ତଥ୍ୟ ସଂଗ୍ରହ, ବିଦ୍ୟାଳୟ ସ୍ତରରେ ବିଭିନ୍ନ କମିଟି ଗଠନ ଓ ୟୁନିଟ ଖୋଲିବା, ରକ୍ତସ୍ରାବ, ଅସ୍ଥିଭଙ୍ଗ, ବଜ୍ରପାତ, ସାପକାମୁଡା, କୁକୁର କାମୁଡା, ସାଇବର ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ଆଦି ବିଷୟରେ ଶିକ୍ଷାଦାନ ଦିଆଯାଇଥିଲା। ଜିଲ୍ଲା ଜୁନିଅର ରେଡକ୍ରସ ଅଫିସର ସଞ୍ଜୀବ କୁମାର ଦାସ, ଜିଲ୍ଲା ଜୁନିଅର ରେଡକ୍ରସ ସହ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପାଠୀ, ଜିଲ୍ଲା ଜୁନିଅର ରେଡକ୍ରସ ସମ୍ବଳସାଧନ କର୍ମୀ ବାଳକୃଷ୍ଣ ବାଗସିଂ, ଜୁନିଅର ରେଡକ୍ରସ ସମ୍ବଳ ସାଧନ କର୍ମୀ ମୁକ୍ତିକାନ୍ତ ମଲ୍ଲିକ୍ ଓ ଗୁମ୍ମା ବ୍ଲକର ସଂଯୋଜକ କେ.ଆନନ୍ଦ କୁମାର ଯୋଗ ଦେଇ ପରାମର୍ଶଦାତାଙ୍କୁ ବିଭିନ୍ନ ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ।



# ଲକ୍ଷ୍ମୀପୂଜା ପାଇଁ କଳସ ଯାତ୍ରା

ରାଇକିଆ, ୩।୧୨(ସମିସ): ରାଇକିଆ ଲକ୍ଷ୍ମୀବାଜାରରେ ମାଣବସା ଗୁରୁବାର ଅବସରରେ ଲକ୍ଷ୍ମୀ ପୂଜା କମିଟି ତରଫରୁ ଲକ୍ଷ୍ମୀ ପୂଜା ପାଇଁ ବୁଧବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଦେବୀପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କଳସ ଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇ ପୂଜାର୍ଚ୍ଚନା ସାରି ରାଇକିଆ ସ୍ଥିତ ଗର୍ଜନୀ ନଦୀରୁ ଜଳ ସଂଗ୍ରହ କରିଥିଲେ। ପରେ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ ଆସିଥିଲେ। ଉପସଭାପତି ବିରୂପାକ୍ଷ ପାତ୍ର, ବନମାଳୀ ପଣ୍ଡା, ସମ୍ପାଦକ ବାଦଲ ସାହୁ, ସହ ସମ୍ପାଦକ ବେନୁପାଣି ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଭାରତ ଭୂଷଣ ପାଣିଗ୍ରାହୀ, ଉପଦେଷ୍ଟା ଶ୍ରୀଧର ଦାଶ, ବି. ତ୍ରିପତି ସୁବୁଦ୍ଧି, ସୁବାସ ଚନ୍ଦ୍ର ପଣ୍ଡା, ମଙ୍ଗୁଲୁ ପାତ୍ର ଓ କର୍ତ୍ତା ବାବୁଲି ପାଳ ଯୋଗ ଦେଇଥିଲେ। ପୂଜା ମଣ୍ଡପରେ ପଣ୍ଡିତ କାଳୁଚରଣ ଶତପଥୀଙ୍କ ମନ୍ତ୍ରୋଚାରଣରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ

ଦାରିଙ୍ଗବାଡି, ୩।୧୨(ସମିସ): ଦାରିଙ୍ଗବାଡି ବ୍ଲକ ଦନେକବାଡ଼ି ପଞ୍ଚାୟତ ମୁଣ୍ଡରୁମାହାରେ ସୋରଡା ଲାୟନ୍ସ କ୍ଲବ ପକ୍ଷରୁ ଗରିବ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ସାଲୁଗା ପ୍ରଧାନ, ଲାୟନ୍ସ କ୍ଲବ ଜିଲ୍ଲା ଗଭର୍ଣ୍ଣର୍ ଡ଼. ହେମନ୍ତ କୁମାର ଖୁଣ୍ଟିଆ, ପୂର୍ବତନ ଏଲ୍‌ଏନ୍ ଗଭର୍ଣ୍ଣର ସରସ୍ୱତୀ ପାତ୍ର, ଜିଲ୍ଲା କ୍ୟାବିନେଟ ସେକ୍ରେଟାରୀ ବିଜୟକୁମାର ସାହୁ, ଲାୟନ୍ସ ଡ଼. ଶିବପ୍ରସାଦ ଅଧିକାରୀ, ୧୦ନଂ. ଜୋନ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ପ୍ରଧାନ ଓ ସରପଞ୍ଚ ନଞ୍ଜୟ ପ୍ରଧାନ ଉପସ୍ଥିତ ଥିଲେ। ଲାୟନ୍ସ କ୍ଲବର ସଭାପତି ଶିବ ଶଙ୍କର ପଣ୍ଡା, ସମ୍ପାଦକ ମହେଶ୍ୱର ସାହୁ, ନିର୍ଦ୍ଦେଶକ ସୌମିକ୍ ସାହୁ, କୋଷାଧ୍ୟକ୍ଷ ସୀତାରାମ ପଣ୍ଡା, ସଦସ୍ୟ ରାଜେଶ ପାତ୍ର, ଶ୍ରୀକାନ୍ତ ଦାସ, ବିଜୟ ସାହୁ, ଶିବ ପ୍ରାସାଦ ଦାସ, ରଜନୀକାନ୍ତ ପଟ୍ଟନାୟକ, ବସନ୍ତ କୁମାର ସ୍ୱାଇଁ, ଲାୟନ୍ସ କ୍ଲବ ଡାଇମଣ୍ଡ ବ୍ରହ୍ମପୁରର ଡ଼. ସଙ୍ଗୀତା ବାବୁ, ଶ୍ୟାମପ୍ରସାଦ ପାଢ଼ୀ, ନମିତା ମହାପାତ୍ର, ରଜନୀକାନ୍ତ ମହାପାତ୍ର ମଞ୍ଚରେ ଉପସ୍ଥିତ ଥିଲେ। ଦାରିଙ୍ଗବାଡ଼ିର ଗିରିଶ ଚନ୍ଦ୍ର ସାହୁ, ସନ୍ତୋଷ ବିଶୋଇ, ସୁଧୀର ସାହୁ ଓ ମିଲୁ ସାହୁ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ୩୦୦ ଶହ କମ୍ବଳ ଓ ୩୦୦ ଶୀତ ଟୋପି ବଣ୍ଟନ କରାଯାଇଥିଲା।




# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ







ପାରଳାଖେମୁଣ୍ଡି, ୩।୧୨(ସମିସ)

ଗଜପତି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତିୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ସକାଳେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଦିବ୍ୟଙ୍ଗ, ବରିଷ୍ଠ ନାଗରିକ, ଦିବ୍ୟଙ୍ଗଙ୍କ ନିମନ୍ତେ କାମ କରୁଥିବା ବେସରକାରୀ ସଂସ୍ଥାର କର୍ମକର୍ତ୍ତା, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କିନ୍ନର ଓ ବିଭାଗୀୟ କର୍ମକର୍ତ୍ତା ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରାକୁ ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନେଗା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟରୁ ଆରମ୍ଭ ହୋଇ ବିଜୁ କଲ୍ୟାଣ ମଣ୍ଡପରେ ଶେଷ ହୋଇଥିଲା। ଏହାପରେ ଉପସ୍ଥିତ ସମସ୍ତଙ୍କର ପଞ୍ଜୀକରଣ କରାଯାଇ ଏକ ସାଧାରଣ ସଭା ଆୟୋଜନ ହୋଇଥିଲା। ସଭାରେ ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନେଗା ଯୋଗଦେଇ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ମହମ୍ମଦ ମୁବାରକ ଅଲ୍ଲୀ, ସାମର୍ଥ୍ୟ ଭିନ୍ନକ୍ଷମ ସଂସ୍ଥାର ସଭ୍ୟ ସନ୍ତୋଷ ରଇତ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉତ୍ସର୍ଗୀତା ବଡ଼ରଇତ ମଞ୍ଚାସୀନ ଥିଲେ।

ଦିବ୍ୟାଙ୍ଗଙ୍କ ପାଇଁ କାର୍ଯ୍ୟ କରୁଥିବା ରାୟଗଡ଼ ବ୍ଲକର ଜିତୁ ଶବର, ନୂଆଗଡ଼ ବ୍ଲକର ଜିଖରିଅ ରଇତ, କାଶୀନଗର ବ୍ଲକର ଟୁନି ଦୋରା ଓ ଗୁମ୍ମା ବ୍ଲକର ଗୌତମ ରଇତଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜିଲ୍ଲାର ୫ଜଣ ଦମ୍ପତିଙ୍କୁ ବୈବାହିକ ବାବଦକୁ ୨ଲକ୍ଷ ୫୦ ହଜାର ଲେଖାଏଁ ପ୍ରୋତ୍ସାହନ ରାଶି, ୫ ଜଣଙ୍କୁ ନୂତନ ଭିନ୍ନକ୍ଷମ ଭତ୍ତା, ୨ ଜଣଙ୍କୁ ହୁଇଲ୍ ଚେୟାର ଓ ଜଣେ ଦିବ୍ୟାଙ୍ଗଙ୍କ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ଦୁଇ ଜଣ ଛାତ୍ରୀଙ୍କୁ ଶିକ୍ଷା ବୃତ୍ତି ପ୍ରଦାନ କରାଯାଇଥିଲା। ସେହିପରି ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମାନଙ୍କ ମଧ୍ୟରେ ସାଧାରଣ ବର୍ଗ ଏବଂ ଭିନ୍ନକ୍ଷମ ବର୍ଗଙ୍କ ନିମନ୍ତେ ପୃଥକ ଭାବେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଓ ସ୍ୱତନ୍ତ୍ର ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ମୋହନା ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମୁକ ଓ ବଧିର ବିଦ୍ୟାଳୟ ଏବଂ ଯୋଡାଆମ୍ବ ସ୍ଥିତ କ୍ରେଡିଟ ମୁକ ଓ ମାନସିକ ଅନଗ୍ରସର ବିଦ୍ୟାଳୟରେ ଆୟୋଜନ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଳା ପରିଷଦ ଶ୍ରୀ ଜଗନ୍ନାଥ ଓଡିଶୀ କଳାକେନ୍ଦ୍ରର କଳାକାରଙ୍କ ସହ ବିଭିନ୍ନ ବେସରକାରୀ ଅନୁଷ୍ଠାନର ଦିବ୍ୟାଙ୍ଗ ଓ କିନ୍ନର କଳାକାରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭା ଶେଷରେ ଆର୍.ଉଦୟଗିରି ବ୍ଲକର ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ କୁମାର ଉଦୟଭାନୁ ଧନ୍ୟବାଦ ଅର୍ପଣ କରି କରିଥିଲେ।

**ଦାରିଙ୍ଗବାଡି:** ଦାରିଙ୍ଗବାଡ଼ି ବ୍ଲକରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ରାପଡ଼ାବାଡ଼ି ନୋଡାଲ ବିଦ୍ୟାଳୟ ପରିସରରେ ପାଳନ କରାଯାଇଥିଲା। ପ୍ରଥମେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ରାପଡ଼ାବାଡ଼ି ନୋଡାଲ ବିଦ୍ୟାଳୟ ପରିସରରେ ଏକତ୍ର ହୋଇ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ। ଏହାପରେ ପୁଣି ବିଦ୍ୟାଳୟକୁ ଫେରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦକ୍ଷତା ପ୍ରଦର୍ଶନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବି.ଆର.ସି.ସି ଗୋକୁଳ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ତହସିଲଦାର ଦୁଃଶାସନ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ସରପଞ୍ଚ ଚନ୍ଦ୍ରିକା ମଲିକ, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବନମାଳି ମାଝୀ, ରାପଡ଼ାବାଡ଼ି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଚାରୁଶିଳା ମଲିକ, ଦାରିଙ୍ଗବାଡ଼ି ସିଆରସିସି ବଳଭଦ୍ର ମଲିକ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ମାନବ ସମ୍ବଳ ଶିକ୍ଷକ ମାନସ କୁମାର ଷଡ଼ଙ୍ଗୀ ଓ ଶିକ୍ଷୟିତ୍ରୀ ରଶ୍ମିତା ସେନାପତି ପରିଚାଳନା କରିଥିଲେ।

**ପାରଳାଖେମୁଣ୍ଡି:** ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ପାରଳାଖେମୁଣ୍ଡି ସ୍ଥିତ ନଗରପାଳିକା ସମ୍ମିଳନୀ କକ୍ଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିମଳ ରାଉଳଙ୍କ ଅଧ୍ୟକ୍ଷତାରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅଦାଲତର ଭାରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡା.ଆନନ୍ଦ ସାମନ୍ତରାୟ ଆଜିର ଏହି ଦିବସରେ ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କ ଅଧିକାର, ସମ୍ମାନ ଓ ସୁରକ୍ଷା ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇବା ସହ ସେମାନଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା, ଆଇନଗତ ସହାୟତା ଓ ସରକାରୀ ସୁବିଧା ସମ୍ବନ୍ଧରେ ବିଶେଷ ସୂଚନା ପ୍ରଦାନ କରିଥିଲେ। ସେହିପରି କିଛି ଯୋଗ୍ୟ ହିତାଧିକାରୀଙ୍କୁ ଭିନ୍ନକ୍ଷମ ଭତ୍ତା ମଧ୍ୟ ପ୍ରଦାନ କରାଯାଇଥିଲା।




**କାଶୀନଗର:** କାଶୀନଗର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଥିଲା। ଏବିଇଓ ନର୍ମଦା ଦାଶଙ୍କ ତତ୍ତ୍ୱାବଧାନରେ ଏ ଉପଲକ୍ଷେ ଆୟୋଜିତ ସମାବେଶରେ କାଶୀନଗର ନାଗରିକ ମହାସଭା ସଭାପତି ତଥା ସାମ୍ବାଦିକ ଓ କବି ପ୍ରଶାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ଭିନ୍ନ କ୍ଷମତା ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ଭିତରେ କ୍ରୀଡ଼ା ଶିକ୍ଷକ କେ.ଅରୁଲ କୁମାର, ବିଆରପି ଅମିନ କୁମାର ମଙ୍ଗରାଜ, ସଂଯୁକ୍ତା ବେହେରା, ଆଇଇ ଭି ମୁରଲୀକ୍ରୀଷ୍ଣା, ଶିକ୍ଷକ ଏମ୍ . ଶ୍ରୀନିବାସ ରାଓ ମଞ୍ଚାସୀନ ହୋଇ ଆଲୋଚନା କରିଥିଲେ। ପିତାମାତାଙ୍କ ସହ ସମବେତ ବିଭିନ୍ନ ପଞ୍ଚାୟତର ୫୦ ଦିବ୍ୟାଙ୍ଗ ପିଲାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବି . ସାୟାମ୍ମା ଓ କାଉନସିଲର କେ.ରାମାରାଓ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ଜଳବାୟୁ ଅନୁକୂଳ କୃଷି ପ୍ରକଳ୍ପ ଶୁଭାରମ୍ଭ



କୋରାପୁଟ,୩।୧୨(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ପିଡବ୍ଲୁସି ଇଣ୍ଡିଆ ଫାଉଣ୍ଡେସନ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତିର ମିଳିତ ଆନୁକୂଲ୍ୟରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଜଳବାୟୁ ଅନୁକୂଳ କୃଷି ପ୍ରକଳ୍ପର ଶୁଭାରମ୍ଭ ହୋଇଯାଇଛି। ପ୍ରଗତିର ସଂପାଦକ ପ୍ରଭାକର ଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ଯୋଗଦେଇ ଆକାଂକ୍ଷା ବ୍ଲକ ଲମତାପୁଟରେ ନୂତନ କୃଷି ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ସୁଦାମ ବିଶ୍ୱାଳ,ପିଡବ୍ଲୁସି ଇଣ୍ଡିଆ ଫାଉଣ୍ଡେସନ କାର୍ଯ୍ୟକ୍ରମ ଅଧିକାରୀ ପୁଣ୍ୟଶିଳ ୟାଞ୍ଜେନ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ.ସୁନୀତା ଦଣ୍ଡସେନା, ଆଇସିଏଆର ବରିଷ୍ଠ ବୈଜ୍ଞାନିକ ଡ. ଆର.କେ.ପଣ୍ଡା ସହ ଅନ୍ୟାନ୍ୟ ଅଧିକାରୀ ଏବଂ ମହିଳା ଓ ପୁରୁଷ ଚାଷୀ ମାନେ ଉପସ୍ଥିତ ଥିଲେ। ଲମତାପୁଟ ବ୍ଲକ ଅନ୍ତର୍ଗତ ତୁଷୁବା ପଞ୍ଚାୟତର ୫ ଟି ଗ୍ରାମରେ ଏହି ପ୍ରକଳ୍ପ କାର୍ଯ୍ୟ କରାଯିବ। ଚାଷୀ ମାନେ ଜଳ ଓ ମୃତ୍ତିକା ସଂରକ୍ଷଣ କିପରି କରିବେ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉକ୍ତ ପ୍ରକଳ୍ପ ମାଧ୍ୟମରେ ସଂପାଦକ ପ୍ରଭାକର ଅଧିକାରୀ କହିଛନ୍ତି। ଏହି ପ୍ରକଳ୍ପ ସଫଳତା ହାସଲ କଲେ ତୁଷୁବା ଏକ ଆଦର୍ଶ ପଞ୍ଚାୟତ ଭାବେ ପରିଗଣିତ ହେବ ବୋଲି ଆଶା ରଖାଯାଇଛି। କାର୍ଯ୍ୟକ୍ରମରେ ପିଡବ୍ଲୁସି ଇଣ୍ଡିଆ ଫାଉଣ୍ଡେସନ ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତିର କର୍ମକର୍ତ୍ତା ମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

### ୪୦%ରୁ ଅଧିକ ଚାଉଳ ଫେରିପାଇନି ଯୋଗାଣ ବିଭାଗ

# ମଣ୍ଡି ଖୋଲୁନି,ଧାନର ଅଭାବୀ ବିକ୍ରି ଆରମ୍ଭ

ବିଷମ କଟକ,୩।୧୨(ସମିସ):

ଚଳିତ ଖରିଫ ଋତୁର ଅମଳ ସମୟ ଆସିଯାଇଥିବା ବେଳେ ସରକାର ଖରିଫ ଧାନ ମଣ୍ଡି ଆରମ୍ଭ କରି ଚାଷୀଙ୍କ ଠାରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ କରିବା କଥା। ହେଲେ ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକରେ ଗତ ଖରିଫ ଋତୁରେ କ୍ରୟକାରୀ ସଂସ୍ଥା ୧୫୭୩୭୧ କ୍ୱିଣ୍ଟାଲ ଧାନ କ୍ରୟ କରି ବ୍ଲକର ୧୨ଟି ଧାନ ମିଲକୁ କଷ୍ଟମ ମିଲିଙ୍ଗ ନିମନ୍ତେ ଧାନ ପ୍ରଦାନ କରିଥିଲେ। ମିଲର ମାନେ ସେପ୍ଟମ୍ବର ମାସ ଶେଷ ସୁଦ୍ଧା ସମସ୍ତ ଚାଉଳ ଯୋଗାଣ ବିଭାଗ ଙ୍କୁ ହସ୍ତାନ୍ତର କରିବା ନିମନ୍ତେ ଚୁକ୍ତି ମଧ କରିଥିଲେ। ହେଲେ ଚାଉଳ ରଖିବାକୁ ଗୋଦାମ ଅଭାବ ଥିବା ବିଭାଗ ଦର୍ଶାଇ ମିଲର ମାନଙ୍କ ଠାରୁ ଚାଉଳ ଗ୍ରହଣ କଲା ନାହିଁ। ବର୍ତ୍ତମାନ ଚାଉଳ ଗ୍ରହଣ ଅବଧିକୁ ଡିସେମ୍ବର ମାସ ଶେଷ ପର୍ଯ୍ୟନ୍ତ ବଢାଇଛି ବିଭାଗ। ବିଷମ କଟକ ବ୍ଲକରେ ବର୍ତ୍ତମାନ ସୁଦ୍ଧା ବ୍ଲକର ୧୨ଟି ମିଲ ସମୁଦାୟ ୫୭୫୯୬ କ୍ୱିଣ୍ଟାଲ ଚାଉଳ ବିଭାଗ ଗ୍ରହଣ କରିଥିବା ବେଳେ ଆହୁରି ୪୧୧୫୮ କ୍ୱିଣ୍ଟାଲ ଚାଉଳ ଗ୍ରହଣ କରିବାକୁ ବାକି ରହିଛି। ଡିସେମ୍ବର ଶେଷ ସୁଦ୍ଧା ବଳକା ଚାଉଳ ଫେରାଇବା ମିଲର ମାନଙ୍କ ପାଇଁ କାଠିକର ପାଠ। କାରଣ ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାରୁ ସମସ୍ତ ମିଲରେ ଶ୍ରମିକ ଅଭାବ ଦେଖାଦେଇଛି। ତେଣୁ ଚାଉଳ ପ୍ରଦାନ କରିବା ଅସମ୍ଭବ ବୋଲି ମିଲର ମାନେ ପ୍ରକାଶ କରୁଛନ୍ତି। ଅପରପକ୍ଷେ ମିଲର ମାନେ ସରକାରଙ୍କ ପାଖରୁ ନେଇଥିବା ଧାନ ମିଲରେ ଗଚ୍ଛିତ ରହିଥିବାରୁ ଚଳିତ ଖରିଫ ଋତୁରେ ପୁଣି କଷ୍ଟମ ମିଲିଙ୍ଗ ନିମନ୍ତେ ଧାନ ନେବା ସମ୍ଭବପର ହେବନାହିଁ। ଅପର ପକ୍ଷେ ସଂପୂର୍ଣ୍ଣ ଚାଉଳ ପ୍ରଦାନ କରିଥିବା ମିଲର ମାନେ ହିଁ ଆଗାମୀ କଷ୍ଟମ ମିଲିଙ୍ଗ ଚୁକ୍ତିନାମା ସ୍ୱାକ୍ଷର କରିବା ନିମନ୍ତେ ଯୋଗାଣ ବିଭାଗ ଠାରୁ ଅନୁମତି ପାଇ ଆସୁଥିଲେ। ହେଲେ ଚଳିତ ବର୍ଷ ବିଭାଗ ନିୟମିତ ବ୍ୟବଧାନରେ ମିଲର ମାନଙ୍କ ଠାରୁ ଚାଉଳ ଗ୍ରହଣ କରିନଥିଲା। ଯାହାଫଳରେ ମିଲର ବିଭାଗକୁ ଚାଉଳ ବକେୟା ରହିଗଲା। ଏତେ କମ୍ ସମୟ ସୀମା ଭିତରେ ଚାଉଳ ପ୍ରଦାନ କରିପାରିନଥିବା ମିଲର ମାନଙ୍କୁ ଆଗାମୀ କଷ୍ଟମ ମିଲିଂରେ ଭାଗ ନେବାକୁ ଚୁକ୍ତିନାମା ସ୍ୱାକ୍ଷାର କରାଯିବ କି ନାହିଁ ସେ ନେଇ ମିଲ ମାଲିକ ମାନେ ସନ୍ଦେହ ପ୍ରକଟ କରିଛନ୍ତି। ମିଲର ବିନା ଚୁକ୍ତିନାମାରେ ବିଷମ କଟକ ବ୍ଲକରେ ଧାନମଣ୍ଡିରେ ଧାନ କିଣା ସମ୍ଭବ ନାହିଁ। ବର୍ତ୍ତମାନ ନଭେମ୍ବର ମାସ ଶେଷ ହୋଇଥିବା ବେଳେ ଚଳିତ ଡିସେମ୍ବର ମାସ ୧୭ରେ ମଣ୍ଡି ଖୋଲା ଯିବାକୁ ଅଛି। ଅନ୍ୟପଟେ କ୍ରୟକାରୀ ସଂସ୍ଥା ନିକଟରେ ଚାଷୀଙ୍କ ଧାନ କିଣି ଗଚ୍ଛିତ ରଖିବା ନିମନ୍ତେ ଗୋଦାମ ଗୃହ ନାହିଁ। ବିଗତ ଦିନ ମାନଙ୍କରେ ମିଲର ମାନେ କଷ୍ଟମ ମିଲିଙ୍ଗ ନିମନ୍ତେ ଚୁକ୍ତିନାମା ସ୍ୱାକ୍ଷର କଲା ପରେ ଯାଇ ମଣ୍ଡିରେ ଧାନ ଆରମ୍ଭ କରାଯାଉଥିଲା।



ଯେହେତୁ ଡିସେମ୍ବର ମାସ ଶେଷ ପର୍ଯ୍ୟନ୍ତ ଚାଉଳ ହସ୍ତାନ୍ତର ଅବଧି ବଢେଇ ଦିଆଯାଇଛି। ସେ ପର୍ଯ୍ୟନ୍ତ ଯଦି କଷ୍ଟମ ମିଲିଙ୍ଗ ନିମନ୍ତେ ଚୁକ୍ତିନାମା ସ୍ୱାକ୍ଷର ହେବ ନାହିଁ, ତେବେ ଧାନ କିଣା ବାଧାପ୍ରାପ୍ତ ହେବ ଏବଂ ଏହାର ସିଧା ପ୍ରଭାବ ପଡିବ ନିରୀହ ଚାଷି ମାନଙ୍କ ଉପରେ। ଡିସେମ୍ବର ମାସ ଶେଷ ସୁଦ୍ଧା ବିଷମ କଟକ ବ୍ଲକ ଅଞ୍ଚଳ ସମସ୍ତ ଧାନ ଚାଷୀ ସେମାନଙ୍କ ଫସଲ ଅମଳ କରିସାରବେ। ଧାନ ସଂଗ୍ରକ୍ଷଣ ନିମନ୍ତେ ଗୋଦାମ ଗୃହର ଅଭାବ ସାଙ୍ଗକୁ ଲଘୁଚାପ ଜନିତବର୍ଷା ଚାଷୀଙ୍କୁ ଅଭାବୀ ବିକ୍ରି କରିବାକୁ ବାଧ କରିବ । ଚାଷୀ ଖଳାରେ ଧାନ ରଖିଥିବା ବେଳେ ଧାନ ବେପାରୀ ଏବେ ଗାଁ ମୁହାଁ ହୋଇଛନ୍ତି। ଚାଷୀଙ୍କୁ ପାଖରେ ଧାନ ରଖିବା ପାଇଁ ଜାଗା ନଥିବାରୁ କ୍ୱିଣ୍ଟାଲ ପିଛା ୨ ହଜାରେ ଟଙ୍କାରେ ବେପାରିଙ୍କୁ ବିକ୍ରି କରୁଥିବା ଜଣା ପଡିଛି। ଗୋଟିଏ ପଟେ ମଣ୍ଡି ତୁରନ୍ତ ନ ଖୋଲିବା ଚାଷୀଙ୍କୁ ଚିନ୍ତା ପକାଇ ଦେଇଥିବା ବେଳେ ଅନ୍ୟପଟେ ଧାନର ଅଭାବୀ ବିକ୍ରି ଶିକାର ହେଉଛନ୍ତି। ତୁରନ୍ତ ଏଥିପ୍ରତି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଧାନ ମଣ୍ଡି ଖୋଲି ଚାଷୀଙ୍କ ଧାନ କିଣା ପକ୍ରିୟା ଆରମ୍ଭ କରିବାକୁ ଦାବି ହେଉଛି ।

# ଟେନିସ୍ ବଲ୍ କ୍ରିକେଟ୍‌ରେ ଓଡ଼ିଶା ଟିମ୍‌ରେ ବିନା ଗଣ୍ଡ

ଉମରକୋଟ/ରାଇଘର,୩।୧୨ (ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ପ୍ରଥମ ବର୍ଷ ର କଳା ବିଭାଗ ର ଛାତ୍ରୀ ବିନା ଗଣ୍ଡ ଟେନିସ ବଲ କ୍ରିକେଟରେ ଓଡ଼ିଶା ଟିମ୍ ରେ ସ୍ଥାନ ପାଇଛନ୍ତି। ଆସନ୍ତା ୧୮ ରୁ



୨୧ ତାରିଖ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ଆଗ୍ରା ଠାରେ ଅନୁଷ୍ଠିତ ହେବାକୁ ଥିବା ୩୩ ତମ ଜୁନିୟର ଜାତୀୟ ଟେନିସ ବଲ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥି ପାଇଁ ଓଡ଼ିଶା ରୁ ୧୪ ଜଣ କ୍ରୀଡାବିତ୍ ଏହି ପ୍ରତିଯୋଗୀତା ରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇ ଥିବା ବେଳେ ନବରଙ୍ଗପୁର ଜିଲ୍ଲାରୁ ହିଁ ୩ କ୍ରୀଡ଼ାବିତ୍ ମନୋନୀତ ହେଇଛନ୍ତି। ସେଥି ମଧ୍ୟରୁ ବିନା ଜଣେ। ରାଜ୍ୟ ଟେନିସ ବଲ କ୍ରିକେଟ ସଂଘର ସମ୍ପାଦକ ସିଥିଲ କୁମାର ପଣ୍ଡା ନବରଙ୍ଗପୁର ଜିଲ୍ଲା ସଭାପତିଙ୍କୁ ଏକ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଏହି ଖବର ପହଞ୍ଚିବା ପରେ କଲେଜ ଅଧ୍ୟାପକ , ଅଧ୍ୟାପିକା କର୍ମଚାରୀ ଓ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଖୁସୀ ର ଲହରୀ ଖେଳି ଯାଇଛି। ଅଧକ୍ଷ ପରୀକ୍ଷିତ ସାହୁ, ଇଂରାଜୀ ଅଧ୍ୟାପକ ଡକ୍ଟର ଦିନବନ୍ଧୁ ନନ୍ଦୀ , ଅର୍ଥନୀତି ଅଧ୍ୟାପକ ରମେଶ ଚନ୍ଦ୍ର ପଟ୍ଟନାୟକ, ରାଜନୀତି ବିଜ୍ଞାନ ଅଧ୍ୟାପକ କିଶୋର କୁମାର ପାଲ, ବାଣିଜ୍ୟ ବିଭାଗ ର ଅଧ୍ୟାପକ ଦିବାକର ଚନ୍ଦ୍ର ଦେ ଓ ଜଗଦୀଶ ପଟ୍ଟନାୟକ, କ୍ରୀଡ଼ା ଅଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ମିଶ୍ର, ଅଧ୍ୟାପିକା ରୁକ୍ମିଣୀ ଟାକ୍ରି, ଗ୍ରନ୍ଥାଗାର ସତ୍ୟନାରାୟଣ ନାୟକ, ଦିଲୀପ କୁମାର ପଦାର, ପ୍ରଲିଭା ଭୁୟା,ଶକ୍ତି ଜେନା, ସଦାରାମ କେଉଁଟ, ବୁଦ୍ଧେଶ୍ୱର ମଣ୍ଡଳ ,ଭବାନୀ ପନକା ଓ ବିଭୀଷଣ ଗଣ୍ଡ ପ୍ରମୁଖ କର୍ମଚାରୀ ବିନା ଗଣ୍ଡଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ୱାକର୍ସ କ୍ଲବ୍‌ରେ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ



ରାୟଗଡ଼ା, ୩।୧୨(ସମିସ): ୱାକର୍ସ କ୍ଲବ୍ ରାୟଗଡାରେ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ କ୍ଲବର ଉପଦେଷ୍ଟା ସତ୍ୟବାଦୀ ପତିଙ୍କ ଉପସ୍ଥିତିରେ ସଭାପତି ଦାଶରଥି ରାଜଗୁରୁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବରେ ଅଶୋକ କୁମାର ଭୋଇ, ଆଞ୍ଚଳିକ ଅଧିକାରୀ, ଷ୍ଟେଟ ପଲ୍ୟୁସନ ନିୟନ୍ତ୍ରଣ ବୋର୍ଡ, ରାୟଗଡା ଯୋଗ ଦେଇ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଳନ ଉଦ୍ଦେଶ୍ୟ ଓ ଭୋପାଳ ଗ୍ୟାସ ଲିକ୍‌କୁ ମନେ ପକେଇ ଭବିଷ୍ୟତରେ ଏପରି ଅଘଟଣକୁ ଏଡାଇବା ପାଇଁ ଜନ ସଚେତନତା ସୃଷ୍ଟି କରିବା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ରୂପକ ସାହୁ, ଇଞ୍ଜିନିୟର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପଲିଥିନ ବ୍ୟବହାର ଦ୍ୱାରା ହେଉଥିବା ପ୍ରଦୂଷଣ ଉପରେ ଆଲୋକପାତ କରିଥିଲେ। ସେହିପରି ଅନ୍ୟତମ ଅତିଥି କୁଲଦୀପ କୁମାର, କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର ପରିଷଦ ରାୟଗଡା ସହର ସଫାସୁତାରା ରଖିବା ସହିତ ସହରର ବ୍ୟର୍ଯ୍ୟବସ୍ତୁକୁ ରିସାଇକ୍ଲିଂ କରୁଥିବା ପ୍ରକାଶ କରିବା ସହିତ ସହରକୁ ସରସ ସୁନ୍ଦର କରିବା ଏବଂ ପ୍ରେମ ପାହାଡ଼କୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ଯୋଜନା ଥିବା ପ୍ରକାଶ କରିଥିଲେ। ସମସ୍ତ ଜନ ସଚେତନତା କାର୍ଯ୍ୟକ୍ରମରେ ୱାକର୍ସ କ୍ଲବକୁ ସାମିଲ୍ କରିବା ପାଇଁ ଟି ଜୟରାମ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ବୈଠକରେ କ୍ଲବର ସଭ୍ୟ କିଶୋର ପଣ୍ଡା, ସୁବାସ ରଥ, ମ୍ୟୁନିସିପାଲିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକ ପରିଚାଳନାରେ ରାଜେନ୍ଦ୍ର ସାହୁ, ଗୋପାଳ ଜୈନ, ଜଳନ୍ଧର ପୁସିକା, କେ ରାମା ରାଓ, ଲାଲବିହାରୀ ଲେଙ୍କା ସହଯୋଗ କରିଥିବା ବେଳେ ଶେଷରେ ସମ୍ପାଦକ ରାଜେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ପାୱାର ଲିଫ୍ଟିଂ ପ୍ରତିଯୋଗିତା ଉଦ୍‌ଘାଟିତ

କୋରାପୁଟ,୩।୧୨(ସମିସ): 'ପରବ ୨୦୨୫' ପାଳନ ଉପଲକ୍ଷେ ସ୍ଥାନୀୟ ପୌରପାଳିକା ଜିମ୍‌ଠାରେ ଜିଲ୍ଲାସ୍ତରୀୟ ପାୱାର ଲିଫ୍‌ଟିଂ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହା ଦୁଇ ଦିନ ଧରି ଚାଲିବ। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସମୁଦାୟ ୩୦ଜଣ ମହିଳା ଏବଂ ୮୦ଜଣ ପୁରୁଷ ଭାଗ ନେଇଥିବା ଜିଲ୍ଲା କ୍ରୀଡା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ପ୍ରକାଶ କରିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, କୋରାପୁଟ ପୌର ପରିଷଦର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# ଅପହରଣ ଓ ଧର୍ଷଣ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ରାୟଗଡ଼ା,୩।୧୨(ସମିସ): ରାୟଗଡ଼ା ସହରର ବହୁ ଚର୍ଚ୍ଚିତ ଅପହରଣ ଓ ଧର୍ଷଣ ମାମଲାରେ ଆଜି ଜଣେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛି। ମିଳିଥିବା ସୂଚନା ପ୍ରକାରେ , ଗତ ୨୦୧୯ ମସିହା ଅକ୍ଟୋବର ୨୨ ତାରିଖରେ ରାୟଗଡ଼ାର ମଙ୍ଗଳା ମନ୍ଦିର ନିକଟରେ ହୋଇଥିବା ଘଟଣାଟିକୁ ବିଚାରକୁ ନେଇ ଆଜି ରାୟଗଡ଼ା ଅତିରିକ୍ତ ଜିଲ୍ଲା ଜଜ୍ (ପକ୍‌ସୋ) ଶ୍ୱେତା ମିଶ୍ର ୧୦ଜଣ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ରବିଶ୍ୱର ପୁଆଲାକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଝିଅକୁ ଅପହରଣ ଓ ଧର୍ଷଣ କରାଯାଇଥିବା ନେଇ ରାୟଗଡା ଥାନାରେ ତାଙ୍କ ବାପା ମା' ଏତଲା ଦେବା ପରେ ଏତଲାକୁ ଭିତ୍ତି କରି ପୁଲିସ ତଦନ୍ତ କରି ଅଭିଯୁକ୍ତ ରବିଶ୍ୱରକୁ କୋର୍ଟ ଚାଲାଣ କରିଥିଲେ। ରାୟଗଡ଼ା ଏଡିଜେ ପକସୋ କୋର୍ଟ ମାମଲା ଟିଆର ସଂଖ୍ୟା- ୫୫ / ୨୦୧୯ ମୁତାବକ ମାମଲାର ବିଚାରଣା କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱେଶାଇ ପିପି ବିରଜା ପ୍ରସାଦ ପାତ୍ର ମାମଲା ପରିଚାଳନା କରୁଥିବା ବେଳେ ଅଭିଯୁକ୍ତ ଙ୍କ ତରଫରୁ ଆଇନଜୀବୀ ଲାବଣ୍ୟ ମୋହନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ବିଶ୍ୱ ଏଡ୍‌ସ ଦିବସ ପାଳିତ

ଲକ୍ଷ୍ମୀପୁର,୩।୧୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୂର ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଯୁକ୍ତ ତିନି ଓ ଯୁକ୍ତ ଦୁଇ ବିଭାଗରେ ଏହା ପୃଥକ ପୃଥକ ଭାବେ ଆୟୋଜନ କରାଯାଇଥିଲା। ଯୁକ୍ତ ତିନି ଅଧ୍ୟକ୍ଷ ବିଜୁ ମୁଦୁଲି ଓ ଯୁକ୍ତ ଦୁଇ ଅଧ୍ୟକ୍ଷ ଗିରିଜା ଚୌଧୁରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଶ୍ରୀ ମୁଦୁଲି ଛାତ୍ର ଛାତ୍ରୀମାନଙ୍କୁ ଏଡସ୍ ରୋଗ ବିଷୟରେ ସମ୍ପୂର୍ଣ୍ଣ ଭାବେ ବୁଝାଇ ଥିଲେ। ରାଜନୀତି ବିଭାଗର ଅଧ୍ୟାପିକା ମହିମାରାଣି ରାଜୁ ଓ ଇତିହାସ ବିଭାଗର ଅଧ୍ୟାପିକା ସଙ୍ଗୀତା ନାଗ ଏବଂ ଅର୍ଥନୀତି ବିଭାଗର ଅଧ୍ୟାପକ ରମାକାନ୍ତ ଖରା ଏଚଆଇଭି ଏଡସ କାହିଁକି ଓ କିପରି ହୋଇଥାଏ ଏବଂ ଏହାର ପ୍ରଭାବ କ'ଣ ଏବଂ ସଚେତନତା ହିଁ ଏହାର ନିରାକରଣ ବୋଲି ନିଜ ନିଜ ବକ୍ତବ୍ୟ ସହ ସୁରକ୍ଷିତ ରହିବାକୁ ଆହ୍ୱାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଜେ କେ ପଟ୍ଟନାୟକ, ଅଙ୍କିତା ୱାଡେକା, ଅଧ୍ୟାପକ ବବଲୁ ବେନ୍ୟା, ଆମ୍ରି ହିକକା, ଏଙ୍କେଶ ଖୋରା, କୃଷ୍ଣଚନ୍ଦ୍ର ବିଶୋଇ, ଏକାଦଶ ଟାକ୍ରୀ ହରିଶ୍ ଚନ୍ଦ୍ର ବିଶୋଇ, ଭଜରାଜ୍ ବିଶୋଇ, ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଦୁର୍ଯ୍ୟୋଧନ ସାହୁ ପରିଚାଳନା କରି ଥିଲେ।

# ବିଶ୍ୱ ଏଡ୍‌ସ ଦିବସ ପାଳିତ




କୋରାପୁଟ,୩।୧୨(ସମିସ): ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ଅନ୍ତର୍ଗତ ଯୁବ ରେଡକ୍ରସ୍ , ରେଡ୍ ରିବନ କ୍ଲବ୍ ତଥା ମହାବିଦ୍ୟାଳୟର ଶକ୍ତିଶ୍ରୀ ଗୋଷ୍ଠୀ ଆନୁକୂଲ୍ୟରେ କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଉକ୍ତ ସଭାର ସଭାପତିତ୍ୱ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ। ମୁଖ୍ୟ ଅତିଥି ଭାବରେ ଡିଏସ୍ଆର୍‌ସି ଡକ୍ଟର ମନୋଜ କୁମାର ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଏ ନେଇ ସଚେତନ କରିଥିଲେ। ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଆଇସିଟିସିର କାର୍ଯ୍ୟକର୍ତ୍ତା ଯଶସ୍ୱିନୀ ରଥ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ପରାମର୍ଶଦାତା ତଥା କୋରାପୁଟ ଯୁବ ରେଡକ୍ରସ ଜିଲ୍ଲା କାର୍ଯ୍ୟକାରିଣୀ ସଂପାଦକ ଡ. ଲୋପାମୁଦ୍ରା ସ୍ୱାଇଁ, ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ଏଡ୍‌ସ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଧାରଣା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଅନ୍ୟତମ କାଉନ୍ସେଲର ଡ. ଦିଲ୍ଲରାଜ ପୁଭାଲା ସଭାକୁ ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କରାଯାଇଥିବା କୁଇଜ୍ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟାପକ ଡ. ସୁଶୀଲ କୁମାର ଗଡ଼ନାୟକ, ଡ. ଦୁର୍ଗାପ୍ରସାଦ ପାଣିଗ୍ରାହୀ, ଡ.ବ୍ରହ୍ମଚାରୀ ଖମାରୀ, ଡ. ଲହରୀ ବେହେରା, କାଞ୍ଚନ ତାଣ୍ଡି, ରଶ୍ମି ସରକାର, ଶୁଭମ କୁମାର ସାହୁ, ସତ୍ୟନାରାୟଣ ସାହୁ, ସମୀନା ପରବୀନ, ପ୍ରଶାନ୍ତ ସାନ୍ତରା, ଜାହ୍ନବୀ ଦୋରାଙ୍କ ସମେତ ଯୁବ ରେଡ୍‌କ୍ରସ୍ ଓ ରେଡ୍ ରିବନ କ୍ଲବ୍ର ସମସ୍ତ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ବାଣିଜ୍ୟ ବିଭାଗର ଅଧ୍ୟାପିକା ତଥା ଶକ୍ତିଶ୍ରୀ ସଂଯୋଜିକା ଡ. ଶୁଭଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବାୟୁ ସ୍ୱାସ୍ଥ୍ୟସେବା ପାଇଁ ପହଞ୍ଚିଲେ ଡାକ୍ତରୀ ଦଳ

ମାଲକାନଗିରି, ୩।୧୨(ସମିସ): ମାଲକାନଗିରି ଜିଲ୍ଲାରେ ତିନି ମାସ ପରେ ପୁଣି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବାର ସୁବିଧା ମିଳିଛି ରୋଗୀଙ୍କୁ। ମାଲକାନଗିରି ଜିଲ୍ଲା ବିମାନ ବନ୍ଦରରେ ଏନେଇ ଏକ ସ୍ୱତନ୍ତ୍ର ବିମାନ ଯୋଗେ ପାଞ୍ଚଜଣ ସୁପର ସ୍ପେଶାଲିଷ୍ଟ ଡାକ୍ତର ପହଞ୍ଚି ଥିଲେ। ସମସ୍ତ ଡାକ୍ତର ଏସିବି ମେଡିକାଲରୁ ଆସିଥିବା ବେଳେ ଏମାନେ ଗୁରୁତର ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବେ ବୋଲି ମାଲକାନଗିରି ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବ୍ରଜବନ୍ଧୁ ଦାସ କହିଛନ୍ତି। ଆଜି ଠାରୁ ୪ଦିନ ପର୍ଯ୍ୟନ୍ତ ଏହି ୫ଜଣ ସୁପର ସ୍ପେଶାଲିଷ୍ଟ ଡାକ୍ତର ରୋଗୀ ସେବା ଦେବେ। ଏଥିପାଇଁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। କଟକ ଏସିବି ମେଡ଼ିକାଲରୁ ନ୍ୟୁରୋଲୋଜି, କାର୍ଡିଓଲୋଜି, ଗ୍ୟାଷ୍ଟ୍ରୋଲୋଜି, ନେଫ୍ରୋଲୋଜି, ୟୁରୋଲୋଜି ଏବଂ ଅନାସ୍ଥାସିଆ ବିଭାଗର ୫ ସୁପର ସ୍ପେସଲିଷ୍ଟ ଡାକ୍ତର ରୋଗୀଙ୍କ ସେବାରେ ଲାଗିଛନ୍ତି। ଜିଲ୍ଲାରେ ଏଭଳି ଉତ୍ତମ ମାନର ରୋଗୀ ସେବା ପାଉଥିବାରୁ ଜିଲ୍ଲା ବାସୀ ବେସ ଖୁସି ଜାହିର କରିଛନ୍ତି।

# ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଯୋଗଦାନ



ରାୟଗଡ଼ା, ୩।୧୨(ସମିସ): ଓଡିଶା ସୂଚନା ସେବା ନିୟମ ୨୦୨୨ ଅନୁଯାୟୀ ରାଜ୍ୟ ସରକାର ଗତ ନଭେମ୍ବର ୨୫ ତାରିଖରେ ୩୯ ଜଣ ପ୍ରାର୍ଥୀଙ୍କୁ ଓଡିଶା ସୂଚନା ସେବା କ୍ୟାଡର ଅଧୀନରେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ (ଏସଡିଆଇପିଆରଓ) ଭାବରେ ନିଯୁକ୍ତ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଭାବେ ଦେବରାଜ ଟାକ୍ରି, ଓଆଇଏସ୍ ଆଜି ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗଦାନ କରିଛନ୍ତି। ସୂଚନା ଓ ଲୋକ ସଂପର୍କ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଏସଡିଆଇପିଆରଓ ଶ୍ରୀ ଟାକ୍ରିଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଏହି ଅବସରରେ ଡିଆଇପିଆରଓଙ୍କ କାର୍ଯ୍ୟାଳୟର କିରାଣୀ ମାନସ ସାହୁ, ଗ୍ରନ୍ଥାଗାରିକ ଡମ୍ବୁରୁଧର ପଣ୍ଡା, ଷ୍ଟେନୋ କୁମୁଦିନୀ ନିଶାଳଙ୍କ ସମେତ ଅନ୍ୟ କର୍ମଚାରୀ ଏବଂ ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ଜଳନ୍ଧର ପୁଶିକା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଧୁଲୁକିଲା କୁନ୍ଦୁରା ଲୋକ ମହୋତ୍ସବ 'ପରବ'



କୁନ୍ଦୁରା,୩।୧୨(ସମିସ): କୁନ୍ଦୁରା ଠାରେ ବ୍ଲକ ସ୍ତରୀୟ ଲୋକ ମହୋତ୍ସବ ପରବ ୨୦୨୫ ଉଦ୍‌ଯାପିତ ହୋଇଯାଇଛି। କୋରାପୁଟିଆ ନୀତି ନିୟମ ଅନୁସାରେ କୁନ୍ଦୁରା ବ୍ଲକ ପ୍ରଶାସନ, କଳାକାର ସଙ୍ଘ, ବୁଦ୍ଧିଜିବି, ଲୋକ ପ୍ରତିନିଧିଙ୍କ ଦ୍ୱାରା ବାଜା ବଜାଇ ପଟୁଆର ସହ ସ୍ଥାନୀୟ ବୁଢ଼ୀଠାକୁରାଣୀ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲା ସ୍ତରୀୟ ପରବ ଶୁଭାରମ୍ଭ ସମୟରେ ଆଣି ରଖାଯାଇଥିବା ମଶାଲ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହାପରେ ସମସ୍ତେ ମଶାଲ ଧରି ପରବ ଅନୁଷ୍ଠିତ ହେଉଥିବା ଶାସ୍ତ୍ରୀ ମୈଦାନ ଠାରେ ପହଞ୍ଚିଥିଲେ। 'ପରବ'କୁ ନେଇ ରଚିତ ଆଦିବାସୀ ପ୍ରାରମ୍ଭିକ ସଂଗୀତ 'କୋରାପୁଟ ଆମ ଗର୍ବ' କୁ ନେଇ ଶିଶୁ ମନ୍ଦିର ଛାତ୍ରୀମାନେ ଗାନ କରିଥିଲେ। ଏହି ମଞ୍ଚରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ପରବ ସଭାପତି ବିଡ଼ିଓ ପି ମନସ୍ମିତା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ତରୁଣୀସେନ ବିଷୋୟୀ, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ଏମପି ପ୍ରତିନିଧି ଅମ୍ବୁ ପାତ୍ର,ବେଣୁଧର ପାତ୍ର, ସମସ୍ତ ସରପଞ୍ଚ, ସମିତି ସଭ୍ୟା ସଭ୍ୟ, ବିଭିନ୍ନ ସମାଜ ସଭାପତି,ଥାନାଧିକାରୀ ଅଶ୍ୱିନୀ ପଟ୍ଟନାୟକ, ତହସିଲଦାର ବିନୋଦ ଚନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥି ମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିବା ବିଭିନ୍ନ ଷ୍ଟଲ ଗୁଡିକର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦୁଇ ଶତାୟୁ ପୁରୁଷ ପୁରୋହିତ ପର୍ଶୁରାମ ଷଡ଼ଙ୍ଗୀ, ଜଗନ୍ନାଥ ପ୍ରହରାଜ ରାଜଗୁରୁ, ମାଣ୍ଡିଆରାଣୀ ଡ଼ ରାଇମତି ଘିଉରିଆ,ନାଟ୍ୟକାର ସତ୍ୟନାରାୟଣ ମିଶ୍ର, ଗୀତ କୁଡ଼ିଆଣୀ ଚନ୍ଦ୍ରମା ବାଲିଆ, ଆଦିବାସୀ ସଂସ୍କୃତି ଗବେଷକ ଏବଂ ସାହିତ୍ୟିକ ଡ଼ ରାଜେନ୍ଦ୍ର ପାଡ଼ୀ ଏବଂ ସାମାଜିକ ନାଟକ ନିର୍ଦ୍ଦେଶକ ହରିହର ପ୍ରଧାନଙ୍କୁ କୁନ୍ଦୁରା ବ୍ଲକ ପରବ ସମ୍ମାନରେ ସମ୍ମାନିତ କରାଯାଇଛି। ଛାତ୍ରୀଛାତ୍ରଙ୍କ ନିମନ୍ତେ ପରବ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି। ଏଠାରେ ବିଚାରକ ମଣ୍ଡଳୀ ଦାୟିତ୍ୱ ରେ ରହିଥିବା ଗୋକୁଳ ପଟ୍ଟନାୟକ, ସଦନ ମୁଦୁଲି, ରାଜେଶ ଗୁରୁ, ସୁରେନ୍ଦ୍ର ପରଜାଙ୍କୁ ସମ୍ମାନିତ କରିଛି ପରବ କମିଟି। ଅନ୍ୟ ମାନଙ୍କ ମଧ୍ୟରେ ତୁଷାର ଭଟ୍ଟ, ଶିବ ପ୍ରଧାନୀ, ଗୁପ୍ତ ହରିଜନ, ଗୁପ୍ତ ନାୟକ, ଜଗତ ସିଂ ମାଝୀ, ମୁରଲୀ ଧର ହେସା, ବସନ୍ତ ଭୋଲ, ଶରତ ପଟ୍ଟନାୟକ, ଗୌରାଙ୍ଗ ମାଝୀ,ଅଶୋକ ମହାରଣା, ଅରବିନ୍ଦ ବାରିକ, ଅଗଷ୍ଟିନା ମିଶାଲ ଏବଂ ଦେବେନ୍ଦ୍ର ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ

# ବିଶ୍ୱ ଏଡସ୍ ସଚେତନତା ଶୋଭାଯାତ୍ରା

ପଦ୍ମପୁର, ୩।୧୨ (ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ତ୍ରୀବେଣୀ ଇନଷ୍ଟିଚ୍ୟୁଟ ଅଫ୍ ଫାର୍ମାସ୍ୟୁଟିକାଲ୍ ଆଣ୍ଡ ହେଲଥ୍ ସାଇନ୍ସ ତରଫରୁ ସଭାପତି ସ୍ୱାଗତ ଶେଖର ଜେନାଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଏଡସ୍ ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଓ ସଭା ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନଚାର୍ଜ ଡାକ୍ତର ଋତୁପୂର୍ଣ୍ଣା ପଟନାୟକ ଓ ମୁଖ୍ୟବକ୍ତା ଭାବେ କଲେଜର ସିଇଓ ଅନୀତା ମିଶ୍ର ଅଂଶଗ୍ରହଣ କଲେ। ସଭାରେ ଡ଼ାକ୍ତର ଋତୁପୂର୍ଣ୍ଣ ୨୦୩୦ ସୁଦ୍ଧା ବିଶ୍ୱକୁ କିପରି ଏଡସ୍ ମୁକ୍ତ କରାଯାଇପାରେ ସେ ବିଷୟରେ ଦିଗଦର୍ଶନ ପ୍ରଦାନ କରିଲେ। ସିଇଓ ଅନୀତା ମିଶ୍ର ରୋଗୀକୁ ଘୃଣା କରନ୍ତୁ ନାହିଁ, ରୋଗକୁ ଘୃଣା କରନ୍ତୁ ବୋଲି ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ଦେଇଥିଲେ।"କାର୍ଯ୍ୟକ୍ରମକୁ ସଫଳ କରିବାରେ ତ୍ରିବେଣୀ ଜି.ଏନ.ଏମ ମହାବିଦ୍ୟାଳୟର ଅଧ୍ୟକ୍ଷା ସରସ୍ୱତୀ ପ୍ରଧାନ, ସିଏଓ ରଞ୍ଜନ ସାହୁଙ୍କ ସମେତ କଲେଜ ଅଧ୍ୟାପକ ଓ ଅଧ୍ୟାପିକା ବିକାଶ କୁମାର, କୁମୁଦିନୀ ସହଯୋଗ କରିଥିଲେ। ତ୍ରିବେଣୀ ବିଜ୍ଞାନ କଲେଜ ଅଧ୍ୟକ୍ଷ ପ୍ରଶାନ କୁମାର କାର୍ଜି, ମୁଖ୍ୟ ପ୍ରଶାସନିକ ଅଧିକାରୀ ଦେବବ୍ରତ ପରିଛା ଏବଂ ତ୍ରିବେଣୀ କଳା ବିଭାଗର ଅଧ୍ୟକ୍ଷ ଅନୀତା ମିଶ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ସନ ସାଇନ ସ୍କୁଲ ତରଫରୁ ପ୍ରିନସିପାଲ ମନ୍ମଥ ଲିମାଙ୍କ ସମେତ କର୍ମକର୍ତ୍ତାମାନେ ସଚେତନତା ଅଭିଯାନରେ ସାମିଲ ହୋଇଥିଲେ। ସଚେତନତା ଶୋଭାଯାତ୍ରା ତ୍ରିବେଣୀ ଜି.ଏନ.ଏମ ମହାବିଦ୍ୟାଳୟରୁ ଆରମ୍ଭ ହୋଇ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ପ୍ରଚାର କରାଗଲା। ତ୍ରିବେଣୀ କଲେଜର ଉପ-ଅଧ୍ୟକ୍ଷ ଗୋପାଳ କୃଷ୍ଣ ଦାମୋଦର ମଞ୍ଚ ପରିଚାଳନା କରି ଧନ୍ୟବାଦ ଜାଣାଇ କାର୍ଯ୍ୟକ୍ରମର ସମାପନ କରିଥିଲେ।

### ପରୀକ୍ଷା ଖାତାଦେଖାରେ ତ୍ରୁଟି

# ମହିଳା ମହାବିଦ୍ୟାଳୟରେ ତାଲା ପକାଇ ବିକ୍ଷୋଭ



**▶ ଧରଣୀଧର ବିଶ୍ୱବିଦ୍ୟାଳୟ ଅବ୍ୟବସ୍ଥା ଓ ଅବହେଳାକୁ ଦାୟୀ କଲେ ଛାତ୍ରୀ**

**▶ ଉପଜିଲ୍ଲାପାଳଙ୍କ ପୁନଃମୂଲ୍ୟାୟନ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲେ**

ଯୋଡ଼ା, ୩।୧୨(ସମିସ): କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଯୋଡ଼ା ମହିଳା ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଧରଣୀଧର ବିଶ୍ୱ ବିଦ୍ୟାଳୟର ଭୁଲ ମୂଲ୍ୟାଙ୍କନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୭୦ ଭାଗ ଛାତ୍ରୀଙ୍କୁ ଫେଲ୍ କରିଥିବା ଅଭିଯୋଗ ଆଣି ବୁଧବାର କଲେଜରେ ସେମାନେ ତାଲା ପକାଇ ବ୍ୟାନର ଧରି ବିରୋଧ ପ୍ରଦର୍ଶନ କରିଥିଲେ। ଯାହାଫଳରେ ସମସ୍ତ ଛାତ୍ରଛାତ୍ରୀ ସମେତ ଅଧ୍ୟାପକଅଧ୍ୟାପିକାମାନେ କେହି କଲେଜ ପରିସରକୁ ପ୍ରବେଶ କରିପାରି ନାହାନ୍ତି। ସୂଚନା ଅନୁସାରେ, ଯୁକ୍ତ ୩ ପ୍ରଥମ ବର୍ଷର ମୋଟ ୧୫୧ ଜଣ ଛାତ୍ରୀ ଗତ ବର୍ଷ ପ୍ରଥମ ସେମିଷ୍ଟର ଦେଇଥିଲେ। ଯାହାର ଫଳାଫଳ ପ୍ରକାଶ ପାଇବା ପରେ ମୋଟ ୧୨୦ ଛାତ୍ରୀ ଫେଲ ହୋଇଯାଇଥିଲେ; ଯାହା ସମସ୍ତ ପରୀକ୍ଷାର୍ଥୀ ସମେତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ସମ୍ପର୍କରେ +୩ ଛାତ୍ରୀମାନେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରିବା ସହ ପୁନଶ୍ଚ ଖାତା ଦେଖାଯାଇ ସଠିକ ମୂଲ୍ୟାଙ୍କନ କରିବାକୁ ଅନୁରୋଧ କରିଥିଲେ। କଲେଜ ଅଧ୍ୟକ୍ଷ କହିଥିଲେ ଯେ ପରୀକ୍ଷା ଖାତା ସବୁ ୟୁନିଭର୍ସିଟିରେ ମୂଲ୍ୟାଙ୍କନ କରାଯାଇଛି ଯାହାର ସମାଧାନ କେବଳ ପରୀକ୍ଷାର୍ଥୀମାନେ ରିଚେକିଂ ଫର୍ମ ମାଧ୍ୟମରେ ଆବେଦନ କଲେ ହିଁ ସଠିକ ମୂଲ୍ୟାଙ୍କନ ହୋଇପାରିବ। ଏହିସବୁ ପ୍ରକ୍ରିୟାରେ ବିଷୟ ପ୍ରତି ୧୫୦ ଟଙ୍କା ଏବଂ ସବୁ ବିଷୟକୁ ପୁନଃ ମୂଲ୍ୟାୟନ କରିବାପାଇଁ ମୋଟ ୯୦୦ ଟଙ୍କା ରହିଛି। ଏହାକୁ ପିଲାମାନେ ଦେବା ପାଇଁ ଅସମର୍ଥ ବୋଲି କହିଥିଲେ। ଏହି ସମସ୍ୟା ସମ୍ବନ୍ଧରେ ଛାତ୍ରୀମାନେ କିଛି ଦିନ ପୂର୍ବରୁ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କୁ ଲିଖିତ ଭାବେ ଜଣେଇବା ସହ ଏହାର ତୁରନ୍ତ ସମାଧାନ ପାଇଁ ନିବେଦନ କରିଥିଲେ। ତେବେ ପିଲାଙ୍କ ମୂଲ୍ୟାଙ୍କନ ପ୍ରକ୍ରିୟାରେ ମହିଳା ମହାବିଦ୍ୟାଳୟ କିମ୍ବା ଧରଣୀଧର ବିଶ୍ୱବିଦ୍ୟାଳୟ ତରଫରୁ କୌଣସି ସମାଧାନ ନ ବାହାରିବାରୁ ବାଧ ହୋଇ ଛାତ୍ରୀମାନେ ବୁଧବାର ପୂର୍ବାହ୍ନ ସମୟରେ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଘଟଣାସ୍ଥଳରେ ପୁଲିସ ପ୍ରଶାସନ ପିଲାଙ୍କୁ ବୁଝାସୁଝା କରିବା ସହ ଏ ଦିଗରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିବା ସହ ଫୋନ ମାଧ୍ୟମରେ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ପ୍ରତିଶ୍ରୁତି ପରେ ଛାତ୍ରୀମାନେ ଗେଟ ଖୋଲିବା ସହ କଲେଜ ପରିସରକୁ ପ୍ରବେଶ କରିଥିଲେ। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ କହିଛନ୍ତି ଯେ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ପିଲାଙ୍କ ଅଭିଭାବକ ସହ ଏକ ବୈଠକ କରାଯିବ। ଯେଉଁ ମେଧାବୀ ପିଲାଙ୍କ ରେଜଲ୍ଟ ଖରାପ ହୋଇଛି ସେମାନଙ୍କ ମଧ୍ୟରୁ ୬-୭ ଜଣ ପିଲାଙ୍କୁ ଚୟନ କରାଯାଇ ତାଙ୍କ ପରୀକ୍ଷା ପେପରର ରିଚେକିଂ ପାଇଁ ଆବେଦନ କରାଯିବା ଫର୍ମ ବାବଦକୁ ହେବାକୁ ଥିବା ଖର୍ଚ୍ଚ ସମ୍ପୂର୍ଣ୍ଣ କଲେଜ ବହନ କରିବ।

# କଣ୍ଟିପାଳ ପଞ୍ଚାୟତ ଅନାସ୍ଥା ପ୍ରସ୍ତାବ ଭଣ୍ଡୁର

### ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତାଦେଶ



ଆନନ୍ଦପୁର, ୩।୧୨ (ସମିସ): ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଥିଲେ ମଧ୍ୟ ବୁଧବାର ତାହା ଭଣ୍ଡୁର ହୋଇଯାଇଛି। ସପକ୍ଷ ଓ ବିପକ୍ଷ ଉଭୟ ଗୋଷ୍ଠୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମୁହାଁମୁହିଁ ହୋଇଥିଲେ। ପୂର୍ବରୁ ଆଶଙ୍କାକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ବଳ ମୁତୟନ ହୋଇଥିବାରୁ କୌଣସି ଅଘଟଣ ହୋଇନାହିଁ। ଅପରାହ୍ନ ୧.୧୫ ମିନିଟ ପର୍ଯ୍ୟନ୍ତ ଅନାସ୍ଥା ସପକ୍ଷରେ ମତଦାନ ହୋଇ ନଥିଲା। ଶେଷରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଅନାସ୍ଥାକୁ ସ୍ଥଗିତ କରାଯାଇ ପଞ୍ଚାୟତ କାର୍ଯ୍ୟାଳୟରେ ନୋଟିସ ଜାରି କରାଯାଇଥିବା ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କଠାରୁ ସୂଚନା ମିଳିଛି। ଅନାସ୍ଥା ଉପରେ ପଞ୍ଚାୟତ କାର୍ଯ୍ୟାଳୟରେ ଭୋଟ ଗ୍ରହଣ କରାଯିବା ନେଇ ପ୍ରସ୍ତୁତି ହୋଇଥିଲା। ତେବେ, ପଞ୍ଚାୟତର ୱାର୍ଡସଭ୍ୟମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ପରିସ୍ଥିତିରେ ଅନାସ୍ଥା ପ୍ରସ୍ତାବ ସଂକ୍ରାନ୍ତ ଭୋଟ୍ ଗ୍ରହଣକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ପଞ୍ଚାୟତର ୮ ଜଣ ୱାର୍ଡସଭ୍ୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିବା ପରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଆନନ୍ଦପୁର ବିଡିଓଙ୍କ ଦ୍ୱାରା ୱାର୍ଡ ସଭ୍ୟସଭ୍ୟାଙ୍କ ଦସ୍ତଖତ ଯାଞ୍ଚ କରାଯାଇଥିଲା। ସୂଚନାଯୋଗ୍ୟ, ୧୧ ୱାର୍ଡ ବିଶିଷ୍ଟ ପଞ୍ଚାୟତରେ ଦୁଇ ୱାର୍ଡସଭ୍ୟ ବ୍ୟକ୍ତିଗତ କାରଣରୁ ନିଜ ପଦରୁ ଓହରିଯାଇଥିଲେ। ୯ ଜଣ ୱାର୍ଡସଭ୍ୟସଭ୍ୟା ବର୍ତ୍ତମାନ ଥିବା ବେଳେ ସରପଞ୍ଚଙ୍କ ବିରୋଧରେ ୮ ଜଣ ୱାର୍ଡସଭ୍ୟସଭ୍ୟା ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ପ୍ରସ୍ତାବ ଦେଇଥିଲେ।

# ଲକ୍ଷାଧିକ ଟଙ୍କାର ମହୁଲି ମଦ ସହ ପୋଚ ନଷ୍ଟ

ତୁରୁମୁଙ୍ଗା, ୩।୧୨(ସମିସ):

କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ହୀରାପଶି ଗ୍ରାମରେ ଦେଶୀ ମହୁଲି ମଦ ପ୍ରସ୍ତୁତ ସମୟରେ ବୁଧବାର ଭୋରରୁ ତୁରୁମୁଙ୍ଗା ପୁଲିସ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ମହୁଲି ମଦ ଜବତ କରିଛି। ଏଥିସହ ବ୍ୟାପକ ମହୁଲ ପୋଚକୁ ନିଆଁ ଲଗାଇ ନଷ୍ଟ କରିଛି। ମଦ ରନ୍ଧା ସାମଗ୍ରୀ ଓ ଚୁଲିକୁ ଭାଙ୍ଗି ନଷ୍ଟ କରିଛି ପୁଲିସ। ମାଫିଆମାନେ ମହୁଲ ପୋଚ ପୋଖରୀ କୂଳ ସହ ମାଟି ତଳେ ପୋତିଥିବା ବେଳେ କୁଣ୍ଡ ଭିତରେ ମଧ୍ୟ ରଖି ମହୁଲି ମଦ ପ୍ରସ୍ତୁତ କରି ଜିଲ୍ଲା ତଥା ଜିଲ୍ଲା ବାହାରକୁ ଚାଲାଣ



କରି ଲକ୍ଷାଧିକ ଟଙ୍କା ବେଆଇନ ଭାବେ ରୋଜଗାର କରି ଆସୁଛନ୍ତି। ସାଧାରଣ ଲୋକଙ୍କ ଜୀବନକୁ ବିପନ୍ନ କରି ଏହି କାରବାର ଚାଲୁଥିବା ବେଳେ ଅବକାରୀ କିମ୍ବା ପୁଲିସ ବିଭାଗ ଏହା ଉପରେ ନିୟମିତ ଭାବେ ଚଢ଼ଉ କରୁ ନଥିବାରୁ ମାଫିଆଙ୍କୁ ଏକପ୍ରକାର ପ୍ରୋତ୍ସାହିତ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଆସୁଛି। ଏହି ଦୃଷ୍ଟିରୁ ଏଥିପ୍ରତି ନିୟମିତ ଭାବେ ପାଟ୍ରୋଲିଂ କରାଗଲେ ଏହି ବେଆଇନ କାରବାର ଉପରେ ଅଙ୍କୁଶ ଲଗାଯିବା ସହ ସାମାଜିକ ଶୃଙ୍ଖଳା ବଜାୟ ରଖାଯାଇ ପାରନ୍ତା ବୋଲି ମତ ପ୍ରକାଶ ପାଇଛି। ତେବେ, ବୁଧବାର ଏହି ଚଢ଼ଉରେ ତୁରୁମୁଙ୍ଗା ଥାନା ଇନସ୍ପେକ୍ଟର କିରଣ ସାହୁ, ଏଏସଆଇ ସୁଜାତା ମହାନ୍ତଙ୍କ ସମେତ ତୁରୁମୁଙ୍ଗା ଥାନା କର୍ମଚାରୀ ସାମିଲ ଥିଲେ।

## ନିଆଁରେ ପୋଡ଼ି ଚିକିତ୍ସାଧୀନ ପାଚିକାଙ୍କ ମୃତ୍ୟୁ

ଆନନ୍ଦପୁର, ୩।୧୨ ସମିସ): ଆନନ୍ଦପୁର ବ୍ଲକ ହାତୀବନ୍ଧା ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ସମୟରେ ଚୁଲିରୁ ନିଆଁଲାଗି ଆହତ ହୋଇ ଚିକିତ୍ସିତ ହେଉଥିବା ପାଚିକା ତଅପୋଇ ପ୍ରଧାନଙ୍କ ମୃତ୍ୟୁ ହୋଇଯାଇଛି। ଗୁରୁତର ପାଚିକାଙ୍କୁ ପ୍ରଥମେ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ପାଚିକା ସ୍କୁଲରୋଷେଇଘରେକାଠଚୁଲିରେରୋଷେଇ କରୁଥିବା ସମୟରେ କାଉଁରିଆ କାଠିରୁ ନିଆଁ ବ୍ୟାପି ତାଙ୍କ ପିନ୍ଧା ଶାଢ଼ିରେ ଲାଗିଯାଇଥିଲା।

# ଆନନ୍ଦପୁର ଶିକ୍ଷକ ସଙ୍ଘର ଦାବିପତ୍ର



ଆନନ୍ଦପୁର, ୩।୧୨ (ସମିସ): ପ୍ରାଥମିକ ଶିକ୍ଷକ ମହାସଂଘ ଡକରାରେ ଆନନ୍ଦପୁର ଶିକ୍ଷକ ସଙ୍ଘ ପକ୍ଷରୁ ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଆବାହକ ଚିତ୍ତରଞ୍ଜନ ଘଡେଇଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏକ ଶୋଭାଯାତ୍ରାରେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ରାଜ୍ୟ ସରକାରଙ୍କ କୋହଳ ମନୋବୃତ୍ତିର ପ୍ରତିବାଦ କରିଥିଲେ। ମୂଳ ପଦକୁ ଅପଗ୍ରେଡ କରି ଲେଭୁଲ ୯ ଅନୁଯାୟୀ, ମୂଳବେତନ ପ୍ରଦାନ ଏବଂ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ରୁ କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କ ଠିକା କାର୍ଯ୍ୟ କାଳକୁ ମୂଳରୁ ଗଣନା କରିବା ଦାବିକରି ଦାବିପତ୍ର ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରତିନିଧି ବିଶ୍ୱଜିତ ନାହାକ ବିବେକାନନ୍ଦ ବେହେରା ଗଙ୍ଗାଧର ସାହୁ ନିଶାକର ଦାସ ନିରଞ୍ଜନ ସାହୁ ଅଜୟ କୁମାର ଦେହୁରୀ ଦୀନବନ୍ଧୁ ନାହାକ ଗଜେନ୍ଦ୍ର ନାଇକ ପ୍ରକାଶଚନ୍ଦ୍ର ଖୁଣ୍ଟିଆ ସନ୍ତୋଷ କୁମାର ସାହୁ କବିତାରାଣୀ ଦୀକ୍ଷିତ ସୁଜାତା ରାଉତ ଶ୍ୱେତାଲିନା ମହାପାତ୍ର ସରିତା ବେହେରା ବର୍ଷାରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ପଣ୍ଡ; ୪ ଗିରଫ

ବଡ଼ବିଲ, ୩।୧୨(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୁଲିସ ଏକ ଡକାୟତ ଯୋଜନାକୁ ପଣ୍ଡ କରିଛି। ବଡ଼ବିଲ ଥାନା ସୟାବାଲି ଜଙ୍ଗଲରେ ଥିବା ଏକ ପରିତ୍ୟକ୍ତ ଘରେ କିଛି ଦୁର୍ବୃତ୍ତ ଏକାଠି ହୋଇଥିଲେ। ଏନେଇ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଥାନାଧିକାରୀ ଅଶୋକ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ଅତର୍କିତ ଚଢ଼ଉ କରିଥିଲେ। ଅନ୍ଧାରର ସୁଯୋଗ ନେଇ ଜଣେ ଫେରାର ହୋଇଯାଇଥିବା ବେଳେ ଚାରି ଜଣଙ୍କୁ ଗିରଫ କରାଯାଇଛି। କିଛି ଆପତ୍ତି ଜନକ ଜିନିଷ ଜବତ ହୋଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତମାନେ ହେଲେ ଯୋଡ଼ା ଥାନା ସହିଦ ନଗର ଅଞ୍ଚଳର ଅଭିନାଶ ନାଗ (୨୭), ଆମବାଗାନ ଅଞ୍ଚଳର ମୁକୁନ୍ଦ ସାଣ୍ଡିଲ (୨୫), ଆଜାଦ ବସ୍ତି ଅଞ୍ଚଳର ନରେଶ ପିଙ୍ଗୁଆ (୨୫) ଓ ଶାସ୍ତ୍ରୀ ନଗର ଅଞ୍ଚଳର ପ୍ରଦୀପ ବିଶ୍ୱାସ (୨୪)। ସେମାନଙ୍କ ନିକଟରୁ ୫ଟି ବିଅର ବୋତଲ, ଦୁଇଟି ଲଙ୍କା ଗୁଣ୍ଡ ପ୍ୟାକେଟ, ପାଞ୍ଚଟି ଖାଲି ଗ୍ଲାସ, ଗୋଟିଏ ଭୁଜାଲି, ଗୋଟେ ଦେଶୀ ବନ୍ଧୁକ ଓ ଗୋଟେ ମାଚିସ ଜବତ ହୋଇଥିବା ଥାନାଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି।



## ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ

ହାଟଡ଼ିହୀ,୩।୧୨(ସମିସ): ନନ୍ଦିପଦା ଥାନା ଆଇତିପର ଗ୍ରାମର ଦୁଇ ଅଭିଯୁକ୍ତ ଗିରଫ ହୋଇ ମଙ୍ଗଳବାର କୋର୍ଟ ଚାଲାଣ ହୋଇଛନ୍ତି। ଆଇତିପୁର ଗ୍ରାମର ମନୋଜ ଦାସ ଓ ଭ୍ରମରବର ଦାସଙ୍କ ନାମରେ କେସ୍ ନଂ ୩୬୮ ଅନୁଯାୟୀ ତା ୧୬.୧୧.୨୦୨୫ରେ ମାମଲା ରୁଜୁ ହୋଇଥିଲା। ସେମାନେ ଲୁଚି ବୁଲୁଥିବା ବେଳେ ନନ୍ଦିପଦା ଥାନାର ଏସଆଇ ଅନୁପ କୁମାର କର ଚଢ଼ଉ କରି ଉଭୟଙ୍କୁ ଗିରଫ କରିଥିବା ବେଳେ ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ସୂଚନା ମିଳିଛି।

# ଭୁବନାନନ୍ଦ ପବ୍ଲିକ ସ୍କୁଲରେ ହିନ୍ଦୀ ମେଳା

କେନ୍ଦୁଝର,୩।୧୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁରସ୍ଥିତ ପୁଟୁଳିଆ ଭୁବନାନ୍ଦ ପବ୍ଲିକ ସ୍କୁଲରେ ହିନ୍ଦୀ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମିତିସଭ୍ୟା କିରଣବାଳା ନାୟକ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଗୀତାଞ୍ଜଳୀ ମହାନ୍ତ ଏହାକୁ ଉଦଘାଟନ କରିଥିଲେ। ଏଥିରେ ୮୫ଟି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ନର୍ସରୀଠାରୁ



ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅତିଥିଗଣ ପ୍ରକଳ୍ପଗୁଡିକୁ ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସବଜୁନିୟର ବିଭାଗରେ ହିମାନୀ ଦେହୁରୀ ପ୍ରଥମ, ପ୍ରଜ୍ଞାନପରମିତା ମହାନ୍ତ ଦ୍ୱିତୀୟ, ଜ୍ୟୋତିପ୍ରକାଶ ବାରିକ ଓ ଇବାଞ୍ଜଳି ମୁଣ୍ଡା ତୃତୀୟ ହୋଇଥିବାବେଳେ ଜୁନିୟର ବର୍ଗରେ ସମାପ୍ତି ସ୍ୱରୂପ ମହାନ୍ତ ପ୍ରଥମ, ପ୍ରତ୍ୟାଶା ସିଂ ଦ୍ୱିତୀୟ, ରାଜଶ୍ରୀ ମହାନ୍ତ ତୃତୀୟ ହୋଇଥିଲେ। ସିନିୟର ବିଭାଗରେ ଅଜିତ ସଏ ପ୍ରଥମ, ଦିନେଶ ମୁଣ୍ଡା ଓ ଆକାଶ ଜାମୁଦା ଦ୍ୱିତୀୟ, ସମ୍ବିତ ମହାନ୍ତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଭାକୁ ବିଦ୍ୟାଳୟ ପରିଚାଳକ ଦିଲ୍ଲୀପ ବେହେରା, ଶିକ୍ଷୟିତ୍ରୀ ଅନୁପମା ଦେହୁରୀ, ମନୁସ୍ମିତା ବାରିକ, ସାଗରିକା ଦେହୁରୀ, ସିପ୍ରା ମହାନ୍ତ, ଖୁଲଣା ସାହୁ, ସ୍ୱର୍ଣ୍ଣପ୍ରଭା ପଣ୍ଡା, ଶିକ୍ଷକ ଅବନୀ ବେହେରା, ମିତ୍ରଭାନୁ ମହାନ୍ତ ସହଯୋଗ କରିଥିଲେ।

# ଜୈବିକ କୃଷି ଶିକ୍ଷା ପ୍ରଶିକ୍ଷଣ ଶିବିର

ହାଟଡ଼ିହୀ,୩।୧୨(ସମିସ): ହାଟଡ଼ିହୀ ବ୍ଲକ ଶିବନାରାୟଣପୁର ଗ୍ରାମରେ ଜୈବିକ କୃଷି ଶିକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାଷୀଙ୍କ ଆଗ୍ରହକୁ ଲକ୍ଷ୍ୟ ରଖି ବିଭାଗ ପକ୍ଷରୁ ଏପରି ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇ ଜୈବିକ ଚାଷ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରଶାନ୍ତ କୁମାର ରାଉତ, ଆନନ୍ଦପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶିକା ଅର୍ଚ୍ଚନା ବେହେରା, 'ଡେରାସ'ର ଜୈବିକ କୃଷି ପ୍ରଶିକ୍ଷକ



ସମୀର କୁମାର ବାରିକ, ହାଟଡ଼ିହୀ ବ୍ଲକର ଉଦ୍ୟାନ କୃଷି ସମ୍ପ୍ରସାରଣ କର୍ମଚାରୀ ମିହିର କୁମାର ବିଶ୍ୱାଳ, ଏପିସି ହାଟଡ଼ିହୀର ପ୍ରୋଜେକ୍ଟ ମ୍ୟାନେଜର ପ୍ରବୀଣ କୁମାର ସାହୁ ପ୍ରମୁଖ ଚାଷୀଙ୍କୁ ଉନ୍ନତ ପ୍ରଣାଳୀରେ ଜୈବିକ ଚାଷର ବିଭିନ୍ନ ଦିଗ ଉପରେ ବିସ୍ତୃତ ସୂଚନା ଦେଇଥିଲେ। ଚାଷୀ ମଦନଗିରି, ହୃଷୀକେଶପରିଡା, ମଦନପରିଡା, ଆତୁଲଖଣ୍ଡା, ରତ୍ନାକରବେହେରା, ଭାବଗ୍ରାହୀ ବେହେରା, ନନ୍ଦକିଶୋର ବେହେରା, ତୁଷାରକାନ୍ତ ଦାସ, କୃଷକ ସାଥୀ ପ୍ରଭାକର ଖଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶତାଧିକ ଚାଷୀ ଶିବିରରେ ଯୋଗ ଦେଇଥିଲେ।

### ଜିଲ୍ଲାସ୍ତରୀୟ ଭିନ୍ନକ୍ଷମ ଦିବସ

# ଭିନ୍ନକ୍ଷମଙ୍କ ମର୍ଯ୍ୟାଦା, ଅନ୍ତର୍ଭୁକ୍ତି ଓ ସୁଯୋଗକୁ ପ୍ରୋତ୍ସାହନ





କେନ୍ଦୁଝର,୩।୧୨(ସମିସ): ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ସମଗ୍ର ଶିକ୍ଷା କେନ୍ଦୁଝର ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ୨୦୨୫ ପାଳନ ହୋଇଯାଇଛି। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ମର୍ଯ୍ୟାଦା, ଅନ୍ତର୍ଭୁକ୍ତି ଏବଂ ସମାନ ସୁଯୋଗକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମଟି ସକାଳୁ ୱାକାଥନ୍ ସହିତ ଆରମ୍ଭ ହୋଇ ଜିଲ୍ଲା ଅଡିଟୋରିୟମ୍‌ରେ ଏକ ବୈଠକ, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣରେ ଶେଷ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ମଦରଧର ମହାଲିକ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କେନ୍ଦୁଝର ଜିଲ୍ଲା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ସୁଗମତା, କଲ୍ୟାଣମୂଳକ ପଦକ୍ଷେପ ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ ବୋଲି କହିଥିଲେ। ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପି.କେ ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ, ଆଇଇଡି ସଂଯୋଜକ ପୀତବାସ ସାହୁ ଉପସ୍ଥିତ ଥିଲେ। ସକାଳେ ହୋଇଥିବା ଶୋଭାଯାତ୍ରାରେ ଅଂଶଗ୍ରହଣକାରୀମାନେ ଭିନ୍ନକ୍ଷମଙ୍କ ସମ୍ମାନ, ଉପଲବ୍ଧତା ଏବଂ ସଶକ୍ତିକରଣ ଉପରେ ସଚେତନତା ବାର୍ତ୍ତା ପ୍ରଚାର କରି ସହର ପରିକ୍ରମା କରିଥିଲେ। ଅଡିଟୋରିୟମ୍‌ରେ ଅନୁଷ୍ଠିତ ସାଂସ୍କୃତିକ

### ୱାକାଥନ୍, ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା

କାର୍ଯ୍ୟକ୍ରମରେ ଏବଂ ଭିନ୍ନକ୍ଷମ ପିଲାମାନେ ନୃତ୍ୟ, ସଙ୍ଗୀତ ଏବଂ ସୃଜନଶୀଳ କଳାରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରି ଦର୍ଶକଙ୍କଠାରୁ ପ୍ରଶଂସା ସାଉଁଟିଥିଲେ। ଉତ୍ସବର ଏକ ଅଂଶ ଭାବରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର, ପ୍ରମାଣପତ୍ର ଏବଂ ପ୍ରଶଂସା ପୁରସ୍କାର ସହିତ ସମ୍ମାନିତ କରାଯାଇଥିଲା, ଯାହା ସେମାନଙ୍କୁ ସେମାନଙ୍କର ପ୍ରତିଭା ଏବଂ ଆତ୍ମବିଶ୍ୱାସକୁ ପୋଷଣ କରିବା ଜାରି ରଖିବାକୁ ଉତ୍ସାହିତ କରିଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶ୍ୱରୀ ମହାନ୍ତ ପରିଚାଳନା କରିଥିଲେ।

**ଆନନ୍ଦପୁର:** ଘଷିପୁରା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ କରାଯାଇଛି। ଏହି ଅବସରରେ ଘଷିପୁରା ବ୍ଲକର ସମସ୍ତ ଭିନ୍ନକ୍ଷମ ପିଲାଙ୍କୁ ନେଇ ଗୀତ, ସଙ୍ଗୀତ, ଚିତ୍ରାଙ୍କନ, ମିଉଜିକ ଚ୍ୟାୟାର ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ତାଙ୍କ ମଧ୍ୟରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦ୍ୟସ୍ନାନ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଘଷିପୁରା ବିଡିଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନିତା ବିଜୟିନୀ, ସମ୍ମାନିତ ଅତିଥି ଭାବେ ସମନ୍ୱିତ ଶିଶୁ ବିକାଶ ପକଳ୍ପ ଅଧିକାରିଣୀ ସକୁନ୍ତଳା ନାୟକ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ୧୭ଟି କ୍ଲଷ୍ଟର ସଂଯୋଜକ ଅଂଶଗ୍ରହଣ କରିଥିଲେ।

**ବାଲିବନ୍ଧ:** ସମଗ୍ର ଶିକ୍ଷା, କେନ୍ଦୁଝର ପକ୍ଷରୁ ଝୁମ୍ପୁରା ଗୋଷ୍ଠୀଶିକ୍ଷାଧିକାରୀ କାର୍ଯ୍ୟାଳୟରେ ବୁଧବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଗୋଷ୍ଠୀ ସମ୍ବଳ ଶିକ୍ଷକ (ବିଆରଟି) ମଙ୍ଗୁଲୁଚରଣ ମହାନ୍ତଙ୍କ ତତ୍ତ୍ୱାବଧାନରେଅନୁଷ୍ଠିତ ଏକସ୍ୱତନ୍ତ୍ରସଭାରେ ଝୁମ୍ପୁରା ଗୋଷ୍ଠୀଶିକ୍ଷାଧିକାରୀ ଭଗବାନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତି ଭାବେ ବିଆରସିସି ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନବକିଶୋର ସାମଲ, ଜୟନ୍ତୀଲତା ମଲ୍ଲିକ, ମୁକୁନ୍ଦଚରଣ ସାହୁ, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀଶିକ୍ଷାଧିକାରୀ ବିଜୟାନନ୍ଦ ବେହେରା ପ୍ରମୁଖ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଝୁମ୍ପୁରା ବ୍ଲକର ୪୦ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ ଏବଂ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଆରଟି ପୁଷ୍ପଲତା ପଣ୍ଡାଙ୍କ ସହ ସମସ୍ତ ସିଆରସିସି ତଥା ଗୋଷ୍ଠୀଶିକ୍ଷାଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।



# ଧର୍ମଶାଳା ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

**ଯାଜପୁର, ୩।୧୨(ସମିସ):** ଧର୍ମଶାଳା ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଧର୍ମଶାଳା ଅଞ୍ଚଳର କିଛି ବ୍ୟକ୍ତି ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଧର୍ମଶାଳା, ଜେନାପୁର ଓ କୁଆଖିଆ ଥାନା ରହିଥିବା ବେଳେ ଏହି ଥାନାର ପୁଲିସ ନିଷ୍କ୍ରିୟତା ହୋଇପଡ଼ିଛନ୍ତି। ଦିନରାତି ଲଘୁ ଖଣିଜ ପଦାର୍ଥ ବାଲି, ମୋରମ ଓ କଳା ପଥର ଚୋରା ଚାଲାଣ କରାଯାଉଛି। ସମସ୍ତ ସରକାରୀ ନିୟମକୁ ଦଳିମକଚି ମାଫିଆ ଲଘୁ ଖଣିଜକୁ ଲୁଟ୍ କରି ଚାଲିଛନ୍ତି। ତିନୋଟି ଥାନାର ପୁଲିସ ସବୁ ଦେଖି ଆଖି ବନ୍ଦ କରି ଦେଇଛି। ଯଦ୍ଵାରା କି ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ମାଫିଆ ମାଲେ ମାଲ୍ ହେଉଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଯଦି କୌଣସି ସାଧାରଣ ବ୍ୟକ୍ତି ଏହାକୁ ପ୍ରତିବାଦ କରେ ତେବେ ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦିଆଯିବା ସହ ଦୁର୍ବୃତ୍ତଙ୍କୁ କୁହାଇ ମରଣାନ୍ତକ ଆକ୍ରମଣ କରାଯାଉଛି। ଏ ନେଇ ଯଦି ବ୍ୟକ୍ତି ପୁଲିସରେ ଅଭିଯୋଗ କରୁଛି ପୁଲିସ କୌଣସି ପଦକ୍ଷେପ ନେଉନାହିଁ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏପରିକି ଯଦି କୌଣସି ଗଣମାଧ୍ୟମ ପ୍ରତିନିଧି ସମ୍ବାଦ ସଂଗ୍ରହ କରିବା ନିମନ୍ତେ ଘଟଣା ସ୍ଥଳକୁ ଯାଉଛନ୍ତି ତେବେ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହେଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଗତ ନଭେମ୍ବର ୨୨ତାରିଖରେ ଗୋକର୍ଣ୍ଣେଶ୍ୱର ନିକଟ ଦୁର୍ଗାପୁରକୁଦ ଦୁଇ ବାଲି ଘାଟରୁ ବେଆଇନ ଖନନକୁ ନେଇ ଫଟୋ ଉଠାଉଥିବା ଜଣେ ଯୁବ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ କରାଗଲା। ଏ ନେଇ ପୁଲିସ ପାଖରେ ଅଭିଯୋଗ କରାଗଲା। ପୁଲିସ ମାମଲା ରୁଜୁ କରି ଚୁପ୍ ହୋଇ ବସିରହିଛନ୍ତି। ଏଥିପ୍ରତି ଜିଲା ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟ ବ୍ରିଜ ଉପରେ ବାଲି ମାଫିଆ ନିଶା ସେବନ କରି ସାଧାରଣ ଲୋକଙ୍କୁ ଗାଳି ଗୁଲଜ କରୁଛନ୍ତି। ଯାହାଫଳରେ ଲୋକେ ଉପରୋକ୍ତ ରାସ୍ତା ଦେଇ ଯିବାକୁ ସୁରକ୍ଷିତ ମଣୁନାହାଁନ୍ତି। ମିଳିତ ଜନ ଅଭିଯୋଗ ଶୁଣାଣିରେ ଧର୍ମଶାଳା ଅଞ୍ଚଳର କିଛି ଜନସାଧାରଣବୃନ୍ଦ ଆରକ୍ଷୀ ଅଧିକ୍ଷକ ଯଶ୍ ପ୍ରତାପ ଶ୍ରୀମଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଥିଲେ।

# ଚନ୍ଦନ ବୋଡ଼ା ଉଦ୍ଧାର

**ସୁକିନ୍ଦା, ୩।୧୨(ସମିସ):** ସୁକିନ୍ଦା ବ୍ଲକ ରୋଡରେ ରହୁଥିବା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରାଣୀ ଓଝାଙ୍କ ଘର ନିକଟରୁ ଏକ ବିରଳ ପ୍ରଜାତିର ଚନ୍ଦନ ବୋଡ଼ା ଉଦ୍ଧାର ହୋଇଛି। ଏହି ସାପକୁ ଦେଖି ପରିବାର ଲୋକେ ତୁରନ୍ତ ପ୍ରଶିକ୍ଷିତ ସାପ ଧରାଳି ସୌମ୍ୟଜିତ୍ ବେହୁରାଙ୍କ ସହିତ ଯୋଗାଯୋଗ କରିଥିଲେ। ସୌମ୍ୟଜିତ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଏହି ବିଷଧର ସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରି ସୁକିନ୍ଦା ପାଖ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡ଼ିଛି। ଏହି ପ୍ରଜାତିର ସାପ ଏବେ ପ୍ରାୟ ଦେଖିବାକୁ ମିଳୁନାହିଁ।

## ପ୍ରଦୂଷଣ ନିୟମ ଉଲଙ୍ଘନ ଅଭିଯୋଗ

# ସିମେଣ୍ଟ କାରଖାନାକୁ କାରଣ ଦର୍ଶାଅ ନୋଟିସ

**ଯଖପୁରା, ୩।୧୨(ସମିସ)**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅବସ୍ଥିତ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା ପ୍ରତି ପରିବେଶ ନିୟମ ଉଲ୍ଲଙ୍ଘନ ସମ୍ପର୍କୀତ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୮ ଅଗଷ୍ଟ ୨୦୨୫ରେ ହୋଇଥିବା ଯାଞ୍ଚରେ ଅନେକ ଅବ୍ୟବସ୍ଥା ଧରାପଡ଼ିବା ପରେ କମ୍ପାନୀକୁ ୧୫ ଦିନ ମଧ୍ୟରେ କାରଣ ଦର୍ଶାଅ କରିବାକୁ ନୋଟିସ୍ ଜାରି ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଯାଞ୍ଚ ରିପୋର୍ଟ ଅନୁଯାୟୀ କମ୍ପାନୀରୁ ବାହାରୁଥିବା ପାଣିକୁ ଠିକ୍ ଭାବେ ଯିବା ପାଇଁ ଯେଉଁ ନାଳା ବନାଯାଇଥିଲା, ସେ ସବୁ ଡ୍ରେନ୍‌ଅଧା ଅଧୁରା ହୋଇପଡ଼ିଛି। ଓଜନ କଣ୍ଟା ନିକଟରେ ବାୟୁ ଗୁଣବତ୍ତା ନିର୍ଦ୍ଧାରିତ ମାନଦଣ୍ଡଠାରୁ ବହୁ ଅଧିକ ପରିଲକ୍ଷିତ ହୋଇଛି। କାରଖାନା ଭିତରେ ବହୁତ ଧୂଆଁ ଓ ଧୂଳି ନିର୍ଗତ ହେଉଛି। କନଭେୟର ବେଲ୍ଟ ପାଖରେ ଧୂଳିକୁ ନିଷ୍କାସନ ରୋକିବା ପାଇଁ



ଯେଉଁ ବ୍ୟବସ୍ଥା ରହିଛି ସେହି ବ୍ୟବସ୍ଥା ଠିକ୍‌ଭାବେ କାର୍ଯ୍ୟକ୍ଷମ ହେଉନାହିଁ ବୋଲି ଯାଞ୍ଚ ବେଳେ ଧରାପଡ଼ିଛି। ପ୍ରଦୂଷଣ ବୋର୍ଡ ଅନୁସାରେ, କାରଖାନା ପରିସରରେ ପରିଚାଳନା କ୍ଷେତ୍ରରେ ଅବ୍ୟବସ୍ଥାଗୁଡ଼ିକ ମଧ୍ୟରେ ଜଳ ଓ ବାୟୁ ସୁରକ୍ଷା ଆଇନକୁ ସିଧାସଳଖ ଭାବେ ଭଙ୍ଗ କରୁଛି ବୋଲି ତଦନ୍ତ ସମୟରେ ସ୍ପଷ୍ଟ ହୋଇଛି। ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅନୁସାରେ କମ୍ପାନୀ କର୍ତ୍ତୃପକ୍ଷ ୧୫ ଦିନ ମଧ୍ୟରେ ଏହାର ସ୍ପଷ୍ଟୀକରଣ ଦେବା ସହ ପ୍ରତ୍ୟୁତ୍ତର ଆବଶ୍ୟକ ବୋଲି ନୋଟିସ୍‌ରେ ସ୍ପଷ୍ଟ କରାଯାଇଛି। ଯଦି କମ୍ପାନୀ ଯୁକ୍ତିସଙ୍ଗତ କାରଣ ଦର୍ଶାଇବାରେ ବିଫଳ ହୁଏ, କିମ୍ବା କମ୍ପାନୀ ଦର୍ଶାଇଥିବା କାରଣ ଗ୍ରହଣୀୟ ନ ହେଲେ; ତେବେ ବୋର୍ଡ ଦ୍ୱାରା ଉତ୍ପାଦନ ଅନୁମତି ବନ୍ଦ କରିବା ପରି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ପଷ୍ଟ ଭାବରେ ନୋଟିସ୍‌ରେ ନିର୍ଦ୍ଦେଶ ଅଛି। କାରଖାନା ପାଚେରି ଆଡ଼କୁ ସିମେଣ୍ଟ ଧୂଳି ସବୁ ଗ୍ରାମ ଅଞ୍ଚଳକୁ ଯାଉଥିବାର ଅଭିଯୋଗ ମଧ୍ୟ ଉଠିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନିୟମ ପାଳନ ନ କଲେ କଡ଼ା ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ଆବଶ୍ୟକ ପଡ଼ିଲେ କାରଖାନା ବନ୍ଦ କରାଯିବ ବୋଲି ନୋଟିସ ଦିଆଯାଇଛି।

## ● ସୁକିନ୍ଦା ଖଣି ଅଞ୍ଚଳ ଅଶାନ୍ତ

# ଗଣ୍ଡଗୋଳ ଘଟଣାରେ ୨ ଆହତ; ୪ଅଟକ

**ସୁକିନ୍ଦା, ୩।୧୨(ସମିସ):** ସୁକିନ୍ଦା ଖଣି ଅଞ୍ଚଳରେ ରାଜନୈତିକ ବିବାଦକୁ କେନ୍ଦ୍ରକରି ଦୁଇପକ୍ଷ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଆରମ୍ଭ ଦେଖାଦେଇଛି। ଦୁଇ ଗୁରୁତର ହେବା ସହ ୪ଜଣ ଯୁବକଙ୍କୁ ଅଟକ ରଖି ଘଟଣାର ତଦନ୍ତଜାରି ରଖିଛି କାଳିଆପାଣି ପୁଲିସ। ବେଦାନ୍ତ ଖଣିରେ ସ୍ଥାନୀୟ ଅଞ୍ଚଳ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଓ ସ୍ଥାନୀୟ ଲୋକଙ୍କ କିଛି ଦାବି ନେଇ ଖଣି ମୁଖ୍ୟ ଦ୍ୱାର ସମ୍ମୁଖରେ ଆନ୍ଦୋଳନ ଚାଲିଥିଲା। ଏହି ସମୟରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଏକ କାର୍‌ରେ ସେଠାରେ ପହଞ୍ଚି ଖଣି ଭିତରକୁ ଯିବା ପାଇଁ କହିଥିଲେ। ଧାରଣା ଦେଇଥିବା ଯୁବକମାନେ ସେମାନଙ୍କ ଗାଡ଼ି ଛାଡି ନଥିଲେ। ଫଳରେ ସେମାନେ ଫେରି ଯାଇଥିଲେ। ଆନ୍ଦୋଳନକାରୀ ମାନେ ସନ୍ଧ୍ୟାରେ ଫେରିବା ସମୟରେ ମନୋଜ ମାଲସାଣ୍ଡି, ଦୀପକ ନାୟକ, କୁନା ମାଲସାଣ୍ଡି ଓ ଗୌରବ ସିଂ ନାମକ ଯୁବକ ଇମ୍ପା ଖଣି ସମ୍ମୁଖରେ ସେମାନଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଗଣ୍ଡଗୋଳରେ ସୁକିନ୍ଦା ଗ୍ରାମ ଚିରଞ୍ଜିବୀ ବେହୁରା ଓ ସନ୍ତୋଷ ମୁଦୁଲି ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ କାଳିଆପାଣି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୁଲିସ ୪ଜଣ ଯୁବକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।

# ଧର୍ମଶାଳା ବାଣୀପୀଠର ପ୍ରତିଷ୍ଠା ଦିବସ ୨୬ରେ

**ଧର୍ମଶାଳା, ୩।୧୨(ସମିସ):** ଧର୍ମଶାଳା ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଧର୍ମଶାଳା ବାଣୀପୀଠର ୭୮ତମ ପ୍ରତିଷ୍ଠା ଦିବସ ଓ ପୁରାତନ ଛାତ୍ର ସଂସଦର ୧୫ତମ ବାର୍ଷିକ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ସଂସଦ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଅବସରପ୍ରାପ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡ. ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଶିକ୍ଷାବିତ୍ ଆଦିକନ୍ଦ ସ୍ୱାଇଁ, ଉପଦେଷ୍ଟା ରମେଶ ଚନ୍ଦ୍ର ସିଂ, ଜଗବନ୍ଧୁ ସ୍ୱାଇଁ, ସହସମ୍ପାଦକ ବିକ୍ରମ କେଶରୀ ମହାନ୍ତି, କୋଷାଧ୍ୟକ୍ଷ ନୀଳମଣି ନାୟକ, ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ନିରଞ୍ଜନ ପଣ୍ଡା, ଧରଣୀଧର ଦାଶ, ମହମ୍ମଦ ରିଆଜୁଇ ହକ, ସୁଶାନ୍ତ କୁମାର ନାୟକ, ବିବେକାନନ୍ଦ ନାୟକ, ଉମାକାନ୍ତ ମୁଦୁଲି, ମନୋଜ କୁମାର ରାଉଳ, ନାରାୟଣ ମଲ୍ଲିକ, ସୋମନାଥ ସାହୁ, ରବୀନ୍ଦ୍ର ନାରାୟଣ ଦାଶ, କୈଳାସ ଚନ୍ଦ୍ର ଜେନା, ଅର୍ଜୁନ ଚରଣ ପୃଷ୍ଟି ସମେତ ବହୁ ପୁରାତନ ଛାତ୍ର ଯୋଗଦେଇଥିଲେ। ଆସନ୍ତା ୨୬ ତାରିଖ ବାର୍ଷିକ ଉତ୍ସବ ଅନୁଷ୍ଠିତ ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ କର୍ମକର୍ତ୍ତା ଓ ସଭ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏହି ଅବସରରେ ୧୯୭୪ ବ୍ୟାଚର ୧୦ଜଣ ପୁରାତନ ଛାତ୍ର ସମ୍ବର୍ଦ୍ଧନା, ୨ଜଣ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପୁରସ୍କାର ପ୍ରଦାନ କରାଯିବା ସହ ସଂସଦ ପକ୍ଷରୁ ମୁଖପତ୍ର ବାଣୀବିତାନ 'ସ୍ମରଣିକା ଉନ୍ମୋଚନ' ହେବ। ସହସମ୍ପାଦକ ପ୍ରବୋଧ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୨ ବର୍ଷ ହେଲା ଶୁଣୁନାହିଁ ଜଳସେଚନ ବିଭାଗ

# କାଚେରା ସାହି ନଦୀତୁଠରେ ପାହାଚ ନିର୍ମାଣ ଦାବି

**କବାଟବନ୍ଧ, ୩।୧୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ କାଚେରା ସାହିଠାରେ ନଦୀ ତୁଠରେ ଏକ ଗାଧୁଆ ପାହାଚ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଗତ ୨ ବର୍ଷ ଧରି ଏନେଇ ଗ୍ରାମବାସୀ ଦାବି କରିବା ସହିତ ଜଳସେଚନ ବିଭାଗକୁ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ। ମାତ୍ର ଦୁଃଖର ବିଷୟ ଲୋକମାନେ ବିପଦପୂର୍ଣ୍ଣ ଭାବେ ଏବଂ ଅସୁବିଧାରେ ସ୍ନାନ କରୁଥିବା ବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାଁନ୍ତି। ବର୍ତ୍ତମାନ ନଦୀରେ ପାଣି ଶୁଖି ଥିବା ସମୟରେ ଗାଧୁଆ ତୁଠ ପାହାଚ ନିର୍ମାଣ ପାଇଁ ଠିକ୍ ସମୟ ହୋଇଥିବା ବେଳେ ଏଠାରେ ତୁରନ୍ତ ପାହାଚ ନିର୍ମାଣ କରିବା ପାଇଁ ଦାବି ହୋଇଛି।



ଧର୍ମଶାଳା ବ୍ଲକର କବାଟବନ୍ଧ ସମଗ୍ର ବ୍ଲକରେ ଏକ ବଡ଼ ଗ୍ରାମ ଅଟେ। ଏହା ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ। ଏହାର ଜନସଂଖ୍ୟା ପ୍ରାୟ ୫ ହଜାରରୁ ଅଧିକ। ଉକ୍ତ ଗ୍ରାମର ଲୋକମାନେ ସ୍ନାନ କରିବା, ଶୌଚ ହେବା, ଶୁଦ୍ଧିକ୍ରିୟା ଆଦି ସମସ୍ତ କାମ ପାଇଁ ନଦୀ ଉପରେ ନିର୍ଭର କରନ୍ତି। ଏ ସବୁ କାମ କରିବାକୁ ଉତ୍ତମ ବ୍ୟବସ୍ଥା ତଥା ପାହାଚ ସୁବିଧା ନ ଥିବାରୁ ନଦୀରେ ସ୍ନାନ କରିବା ପାଇଁ ଲୋକମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଗାଧୁଆ ପାହାଚ ନ ଥିବାରୁ ଲୋକମାନେ ବିପଦପୂର୍ଣ୍ଣ ସ୍ଥାନରେ ଗାଧୋଇବାକୁ ବାଧ ହେଉଛନ୍ତି। ଅନେକ ସମୟରେ ଗାଧୋଇବା ବେଳେ ଗୋଡ଼ ଖସିଯାଇ ଲୋକମାନେ ମୃତ୍ୟୁ ମୁଖରେ ପଡୁଛନ୍ତି। ଛୋଟ ପିଲା ଏବଂ ବୟସାଧିକ ବ୍ୟକ୍ତି ମାନଙ୍କ ପାଇଁ ଅଧିକ ବିପଦ ରହିଛି। ନଦୀ ବନ୍ଧ ରାସ୍ତାରୁ ନଦୀକୁ ଗାଧୋଇବା ପାଇଁ ଯିବାକୁ ୪/୫ଟି ପଥର ପାହାଚ ରହିଛି। ମାତ୍ର ଗାଧୋଇବା ତୁଠରେ ପାହାଚ ନାହିଁ। ଯାହା ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ ବିପଦପୂର୍ଣ୍ଣ ଭାବେ ସ୍ନାନ କରୁଛନ୍ତି। ଗତ ୨୦୨୩ ମସିହା ଅଗଷ୍ଟ ୩ ତାରିଖରେ ଏହି କାଚେରା ସାହି ଗାଧୁଆ ତୁଠରେ ରକ୍ମଣୀ ସାହୁ (ନଖି) ନାମକ ଜଣେ ବୃଦ୍ଧା ଗାଧୋଇବା ସମୟରେ ଗୋଡ଼ ଖସି ଯାଇ ପାଣିରେ ବୁଡି ମୃତ୍ୟୁବରଣ କରିଥିଲେ। ଏ ନେଇ ଗ୍ରାମବାସୀ ଏକ ଗାଧୁଆ ପାହାଚ ନିର୍ମାଣ ପାଇଁ ଜଳସେଚନ ବିଭାଗକୁ ଦାବିପତ୍ର ପ୍ରଦାନ କରିଥିଲେ। ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ପାହଚ ନିର୍ମାଣ ପାଇଁ କୌଣସି ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ଯାହାକୁ ନେଇ ଗ୍ରାମବାସୀ ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ଷା ଦିନେ ନଦୀରେ ବନ୍ୟା ଜଳ ଆସିବା ସମୟରେ ଲୋକମାନେ ଗାଧୋଇବା ବେଳେ ବିପଦର ସମ୍ମୁଖିନ ତଥା ଜୀବନହାନିର ସମ୍ଭାବନା ରହିଛି। ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଏକ ଗାଧୁଆ ପାହାଚ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଜିଲ୍ଲାସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତା

**ଯାଜପୁର, ୩।୧୨(ସମିସ):** ଯାଜପୁର ଟାଉନ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଯାଜପୁର ତରଫରୁ ଜିଲ୍ଲାସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଛାତ୍ରଛାତ୍ରୀ ସେମାନଙ୍କ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଅଂଶଗ୍ରହଣ କରିଥିଲେ। ସଂସଦରେ ଶାସକ ଓ ବିରୋଧୀ ଦଳର ସଭ୍ୟସଭ୍ୟାମାନେ କିପରି ପ୍ରଶ୍ନ ଉପସ୍ଥାପନା କରନ୍ତି ଏବଂ ତାର ଉତ୍ତର କିପରି ଦିଆଯାଏ ଛାତ୍ରଛାତ୍ରୀ ନିଜସ୍ୱ ଶୈଳୀରେ ଉପସ୍ଥାପନା କରିଥିଲେ। ଯାଜପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତିଙ୍କ ସଂଯୋଜନା ଓ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅନିତା ନାୟକଙ୍କ ସଭାପତିତ୍ୱରେ ଏକ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ। ବିଚାରକ ରୂପେ ଅବସରପ୍ରାପ୍ତ ପ୍ରଧାଶିକ୍ଷୟିତ୍ରୀ ଜୟଶ୍ରୀ ମହାପାତ୍ର ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ. ଗିରିଶ ଚନ୍ଦ୍ର ମିଶ୍ର ଯୋଗଦାନ କରିଥିଲେ। ଉକ୍ତ



ପ୍ରତଯୋଗିତାରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଦିବ୍ୟାଂସୀ ସାମଲ ପ୍ରଥମ ସ୍ଥାନ ଅଧିକାର କରିବା ସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି।

# ମଣ୍ଡଳସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା

**ଯାଜପୁର, ୩।୧୨(ସମିସ):** ଯାଜପୁର ମଣ୍ଡଳସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ବିଭିନ୍ନ ବର୍ଗ ତଥା ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ କୁଇଜ୍ ପ୍ରତିଯୋଗିତା ମହାବୀର ସରକାରୀ ଉଚ୍ଚ ବିଦ୍ୟାଳୟ, କପାସି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଯାଜପୁର ମଣ୍ଡଳ ଶିକ୍ଷାଧିକାରୀ ଦେବୀଲାଲ ମଲ୍ଲିକ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଦାନନ୍ଦ ଦାସ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ମଞ୍ଚାସୀନ ଯାଜପୁର ମଣ୍ଡଳ ସହ ଶିକ୍ଷାଧିକାରୀ ନିର୍ମଳ ଚନ୍ଦ୍ର ଜେନା, ବରଦା ଭୂଷଣ ମହାପାତ୍ର, ମନୋଜ କୁମାର ଜେନା ପିଲାମାନଙ୍କ ଉଦ୍ଦେଶ୍ୟରେ ବିଜ୍ଞାନ ପ୍ରତି କୌତୁହଳ ମନୋଭାବ ଜାଗ୍ରତ ପାଇଁ ନିଜର ମୂଲ୍ୟବାନ ମତ ଅଭିଭାଷଣ ମାଧ୍ୟମରେ ଉପସ୍ଥାପନ କରିଥିଲେ। ଏହି ସଭାରେ ଅବସରପ୍ରାପ୍ତ ଶିକ୍ଷକ ପିତାମ୍ବର ସ୍ୱାଇଁ ମୁଖ୍ୟବକ୍ତା ଭାବେ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାଳନ୍ଦୀ ଚରଣ ସାହୁ ଏବଂ କ୍ଲଷ୍ଟର ସିଆରସିସି ଭାଗୀରଥି ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆର୍‌ସିସି. ପ୍ରକାଶ ଚନ୍ଦ୍ର ପଣ୍ଡା, ରାଜମମତା ନାୟକ, ମଞ୍ଚ ପରିଚାଳନା କରିଥିଲେ। ସିଆର୍‌ସିସି ତିମିର ରଞ୍ଜନ ବେହେରା, ସଞ୍ଜୟ ମିଶ୍ର, କବିତା ସେଠୀ, ବିଜୟ ସାହୁ, ମନୋରଞ୍ଜନ ସାହୁ, ପ୍ରଦୀପ ସାହୁ, ପ୍ରଶାନ୍ତ ମଲ୍ଲିକ, ନିର୍ମଳ ସେଠୀ ସହଯୋଗ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏହି ପ୍ରତିଯୋଗିତାରେ ମୋଟ୍ ୨୫୦ରୁ ଅଧିକ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାର ମୂଲ୍ୟାୟନ ପାଇଁ ଅବସରପ୍ରାପ୍ତ ସହ ଶିକ୍ଷାଧିକାରୀ କୁଳମଣି ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ, ଗିରିଜା ପ୍ରସାଦ ମହାନ୍ତି, ସୁରେନ୍ଦ୍ର କୁମାର ମହାପାତ୍ର ବିଚାରକ ଭାବେ ସହଯୋଗ କରିଥିଲେ। ଶେଷରେ ସହ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଜେନା ସମସ୍ତ ପ୍ରତିଯୋଗୀ ମାନଙ୍କୁ ବିଦ୍ୟାଳୟର କର୍ମକର୍ତ୍ତା, ନିମନ୍ତ୍ରିତ ଅତିଥି ଓ ସିଆର୍‌ସିସିମାନଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସମାପ୍ତି ଘୋଷଣା କରିଥିଲେ।

# ଶାଳୀଜଙ୍ଗାରେ ମା' ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ଦାନଗଦି, ୩।୧୨(ସମିସ):** ଦାନଗଦୀ ବ୍ଲକ ଶାଳୀଜଙ୍ଗା ଗ୍ରାମରେ ମହାଲକ୍ଷ୍ମୀ ମା'ଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁଭାରମ୍ଭ ହୋଇଛି। ଆଜି ପ୍ରତ୍ୟୁଷରୁ ଶ୍ରୀଜଗନ୍ନାଥ ଧାମ ପୁରୀରୁ ପଣ୍ଡିତ ନିରାକାର ପଣ୍ଡା, ସନ୍ତୋଷ କୁମାର ପଣ୍ଡା, ରବିନାରାୟଣ ପଣ୍ଡା, ଚନ୍ଦ୍ରଶେଖର କର, ଦୀପକ ମିଶ୍ର, ସୁବ୍ରତ ଶତପଥିଙ୍କ ଦ୍ୱାରା ପଞ୍ଚଗବ୍ୟ, ଅଙ୍କୁରାରୋପଣ ଓ ମନ୍ଦିରର ରତ୍ନମୁଦ କାର୍ଯ୍ୟ ସମ୍ପନ କରାଯାଇଛି। ଆଜି ଠାରୁ ଛଅ ତାରିଖ ଶନିବାର ପର୍ଯ୍ୟନ୍ତ ପ୍ରତିଷ୍ଠା ଉତ୍ସବ ଦୈନିକ ବଧି ଅନୁସାରେ ମା'ଙ୍କର ପୂଜା କାର୍ଯ୍ୟ ହେବା ସହ ୬ ତାରିଖ ଶନିବାର ଶେଷ ଦିନ ମା'ଙ୍କ ଚଳନ୍ତି ପ୍ରତିମାଙ୍କର ନବଯୌବନ ଦର୍ଶନ ଓ ଗ୍ରାମ ପରିକ୍ରମା ହେବ ବୋଲି ଗ୍ରାମବାସୀଙ୍କ ଠାରୁ ସୂଚନା ମିଳିଛି। ଆଜିର ପ୍ରତିଷ୍ଠା ଉତ୍ସବ ପ୍ରଥମ ଦିବସରେ ଦାନଗଦି ବ୍ଲକ ଶିକ୍ଷା ଅଧିକାରୀ ଶୁଭ୍ରାଂଶୁ ପୁହାଣ, ସୁକିନ୍ଦା ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସରପଞ୍ଚ ବିଜୟଲକ୍ଷ୍ମୀ ଦାସ ମଧ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ସମ୍ମାନିତ ବ୍ୟକ୍ତି ବିଶେଷଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଗ୍ରାମବାସୀ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ମୁଖ୍ୟକର୍ତ୍ତା ଭାବେ ପ୍ରଶାନ୍ତ ଦାସ ଓ ଏହି ପ୍ରତିଷ୍ଠା ଉତ୍ସବକୁ ବସନ୍ତ କୁମାର ଦାସ, କୈଳାଶ ଚନ୍ଦ୍ର ମିଶ୍ର, ଫକୀର ଦାସ, ଅଧର କୁମାର ମିଶ୍ର, ଶ୍ରୀକାନ୍ତ ମିଶ୍ର, ଦେବାଶିଷ ମିଶ୍ର, ଅବିନାଶ ମିଶ୍ର, ଅମିତ ଦାସ, ସିଦ୍ଧାର୍ଥ ଶଙ୍କର ଦାସ, ଘନଶ୍ୟାମ ସାହୁ, ଲାଲ ମୋହନ ମହାନ୍ତ, କେଶବ ମହାନ୍ତ ଓ ଭରତ ସାହୁ ପ୍ରମୁଖଙ୍କ ସହଯୋଗରେ ସୂଚାରୁରୂପେ ସମ୍ପାଦନ ହେଉଛି। ସନ୍ଧ୍ୟାରେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଛି।

# ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଭିନ୍ନକ୍ଷମ ଦିବସ

**ଯାଜପୁର, ୩।୧୨(ସମିସ):** ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧକ୍ଷ ଜିଲ୍ଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଦଶରଥପୁର ବ୍ଲକ ଅକରପଡ଼ା ଗ୍ରାମପଞ୍ଚାୟତ ପରିସରରେ ପ୍ରାଧିକରଣ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପ୍ରାଧିକରଣର ସଚିବ ଲିପା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ




ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧୁରୀ ଯୋଗଦେଇ ଭିନ୍ନକ୍ଷମ ବ୍ୟକ୍ତି କାହାର ଦୟାର ପାତ୍ର ନୁହଁନ୍ତି ବୋଲି କହିଲେ। ସେମାନେ ଗୋଟିଏ ପଟେ ଅକ୍ଷମ ଥିଲାବେଳେ ଅନ୍ୟପଟେ ସକ୍ଷମ। ସେମାନେ କିପରି ମର୍ଯ୍ୟାଦାର ସହ ବଞ୍ଚିବେ ଓ ତାଙ୍କ ସକ୍ଷମତା ଆଧାର କରି ସରକାରୀ ସ୍ତରରେ ନାନା ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରାଧିକରଣ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ସାହୁ ଗୃହୀତ ୨୧ ପ୍ରକାର ଭିନ୍ନକ୍ଷମ ଅବସ୍ଥା, ଭିନ୍ନକ୍ଷମ ଚିହ୍ନଟ ପ୍ରକ୍ରିୟା ସହିତ ସ୍ୱାସ୍ଥବିଭାଗ ପକ୍ଷରୁ ଭିନ୍ନକ୍ଷମ ମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ। ସ୍ଥାନୀୟ ସରପଞ୍ଚ ଭାରତୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧିବକ୍ତା ଲିପ୍ସିତା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ୫ରୁ ପଞ୍ଚାୟତସ୍ତରୀୟ ସ୍ୱାସ୍ଥ୍ୟ ସେବା ଶିବିର

**ଧର୍ମଶାଳା, ୩।୧୨(ସମିସ)**

ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସମସ୍ତ ୫୪ ଗୋଟି ପଞ୍ଚାୟତବାସୀଙ୍କ ପାଇଁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ୫ ତାରିଖରୁ ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି। ଏହି ଶିବିର ଡିସେମ୍ବର ୫ରୁ ଆରମ୍ଭ ହୋଇ ଫେବୃଆରୀ ୩ ତାରିଖରେ ଶେଷ ହେବା ନେଇ ଆଜି ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ହଲ୍ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ବର୍ଷ ବିଭିନ୍ନ ପଞ୍ଚାୟତରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ୫୫୨୬ ଜଣ ରୋଗୀ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଔଷଧ ନେଇଥିଲେ। ଚଳିତ ବର୍ଷ ଟ୍ରଷ୍ଟ ପକ୍ଷରୁ ପଞ୍ଚାୟତସ୍ତରୀୟ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତ ଶେଷ ହୋଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ହାଇଟେକ୍ ମେଡିକାଲର ବଛାବଛା ଡାକ୍ତରଙ୍କ ସମେତ ବିଭିନ୍ନ ରୋଗର ବିଶେଷଜ୍ଞମାନେ ଯୋଗଦେଇ ରୋଗ ପରୀକ୍ଷା କରିବେ। ଗୁରୁତର ଚିହ୍ନଟ ରୋଗୀମାନଙ୍କୁ ଟ୍ରଷ୍ଟ ପକ୍ଷରୁ ହାଇଟେକ୍ ମେଡିକାଲ ନିଆଯାଇ ସେଠାରେ ନିଶୁଳ୍କ ଚିକିତ୍ସା କରାଇବାର ବ୍ୟବସ୍ଥା କରାଯିବ। ଡିସେମ୍ବର ୫ ରେ ରେଖିଦେଇପୁର, ରାଇଛନ୍ଦ, ତାଳଜଙ୍ଗ ପଞ୍ଚାୟତବାସୀଙ୍କ ପାଇଁ ଚଢ଼େଇଧରାସ୍ଥିତ ମୁକୁନ୍ଦପାତ୍ର କଲେଜ ପରିସରରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି। ଫେବୃଆରୀ ୩ ତାରିଖରେ ନେଉଳପୁର ଓ ସୁନ୍ଦୁରିଆ ପଞ୍ଚାୟତବାସୀଙ୍କ ପାଇଁ ସୁନ୍ଦୁରିଆ କଲ୍ୟାଣ ମଣ୍ଡପରେ ସ୍ୱାସ୍ଥ୍ୟ ମେଳା ଉଦ୍‌ଯାପିତ ହେବ। ବିଭିନ୍ନ ସ୍ଥାନରେ ଏକରୁ ଅଧିକ ପଞ୍ଚାୟତକୁ ନେଇ ୨୭ ଗୋଟି ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସ୍ୱାସ୍ଥ୍ୟ ମେଳାରେ ଅୟୋଜନ କରାଯାଉଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟ ପକ୍ଷରୁ ଦେବରାଜ ମିଶ୍ର, ସୁଦୀପ୍ତ ମହାନ୍ତି, ରାଜେଶ ପାଳ, ତପନ ମାହୁନ୍ତ, ଆୟୁସମାନ ପ୍ରିୟଦର୍ଶନଙ୍କ ସମେତ ବିଜେପି ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ଜେନାପୁର ମଣ୍ଡଳ ସଭାପତି ସିବୁଲି ଧିର, କବାଟବନ୍ଧ ମଣ୍ଡଳ ସଭାପତି ନେତ୍ରାନନ୍ଦ ପାତ୍ର, ଜାରକା ମଣ୍ଡଳ ସଭାପତି ଦେବଦତ୍ତ ପଣ୍ଡା, ବାରବାଟୀ ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା, କୋଟପୁର ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ସୂଚନା ପ୍ରଦାନ କରିଥିଲେ।

# ଭିନ୍ନକ୍ଷମ ହୁଇଲଚେୟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଗୋଆ ଚାମ୍ପିଅନ

**ଧର୍ମଶାଳା, ୩।୧୨(ସମିସ):** ଧର୍ମଶାଳା ଷ୍ଟାଡିୟମରେ ଖେଲୋଇଣ୍ଡିଆ-୨୦୨୫ ଆନୁକୂଲ୍ୟରେ ଚାଲିଥିବା ଭିନ୍ନକ୍ଷମ ହୁଇଲ ଚେୟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଦିବସର ଫାଇନାଲ ମ୍ୟାଚ୍ ଛତିଶଗଡ଼ ଓ ଗୋଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଛତିଶଗଡ଼ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୧୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କିଶାନ ରାୱତ ୩୬ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ନିଖଲେଶ ୨ଟି ୱିକେଟ ନେଇଥିଲେ। ଜବାବରେ ଗୋଆ ବ୍ୟାଟିଂ କରି ୧୯ ଓଭରରେ ବିଜୟ ହାସଲ କରି ଚଳିତଥର ପାଇଁ ଚାମ୍ପିଅନ ହୋଇଛି। ଦଳ ପକ୍ଷରୁ ନିଖଲେଶ୍ ୬୦ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଛତିଶଗଡ଼ ଦଳର କିଶାନ ରାୱତ ୨ଟି ୱିକେଟ ଅକ୍ତିଆର କରିଥିଲେ। ଆଜିର ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ସିରିଜରେ ଶ୍ରେଷ୍ଠ ଖେଳାଳି ଭାବେ ନିଖଲେଶଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ କିଶାନ ରାୱତ ଓ ଶ୍ରେଷ୍ଠ ବୋଲର ଭାବେ ଓଡ଼ିଶାର ଶଙ୍କରଙ୍କ ନାମ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଷ୍ଟାଡିୟମ କମିଟିର ସଭାପତି ଦେବରାଜ ମିଶ୍ର, ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ଅବସରପ୍ରାପ୍ତ ଶିକ୍ଷକ ସୁଦୀପ୍ତ ମହନ୍ତି ପ୍ରମୁଖ ଯୋଗଦେଇ ଗୋଆ ଦଳକୁ ଚାମ୍ପିଅନ ଟ୍ରଫି ଓ ରନର୍ସଅପ ଦଳ ଛତିଶଗଡ଼କୁ ଟ୍ରଫି ପ୍ରଦାନ କରିଥିଲେ। ଆଜିର ମ୍ୟାଚକୁ ସୁରଥ ପାତ୍ର ଓ ଗୌରୀଶଙ୍କର ଜେନା ପରିଚାଳନା କରିଥିଲେ। ସ୍କୋରରେ ଶିବସୁନ୍ଦର ଦାସ ସହାୟତା କରିଥିବା ବେଳେ ବୁବୁ ସିହ୍ନା ଭାଷ୍ୟକାର ରହିଥିଲେ।



## ରାସାୟନିକ, ଜୈବିକ, ରେଡିଓଲୋଜି ଓ ପାରମାଣବିକ ଦୁର୍ଘଟଣା ମୁକାବିଲା ନିମନ୍ତେ ବୈଠକ



ଅନୁଗୋଳ,୩।୧୨(ସମିସ): ସମ୍ଭାବ୍ୟ ରାସାୟନିକ, ଜୈବିକ, ରେଡିଓଲୋଜି ଓ ପାରମାଣବିକ ଦୁର୍ଘଟଣାର ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ଟେବୁଲ ଟପ୍ ଅଭ୍ୟାସ ବୈଠକ ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଅନୁଗୋଳ ଜିଲ୍ଲାରେ ଅନେକ ଶିଳ୍ପସଂସ୍ଥା ରହିଛି। ଦୁର୍ଘଟଣା ସମୟରେ ପ୍ରଭାବିତ ଲୋକଙ୍କୁ ସ୍ଥାନାନ୍ତର, ସ୍ୱାସ୍ଥ୍ୟସେବା ଯୋଗାଇଦେବା ଓ ଶାନ୍ତିଶୃଙ୍ଖଳା ସହ ଦୁର୍ଘଟଣାର ମୁକାବିଲା ନେଇ ପ୍ରାକ୍ ପ୍ରସ୍ତୁତି ହେବା ସହ ବିଭାଗୀୟ ଅଧିକାରୀଙ୍କୁ ବୈଠକରେ ଦାୟିତ୍ୱ ବଣ୍ଟନ କରାଯାଇଛି। ଜିଲ୍ଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା ବୈଠକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ସହକାରୀ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତ, ଫାକ୍ଟ୍ରି ଓ ବଏଲର ବିଭାଗ ସହକାରୀ ନିର୍ଦ୍ଦେଶକ ସଞ୍ଜୟ କୁମାର ଭୋଇ, ଜାତୀୟ ଏନ୍‌ଡିଆର୍‌ଏଫ୍ ମୁଣ୍ଡୁଳିର ୩ୟ ବାଟାଲିୟନ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ଶିଳ୍ପ ସଂସ୍ଥାର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ଅନଲାଇନ ସୁରକ୍ଷା ଓ ସାଇବର ଅପରାଧ ସମ୍ବନ୍ଧୀୟ କର୍ମଶାଳା

ଅନୁଗୋଳ,୩।୧୨(ସମିସ): ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅଧୀନରେ ଏକ କର୍ମଶାଳା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଜିଲ୍ଲାପରିଷଦ ସଭ୍ୟା



ମୀରା ଗଡ଼ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ତୁରଙ୍ଗ ସରପଞ୍ଚ ସମରେନ୍ଦ୍ର ଦେହୁରୀ, ବଡ଼ହିଂସର ସରପଞ୍ଚ ହୃଷୀକେଶ ପ୍ରଧାନ, ଶଙ୍ଖପୁର ସରପଞ୍ଚ ଜ୍ୟୋତିର୍ମୟୀ ଦେହୁରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନମସ୍ମିତା ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣିଙ୍କ ସହ ବିଭିନ୍ନ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ ଓ କିଶୋରୀ ବାଳିକା କର୍ମଶାଳାରେ ଯୋଗ ଦେଇଥିଲେ। ସାଇବର୍ ଏକ୍ସପର୍ଟ ଆଇଆଇସି ଖଲେଶ୍ୱର ସେଠୀ ଏବଂ ସହଯୋଗୀ ଅଶ୍ୱିନୀକାନ୍ତ ସାହୁ ଅନଲାଇନ ସୁରକ୍ଷା ଓ ସାଇବର ଅପରାଧ ଉପରେ ଅବଗତ କରାଇଥିଲେ। କିପରି ସାଇବର ଠକେଇରୁ ରକ୍ଷା ପାଇପାରିବେ ସେ ବିଷୟରେ ଉପସ୍ଥିତ କିଶୋରୀ ବାଳିକାମାନଙ୍କୁ ସଚେତନ କରାଇଥିଲେ। ପରିତ୍ୟକ୍ତ ଶିଶୁକନ୍ୟାର ସୁରକ୍ଷିତ ଉଦ୍ଧାର ତଥା ନ୍ୟାୟଗତ ପୋଷ୍ୟସନ୍ତାନ ଗ୍ରହଣ ଉପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କହିଥିଲେ। ମିଶନ ହବର ସମସ୍ତ କର୍ମକର୍ତ୍ତା ଏହି କର୍ମଶାଳା ପରିଚାଳନା କରିଥିଲେ।

### ଅନୁଗୋଳରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

# ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଆହ୍ୱାନ

ଅନୁଗୋଳ,୩।୧୨(ସମିସ):



ଅନୁଗୋଳ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସଭାଗୃହରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୫ ପାଳିତ ହୋଇଛି। ଏହି ଉପଲକ୍ଷେ ଭିନ୍ନକ୍ଷମମାନଙ୍କୁ ନେଇ ଏକ ପଦଯାତ୍ରା ଆୟୋଜନ କରାଯାଇଥିଲା। ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଏବଂ ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ଆୟୋଜିତ ସାଧାରଣ ସଭାରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କ ନିମନ୍ତେ ଥିବା ବିଭିନ୍ନ ସରକାରୀ ଯୋଜନା କିପରି ସେମାନଙ୍କ ପାଖରେ ପହଞ୍ଚିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରୀ ଓକିଲ ପରମାନନ୍ଦ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଯୋଗଦେଇଥିବା ଭିନ୍ନକ୍ଷମ ଏବଂ ସାଧାରଣ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଭିନ୍ନକ୍ଷମମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱବିହାରୀ ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ୍ ଧଳ, ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ଛାତ୍ରଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ‘ଜିନ୍ଦଲ ଆଶା’ ପକ୍ଷରୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ



ଅନୁଗୋଳ,୩।୧୨(ସମିସ): ଦିବ୍ୟାଙ୍ଗ ପିଲାଙ୍କ ଯତ୍ନ, ଚିକିତ୍ସା ଏବଂ ଶିକ୍ଷା ପାଇଁ ଉତ୍ସର୍ଗୀକୃତ ଜିନ୍ଦଲ ଫାଉଣ୍ଡେସନର ଅଗ୍ରଣୀ ପଦକ୍ଷେପ “ଜିନ୍ଦଲ ଆଶା’ ପକ୍ଷରୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଛି। ଏହି ଅବସରରେ ଜିନ୍ଦଲ ଆଶାର ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରରିବେଷଣ କରିଥିଲେ, ଯେଉଁଥିରେ ଲୋକନୃତ୍ୟ, ଆଦିବାସୀ ନୃତ୍ୟ ଏବଂ ପାରମ୍ପରିକ ନୃତ୍ୟ ସମେତ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା ସାମିଲ ଥିଲା। ସାମାଜିକ ସଚେତନତାଧର୍ମୀ ନାଟକ ପ୍ରଦର୍ଶିତ ହୋଇଥିଲା। ଏଥିରେ ଦିବ୍ୟାଙ୍ଗ ପ୍ରତି ସମ୍ବେଦନଶୀଳ ଓ ସହାନୁଭୂତି ପୂର୍ଣ୍ଣ ଭାବ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। “ଜିନ୍ଦଲ ଆଶା’ ପକ୍ଷରୁ ଜିନ୍ଦଲ ନଗର ଟାଉନସିପରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ସରକାରଙ୍କ ଦ୍ୱାରା ସମର୍ଥିତ ସୁବିଧା ପ୍ରକ୍ରିୟାର ଅଂଶ ସ୍ୱରୂପ, ଯୋଗ୍ୟ ହିତାଧିକାରୀଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଜିନ୍ଦଲ ଆଶା ପକ୍ଷରୁ ଅନୁଷ୍ଠିତ ଚତୁର୍ଥ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ପ୍ରାୟ ୮୦ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକ ଅଂଶଗ୍ରହଣ କରିଥିଲେ।

## ଜଗନ୍ନାଥ ମନ୍ଦିରରେ ୫୦ତମ ଗୀତା ଜୟନ୍ତୀ



ତାଳଚେର,୩।୧୨(ସମିସ): ତାଳଚେର ଟାଉନ ରାଜବାଟୀ ନିକଟ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖ ମା’କନକଦୁର୍ଗାଙ୍କ ପୀଠରେ ୫୦ତମ ଗୀତା ଜୟନ୍ତୀ ପାଳିତ ହୋଇଛି। ଏଥିରେ ତାଳଚେର ସହରବାସୀ ଓ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସକାଳୁ ସମସ୍ତ ରୀତିନୀତି ପରେ ଦର୍ଶନ ନିମନ୍ତେ ଭକ୍ତଙ୍କୁ ଛଡ଼ାଯାଇଥିଲା। ଧୂପଦୀପ, ହୁଳହୁଳି, ଝାଞ୍ଜ, ମୃଦଙ୍ଗ, କୀର୍ତ୍ତନରେ ମନ୍ଦିର ପରିସରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ଅନୁଗୋଳ ଏସ୍‌ଭିଏମ୍‌ରେ ଜେଜେବାପା ଜେଜେମାଆ ସମ୍ମିଳନୀ



ଅନୁଗୋଳ,୩।୧୨(ସମିସ): ସ୍ଥାନୀୟ ଗାନ୍ଧିମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବୁଧବାର ଜେଜେବାପା ଓ ଜେଜେମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଶିଶୁବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁଙ୍କ ଜେଜେବାପା ଓ ଜେଜେମାଆ ଯୋଗଦେଇଥିଲେ। ହୃଦାନନ୍ଦ ସାହୁ ଦୀପ ପ୍ରଜ୍ୱଳନ ପୂର୍ବକ ସମ୍ମିଳନୀର ଶୁଭାରମ୍ଭ କରିଥଲେ। ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ସମ୍ମିଳନୀର ଆଭିମୁଖ୍ୟ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପୂର୍ବତନ ସମ୍ପାଦକ ବିଜୟ କୁମାର ମୋଦୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବାରକୁ କିଭଳି ଜେଜେବାପା ଜେଜେମାଆ ସଂସ୍କାରଯୁକ୍ତ କରିପାରିବେ ସେ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ଯୁକ୍ତଦୁଇ ଅଧ୍ୟକ୍ଷ ଡ ସିଦ୍ଧନାଥ ସାହୁ ଉପସ୍ଥିତ ଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନୁଗୋଳରେ ୧୩୫ ନୂଆ ମତଦାନ କେନ୍ଦ୍ର

ଅନୁଗୋଳ,୩।୧୨(ସମିସ): ଅନୁଗୋଳ ଜିଲ୍ଲାରେ ମତଦାତାଙ୍କ ବହୁବିଧ ସୁବିଧା ପାଇଁ ୧୩୫ଟି ନୂତନ ମତଦାନ କେନ୍ଦ୍ର ଗଠନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଭାରତ ନିର୍ବାଚନ ଆୟୋଗ ଅନୁମୋଦନ କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ମତଦାନ ସମୟରେ ଲୋକଙ୍କ ଭିଡ଼ କମିବା ସହିତ ଭୋଟଦାନ କେନ୍ଦ୍ରର ଦୂରତା ବହୁ ମାତ୍ରାରେ ହ୍ରାସ ପାଇବ। ସୂଚନାଯୋଗ୍ୟ, ଜିଲ୍ଲାରେ ପୂର୍ବରୁ ୧୧୬୩ଟି ମତଦାନ କେନ୍ଦ୍ର ଥିଲା। ତେବେ ଏହି ୧୩୫ ନୂତନ କେନ୍ଦ୍ରକୁ ମିଶାଇ ଜିଲ୍ଲାରେ ମୋଟ ମତଦାନ କେନ୍ଦ୍ର ସଂଖ୍ୟା ୧୨୯୮କୁ ବୃଦ୍ଧି ପାଇଛି। ନିର୍ବାଚନ ଆୟୋଗ ୨୨ଟି ମତଦାନ କେନ୍ଦ୍ରର ନାମ ପରିବର୍ତ୍ତନ କରିବା ସହ ୪ଟି ମତଦାନ କେନ୍ଦ୍ରର ସ୍ଥାନ ପରିବର୍ତ୍ତନ କରିଛନ୍ତି।

### ମା’ ତାଳେଶ୍ୱରୀଙ୍କ ନାମରୁ ତାଳଚେର

# ତାଳଚେରର ଇଷ୍ଟଦେବୀ ଅବହେଳିତ

ତାଳଚେର,୩।୧୨(ସମିସ):



ତାଳଚେରକୁ କଳାହୀରାର ସହର କୁହାଯାଉଥିବା ବେଳେ ସମଗ୍ର ରାଜ୍ୟରେ ଏକ ପ୍ରମୁଖ ଶିଳ୍ପକେନ୍ଦ୍ର ଭାବେ ପରିଚିତ। ଏଠାରୁ କୋଇଲା ଉତ୍ତୋଳନ କରି ଉଭୟ କେନ୍ଦ୍ର ଓ ରାଜ୍ୟ କୋଟି କୋଟି ଟଙ୍କା ରାଜସ୍ୱ ପାଉଥିବା ବେଳେ ଯାହାଙ୍କ ପାଇଁ ଆଜି ତାଳଚେର ନାମିତ ହୋଇଛି ସେ ଅବହେଳିତ ଅବସ୍ଥାରେ ପଡ଼ିରହିଛନ୍ତି। ପରିତାପର ବିଷୟ ଯେ ଷୋଡ଼ଶ ଶତାବ୍ଦୀରୁ ପ୍ରତିଷ୍ଠା ପାଇଥିବା ତାଳଚେରର ଇଷ୍ଟଦେବୀ ମା’ ତାଳେଶ୍ୱରୀଙ୍କ ସମ୍ପୂର୍ଣ୍ଣ ମନ୍ଦିରଟିଏ ଏପର୍ଯ୍ୟନ୍ତ ହୋଇପାରିନାହିଁ। ବର୍ତ୍ତମାନ ମା’ ବ୍ରାହ୍ମଣୀ ନଦୀକୂଳ ଅମଲାପଡ଼ାସ୍ଥିତ ଥର୍ମାଲ ପମ୍ପ ହାଉସ ନିକଟରେ ପୂଜା ପାଉଥିବା ବେଳେ ଅବହେଳିତ ଅବସ୍ଥାରେ ପଡ଼ିରହିଛନ୍ତି। ମାଆଙ୍କ ଭବ୍ୟ ମନ୍ଦିର ଏପର୍ଯ୍ୟନ୍ତ ନିର୍ମାଣ ହୋଇପାରି ନ ଥିବାରୁ ବହୁ ଲୋକେ ଏଠାରେ ଏକ ମନ୍ଦିର ଅଛି ବୋଲି ଜାଣିନାହାନ୍ତି।

କିମ୍ବଦନ୍ତୀ କହେ ଷୋଡ଼ଶ ଶତାବ୍ଦୀରେ ଶିକାରୀପ୍ରିୟ ରାଜା ପଦ୍ମନାଭ ବୀରବର ହରିଚନ୍ଦନଙ୍କ ଶାସନ କାଳରେ ଏକ ଘଟଣା ଘଟିଥିଲା। ରାଜା ପଦ୍ମନାଭ ଶିକାର କରି ଯିବାବେଳେ ତାଙ୍କ ସହ ଥିବା ଶିକାରୀ କୁକୁରକୁ ଗୋଟିଏ ଠେକୁଆ ଆକ୍ରମଣ କରିବାରୁ କୁକୁର ସେଠାରୁ ପଳାୟନ କରିଥିଲା। ଫଳରେ ଏ ସ୍ଥାନର ମାହାତ୍ମ୍ୟ ଉତ୍କୃଷ୍ଟ ଓ ସିଂହମାଟି ଭାବି ଏଠାରେ ଗଡ଼ବାନ୍ଧି ରାଜଧାନୀ କରିବାକୁ ରାଜା ମନସ୍ଥ କଲେ। ଏହାସହ ବ୍ରାହ୍ମଣୀ ନଦୀର ଗତି ବୈଚିତ୍ର ଓ କୂଳରେ ବିରାଟ ଶିଳାରାଶି ଦେଖି ପଦ୍ମନାଭ ରାଜା ଏ ସ୍ଥାନପ୍ରତି ଆକୃଷ୍ଟ ହେଲେ। ମାତ୍ର ରେମୁଆଁଗଡ଼ର ଖଣ୍ଡୁଆଳ ଜମିଦାର ଏହା ଜାଣିପାରି ପଦ୍ମନାଭଙ୍କୁ ଆପଣା ଇଲାକା ମଧ୍ୟରେ ପ୍ରବେଶ କରାଇଦେଲେ ନାହିଁ। ଦୁଇଥର ଚେଷ୍ଟାକରି ରାଜା ବିଫଳ ହୋଇ ନୈରାଶ୍ୟ ମନରେ ବନ ମଧ୍ୟରେ ବୁଲୁବୁଲୁ ନିଦ୍ରା ଯାଇଥିଲେ। ନିଦ୍ରିତ ଅବସ୍ଥାରେ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା’ ହିଙ୍ଗୁଳା ତାଙ୍କୁ ସ୍ୱପ୍ନାଦେଶ ଦେଲେ ଯେ ରାଜା ତୁମେ ଶ୍ରୀତାଳେଶ୍ୱରୀ ଦେବୀଙ୍କୁ ପୂଜାକରି ସ୍ଥାନାଧିପତି ପୂଜକକୁ ବଳି ଦେଇ ଯୁଦ୍ଧରେ ଅଗ୍ରସର ହୁଅ, ନିଶ୍ଚିତ ବିଜୟୀ ହେବ। ଏହି ସ୍ୱପ୍ନାଦେଶ ପାଇ ସ୍ଥାନାଧିପତି ପୂଜକକୁ ମାରି ଶ୍ରୀ ତାଳେଶ୍ୱରୀ ଦେବୀଙ୍କୁ ତାଳତୁଠଠାରେ ପୂଜାକରି ତୃତୀୟ ଥର ସୈନ୍ୟସାମନ୍ତ ଧରି ଯୁଦ୍ଧରେ ଅଗ୍ରସର ହେବା ସମୟରେ ମା’ ହିଙ୍ଗୁଳା ଆଗେ ଆଗେ କେନ୍ଦୁଆ ବ୍ୟାଘ୍ର ଓ ପରେ ମହାବଳ ବ୍ୟାଘ୍ର ରୂପେ ରାଜାଙ୍କୁ ଯୁଦ୍ଧରେ ସାହାଯ୍ୟ କଲେ। ଏହି ଯୁଦ୍ଧରେ ଖଣ୍ଡୁଆଳ ଜମିଦାର ଓ ତାଙ୍କ ବନ୍ଧୁ ନଳ ଜମିଦାର ସମ୍ପୂର୍ଣ୍ଣ ରୂପେ ପରାଜିତ ହେଲେ ଏବଂ ଅନ୍ୟସବୁ ଖଣ୍ଡୁଆଳମାନେ ରାଜ୍ୟ ଛାଡ଼ି ଚାଲିଯାଇଥିଲେ। ରାଜା ପଦ୍ମନାଭ ବୀରବର ହରିଚନ୍ଦନ ମା’ ହିଙ୍ଗୁଳାଙ୍କୁ ଯେଉଁଠାରେ କେନ୍ଦୁଆ ବ୍ୟାଘ୍ର ରୂପେ ଦର୍ଶନ ଲାଭ କଲେ ସେଠାରେ କେନ୍ଦୁଆଦ୍ୱାର ଏବଂ ଯେଉଁଠାରେ ମହାବଳ ବ୍ୟାଘ୍ର ରୂପେ ଦର୍ଶନକଲେ ସେଠାରେ ମହାବଳ ଦ୍ୱାର ନିର୍ମାଣ କରି, ମା’ ହିଙ୍ଗୁଳାଙ୍କୁ ତାଳଚେର ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମାନ୍ୟକଲେ। ଏହାର କିଛିଦିନ ପରେ ଗୋପାଳଗଡ଼ର ନଳ ଜମିଦାର ଏବଂ ବଲାଙ୍ଗିଗଡ଼ର ଜୋରା ଜମିଦାରଙ୍କୁ ଜୟକରି ଦୁଇଟି ଦୁର୍ଗ ନିଜ ଅଧିକାରକୁ ଆଣିଥିଲେ। ନଦୀର ଅପର ପାଶ୍ୱର୍ ବାରୁଆଁବିଷ, ପରଜଙ୍ଗବିଷ ଏବଂ ପଲାଶୁଣୀର ଛପଣକୁ ମିଶାଇ ରାଜ୍ୟ ସ୍ଥାପନା କଲେ। ହିଙ୍ଗୁଳା ଠାକୁରାଣୀଙ୍କ ଆଶୀର୍ବାଦ ଲାଭକରି ତାଳେଶ୍ୱରୀ ଠାକୁରାଣୀଙ୍କୁ ତାଳତୁଠଠାରେ ପୂଜକରି ଏହି ରାଜ୍ୟ ଲାଭ ହେବାରୁ ଏବଂ ତାଳତୁଠଠାରେ ରାଜଦ୍ୱାର ଚେର ଲାଗିବାରୁ ଏହି ରାଜ୍ୟର ନାମ ତାଳଚେର ଦେଲେ। ଫଳରେ ୧୫୭୮ ଖ୍ରୀଷ୍ଟାବ୍ଦରୁ ତାଳଚେର ରାଜ୍ୟ ନାମରେ ସ୍ଥାପିତ ହୋଇଛି।

ମାତ୍ର ଷୋଡ଼ଶ ଶତାବ୍ଦୀ ଯାଇ ଏବେ ଏକବିଂଶ ଶତାବ୍ଦୀ ଚାଲୁଥିଲେ ମଧ୍ୟ ମାଆଙ୍କ ଭବ୍ୟ ମନ୍ଦିର ହୋଇ ପାରିଲାନି କି ଏହା ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇନାହିଁ। ନବୀନ ପଟ୍ଟନାୟକ ସରକାର ଅମଳରେ କିଛିବର୍ଷ ତଳେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମାଆଙ୍କ ମନ୍ଦିର ନିର୍ମାଣ କରିବାକୁ ଶୁଭ ଦେଇଥିବାବେଳେ ପରବର୍ତ୍ତୀ ସମୟରେ କାହିଁକି ମନ୍ଦିର ନିର୍ମାଣ କାର୍ଯ୍ୟ ହୋଇପାରିଲା ନାହିଁ ତାହା ସହରବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତାଳଚେରର ମାଟିର ସନ୍ତାନମାନେ ବିଭିନ୍ନ ସମୟରେ ଉଚ୍ଚ ପଦପଦବୀରେ ରହିଥିଲେ ମଧ୍ୟ ତାଳଚେରର ଇଷ୍ଟଦେବୀ ତାଳେଶ୍ୱରୀ ମନ୍ଦିର ନିର୍ମାଣ ନେଇ ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଯେଉଁ ତାଳଚେର ପାଇଁ ଆଜି କମ୍ପାନୀମାନେ ଲାଭାନ୍ୱିତ ହେଉଛନ୍ତି ସେମାନେ ମଧ୍ୟ ଏଥିପ୍ରତି ବିମୁଖ। ତେବେ ନୂତନ ସରକାର ଏ ଦିଗରେ ଆଗେଇ ଆସି ମାଆଙ୍କ ଭବ୍ୟ ମନ୍ଦିର ନିର୍ମାଣ କରିବା ସହ ଏହାକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେବାକୁ ସାଧାରଣରେ ଦାବି ହେଉଛି।

## ମହାଲକ୍ଷ୍ମୀ ପୂଜା ଉପଲକ୍ଷେ କଳସ ଯାତ୍ରା



କିଶୋରନଗର,୩।୧୨(ସମିସ): କିଶୋରନଗର ବ୍ଲକ କଲେଜ ଛକ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଚଳିତ ବର୍ଷ ମା’ଙ୍କ ୨୫ ପୂଜା ପାଳନ ହେଉଛି। ଏହି ଅବସରରେ ବୁଧବାର ମଧ୍ୟାହ୍ନରେ ବ୍ଲକ ପଛପାଖ ନଦୀରୁ କଳସରେ ଜଳ ଆଣି ଶୋଭାଯାତ୍ରାରେ ଆସି ପୂଜା ମଣ୍ଡପରେ ସ୍ଥାପନା କରାଯାଇଥିଲା। ପୁରୋହିତ ରବିନାରାୟଣ ଶତପଥୀଙ୍କ ଦ୍ୱାରା ମା’ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପୂଜା ଉପଲକ୍ଷେ ଆସନ୍ତା ରବିବାର ପର୍ଯ୍ୟନ୍ତ ସନ୍ଧ୍ୟାରୁ ପ୍ରବଚନ ଓ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭକ୍ତଙ୍କ ପାଇଁ ପ୍ରତ୍ୟେକ ଦିନ ମଧ୍ୟାହ୍ନରେ ଅନ୍ନଭୋଗ ବ୍ୟବସ୍ଥା କରାଯାଇଛି। ସୋମବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କୁହାଯାଇଛି।




## ତାଳଚେର ଅଞ୍ଚଳରୁ ଲୋପ ପାଇଲାଣି ବାଉଁଶ ଗଛ

ତାଳଚେର,୩।୧୨(ସମିସ): ପରିବେଶ ସୁରକ୍ଷାରେ ବାଉଁଶଗଛର ମୁଖ୍ୟ ଭୂମିକା ରହିଛି। ବିଶେଷ କରି ଗାଁ ମୁଣ୍ଡ କିମ୍ବା ଫାର୍ମ ହାଉସ୍‌ଗୁଡ଼ିକରେ ଥିବା ବାଉଁଶ ବଣ ବାତ୍ୟା ପବନକୁ ଅଟକାଇ ଧନଜୀବନ ରକ୍ଷା ଦିଗରେ ସହାୟକ ହୋଇଥାଏ। ପୂର୍ବରୁ ଲୋକମାନେ ବାଉଁଶରେ ଘର ଛପର କରିବା ସହ ନୌକାରେ ଆହୁଲା ପାଇଁ ବାଉଁଶକୁ ବ୍ୟବହାର କରୁଥିଲେ। ବାଉଁଶରେ ଘରର ବିଭିନ୍ନ ପ୍ରକାର ଉପକରଣ ଯଥା କୁଲା, ବେତୁଲି, ଟୋକେଇ, ଝାମ୍ପି, ଡାଲା, ମୁଗୁରା ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ ହୋଇଥାଏ। ଏବେ ସମୟ ବଦଳି ଯାଇଛି। ବାଉଁଶ ଦ୍ୱାରା ପ୍ରସ୍ତୁତ ଏହି ସବୁ ଜିନିଷ ଆବଶ୍ୟକ ହେଉ ନ ଥିବା ବେଳେ ପ୍ଲାଷ୍ଟିକ୍ ଦ୍ୱାରା ଏସବୁ ଜିନିଷର ଚାହିଦା ବଢ଼ିଛି। ଫଳରେ ଏହି ସବୁ ସାମଗ୍ରୀ ପ୍ରସ୍ତୁତ କରି ଜୀବିକା ନିର୍ବାହ କରୁଥିବା ଲୋକେ ନିଜ କୌଳିକ ବୃତ୍ତି ହରାଇଛନ୍ତି। ବାଉଁସର ଚାହିଦା କମିଥିବାରୁ ଏବେ ବାଉଁଶଗଛ ମଧ୍ୟ ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି। ଏବେ ତାଳଚେର ଅଞ୍ଚଳରେ ଆଉ ବାଉଁଶଗଛ ଦେଖିବାକୁ ମିଳୁନାହିଁ। ହାତୀଙ୍କ ପ୍ରିୟ ଖାଦ୍ୟ ବାଉଁଶ ଜଙ୍ଗଲରୁ ମଧ୍ୟ ଲୋପ ପାଇ ଆସୁଥିବା ବେଳେ ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ହେବାରେ ଲାଗିଛନ୍ତି। ତେଣୁ ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବାଉଁଶ ଜଙ୍ଗଲ ସୃଷ୍ଟି କରିବା ସହ ଏହାର ଚାଷ କରିବାକୁ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇବାକୁ ପ୍ରକୃତିପ୍ରେମୀମାନେ ମତପ୍ରକାଶ କରିଛନ୍ତି।



## ଚଳଚ୍ଚିତ୍ର ଢାଞ୍ଚାରେ ଡକାୟତି

# ଟଙ୍କା ପାଇଁ ସାଙ୍ଗକୁ ଲୁଟିଲା ସାଙ୍ଗ

ଭୁବନେଶ୍ୱର, ୩।୧୨(ସମିସ): ରାଜଧାନୀରେ ଚଳଚ୍ଚିତ୍ର ଢାଞ୍ଚାରେ ଡକାୟତି। ଟଙ୍କା ପାଇଁ ସାଙ୍ଗକୁ ଲୁଟିଲା ସାଙ୍ଗ। ପାଖରେ ବସିଲା। ଖାଦ୍ୟ ଖାଇଲା। ଡାକାୟତି ଯୋଜନା କରି ୨୦ଲକ୍ଷ ଲୁଟିନେଲା। ଲୁଟିଲା ପରେ ଥାନାକୁ ଅଭିଯୋଗ କରିବାକୁ ଗଲା। ହେଲେ ପୁଲିସ ଦ୍ୱିତୀୟ ଥର ଡାକିବାରୁ ନ ଆସିବାରୁ ଧରାପଡ଼ିଗଲା। ପୁଲିସ ଏହି ଡକାୟତି ମାମଲାରେ ସାଙ୍ଗ ସରୋଜ କେନ୍ଦ୍ରାପଡ଼ା ଆଳି ଅଞ୍ଚଳର ସରୋଜ ସୁତାର (୩୦) ଓ କଟକ ତେଲେଙ୍ଗାପେଣ୍ଠ ଗ୍ରାମର ବବୁଲ ବେହେରା ଓରଫ ନିକୁ (୨୫)କୁ ଗିରଫ କରିଛି। ସରୋଜଙ୍କ ଠାରୁ ୧ ଲକ୍ଷ ୭୦ ହଜାର ଟଙ୍କା ଓ ବବୁଲଙ୍କ ଠାରୁ ୪ ଲକ୍ଷ ନଗଦ ଟଙ୍କା, ଗୋଟିଏ ବାଇକ ଓ ଅପରାଧରେ

- ୨ ଗିରଫ, ୩ ଫେରାର୍
- ଥାନାକୁ ନ ଆସିବାରୁ ଧରାପଡ଼ିଗଲା
- ପୂର୍ବରୁ ବେଙ୍ଗାଲୁରୁରେ ଗିରଫ ହୋଇଥିଲେ ସରୋଜ

ବ୍ୟବହୃତ ଗୋଟିଏ ଖଣ୍ଡା ଜବତ ହୋଇଛି। ବାଙ୍ଗାଲୋରରେ ସାଇବର ଅପରାଧରେ ୧କୋଟି ଟଙ୍କା ଠକେଇ ଅଭିଯୋଗରେ ଗିରଫ ହୋଇଥିଲା।

ପୁଲିସ ସୂଚନା ମୁତାବକ, ଅଭିଯୋଗକାରୀ ପ୍ରଭାତ କୁମାର ସାହୁ ବ୍ୟକ୍ତିଗତ ଭାବରେ ଘରୋଇ ବ୍ୟବସାୟୀଙ୍କ ପାଇଁ ଜିଏସ୍‌ଟି ଏବଂ ଆଇଟି ରିଟର୍ଣ୍ଣ ପରିଚାଳନା କରନ୍ତି। ସେ ଗତ ୨୪ ତାରିଖରେ କଟକରୁ ୨୦ଲକ୍ଷ ଟଙ୍କା ନେଇ ଆସୁଥିଲେ। କଟକ ଲିଙ୍କ ରୋଡ୍ ଠାରେ ସେ ତାଙ୍କ ଦୁଇ ବନ୍ଧୁ ସୁରେଶ ଏବଂ ସରୋଜ



ସୁତାରଙ୍କୁ ଭେଟି ଥିଲେ। ଏହି ଦୁଇ ବନ୍ଧୁ ପ୍ରଭାତଙ୍କ ସହ କାରରେ ଭୁବନେଶ୍ୱର ପାତ୍ରପଡ଼ା ସ୍ଥିତ ଏକ ତାରକା ହୋଟେଲର ଫୁଡ୍ କୋର୍ଟକୁ ଖାଇବାକୁ ଆସିଥିଲେ। ପ୍ରଭାତ ହୋଟେଲକୁ ଯିବା ବେଳେ ବ୍ୟାଗକୁ ସାଙ୍ଗରେ ନେଇ ଯାଇଥିଲେ। ବ୍ୟାଗ୍ ଗାଡିରେ ନ ରଖି ସାଙ୍ଗରେ କଣ ପାଇଁ ନେଉଛୁ ବୋଲି ପଚାରିବାରୁ ବନ୍ଧୁମାନେ ଜାଣିଥିଲେ ଯେ ବ୍ୟାଙ୍କରେ ୨୦ଲକ୍ଷ ଟଙ୍କା ରହିଛି। ଏତେ ଟଙ୍କା ପ୍ରଭାତଙ୍କ ପାଖରେ ଥିବା ଜଣାପଡ଼ିବା ପରେ ସରୋଜଙ୍କ ଲୋଭ ହୋଇଥିଲା। ସେବେଠାରୁ ହିଁ ଏହି ଟଙ୍କାକୁ ଡାକାୟତି ମାଧ୍ୟମରେ ଲୁଟ୍ କରିବାକୁ ଯୋଜନା କରିଥିଲେ।

ଡକାୟତି କରିବାକୁ ସରୋଜ ଏକ ଅପରାଧ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ବବୁଲ ବେହେରାଙ୍କୁ ସହ ଯୋଗାଯୋଗ କରିଥିଲେ। ବବୁଲ ଏହି ଅପରାଧ ଘଟାଇବାକୁ ରାଜି ହେବା ସହ ତାଙ୍କ ୩ ସହଯୋଗୀଙ୍କୁ ଏଥିରେ ସାମିଲ କରିଥିଲେ। ପରେ ସମସ୍ତେ ମିଶି ଏକ ପ୍ଲାନ୍ ବନାଇଥିଲେ। ବାଟରେ କୌଣସି ଏକ ସ୍ଥାନରେ ଗାଡି ରଖିଲା ବେଳେ ଡକାୟତି ହେବ ବୋଲି ସ୍ଥିର ହୋଇଥିଲା। ବବୁଲ ଏବଂ ତାଙ୍କ ସହଯୋଗୀମାନେ ପ୍ରଭାତଙ୍କୁ ପାତ୍ରପଡ଼ାରୁ ପାହଳ ପର୍ଯ୍ୟନ୍ତ ଫଲୋ କରିଥିଲେ। ସରୋଜ ଗାଡିରେ ବସି ବବୁଲଙ୍କୁ ପ୍ରତ୍ୟେକ ମୁହୂର୍ତ୍ତର ଲୋକେସନ ଦେଇ ଚାଲିଥିଲେ। ଏହା ସହ ବାରମ୍ବାର ଫୋନରେ ଗାଡିର ଲୋକେସନ ବତାଉଥିଲେ। ପାହାଳର ଏକ ବାର ନିକଟରେ ଗାଡି ରହି ଥିଲା। ଏସମ୍ପର୍କରେ ମଧ୍ୟ ବବୁଲଙ୍କୁ ଜଣାଇଥିଲେ। ବବୁଲ ନ ଅସିବା ପର୍ଯ୍ୟନ୍ତ ଜାଣି ଜାଣି ବିଳମ୍ବ କରାଇଥିଲେ। ଶେଷରେ ବବୁଲ ଆସି ଖଣ୍ଡା ଲଗାଇ ବ୍ୟାଗ୍ ନେଇ ପଳାଇଥିଲେ।

ଡାକାୟତି ହେବା ପରେ ସରୋଜ ଅଭିଯୋଗକାରୀ ପ୍ରଭାତ ଏବଂ ଅନ୍ୟ ସାଙ୍ଗଙ୍କ ସହ ଥାନାକୁ ଆସିଥିଲେ। ହେଲେ ପରେ ଯେତେବେଳେ ପୁଲିସ ଡକାଇଲା ସେ ଆଉ ଆସି ନ ଥିଲେ। ଏହାକୁ ନେଇ ପୁଲିସର ସନ୍ଦେହ ତାଙ୍କ ଉପରେ ବଢ଼ିଥିଲା। ତାଙ୍କ ଫୋନ୍ ଯାଞ୍ଚ କଲା ପରେ ବବୁଲଙ୍କ ପତ୍ତା ମିଳିଥିଲେ। ସେ ଗାଡିରେ ଥିଲା ବେଳେ ବବୁଲଙ୍କ ସହ ୨୦ଥର କଥା ହୋଇଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅଭିଯୁକ୍ତ ବବୁଲ ଓ ସରୋଜକୁ ଗିରଫ କରାଯାଇଥିଲା। ଏହାପରେ ଅପରାଧର ଖୁଲାସା ହୋଇଥିଲା। ଏହି ମାମଲାରେ ପୁଲିସ ଏପର୍ଯ୍ୟନ୍ତ ୫ଲକ୍ଷ ୭୦ ହଜାର ଜବତ କରିଛି। ୩ଅଭିଯୁକ୍ତ ଫେରାର ଅଛନ୍ତି।




ସ୍ଥାୟୀ ନିଯୁକ୍ତି ଦାବିରେ ଲୋୟର ପିଏମ୍‌ଜିରେ ଧାରଣାରେ ବସିଛନ୍ତି ଭିନ୍ନକ୍ଷମ ଜଗନ୍ନାଥ

## ଭ୍ରାତୃ ହତ୍ୟାକାରୀଙ୍କୁ ୪ ବର୍ଷ ଜେଲ୍

● ଭାଇକୁ ପଥରରେ ଆକ୍ରମଣ କରି ହତ୍ୟା କରିଥିଲେ ଭାଇ

ଭୁବନେଶ୍ୱର, ୩।୧୨(ସମିସ): ଚନ୍ଦକା ଥାନା ଅଞ୍ଚଳରେ ଏକ ହତ୍ୟା ମାଲାରେ ଭୁବନେଶ୍ୱରସ୍ଥିତ ଜିଲ୍ଲା ଓ ଦୌରା ଜଜ୍‌ଙ୍କ କୋର୍ଟ ଏହି ବୁଧବାର ରାୟ ଶୁଣାଇଛନ୍ତି। ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ଜଣକ ହେଲେ ଚନ୍ଦକା ଥାନା ଅନ୍ତର୍ଗତ କନ୍ଦଲେଇ ମୁଣ୍ଡାସାହିର କାର୍ତ୍ତିକ ଛତର। କାର୍ତ୍ତିକ ତାଙ୍କ ସାନ ଭାଇ ଜଗନ୍ନାଥଙ୍କୁ ପଥରରେ ଛେଚି ହତ୍ୟା କରିଥିଲେ। କାର୍ତ୍ତିକଙ୍କୁ ବିଚାରପତି ବିରଞ୍ଚି ନାରାୟଣ ମହାନ୍ତି ୪ବର୍ଷର ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ସୂଚନା ଅନୁଯାୟୀ, ଏହି ମାମଲାରେ ଏତଲାକାରୀ ହେଲେ କାର୍ତ୍ତିକଙ୍କ ସାନଭାଇ ରତନ। ୨୦୨୩ ଜୁଲାଇ ୧୭ରେ ମଝିଆ ଜଗନ୍ନାଥ, ବଡ଼ଭାଇ କାର୍ତ୍ତିକ ଏବଂ ଗ୍ରାମବାସୀ ବୀରେନ୍ଦ୍ର ସାମନ୍ତ ଛତାବର ମାର୍କେଟରୁ ବୁଲିବାକୁ ଯାଇଥିଲେ। ପ୍ରାୟ ୫ଟା ବେଳେ ସେମାନେ ବାଇକରେ ଘରକୁ ଫେରୁଥିଲେ। କାର୍ତ୍ତିକ ଏବଂ ବୀରେନ୍ଦ୍ରଙ୍କୁ ଜଗନ୍ନାଥ ଅଧା ରାସ୍ତାରେ ଓହ୍ଲାଇ ଦେଇ ଅନ୍ୟ ଏକ କାମରେ ଯାଇଥିଲେ। କାର୍ତ୍ତିକ ଏବଂ ବୀରେନ୍ଦ୍ର ବହୁ ସମୟ ଧରି ଅପେକ୍ଷା କରି ଚିଡିଯାଇଥିଲେ। ଜଗନ୍ନାଥ ବିଳମ୍ବରେ ଫେରିବାରୁ କାର୍ତ୍ତିକ ତାଙ୍କୁ ଗାଳି କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା କାର୍ତ୍ତିକ ରାଗିଯାଇ ଜଗନ୍ନାଥଙ୍କ ପେଟକୁ ପଥରରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପରେ ଉଭୟ ଭାଇ ଘରକୁ ଫେରିଥିଲେ। କାର୍ତ୍ତିକ ଆହତ ଜଗନ୍ନାଥଙ୍କୁ ମେଣ୍ଢାଶାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ଦିନକ ପରେ ଜଗନ୍ନାଥଙ୍କଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯିବାରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରତନଙ୍କ ଏତଲା କ୍ରମେ ଆଇପିସି ଦଫା ୩୦୨ (ହତ୍ୟା) ରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ କାର୍ତ୍ତିକଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିବା ପରେ ସେ ଜେଲ ଯାଇଥିଲେ ପବ୍ଲିକ୍ ପ୍ରସିକ୍ୟୁଟର ସିପ୍ରାଞ୍ଜଳୀ ସ୍ୱାଇଁ ମାମଲା ପରିଚାଳନା କରୁଥିଲେ। ତେବେ ଶୁଣାଣୀ ବେଳେ କାର୍ତ୍ତିକ ହତ୍ୟା କରିବାକୁ ଉଦ୍ଦେଶ୍ୟ ନ ରଖି ଭାଇ ଜଗନ୍ନାଥଙ୍କୁ ଆକ୍ରମଣ କରିଥିଲେ ବୋଲି ଅପରପକ୍ଷ ଓକିଲ ଦର୍ଶାଇବା ସହ ପ୍ରମାଣ ଉପସ୍ଥାପନା କରିଥିଲେ। ଆଇପିସି ଦଫା ୩୦୪(୨) (ଉଦ୍ଦେଶ୍ୟ ନ ଥାଇ ହତ୍ୟା) ରେ କାର୍ତ୍ତିକଙ୍କୁ ଦୋଷୀ କରିଥିଲେ। ବିଚାରପତି ଏହି ମାମଲାରେ ୧୬ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ପ୍ରଯୁଜ୍ୟ ଦସ୍ତାବିଜ୍‌କୁ ଆଧାର କରି ରାୟ ଶୁଣାଇଛନ୍ତି।

## ଜାଲ୍ କାଗଜପତ୍ରରେ ଋଣ ଠକେଇ; ଜଣେ ଗିରଫ

ଭୁବନେଶ୍ୱର, ୩।୧୨(ସମିସ): ଜାଲ କାଗଜପତ୍ର ଜରିଆରେ ଋଣ ଠକେଇ ଅଭିଯୋଗରେ ଖାରବେଳନଗର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସତ୍ୟ ନଗର ଅଞ୍ଚଳର ଦୁର୍ଗା ପ୍ରସାଦ ସାମଲ। ପୂର୍ବରୁ ଏହି ମାମଲାରେ ତାଙ୍କ ସ୍ତ୍ରୀଙ୍କୁ ପୁଲିସ ଗିରଫ କରିଥିଲା। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀଙ୍କ ସ୍ୱାମୀ ଅଭିଯୁକ୍ତ ଦୁର୍ଗା ପ୍ରସାଦ ସାମଲ ୨୦୨୦ ମସିହାରେ ଜାଲ ଦସ୍ତଖତ ଏବଂ ଜାଲିଆତି ଡକ୍ୟୁମେଣ୍ଟ ବ୍ୟବହାର କରି ଏକ ଘରୋଇ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍‌ରୁ ୪୦, ୫୦, ୦୦୦ ଟଙ୍କାର ଏକ ମର୍ଟଗେଜ୍ ଋଣ ଜାଲିଆତି ଭାବରେ ହାସଲ କରିଥିଲେ। ଉକ୍ତ ଋଣର ପରିଶୋଧ ତାଙ୍କ ଅଜାଣତରେ ଏବଂ ସମ୍ମତି ବିନା ତାଙ୍କ ନିଜ ବ୍ୟାଙ୍କ ଆକାଉଣ୍ଟ୍ ନମ୍ବରରୁ କରାଯାଇଥିଲା। ଅନ୍ୟ ଦୁଇଟି ଅନଧିକୃତ ଆର୍ଥିକ କାରବାର ଯଥା ୩୪, ୮୧, ୭୭୩/- ଟଙ୍କା ଏବଂ ୪, ୫୪, ୦୭୭ ଟଙ୍କା ଆକ୍ସିସ୍ ବ୍ୟାଙ୍କ ଆକାଉଣ୍ଟରୁ ହୋଇଥିଲା। ଯାହାକୁ ସେ କେବେ ଅନୁମତି ଦେଇ ନଥିଲେ। ପୁଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତକାରୀ ଅଧିକାରୀ ଅଭିଯୋଗକାରିଣୀ ଏବଂ ଘରୋଇ ଫାଇନାନ୍ସିଆଲ୍ ସର୍ଭିସେସ୍ ଠାରୁ ପ୍ରାସଙ୍ଗିକ କାଗଜପତ୍ର ଜବତ କରିଥିଲେ। ଜାଲ କାଗଜପତ୍ର ଯୋଗାଇବାରେ ସମ୍ପୃକ୍ତ ଅଭିଯୁକ୍ତ ଅନୁସୟା ଦାସଙ୍କୁ ଗତ ନଭେମ୍ବରରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଦୁର୍ଗା ପ୍ରସାଦ ସାମଲଙ୍କ ଘରେ ତଲାସୀ କରିଥିଲେ। ହେଲେ ସେ ଫେରାର ହୋଇଯାଇଥିଲେ। ପରବର୍ତ୍ତୀକାଳରେ ବିଶ୍ୱସ୍ତ ସୂଚନା ଅନୁସାରେ କେଉଁଝର ଜିଲ୍ଲାର ଆନନ୍ଦପୁର ସ୍ଥିତ ଅଭିଯୁକ୍ତଙ୍କ ଘରେ ଖାରବେଳ ନଗର ଥାନା ପୁଲିସର ଏକ ଦଳ ସ୍ଥାନୀୟ ପୁଲିସଙ୍କ ସହାୟତାରେ ଚଢଉ କରିଥିଲା। ସେଠାରୁ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଅଣାଯାଇଥିଲା।

● ରାଜଧାନୀରେ ବାଲ୍ୟ ବିବାହ ଅଭିଯୋଗ

## ପୁଲିସକୁ ଦେଖି ଝିଅକୁ ଲୁଚାଇଦେଲେ

ଭୁବନେଶ୍ୱର, ୩।୧୨(ସମିସ): ରାଜଧାନୀର ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଏକ ମନ୍ଦିରରେ ବାଲ୍ୟ ବିବାହର ଆୟୋଜନ ହେଉଥିବା ଅଭିଯୋଗ ହୋଇଛି। ନୟାଗଡ଼ ଅଞ୍ଚଳର ଜଣେ ୧୬ବର୍ଷର ନାବାଳିକାଙ୍କୁ ତାଙ୍କ ପରିବାର ଲୋକେ ବିବାହ କରିବାକୁ ସମସ୍ତ ପ୍ରକାର ପ୍ରସ୍ତୁତି କରିଥିଲେ। ଖବରପାଇ ପୁଲିସ, ସିଡିପିଓ, ସୁପରଭାଇଜର ଏବଂ ଶିଶୁ ମଙ୍ଗଳ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଏହି ବିବାହକୁ ରୋକିବାକୁ ଚେଷ୍ଟା କରିଥିଲେ ମଧ୍ୟ ନାବାଳିକାଙ୍କୁ ଲୁଚାଇ ଦିଆଯାଇଥିଲା। ଏଣୁ ଖଣ୍ଡଗିରି ଥାନାରେ ଶିଶୁ ସୁରକ୍ଷା ସଂଗଠନ ରୁଚିକା ପକ୍ଷରୁ ଏତଲା ଦିଆଯାଇଛି।

**ଥାନାରେ ଏତଲା, ଶିଶୁ ସୁରକ୍ଷା କର୍ମୀଙ୍କୁ ଗାଳିଗୁଲଜ**

ଥାନାରେ ଲିଖିତ ଏତଲା ଅନୁଯାୟୀ ନାବାଳିକାଙ୍କୁ ବାଢୁଅ ପାଣିରେ ଗାଧୋଇ ଦିଆଯାଇଥିଲା। ବିବାହ ପାଇଁ ତାଙ୍କୁ ସଜ କରାଯାଇଥିଲା। ବନ୍ଧୁବାନ୍ଧବ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଏପରିକି ଭୋଜି ଭାତର ଆୟୋଜନ ମଧ୍ୟ ହୋଇ ସାରିଥିଲା। ଖବରପାଇ ନାବାଳିକାଙ୍କୁ ଉଦ୍ଧାର କରିବାକୁ ପହଞ୍ଚିଲା ବେଳକୁ ଘଟଣାସ୍ଥଳରୁ ନାବାଳିକାଙ୍କୁ ପଡୋଶୀ ଏବଂ ସମ୍ପର୍କୀୟମାନେ ଲୁଚାଇଦେଲେ। ଏହାପରେ ଶିଶୁ ସୁରକ୍ଷା କର୍ମୀଙ୍କୁ ଗାଳିଗୁଲଜ କରିଥିଲେ ବୋଲି ଅଭିଯୋଗ ହୋଇଛି।

## ଖଣ୍ଡାରେ ଆକ୍ରମଣ ଅଭିଯୋଗ; ଯୁବକ ଗିରଫ

ଭୁବନେଶ୍ୱର, ୩।୧୨(ସମିସ): ଖଣ୍ଡାରେ ଆକ୍ରମଣ ଅଭିଯୋଗରେ ବଡ଼ଗଡ଼ ଥାନାରେ ବୁଧବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ରାଜାରାଣୀ ବସ୍ତିର ଅମରଜିତ୍ ପ୍ରଧାନ। ତାଙ୍କ ପାଖରୁ ଖଣ୍ଡା ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ଶଙ୍କର ସାମନ୍ତରାୟଙ୍କ ଏକ ଦୋକାନ ରହିଛି। ସେ ରାତିରେ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। କାଳିଆ ବାଟରେ ତାଙ୍କୁ ଅଟକାଇ ଖଣ୍ଡାରେ ଆକ୍ରମଣ କରିଥିଲେ। ଯାହାରେ ତାଙ୍କ ହାତ ଓ ମୁଣ୍ଡରେ ଆଘାତ ହୋଇଥିଲା। ଶଙ୍କରଙ୍କ ସ୍ତ୍ରୀ ପାଟି କରିବାପରେ ସେ ଘଟଣାସ୍ଥଳରୁ ପଳାଇଯାଇଥିଲେ। କାଳିଆ ଓ ତାଙ୍କ ସାନଭାଇ ବବୁଲ ପ୍ରଧାନଙ୍କ ସହ ଅଭିଯୋଗକାରୀଙ୍କ ଘରକୁ ପ୍ରବେଶ କରି ଟିଭି, ଆଲମିରା ଏବଂ ଘର ଦ୍ୱାର ଭଳି ଘରୋଇ ସାମଗ୍ରୀକୁ ଭାଙ୍ଗି ନଷ୍ଟ କରି ଦେଇଥିଲେ। ତାଙ୍କ ନିକଟରୁ ଅପରାଧରେ ବ୍ୟବହୃତ ଅସ୍ତ୍ର ଜବତ କରାଯାଇଛି। ଅଭିଯୁକ୍ତର ପୂର୍ବରୁ ବଡ଼ଗଡ଼ ଥାନାର ଅନ୍ୟ ଏକ ଅପରାଧିକ ମାମଲାରେ ସମ୍ପୃକ୍ତି ରହିଛି।



## ଶ୍ରମିକ ସଂଗଠନଗୁଡ଼ିକର ଚେତାବନୀ

# ଶ୍ରମ କୋଡ୍ ରଦ୍ଦ ନ କଲେ ପରିସ୍ଥିତି ସାଂଘାତିକ ହେବ



ଭୁବନେଶ୍ୱର, ୩।୧୨(ସମିସ): କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ଶ୍ରମିକ ବିରୋଧୀ ୪ଟି ଲେବର କୋଡ ସମେତ ରାଜ୍ୟ ସରକାରଙ୍କ ଦୈନିକ ୧୦ ଘଣ୍ଟା କାର୍ଯ୍ୟ ଦିବସ ଓ ମହିଳାମାନଙ୍କୁ ରାତିରେ କାମ କରିବାର ବିଜ୍ଞପ୍ତିକୁ ୮ ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ବିରୋଧ କରିଛି। ବୁଧବାର ଅନୁଷ୍ଠିତ ଶ୍ରମିକଙ୍କ ଗଣଧାରଣାରେ ସଂଗଠନଗୁଡ଼ିକ ପକ୍ଷରୁ କୁହାଯାଇଛି ଯେ ଏହାକୁ ପ୍ରତ୍ୟାହାର ନକଲେ ଆଗକୁ ସାଂଘାତିକ ପରିସ୍ଥିତି ସୃଷ୍ଟି ହେବ। ଅନୁଷ୍ଠିତ ଗଣଧାରଣାରେ ଶ୍ରମିକ ନେତା କିଶୋର ଜେନା, ଅଶୋକ ଦାସ, ବିଷ୍ଣୁ ମହାନ୍ତି, ରାଜ କିଶୋର ମଲ୍ଲିକ, ବଂଶିଧର ପରିଡ଼ା, ଜ୍ୟୋତି ରଞ୍ଜନ ମହାପାତ୍ର, ମଧୁସୁଦନ ପ୍ରଦାନ, ପ୍ରଣତୀ ମିଶ୍ର, ପୁଷ୍ପା ଦାସ ଓ ହରିପ୍ରିୟା ସ୍ୱାଇଁ ଏଥିରେ ସାମିଲ ହୋଇଥିଲେ। ଏହି ଗଣଧାରଣାରେ ଆଇଏନ୍‌ଟିୟୁସିର ନେତା ଡ. ରାମଚନ୍ଦ୍ର ଖୁଣ୍ଟିଆ, ବିଜୟ ଜେନା, ରାଧାକାନ୍ତ ସେଠୀ, ଦୁଷ୍ମନ୍ତ ଦାସ, ଜୟସେନ ମେହେର, ବିଏନ୍ ମହାପାତ୍ର, ସମ୍ଭୁନାଥ ମହାନ୍ତି, ମାୟାଧର ନାୟକ ବକ୍ତବ୍ୟ ରଖୁଥିଲାବେଳେ ଏହି ଗଣଧାରଣାକୁ ସମର୍ଥନ ଜଣାଇ ସଂଯୁକ୍ତ କିଷାନ ମୋର୍ଚ୍ଚାର ସୁରେଶ ପାଣିଗ୍ରାହୀ, ଜମ୍ବେଶ୍ୱର ସାମନ୍ତରାୟ, ରଘୁନାଥ ଦାସ, ଶଙ୍କର ସାହୁ, ନରେନ୍ଦ୍ର ମହାନ୍ତି, ବେଫିର ନେତା ଅଜିତ ମହାନ୍ତି, ବିଶ୍ୱ ଶିକ୍ଷକ ମହାସଂଘର ନେତା ଅମୀୟ ମହାନ୍ତି ପ୍ରମୁଖ ତାଙ୍କର ଉଦ୍‌ବୋଧନ ଦେଇଥିଲେ। ଶେଷରେ କେନ୍ଦ୍ରୀୟ ଶ୍ରମିକ ସଂଗଠନର ମିଳିତ ମଞ୍ଚର ସଂଯୋଜକ ମହେନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଜ୍ୟୋତିରଞ୍ଜନ ମହାପାତ୍ର, ସତ୍ୟବ୍ରତ ନାୟକ, ନିରଞ୍ଜନ ମହାନ୍ତି, ମଧୁସୂଧନ ପ୍ରଧାନ, ଗୌରାଙ୍ଗ ପାଣିଗ୍ରାହୀ, ସୁରେଶ ରାଉତରାୟ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ୩ ଦଫା ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।

## ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଶିଶୁ ଅନନ୍ତ ସମ୍ମାନ ପ୍ରଦାନ

ବାଲିପାଟଣା, ୩।୧୨(ସମିସ) : ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶିଶୁ ଅନନ୍ତ ସ୍ମୃତି ସଂସଦର ମିଳିତ ଆୟୋଜନରେ ଶ୍ରୀ ଜଗନ୍ନାଥଙ୍କ ପରମ ଭକ୍ତ ମହାପୁରୁଷ ଶିଶୁ ଅନନ୍ତଙ୍କ ଜୟନ୍ତୀ ଉତ୍ସବ ଶିଶୁ ମଠସ୍ଥିତ ସନ୍ଥଙ୍କର ସାଧନା ତଥା ସମାଧି ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଅଧ୍ୟାପିକା ଡ଼. ପ୍ରତିଭା ମହାରଥୀଙ୍କୁ ଶିଶୁ ଅନନ୍ତ ସମ୍ମାନ, ପୂର୍ବତନ ପ୍ରଶାସକ ଡ଼. ଅଖିଳ ବିହାରୀ ଓତାଙ୍କୁ ବାଲିପାଟଣା ଗୌରବ ସମ୍ମାନ, କଣ୍ଠଶିଳ୍ପୀ ଗୀତାରାଣୀ ଦାସଙ୍କୁ ବାବା ମଧୁସୂଦନ ସମ୍ମାନ, ଦିଲ୍ଲୀପ ହାଲୀଙ୍କୁ ଚଳଚ୍ଚିତ୍ର ସମୀକ୍ଷକ ସମ୍ମାନ, ଡ. ଇତିରାଣୀ ସାମନ୍ତଙ୍କୁ ବଡ଼ଭାଇ ନଦିୟା ବିହାରୀ ସମ୍ମାନ, କବି ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କୁ ଅବଦୁଲ ଓସିଦ ସ୍ମୃତି ସମ୍ମାନ ଓ ବସନ୍ତ କୁମାର୍ ଦାଶଙ୍କୁ ସାମ୍ବାଦିକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ସଂସଦର ସଭାପତି ଅଭିମନ୍ୟୁ ନାୟକଙ୍କ ଅଧ୍ୟକ୍ଷତାରେ, ସମ୍ପାଦକ ତନୟା ଦାସ ଗୋସ୍ୱାମୀ, ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର, ଡ. ନିରଞ୍ଜନ ସାହୁ, ପୂର୍ବତନ ମନ୍ତ୍ରୀ ଡ଼ ଅରବିନ୍ଦ ଢ଼ାଲି, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଗୁରୁପ୍ରସାଦ ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଡ଼. ଦେବାଶିଷ ମହାପାତ୍ର ସଭା ପରିଚାଳନା କରିଥିଲେ ଓ ଡ଼. ରଜନୀ ରଞ୍ଜନ ମାନପତ୍ର ପାଠ



କରିଥିଲେ। ଉପସଭାପତି ଭାବଗ୍ରାହୀ ଗୋଚ୍ଛାୟତଙ୍କ ସମେତ ସମିତିର ସଭ୍ୟ ସଭ୍ୟା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୌରଜଗତ ଛାର୍‌ଖାର୍!

**ଶୈକ୍ଷିକ ଭ୍ରମଣରେ ଆସି ନକରାତ୍ମକ ମନୋଭାବ ନେଇ ଫେରୁଛନ୍ତି ଛାତ୍ରଛାତ୍ରୀ**

ଭୁବନେଶ୍ୱର, ୩।୧୨(ସମିସ): ସୌରଜଗତରୁ ବିଚ୍ଛିନ୍ନ ହୋଇ ପଡ଼ିଛି ପୃଥିବୀ। ମଙ୍ଗଳ ଗ୍ରହ ବିଲୀନ ହେବାକୁ ବସିଛି। ସର୍ବବୃହତ୍ ଗ୍ରହ ବୃହସ୍ପତିକୁ ଖୋଜିଲେ ମିଳୁନାହିଁ। ସୌରଜଗତର ମୋଟ ୮ଟି ଗ୍ରହ ମଧ୍ୟରୁ କେବଳ ୪ଟି ସେମାନଙ୍କ କକ୍ଷରେ ରହିଛନ୍ତି। ଆଉ ୪ଟି ଗ୍ରହର ସତ୍ତା ବିଲୀନ ହୋଇ ସାରିଲାଣି। ରାଜ୍ୟର ପ୍ରମୁଖ ଶୈକ୍ଷିକ ପର୍ଯ୍ୟଟନସ୍ଥଳୀ ପଠାଣିସାମନ୍ତ ପ୍ଲାନେଟାରିଅମ ପରିସରରେ ଥିବା ସୌର ମଣ୍ଡଳର ଏପରି ଭାବେ ପଡ଼ିରହିଛି।

ଇଂରାଜୀ ନୂତନ ବର୍ଷ ପାଖେଇ ଆସୁଥିବା ବେଳେ ଛାତ୍ରଛାତ୍ରୀମାନେ ଶୈକ୍ଷିକ ଭ୍ରମଣରେ ଆସୁଛନ୍ତି। ସମସ୍ତେ ପ୍ଲାନେଟାରିଅମ୍ ବୁଲିବା ପାଇଁ ଅଗ୍ରାଧିକାର ମଧ୍ୟ ଦେଉଛନ୍ତି। ପାଖରୁ ଯାଇ ସୌର ମଣ୍ଡଳ ଦେଖିବା ସହ ତା ସମ୍ପର୍କରେ ବୁଝିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ବିଦ୍ୟାଳୟରେ ସୌର ଜଗତ ସମ୍ପର୍କରେ ଶିକ୍ଷାଦାନ ସମୟରେ ଶିକ୍ଷକ ମଧ୍ୟ ପିଲାଙ୍କୁ ପ୍ଲାନେଟୋରିଅମ୍‌ରେ ଅବିକଳ ଚିତ୍ର ଥିବା କହିବା ସହ ବର୍ଷ ଶେଷରେ ଗଲେ ଦେଖିବାକୁ କହିଥାନ୍ତି। ତେଣୁ ପିଲାଙ୍କ ମଧ୍ୟରେ ଜିଜ୍ଞାସା ଭାବ ବହୁଗୁଣିତ ହୋଇଥାଏ। ହେଲେ ପ୍ଲାନେଟାରିଅମ୍ କୁ ପହଞ୍ଚିଲା ପରେ ଛାତ୍ରଛାତ୍ରୀ ମାନେ ସୌର ମଣ୍ଡଳ ଖୋଜୁଛନ୍ତି। ଯାହା ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଛାରଖାର ହୋଇ ସାରିଛି। ସୂର୍ଯ୍ୟରୁ ରଙ୍ଗ ଛାଡି କାନ୍ଥ ସହିତ ମିଶି ସାରିଥିବା ବେଳେ ପୃଥିବୀ ଓ ବୃହସ୍ପତି ସମେତ ୪ଟି ଗ୍ରହ ତଳେ ପଡ଼ି ରହିଛି। ଏପରିକି ଅଳିଆ ଆବର୍ଜନା



**ପରିତ୍ୟକ୍ତ ଅବସ୍ଥାରେ ପଠାଣି ସାମନ୍ତ ପ୍ଲାନେଟାରିଅମ୍**

ମଧ୍ୟରେ ସେଗୁଡ଼ିକ ପୋତି ହେବାକୁ ବସିଲାଣି। ବିଭିନ୍ନ ସମୟରେ ଆବର୍ଜନାରେ ପାଣି ଜମି ରହିବା ଯୋଗୁଁ ତାହା ମଶା, ମାଛିଙ୍କ ଏଣ୍ଡୁଡ଼ିଶାଳ ପାଲଟିଛି। ବିଶେଷକରି ଡେଙ୍ଗୁମଶା ବଂଶ ବିସ୍ତାର କରିବାରେ ଲାଗିଛନ୍ତି। ଆବର୍ଜନା ଆବର୍ଜନାରେ ବିଭିନ୍ନ ସରୀସୃପ ମଧ୍ୟ ବସବାସ କରୁଛନ୍ତି। ତାହା ପିଲାଙ୍କ ପାଇଁ ବିପଦର ଆଶଙ୍କା ସୃଷ୍ଟି କରିଛି। ସେହିଭଳି କେତେକ ଶୁଷ୍କ ଆବର୍ଜନାକୁ ପୋଡ଼ି ଦେବା ଦ୍ୱାରା ସେଗୁଡ଼ିକ ପାଉଁସ ହୋଇ ବିଭିନ୍ନ ସମୟରେ ଉଡୁଥିବା ଲକ୍ଷ୍ୟ କରାଯାଉଛି। ଯାହା ପରିବେଶକୁ ପ୍ରଦୂଷିତ କରୁଛି। ଏଠାକୁ ଶୈକ୍ଷିକ ମନୋଭାବ ନେଇ ଆସୁଥିବା ପିଲାମାନେ ନକରାତ୍ମକ ମନୋଭାବ ନେଇ ଫେରୁଛନ୍ତି। ଫଳରେ ପିଲା ସେଗୁଡିକ ଦେଖି ଶିଖିବା ବଦଳରେ, ତା ପାଖକୁ ମଧ୍ୟ ଯିବାକୁ ନାକ ଟେକୁଛନ୍ତି। ବାଟସାରା ପିଲାଙ୍କୁ ପ୍ଲାନେଟାରିଅମ୍ ସ୍ୱପ୍ନ ଦେଖେଇ ଆସୁଥିବା ଶିକ୍ଷକ ମଧ୍ୟ ପିଲାଙ୍କୁ କୌଣସି ଉତ୍ତର ଦେଇପାରୁ ନାହାଁନ୍ତି। ଶିକ୍ଷକମାନେ ଅସନ୍ତୋଷ ବ୍ୟକ୍ତ କରୁଥିଲେ ମଧ୍ୟ ସରକାରୀ କର୍ମଚାରୀ ହୋଇଥିବାରୁ ପ୍ଲାନେଟାରିଅମ୍ କର୍ତ୍ତୃପକ୍ଷଙ୍କୁ କହିବାକୁ ସାହସ ଜୁଟାଇ ପାରୁନାହାନ୍ତି।

ଜ୍ୟୋତିର୍ବିଜ୍ଞାନର ନୂଆ ନୂଆ ଜ୍ଞାନକୌଶଳ ପ୍ରଦର୍ଶନ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ନୂତନ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଛାତ୍ରଛାତ୍ରୀଙ୍କୁ ମହାକାଶ ବିଜ୍ଞାନ ସମ୍ପର୍କରେ ପ୍ରେରିତ କରିବାକୁ ଯୋଜନା କରୁଛନ୍ତି। ବିଜ୍ଞାନ ଓ ଜ୍ୟୋତିର୍ବିଜ୍ଞାନ ସମ୍ପର୍କରେ ବିଭିନ୍ନ ପ୍ରସଙ୍ଗକୁ ମନୋରଞ୍ଜନ ମାଧ୍ୟମରେ ଜଣାଇବାକୁ ପ୍ରୟାସ କରୁଛନ୍ତି। ହେଲେ ସମସ୍ତ ଯୋଜନା କାଗଜ କଲମରେ ରହିଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ସୌର ମଣ୍ଡଳ ମାଟିରେ ମିଶିବାକୁ ବସିଥିବା ବେଳେ କେହି ଉତ୍ତର ଦାୟିତ୍ୱ ନେବାକୁ ପ୍ରସ୍ତୁତ ନୁହଁନ୍ତି।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. CRPD/SCO/2025-26/17 | |
|---|---|
| ପୋଷ୍ଟର ନାମ | ଖାଲି ପଦବୀ |
| ଭିପି ୱେଲ୍ଥ (ଏସଆରଏମ) | 506 |
| ଏଭିପି ୱେଲ୍ଥ (ଆରଏମ) | 206 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 23.12.2025 ପର୍ଯ୍ୟନ୍ତ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 02.12.2025
**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**

■ ବସ୍ତିର ମହିଳାଙ୍କ ପାଇଁ ସୁଜାତାଙ୍କ ନିଆରା ପ୍ରୟାସ

# ଅଦରକାରୀ ସାମଗ୍ରୀରୁ କରାଉଛନ୍ତି ରୋଜଗାରକ୍ଷମ

ଭୁବନେଶ୍ୱର, ୩।୧୨(ସମିସ): ଘରର ବିଭିନ୍ନ ପ୍ରକାର ସାଜସଜ୍ଜା ଉପକରଣ ଆଜିକାଲି ବେଶ ଲୋକାଦୃତ ହେଉଛି। ହେଲେ ସେହିସବୁ ଉପକରଣକୁ ୱେଷ୍ଟ ବା ଅଦରକାରୀ ଜିନିଷରୁ ବିଭିନ୍ନ ଉପକରଣ କରିବା ଏବଂ ତାକୁ ବେଶ ଆକର୍ଷଣୀୟ ଢଙ୍ଗରେ ପ୍ରଦର୍ଶିତ କରିବା ଉଦାହରଣ ଖୁବ କମ ଦେଖିବାକୁ ମିଳିଥାଏ। ଏଭଳି କିଛି କଳାକୃତି କରୁଛନ୍ତି ସୁଜାତା। କେବଳ ସେତିକି ନୁହଁ ନିଜ ସହ ବିଭିନ୍ନ ବସ୍ତିର ମହିଳାମାନଙ୍କୁ ମଧ୍ୟ ରୋଜଗାରକ୍ଷମ କରିବାରେ ସାହାଯ୍ୟ କରୁଛନ୍ତି।

ଏ ହେଉଛନ୍ତି ସୁଜାତା ନାୟକ। ସୁଜାତାଙ୍କ ଜନ୍ମ ଜଗତସିଂପୁର ଜିଲ୍ଲାରେ। ସେ ଏବେ ଭୁବନେଶ୍ୱର ଖଣ୍ଡଗିରିର ଗଣ୍ଡମୁଣ୍ଡା ଅଞ୍ଚଳରେ ରହୁଛନ୍ତି। ପ୍ରଥମେ ସ୍କିଲ ଇଣ୍ଡିଆ ମାଧ୍ୟମରେ ପ୍ରଶିକ୍ଷଣ ନେଇ ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରକାରର କ୍ରାଫ୍ଟ ତିଆରିକୁ ନିଜ ରୋଜଗାର ମାଧ୍ୟମ କଲେ। ଯେଉଁଠି ଫୁଲଦାନୀ, ୱାଲ ହ୍ୟାଙ୍ଗିଙ୍ଗ, ଷ୍ଟାଚ୍ୟୁ, ବ୍ରାଇଡାଲ ଷ୍ଟାଚ୍ୟୁ, କାନ ଫୁଲ, ଚିତ୍ର ଆଦି ଅନେକ ଘରୋଇ ସାଜସଜ୍ଜା ଉପକରଣ ତିଆରି କରୁଛନ୍ତି। ହେଲେ ସେହିସବୁ ଜିନିଷ ସମ୍ପୂର୍ଣ୍ଣ ଭାବେ



ୱେଷ୍ଟରୁ ତିଆରି ହୋଇଛି। ଏହିସବୁ ଜିନିଷ ସେ ପୁରୁଣା ଖବର କାଗଜ ଓ ପେଟି, ନଡାରେ ତିଆରି କରୁଛନ୍ତି। ଯାହାର ମୂଲ୍ୟ ୩୦ ଟଙ୍କାରୁ ଆରମ୍ଭ ହୋଇ ୨ ହଜାର ପର୍ଯ୍ୟନ୍ତ ରହିଛି। ସେହିଭଳି ରାଜଧାନୀର ବିଭିନ୍ନ ବସ୍ତିରେ ଥିବା ମହିଳାମାନଙ୍କୁ ସେ ନିୟମିତ ପ୍ରଶିକ୍ଷଣ ଦେଉଛନ୍ତି। ଫଳରେ ସେମାନେ ମଧ୍ୟ ଏହି ସବୁ ଉପକରଣ ତିଆରି କରି ବିଭିନ୍ନ ମାଧ୍ୟମରେ ରୋଜଗାର କରିପାରୁଛନ୍ତି। କେବଳ ରୋଜଗାର କରୁନାହାନ୍ତି ନିଜ ପରିବାର ପ୍ରତିପୋଷଣ ଏବଂ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ମଧ୍ୟ ଉଠାଇ ପାରୁଛନ୍ତି। ଏନେଇ ସୁଜାତା କୁହନ୍ତି, ୨୦୧୬ରେ ତାଙ୍କର ଏହି ଯାତ୍ରା ଆରମ୍ଭ ହୋଇଥିଲା। ଧୀରେ ଧୀରେ ବିଭିନ୍ନ ଅନୁଷ୍ଠାନରେ ମଧ୍ୟ ସେ ଯାଇ ପ୍ରଶିକ୍ଷଣ ଦେଲେ। ସେହିସବୁ ମଧ୍ୟରେ ଆପ୍ଲିକ, ଟେରାକୋଟା ଆଦି କଳାକୃତିକୁ ନିଜ କାମରେ ଲଗାଇ ବିଭିନ୍ନ ପ୍ରକାର ଉପକରଣ ତିଆରି କରୁଛନ୍ତି। ସେହିଭଳି ବସ୍ତି ମହିଳାଙ୍କ ବ୍ୟତୀତ ଅନ୍ୟ ଜିଲ୍ଲାର ଆଦିବାସୀ ମହିଳାଙ୍କୁ ମଧ୍ୟ ସମୟ ସମୟରେ ଯାଇ ଏହିସବୁ ପ୍ରଶିକ୍ଷଣ ଦେଇ ଉପକରଣ ଗୁଡିକୁ ବଜାରରେ ଉପଲବ୍ଧ କରିବାରେ ସାହାଯ୍ୟ କରୁଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୮ ଶହରୁ ହଜାରେ ପର୍ଯ୍ୟନ୍ତ ମହିଳାଙ୍କୁ ସେ ପ୍ରଶିକ୍ଷଣ ଦେଇ ସାରିଛନ୍ତି। ସେଥିମଧ୍ୟରେ ଏସଏଚଜି ମହିଳା ମଧ୍ୟ ସାମିଲ ଅଛନ୍ତି। ରାଜଧାନୀରେ ଆୟୋଜିତ ହେଉଥିବା ମେଳା ଓ ପ୍ରଦର୍ଶନୀରେ ତାଙ୍କ ଷ୍ଟଲ ରହିଥାଏ।

## ବିଜେଡି ପକ୍ଷରୁ ରମାଦେବୀଙ୍କ ଜୟନ୍ତୀ



ଭୁବନେଶ୍ୱର, ୩।୧୨(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ବିଧାନସଭା ପ୍ରକୋଷ୍ଠ ନିକଟରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ତାଙ୍କର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମା ରମାଦେବୀଙ୍କ ଜୀବନବ୍ୟାପୀ ସାଧନା ଉପରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ ଶିକ୍ଷାବିତ୍ କାମଦେବ ମହାପାତ୍ର। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମନୋରଞ୍ଜନ ମହାନ୍ତି, ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ରଶ୍ମି ରଞ୍ଜନ ସ୍ୱାଇଁ, କେଶବ ପଟ୍ଟନାୟକ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ ପ୍ରମୁଖ ଯୋଗଦାନ କରି ଏହି ମହାନ ଆତ୍ମାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ।



ଜୟନ୍ତୀ ଅବସରରେ ବୁଧବାର ବିଧାନସଭା ପରିସରରେ ଥିବା ମା' ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବରିଷ୍ଠ ମନ୍ତ୍ରୀ ଓ ନେତୃବୃନ୍ଦ ଶ୍ରଦ୍ଧା ସୁମନ ଅର୍ପଣ କରୁଛନ୍ତି।

## ହାଇଟେକ୍ ଦନ୍ତ ଚିକିତ୍ସା ମହାବିଦ୍ୟାଳୟର ନବାଗତଙ୍କ ସ୍ୱାଗତ



ଭୁବନେଶ୍ୱର, ୩।୧୨(ସମିସ): ହାଇଟେକ୍ ଡେଣ୍ଟାଲ୍ କଲେଜ ଓ ହସ୍ପିଟାଲ ଭୁବନେଶ୍ୱରର ନବାଗତ ବିଦ୍ୟାର୍ଥୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏସ୍‌ସିବି ଡେଣ୍ଟାଲ କଲେଜ ଓ ହସ୍ପିଟାଲର ଅଧ୍ୟକ୍ଷ ପ୍ରଫେସର ଡ. ପ୍ରଭାସ କୁମାର ମହାନ୍ତି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ହାଇଟେକ୍ ଗ୍ରୁପ୍‌ରେ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ପାଠ ପଢ଼ିବା ସହ ସମାଜର ମଙ୍ଗଳ ନିମନ୍ତେ କାମ କରିବାକୁ ଆହ୍ୱାନ ଦେଇଥିଲେ। ହାଇଟେକ୍ ଗ୍ରୁପ୍‌ରେ ସିଇଓ ତଥା ମ୍ୟାନେଜିଙ୍ଗ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଦନ୍ତ ଚିକିତ୍ସକମାନେ ଆଗାମୀ ଦିନରେ ସମାଜର ଏକ ସ୍ୱତନ୍ତ୍ର ଭୂମିକା ନିର୍ବାହ କରନ୍ତୁ ବୋଲି କହିଥିଲେ। ସେହିପରି ହାଇଟେକ୍ ଡେଣ୍ଟାଲ୍ କଲେଜ ପ୍ରିନ୍ସିପାଲ ପ୍ରଫେସର୍ ଡ. ସଂଗ୍ରାମ ପାତ୍ର, ଭାଇସ୍-ପ୍ରିନ୍ସିପାଲ ଡ. ସୁବାସ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ଶୁଭ ସୌମ୍ୟ ଡ୍ୟାନି ପରିଚାଳନା କରିଥିଲେ।

## ଶିଶୁଟିଏ ରାଷ୍ଟ୍ରର ଜାତୀୟ ସମ୍ପତ୍ତି

● ଫୋନିକ୍ସ ସେବାର ନବମ ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୩।୧୨(ସମିସ): ଶିଶୁଟିଏ ରାଷ୍ଟ୍ରର ଜାତୀୟ ସମ୍ପତ୍ତି। ତେଣୁ ଆଧ୍ୟାତ୍ମିକ ମାର୍ଗରେ ଯିବା ଦ୍ୱାରା ତାର ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ହେବା ସହ ଏକ ଶୃଙ୍ଖଳିତ ଦେଶ ଗଠନ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସାମାଜିକ ଅନୁଷ୍ଠାନ 'ଫୋନିକ୍ସ ସେବା'ର ନବମ ବାର୍ଷିକ ଉତ୍ସବ ଅବସରରେ ବୁଦ୍ଧ ମନ୍ଦିରରେ ଆୟୋଜିତ 'ଆଧ୍ୟାତ୍ମିକ ପଥରେ ଶିଶୁର ଉନ୍ନତି ଦେଶର ପ୍ରଗତି' ଶୀର୍ଷକ ଆଲୋଚନାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉକ୍ତ ବିଷୟରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଧରେ ବକ୍ତୃତା, ଚିତ୍ରାଙ୍କନ, କାହାଣି, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଡ. ଅରୁଣ କୁମାର ରଥ, ମନୋରଞ୍ଜନ ମହାପାତ୍ର, ଡ. ବେରିଅନ ସ୍ୱାଇଁ, ନିବେଦିତା ଭଞ୍ଜ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହାସହ ବିଭିନ୍ନ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଚମକଚାନ୍ଦିନୀ ଦାଶ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ଅଧ୍ୟକ୍ଷ ମଲ୍ଲିକ ଅୱେସ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ସହ ସଭାପତି ତାପସ ପଣ୍ଡା ସଂଯୋଜନା କରିଥିଲେ।

## 'ସନେଟ୍ ଶତଦଳ' ଓ 'ମେଘରାତିର ମାୟା' ଉନ୍ମୋଚିତ

ଭୁବନେଶ୍ୱର, ୩।୧୨(ସମିସ): ରତ୍ନଚିରା ପବ୍ଲିକେସନ୍ସ ଦ୍ୱାରା ପ୍ରକାଶିତ କବି ନିରୂପମା କରଙ୍କ ଦୁଇ କବିତା ସଂକଳନ 'ସନେଟ୍ ଶତଦଳ' ଓ 'ମେଘରାତିର ମାୟା' ବୁଦ୍ଧମନ୍ଦିର ସଭାଗୃହରେ ଉନ୍ମୋଚିତ ହୋଇଛି। ଅନୁବାଦିକା ସଂକୁନ୍ତଳା ବଳିଆର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ ଯୋଗ ଦେଇଥିଲେ। କବି ରକ୍ଷକ ନାୟକ ଏବଂ ଗୀତିକବି ମନୋଜ କୁମାର ପଟ୍ଟନାୟକ ପୁସ୍ତକ ଦୁଇଟିକୁ ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ଲେଖିକା ନିରୂପମା କର ଲେଖକୀୟ ବକ୍ତବ୍ୟ ରଖିଥିଲେ। ପୁସ୍ତକ ଉନ୍ମୋଚନବେଳେ ପୃଷ୍ଟି ମଲ୍ଟିମିଡିଆ ପ୍ରା.ଲି.ର ନିର୍ଦ୍ଦେଶକ କରୁଣାକର ପୃଷ୍ଟି ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ନେହଲତା ପୃଷ୍ଟି ମଞ୍ଚ ପରିଚାଳନା କରିଥବାବେଳେ କାନନ ବାଳା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ୟୁନିଟ୍-୮ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କ୍ରୀଡ଼ାଉତ୍ସବ



ଭୁବନେଶ୍ୱର, ୩।୧୨(ସମିସ): ୟୁନିଟ୍-୮ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୦ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଓୟୁଏଟି ପ୍ରାନ୍ତରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବିଜେପି ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ୪୭ ନମ୍ବର ୱାର୍ଡର କର୍ପୋରେଟର ସମିତା ମହାନ୍ତି ଉପସ୍ଥିତ ରହିଥିଲେ। ଉତ୍ସବରେ କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ପବିତ୍ର ମୋହନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ପରିଚାଳନା ସମିତିର ସଭାପତି ବିରଞ୍ଚି ନାରାୟଣ ଦାଶ ସଭାପତିତ୍ୱ କରିଥିଲେ। ସମ୍ପାଦକ ସ୍ୱଦେଶ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମା' ରମାଦେବୀଙ୍କ ଜନ୍ମବାର୍ଷିକୀ ଉଦ୍‌ଯାପିତ

ଭୁବନେଶ୍ୱର, ୩।୧୨(ସମିସ): ଗାନ୍ଧିବାଦୀ ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀ ସମାରୋହ ଉଦଯାପିତ ହୋଇଯାଇଛି। ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନ୍ମବାର୍ଷିକୀ ପାଳନ କରାଯିବା ପରେ ବୁଧବାର ମା' ରମାଦେବୀଙ୍କ ଘର ତଥା ଉତ୍କଳ ଗୌରବ ମଧୁବାବୁଙ୍କ ଏନ୍ତୁଡିଶାଳ ସତ୍ୟଭାମାପୁରଠାରେ ଏହାର ଉଦଯାପନ କରାଯାଇଛି। ମା' ରମାଦେବୀ ୧୨୫ ଜନ୍ମବାର୍ଷିକୀ କମିଟି, ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଉତ୍କଳ ସର୍ବୋଦୟ ମଣ୍ଡଳ ଏବଂ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ବର୍ଷ ବ୍ୟାପୀ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଯାଜପୁର ଜିଲ୍ଲା ବାଲିପଡ଼ିଆ ଠକ୍କରବାପା ଆଶ୍ରମରୁ ଆରମ୍ଭ କରି ଭୁବନେଶ୍ୱର ଓ କଟକ ପରେ ସତ୍ୟଭାମାପୁରରେ ଏହାର ସମାପନ ହେଲା।



ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦଯାପନୀ ସମାରୋହରେ ୧୨୫ ଜନ୍ମବାର୍ଷିକୀ କମିଟିର ଆବାହକ ଡାକ୍ତର ବିଶ୍ୱଜିତ ସଞ୍ଚାଳନ କରିଥିଲେ। ଏଥିରେ ଲୋହିଆ ଏକାଡେମୀର ସମ୍ପାଦକ ଦେବ ପ୍ରସାଦ ରାୟ, ଗାନ୍ଧିବାଦୀ ଲେଖିକା ଡକ୍ଟର ବାସନ୍ତୀ ମହାନ୍ତି, କସ୍ତୁରବା ଟ୍ରଷ୍ଟର ରାଷ୍ଟ୍ରୀୟ ଉପସଭାନେତ୍ରୀ ଗାୟତ୍ରୀ ଦାସ, ଡଃ ସ୍ୱପ୍ନା ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଏବଂ ସମ୍ମାନିତ ଅତିଥି ଭାବରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଯୋଗ ଦେଇଥିଲେ।

## ରମାଦେବୀ ବିଶ୍ୱବିଦ୍ୟାଳୟର ୧୧ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୩।୧୨(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୧୧ତମ ପ୍ରତିଷ୍ଠା ଦିବସ ଓ ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀ ଉତ୍ସବ ପାଳିତ ହୋଇଛି। ତିନିଦିନ ଧରି ଚାଲିଥିବା କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ମା' ରମାଦେବୀଙ୍କ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଛନ୍ତି। ମୁଖ୍ୟବକ୍ତା ଭାବେ ନିବେଦିତା ମହାନ୍ତି ଓଡ଼ିଆକୁ ସ୍ୱୀକୃତିପ୍ରାପ୍ତ ଭାଷା ଭାବରେ ପ୍ରତିଷ୍ଠିତ କରିବାରେ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଘର୍ଷ ସମ୍ପର୍କରେ ଆଲୋଚନା କରିଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯଇଛି। ଓଡ଼ିଆ ବିତର୍କ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମଙ୍ଗଳପୁର ମହିଳା କଲେଜର ଦେବାଶିଶ୍ରୀ ବେହେରା ଏବଂ ଇଂରାଜୀ ବିତର୍କରେ ଶୈଳାବାଳା ମହିଳା ସ୍ୱୟଂଶାସିତ କଲେଜର ହର୍ଷିତା ପାଣିଗ୍ରାହୀ ବିଶ୍ୱବିଦ୍ୟାଳୟ କପ୍ ବିଜୟୀ ଭାବେ ସମ୍ମାନୀତ ହୋଇଛନ୍ତି। ସ୍ୱର୍ଗତ ହରିପ୍ରିୟା ସତପଥୀ ସ୍ମାରକୀ ପୁରସ୍କାର ସାଇଶ୍ରୀ ପଣ୍ଡା ପାଇଥିବାବେଳେ ଦୃଷ୍ଟବାଧିତ ଟି-୨୦ ବିଶ୍ୱକପ୍ ବିଜେତା ଏବଂ ଭାରତୀୟ ମହିଳା ଦୃଷ୍ଟିହୀନ କ୍ରିକେଟର ଉପ-ଅଧିନାୟିକା ଫୁଲ ସୋରେନଙ୍କ ସମେତ ସମସ୍ତ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡି ଚରଣ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଳସଚିବ ମନସ୍ୱିନୀ ସାହୁ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ପ୍ରଫେସର ସୁଚେତା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସିଡିସି ନିର୍ଦ୍ଦେଶିକା ପ୍ରଫେସର ସସ୍ମିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସମ୍‌ରେ ରାଜ୍ୟସ୍ତରୀୟ ଲ୍ୟାବ ଟେକ୍‌କନ୍ ୨୦୨୫ ସମ୍ମିଳନୀ

ଭୁବନେଶ୍ୱର, ୩।୧୨(ସମିସ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ ଓ ଅଲ୍ ଇଣ୍ଡିଆ ମେଡିକାଲ୍ ଲାବୋରେଟୋରୀ ଟେକ୍ନୋଲୋଜିଷ୍ଟସ ଆସୋସିଏସନ୍ (ଏଆଇଏମ୍‌ଏଲ୍‌ଟିଏ)ର ମିଳିତ ସହଯୋଗରେ ଓଡ଼ିଶା



ରାଜ୍ୟସ୍ତରୀୟ ଲ୍ୟାବ ଟେକ୍‌କନ୍ ୨୦୨୫ ସାଇନ୍‌ଟିଷ୍ଟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ଉଦ୍‌ଘାଟନୀ କାଯ୍ୟକ୍ରମରେ ସୋଆର ପ୍ରମୁଖ ପରାମର୍ଶଦାତା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲ୍ୟାବ ଟେକ୍ନିସିଆନ୍‌ମାନେ କିପରି ଭାବେ ଉନ୍ନତ ଜ୍ଞାନର ଉପଯୋଗ କରି ସେବାକାର୍ଯ୍ୟ କରିପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ମେଡିକାଲ୍ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର, ପ୍ରଫେସର ଡ. ରାଜେଶ କୁମାର ଲେଙ୍କା, ଏଆଇଏମ୍‌ଏଲ୍‌ଟିଏର ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏଆଇଏମ୍‌ଏଲ୍‌ଟିର ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ଏଆଇଏମ୍‌ଏଲ୍‌ଟିଏର ଉପସଭାପତି ରଶ୍ମିରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଟେକ୍ନିସିଆନ୍ ଓ ଛାତ୍ରଛାତ୍ରୀମାନଙ୍କୁ ନୂତନ ଟେଷ୍ଟିଂର କୌଶଳ ଉପରେ ଦିଗଦର୍ଶନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୪ଜଣ ପୁରାତନ ଟେକ୍ନିସିଆନଙ୍କୁ ଏଆଇଏମ୍‌ଏଲ୍‌ଟିଏ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଜିଲ୍ଲାର ମେଡିକାଲ୍ କଲେଜ ଓ ହସ୍ପିଟାଲରୁ ୪୦୦ ରୁ ଊର୍ଦ୍ଧ୍ୱ ଟେକ୍ନିସିଆନସ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ।

## ସକ୍ଷମ ଭାରତ ସେବାଶ୍ରମର ପ୍ରତିଷ୍ଠା ଉତ୍ସବ

ଯାଆଁଳା, ୩।୧୨(ସମିସ): ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ଓଗାଳପଡ଼ାସ୍ଥିତ ସକ୍ଷମ ଭାରତ ସେବାଶ୍ରମର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବ ସ୍ଥାନୀୟ ଉତ୍କଳ ସେବା ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ଆବାହକ ବିଷ୍ଣୁ ପ୍ରସାଦ ଦଳେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଜିଲ୍ଲାପାଳ ଦେବରାଜ ସେନାପତି ଯୋଗ ଦେଇଥିଲେ। ସମାଜ ସଂସ୍କାରକ ରମାକାନ୍ତ ଦାସ, ରାଜ୍ୟ କୃଷି ପ୍ରଶିକ୍ଷଣ କେନ୍ଦ୍ରର ଅବସରପ୍ରାପ୍ତ ଅଧ୍ୟକ୍ଷ ତ୍ରିନାଥ ପାଣିଗ୍ରାହୀ, ଶିକ୍ଷକ ଲଳାଟେନ୍ଦୁ ମହାପାତ୍ର, ଆଇନ ପ୍ରାଧ୍ୟାପକ ଅମ୍ବରିସ ମଙ୍ଗରାଜ, ସମାଜସେବୀ ଶରତ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଭିନ୍ନକ୍ଷମ ଭାଇ ଭଉଣୀମାନଙ୍କୁ କମ୍ବଳ, ଶାଢ଼ି, ହ୍ୱିଲ ଚେୟାର, ଆଶାବାଡି ଇତ୍ୟାଦି ବଣ୍ଟନ କରାଯାଇଥିଲା। ସମସ୍ତ ବ୍ୟବସ୍ଥା ପାଇଁ ଅନୁଷ୍ଠାନର କର୍ମକର୍ତ୍ତା ସିଦ୍ଧାର୍ଥ ଦାସ, ସୁଦର୍ଶନ ସାମଲ ଓ ଦେବବ୍ରତ ଦଳେଇ ସହଯୋଗ କରିଥିଲେ। ଉକ୍ତ ସଭାରେ ବାଉରୀବନ୍ଧୁ ପଟ୍ଟନାୟକ ସଭାପତିତ୍ୱ କରିବା ସହିତ କାମିନୀକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରୀଡ଼ା ଶିକ୍ଷକଙ୍କ ମାଡ଼ରେ ଛାତ୍ର ଗୁରୁତର

ଭୁବନେଶ୍ୱର, ୩।୧୨(ସମିସ): ସ୍କୁଲ ଏକ ଦଣ୍ଡମୁକ୍ତ ଅଞ୍ଚଳ। ପିଲାଙ୍କୁ ଦଣ୍ଡ ଦେବା ଦଣ୍ଡନୀୟ ଅପରାଧ। ଏହା ରାଜ୍ୟ ସରକାର ନିୟମ ବନାଇବା ସହ ଏନେଇ ସ୍କୁଲରେ ପୋଷ୍ଟର ସଚେତନତାର ବାର୍ତ୍ତା ମଧ୍ୟ ଲେଖୁଛନ୍ତି। ହେଲେ କିଛି ଶିକ୍ଷକ ସରକାରୀ ନିୟମ ଠାରୁ ବହୁ ଊର୍ଦ୍ଧ୍ୱରେ। ଭୁବନେଶ୍ୱର ରେଣ୍ଟାଲ ଅଞ୍ଚଳରେ ଥିବା ଏକ ସ୍କଲରେ କ୍ରୀଡ଼ା ଶିକ୍ଷକଙ୍କ ମାଡ଼ରେ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ନୂଆପଲ୍ଲୀ ଥାନାରେ ପରିବାର ଲୋକେ ଏତଲା ଦେଇଥିଲେ। ହେଲେ ଶେଷରେ ମାମଲା ରଫାଦଫା ହୋଇଯାଇଥିବା ସୂଚନା ମିଳିଛି।

## ସୁଧୀର ପଣ୍ଡା ପ୍ରେସ୍ କାଉନ୍ସିଲ ଅଫ୍ ଇଣ୍ଡିଆ ସଦସ୍ୟ

● ଗଣମାଧ୍ୟମର ପ୍ରତିନିଧି ଭାବେ ପୂର୍ବଭାରତରୁ ଏକମାତ୍ର ସଦସ୍ୟ



ଭୁବନେଶ୍ୱର, ୩।୧୨ (ସମିସ): ପ୍ରତିଦିନ ଖବର କାଗଜ ଓ ପ୍ରତିଦିନ ଟିଭିର ସୁଧୀର କୁମାର ପଣ୍ଡା ପ୍ରେସ୍ କାଉନ୍ସିଲ ଅଫ୍ ଇଣ୍ଡିଆ (ଭାରତୀୟ ପ୍ରେସ୍ ପରିଷଦ) ସଦସ୍ୟ ମନୋନୀତ ହୋଇଛନ୍ତି। ଭାରତର ରାଜପତ୍ର (ଦି ଗେଜେଟ୍ ଅଫ୍ ଇଣ୍ଡିଆ) ରେ ପ୍ରକାଶିତ ଅସୂଚନା ଅନୁଯାୟୀ, ଭାରତୀୟ ପ୍ରେସ୍ ପରିଷଦକୁ ମନୋନୀତ ହୋଇଥିବା ବ୍ୟକ୍ତି ୩ ବର୍ଷ ଏହାର ସଦସ୍ୟ ରହିପାରିବେ। ଶିକ୍ଷା ଓ ବିଜ୍ଞାନ, ସହିତ୍ୟ, ସଂସ୍କୃତି, ସମ୍ବାଦପତ୍ର ସହ ଜଡ଼ିତ ବ୍ୟକ୍ତି ଭାରତୀୟ ପ୍ରେସ୍ ପରିଷଦ ସଦସ୍ୟ ଭାବେ ମନୋନୀତ ହୋଇଥାନ୍ତି। ଗଣମାଧ୍ୟମର ପ୍ରତିନିଧି ଭାବେ ପୂର୍ବଭାରତରୁ ସାଧାର କୁମାର ପଣ୍ଡା ଏକମାତ୍ର ସଦସ୍ୟ ହୋଇଥିବାରୁ ବିଭିନ୍ନ ଗଣମାଧ୍ୟମ ସଂସ୍ଥା, ସାମ୍ବାଦିକ ସଂଘ, ସାମାଜିକ ସଙ୍ଗଠନ, ରାଜନୈତିକ ବ୍ୟକ୍ତି, ଆଇନଜୀବୀ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜାଣଇଛନ୍ତି।

## ବିଜେଇଏମ୍‌ର ବାର୍ଷିକ କ୍ରୀଡ଼ାଉତ୍ସବ 'ଜେଷ୍ଟ-୨୦୨୫' ଉଦ୍‌ଯାପିତ

ଭୁବନେଶ୍ୱର, ୩।୧୨(ସମିସ): ରାଜଧାନୀର ସ୍ୱନାମଧନ୍ୟ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୩ ଦିନ ଧରି ଚାଲିଥିବା କ୍ରୀଡ଼ାଉତ୍ସବ ଜେଷ୍ଟ-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ, ଭୁବନେଶ୍ୱରର ପ୍ରାକ୍ତନ ଅଧ୍ୟକ୍ଷ ତଥା କିଟ୍ ସ୍କୁଲ ଅଫ୍ ସ୍ପୋର୍ଟସ୍ ଏବଂ ୟୋଗିକ୍ ସାଇନ୍‌ସ୍‌ର ପ୍ରଫେସର ଡ. ମନମୋହନ ରାଉତ ଯୋଗ ଦେଇ ହାଉସ୍ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରି ସ୍ୱାସ୍ଥ୍ୟ ମଣିଷର ମୁଖ୍ୟ ବିଭବ, ତେଣୁ ବ୍ୟାୟାମ, ଶୃଙ୍ଖଳିତ କ୍ରୀଡ଼ା ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ ଓ ଦେଶ ଗଠନ ହୋଇପାରିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର




ମହାପାତ୍ର ଯୋଗଦେଇ ଛାତ୍ର ଜୀବନରେ ସର୍ବାଙ୍ଗୀନ ଉନ୍ନତି ତଥା ବୌଦ୍ଧିକ ବିକାଶ ପାଇଁ କ୍ରୀଡ଼ା ଆବଶ୍ୟକ। ବିଦ୍ୟାଳୟର ଅଧ୍ୟକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ କ୍ରୀଡ଼ା ପିଲାମାନଙ୍କର ମାନସିକ, ଶାରୀରିକ ତଥା ସର୍ବାଙ୍ଗୀନ ଉନ୍ନତିରେ ସହାୟ ହୋଇଥାଏ, ତେଣୁ ପ୍ରତ୍ୟେକ ପିଲା ଅଂଶଗ୍ରହଣ କରିବା ସହ ଉତ୍ସର୍ଗୀକୃତ ଭାବନା ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ବାର୍ଷିକ ବିବରଣୀ ପାଠ ସହ ପିଲାମାନେ ଅନ୍ୟ ସହ ପ୍ରତିଯୋଗିତା ନ କରି ନିଜ ଭିତରର କ୍ଷମତା କେତେ ବୃଦ୍ଧି ହୋଇଛି ଅନୁଶୀଳନ କରିବାର ଆବଶ୍ୟକତା ରହିଛି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଏକଲବ୍ୟ ହାଉସ୍ ଶ୍ରେଷ୍ଠ ହାଉସ୍ (ପ୍ୟାରେଡ୍) ଏବଂ ଧ୍ରୁବ ହାଉସ୍ ଚାମ୍ପିୟନ୍ ହାଉସ୍ ରୂପେ ବିବେଚିତ ହୋଇଥିଲା। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ତଥା ବିଭିନ୍ନ ସ୍ମାରକୀ ପୁରସ୍କାର ନିମନ୍ତେ ମନୋନୀତ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ଓ ବିଜେ ଏଜୁକେସନ୍ ସୋସାଇଟିର ବରିଷ୍ଠ ସଦସ୍ୟଗଣ, ପର୍ଯ୍ୟବେକ୍ଷକ ନରେଶ କୁମାର ରଥ, ପ୍ରଦୀପ କୁମାର ମଲ୍ଲିକ, ପଦ୍ମାଳୟା ପଲ୍, ସୁଚରିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ କ୍ୟାପ୍‌ଟେନ୍ ସ୍ୱୟଂ ରାୟଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ




**ରାଜନଗର,୩।୧୨(ସମିସ):** ରାଜନଗର ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ମେଳା ଗୋପାଳପୁରସ୍ଥିତ ବନବିହାରୀଜୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ମଣ୍ଡଳ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ଅଭିମନ୍ୟୁ ବରାଳ, ସମ୍ମାନିତ ଅତିଥି ଭାବେ ଏଚ୍‌ଇଓ ଚିତ୍ତରଞ୍ଜନ ଜେନା, ମଣ୍ଡଳ ବିଜ୍ଞାନ ସଂଯୋଜକ ଶାନ୍ତନୁ କୁମାର ସୁତାର, ନୋଡାଲ ପ୍ରଧାନଶିକ୍ଷକ ଶୁଭ୍ରଜ କୁମାର ବରାଳ, ପ୍ରଧାନଶିକ୍ଷକ ମାନସ ରଞ୍ଜନ ମିଶ୍ର, ନୋଡାଲ ସିଆରସିସି ଚନ୍ଦ୍ରକାନ୍ତ ରାଉତ, ଅନଙ୍ଗ କୁମାର ଜେନା, ସରପଞ୍ଚ ଶାନ୍ତିଲତା ବିଶ୍ୱାଳ, ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର କୁଣ୍ଡ, କମିଟି ସଭାପତି କୁନମୁନ ରାଉତ ପ୍ରମୁଖ ଯୋଗଦେଇ ବାଲ ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ବିଇଓ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପାନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଡିଓ ଅନିରୁଦ୍ଧ ବେହେରା, ବିଚାରକ ଭାବେ ପ୍ରଶାନ୍ତ ଦାସ, ତ୍ରିନାଥ ସେଠୀ, ପ୍ରଭାସ ରଞ୍ଜନ ପ୍ରଧାନ, ତାପସ କୁମାର ବେହେରା ପ୍ରମୁଖ ଯୋଗଦେଇ କୃତୀ ବାଲ ବୈଜ୍ଞାନିକମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ପ୍ରଦର୍ଶିତ ୭ ପ୍ରକଳ୍ପ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛି। ପ୍ରଧାନଶିକ୍ଷକ ସମୀରଣ ମଣ୍ଡଳ ଧନ୍ୟବାଦ ଦେଇଥିଲେ। ସିଆରସିସି ବୈଲୋଚନ ଦାସ, ବିରାଟ ବାରିକ, ମୁକୁଳେନ୍ଦ୍ର ଘଡ଼େଇ, ରଶ୍ମିରଞ୍ଜନ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ମାସ ପୂରିଲା; ଜମାଖାତାକୁ ଆସିଲାନି ଭତ୍ତା ଟଙ୍କା

# ଚିନ୍ତାରେ ଗ୍ରାମ୍ୟ ବ୍ୟାଙ୍କର ୧୫୦୦ ହିତାଧିକାରୀ

**ପଞ୍ଚୁପାଣ୍ଡବ,୩।୧୨(ସମିସ):** ଡେରାବିଶ ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ଭତ୍ତା ହିତାଧିକାରୀ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। କିଛିଦିନ ତଳେ ଲୋକଙ୍କୁ ଭତ୍ତା ଟଙ୍କା ବଣ୍ଟାଯାଇଥିବାବେଳେ କିଛି ଲୋକଙ୍କ ଜମା ଖାତାକୁ ଟଙ୍କା ନ ଆସିବାରୁ ହିତାଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ଲକ ବିଭିନ୍ନ ପଞ୍ଚାୟତର ପ୍ରାୟ ୧୫ ଶହ ହିତାଧିକାରୀଙ୍କ ଆକାଉଣ୍ଟ ଗ୍ରାମ୍ୟ ବ୍ୟାଙ୍କରେ ଥିବାବେଳେ ସେମାନେ ଭତ୍ତା ଟଙ୍କା ପାଇ ନ ଥିବା ଅଭିଯୋଗ ହୋଇଛି। ପ୍ରତି ମାସର ପ୍ରଥମ ସପ୍ତାହରେ ଭତ୍ତା ଟଙ୍କା ଆସୁଥିବା ବେଳେ ନଭେମ୍ବର ମାସ ଶେଷ ହୋଇଥିଲେ ମଧ୍ୟ ଭତ୍ତା ମିଳିଲା ନାହିଁ। ଫଳରେ ବୟସ୍କ ହିତାଧିକାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେ ଅଧିକାରୀମାନଙ୍କୁ ପଚାରିବାରୁ କହିଲେ, ଗ୍ରାମ୍ୟ ବ୍ୟାଙ୍କର ଆଇଏଫଏସ୍‌ସି କୋଡ୍ ବଦଳି ଯାଇଥିବାରୁ ଏପରି ସମସ୍ୟା ହୋଇଛି। ନୂଆ ଆଇଏଫ୍‌ଏସ୍‌ସି କୋଡ ଅପଡେଟ୍ କରାଗଲେ ଡିବିଟି ମାଧ୍ୟମରେ ଭତ୍ତା ଯିବ ବୋଲି କହିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ବାଲିପାଟଣା ହାଇସ୍କୁଲ

# ବିଜ୍ଞାନ ଶିକ୍ଷୟିତ୍ରୀଙ୍କ ବଦଳି ଓ ନୂଆ ଶିକ୍ଷକ ନିଯୁକ୍ତି ନ ହେଲେ ଆନ୍ଦୋଳନ


**ପଟ୍ଟାମୁଣ୍ଡାଇ,୩।୧୨(ସମିସ):**

ପଟ୍ଟାମୁଣ୍ଡାଇ ବାଲିପାଟଣା ନୋଡାଲ ହାଇସ୍କୁଲର ସ୍ୱତନ୍ତ୍ର ପରିଚୟ ରହିଛି। ଉତ୍ତମ ଶିକ୍ଷାଦାନ ଓ ପରୀକ୍ଷା ଫଳାଫଳ ସ୍କୁଲର ସୁନାମ ଓ ଗୌରବ ବୃଦ୍ଧି କରିଛି। ମାତ୍ର ସ୍କୁଲରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ଓ ଶିକ୍ଷାଦାନରେ ଆନ୍ତରାୟ ସୃଷ୍ଟି କରୁଥିବା ଅଭିଯୋଗ କରି ସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଶୁଭଦର୍ଶନୀ ସାହୁଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ପରିଚାଳନା କମିଟି ଓ ଅଭିଭାବକ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ପରିଚାଳନା କମିଟି ଓ ଅଭିଭାବକମାନେ ୨୦୨୩ ଜୁଲାଇ ୧୧ରେ ସ୍କୁଲ ଫାଟକରେ ତାଲା ପକାଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଘଟଣାସ୍ଥଳରେ ପହଞ୍ଚି ବାଲିପାଟଣା ସରପଞ୍ଚ, ସ୍କୁଲ ପରିଚାଳନା କମିଟି ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ପରିସ୍ଥିତି ଉପଲବ୍‌ଧି କରି ଦାବି ଅନୁଯାୟୀ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲକୁ ଡେପୁଟେସନରେ ପଠାଇଥିଲେ। ପରବର୍ତ୍ତୀ ଶିକ୍ଷାବର୍ଷ ଆରମ୍ଭରେ ଶିକ୍ଷୟତ୍ରୀଙ୍କୁ ସ୍ଥାୟୀ ଭାବେ ଅନ୍ୟତ୍ର ବଦଳି କରିବା ଓ ତାଙ୍କ ସ୍ଥାନରେ ନୂତନ ଶିକ୍ଷକ ନିଯୁକ୍ତି କରିବା ପାଇଁ ତତ୍କାଳୀନ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଇତିମଧ୍ୟରେ ୨ବର୍ଷ ବିତିଯାଇଥିଲେ ବି ପ୍ରତିଶ୍ରୁତି ପାଳନ କରାଯାଇନାହିଁ। ବାଲିପାଟଣା ହାଇସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ଏ ସମ୍ପର୍କରେ ବାରମ୍ବାର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଭେଟି ଶିକ୍ଷୟତ୍ରୀ ସାହୁଙ୍କ ବଦଳି ସହ ତାଙ୍କ ସ୍ଥାନରେ ନୂତନ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଥିଲେ ମଧ୍ୟ ଫଳ ଶୂନ। ଅପରପକ୍ଷରେ ଶିକ୍ଷୟିତ୍ରୀ ସାହୁ ଏମଏନ ହାଇସ୍କୁଲରୁ ଡେପୁଟେସନ ପିରିୟଡ ସମାପ୍ତ କରି ଗତ ନଭେମ୍ବର ୨୮ରେ ପୁନର୍ବାର ବାଲିପାଟଣା ହାଇସ୍କୁଲରେ ଯୋଗଦେଇଛନ୍ତି। ଏହାକୁ ବାଲିପାଟଣା ହାଇସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ବିରୋଧ କରିଛନ୍ତି। ସମ୍ପ୍ରତି ରାଜ୍ୟ ସରକାର ବିଭିନ୍ନ ହାଇସ୍କୁଲରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ନୂତନ ଶିକ୍ଷକ ନିଯୁକ୍ତି ଦେଉଥିଲେ ମଧ୍ୟ ଏଥିରୁ ବାଲିପାଟଣା ହାଇସ୍କୁଲ ବାଦ୍ ପଡ଼ିଛି। ଆସନ୍ତା ୬ତାରିଖ ସୁଦ୍ଧା ଶିକ୍ଷୟିତ୍ରୀ ସାହୁଙ୍କୁ ଅନ୍ୟତ୍ର ବଦଳି କରିବା ସହ ତାଙ୍କ ସ୍ଥାନରେ ନୂତନ ଶିକ୍ଷକ ନିଯୁକ୍ତି ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ୯ ତାରିଖ ବାଲିପାଟଣା ହାଇସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେବେ ବୋଲି ପରିଚାଳନା କମିଟି ସଭାପତି ସୌମେନ୍ଦ୍ର କୁମାର ନାୟକ, ଉପସଭାପତି ସବିତା ଜେନା, ଗୀତାଞ୍ଜଳି ତରାଇ, ମନୋରଞ୍ଜନ ଜେନା, ଚନ୍ଦନା ସ୍ୱାଇଁ, ରଞ୍ଜନ ଜେନା, ଦେବୀ ନାୟକ, ଲିଲିମାରାଣୀ ନାୟକ, ଅସିତ କୁମାର ଜେନା, ସତ୍ୟଜିତ ଜେନା, ଭରତ କୁମାର ତରାଇ, ଶ୍ରଦ୍ଧାଞ୍ଜଳି ଘଡ଼ାଇ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, କେନ୍ଦ୍ରାପଡ଼ା ବିଧାୟକ, ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ପଟ୍ଟାମୁଣ୍ଡାଇ ବିଇଓ ଓ ବାଲିପାଟଣା ସରପଞ୍ଚଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି।

# ପୁରୁଣା କାମକୁ ଦେଖାଇ ପୁଣି ବିଲ୍ ପାଇଁ ମସୁଧା

**ରାଜକନିକା,୩।୧୨(ସମିସ):** ମନରେଗାରେ ଶ୍ମଶାନ ଉନ୍ନତୀକରଣ ପାଇଁ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ କିଛି ମାଟି ପଡ଼ି ୨ ଲକ୍ଷ ଟଙ୍କା ବିଲ୍ ହୋଇଛି। ପୁଣି ଏବେ ସେହି ମନରେଗା ଫଳକରେ ରଙ୍ଗ ମାରି ଏସଏଫସି ଯୋଜନାରେ ଗିରିଧାରୀ ଶ୍ମଶାନ ଉନ୍ନତୀକରଣ ନାଁରେ ଏକ ଫାଇଲ ଖୋଲି ୧ ଲକ୍ଷ ୩୦ ହଜାର ଟଙ୍କା ନେବା ବିଲ୍ କରିବା ପାଇଁ ଯୋଜନା ହୋଇଛି। ରାଜକନିକା ପଞ୍ଚାୟତ ସମିତି ଅଧୀନ ବଳରାମପୁର ପଞ୍ଚାୟତରେ ଏହି ଦୁର୍ନୀତି ପୂରା ବ୍ଲକର ଅଧିକାରୀଙ୍କ ମହାମେଣ୍ଟକୁ ପଦାକୁ ଆଣିଛି। ଦୁର୍ନୀତିରେ ସବୁ ସୀମା ଟପି ସରକାରଙ୍କ ଯୋଜନାକୁ ଚଲୁ କରିବା ପାଇଁ ବ୍ଲକର ଏହି ଗୋଷ୍ଠୀ ସକ୍ରିୟ ହୋଇ ଅଧିକାଂଶ ପଞ୍ଚାୟତରେ ଏଭଳି ମହାଦୁର୍ନୀତି ଚଳାଇଥିବା ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ହେବା ପରେ ମଧ୍ୟ ସ୍ଥିତିରେ ଆଦୌ ସୁଧାର ନ ଆସିବା ବୁଦ୍ଧିଜୀବୀଙ୍କୁ ବ୍ୟଥିତ ଓ ଚକିତ କରିଛି। ପୁନଶ୍ଚ ପିଇଓମାନଙ୍କ ନାମରେ କାର୍ଯ୍ୟାଦେଶ କରି କାମକୁ ଜେଇ ଏଷ୍ଟିମେଟ କରିବା, ଏଥିରେ ଏଇ ଓ ବିଡିଓ ଦସ୍ତଖତ କରି ବିଲ୍ ପାସ କରିବା ଭଳି ସୂଚନା ୱେବସାଇଟରୁ ମିଳିଛି। ବଳରାମପୁର ପଞ୍ଚାୟତର ଏହି ଶ୍ମଶାନରେ ମନରେଗା ଯୋଜନାରେ ପଡ଼ିଥିବା ମାଟି






ଉପରେ ଏବେ ଘାସଲତା ଉଠି ଜଙ୍ଗଲ ଥିବାବେଳେ ସେହି ଫଳକରେ ଆଦୌ କାମ ନ କରି ପୁଣି ବିଲ୍ କରିବା ଯୋଜନା କରାଯାଇଛି। ଏ ସମ୍ପର୍କରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାକୁ ସେ ଉତ୍ତର ଦେଇନାହାନ୍ତି। ବିଡିଓଙ୍କୁ ପଚାରିବାରୁ ସେ ଆସନ୍ତାକାଲି ଏ ବିଷୟରେ ବୁଝି କହିବେ ବୋଲି କହିଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଏହି କାମ ଭଳି ଅନେକ ଫଲ୍ସ କାମରେ ଏହି ବ୍ଲକକୁ ପନିସମେଣ୍ଟରେ ବଦଳି ହୋଇ ଆସିଥିବା ଜେଇ ଦୀପକ କୁମାର ବେହେରାଙ୍କ ନାମରେ କରାଯାଉଛି। ଦୀପକ ଏକାଧିକବାର ଦଣ୍ଡିତ ହୋଇଥିବା ବେଳେ ଏବେ ନିଲମ୍ବିତ ହୋଇ ବିନା ବେତନରେ କାର୍ଯ୍ୟ କରୁଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

# ଆଇନ ସେବା ସମିତି ପକ୍ଷରୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ




**ପଟ୍ଟାମୁଣ୍ଡାଇ,୩।୧୨(ସମିସ):** ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଛି। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ବିଚାରପତି ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ପରିସରରେ ଆୟୋଜିତ ସଭାରେ ବିଚାରପତି ଡିକେ ବାଳକ୍ରୀଷ୍ଣନ ଯୋଗଦେଇ ଦିବ୍ୟଙ୍ଗମାନଙ୍କ ପ୍ରତିଭା, ବିକାଶ ଓ ସୁରକ୍ଷା ପାଇଁ ଥିବା ଆଇନଗତ ବ୍ୟବସ୍ଥା ଓ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ସୁରେଶ କୁମାର ନରେନ୍ଦ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଇନଜୀବୀ ଧୀରେନ୍ଦ୍ର ନାଥ ସାହୁ ଧନ୍ୟବାଦ ଦେଇଥିଲେ। ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ଦାଶ, ରିଟେନର ଗୀତାଞ୍ଜଳି ପୃଷ୍ଟି, ଆଇନଜୀବୀ ହୃଦାନନ୍ଦ ମହାନ୍ତି, ବିଜୟ କୁମାର ରାଉତ, ଭବାନୀଶଙ୍କର ପଣ୍ଡା, ସତ୍ୟରଞ୍ଜନ ନାୟକ, ସୁନୀତା ବେହେରା, ପ୍ରିୟମ୍ବଦା ବେହେରା, ପ୍ରଫୁଲ୍ଲ କୁମାର ଦାଶ, ଗଣେଶ ବାରିକ, ଶୈଳବାଳା ମଲିକ, ସୁମନ୍ତ ମାଝୀ, ଅମରେନ୍ଦ୍ର ତ୍ରିପାଠୀ, ନିତ୍ୟାନନ୍ଦ ସେଠୀ, ବିକ୍ରମ ସାମଲ, ରାଜେନ୍ଦ୍ର ମୁର୍ମୁ, ଦୀପକ ସାମଲ, ମାନସ ସାମନ୍ତରାୟ, ବିଜୟ ସିଂ, ବାମନ ମହାନ୍ତି, ଚନ୍ଦ୍ରଶେଖର ଲେଙ୍କା, ବକୁଳ ନାୟକ, ସଞ୍ଜୟ ଧଳ, ବିଶ୍ୱଜିତ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ। ମୋହନ ଦାସ, ଅପର୍ଣ୍ଣା ସାମଲ, ଗଣେଶ ତ୍ରିପାଠୀ, ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିକ୍ରମ ସ୍ୱାଇଁ, ଅରବିନ୍ଦ ରାଉତରାୟ, ଅମରେନ୍ଦ୍ର ପଣ୍ଡା, ବିଭୂତି ଭୂଷଣ ବେହେରା ସହଯୋଗ କରିଥିଲେ।

# ଚୋରାମଦ ଜବତ; ୬ ଗିରଫ

**କେନ୍ଦ୍ରାପଡ଼ା,୩।୧୨(ସମିସ):** କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ, ପାଟକୁରା, ଡେରାବିଶ ଓ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଚୋରାମଦ ଜବତ କରାଯାଇଛି। ଏଥିସହ ୬ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମଙ୍ଗରାଜପୁରର ଅଞ୍ଜନା ଦାସ (୩୨), ତିକ୍ଷିରୀର ସୁବାସ ଚନ୍ଦ୍ର ବେହେରା (୩୫), ଗୋବର୍ଦ୍ଧନପୁରର ପ୍ରଶାନ୍ତ ରାଉତ (୩୮), କେଉଟ କଣ୍ଡିଆର ଟାଇଟନ ସେଠୀ (୩୪), ଛାଞ୍ଚୁଣିଆର ଦୁଷ୍ମନ୍ତ ଜେନା (୪୮) ଓ ବଡ଼ହାଟର ମୁନା ମହାରଣା (୩୫)। ଏମାନଙ୍କ ପାଖରୁ ସମୁଦାୟ ୮୫୦ ଲିଟର ବିଦେଶୀ, ଦେଶୀ ଓ ରନ୍ଧାମଦ ଜବତ କରାଯାଇଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ଉରେ ବିଭାଗୀୟ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ରତ୍ନପ୍ରଭା ସ୍ୱାଇଁ, ସହକାରୀ ଉପନିରୀକ୍ଷକ ଜଗନ୍ନାଥ ବେସ୍ରା, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଲିକ ପ୍ରମୁଖ ସାମିଲ ଥିଲେ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ




**କେନ୍ଦ୍ରାପଡ଼ା,୩।୧୨(ସମିସ):** ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଜିଲ୍ଲା ସଂସ୍କୃତି ଭବନ ପରିସରରେ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ମନୋରଞ୍ଜନ ରାଉତ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ, ବିଜୟ କେତନ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଶ୍ରବଣ ବିଶେଷଜ୍ଞ ଚନ୍ଦନ ବେହେରା ସମ୍ମାନିତ ଅତିଥି ଓ କଥାକାର ଡ. ବିରଜା ରାଉତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଦିବ୍ୟାଙ୍ଗମାନେ ସମାଜର ଅଙ୍ଗ। ଏମାନେ କାହାର ବୋଝ ନୁହନ୍ତି। ଦୟା ନୁହେଁ, ସମସ୍ତ ସୁବିଧା ସୁଯୋଗ ପାଇବା ତାଙ୍କ ଅଧିକାର ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଭାବଗ୍ରାହୀ କଳାନିକେତନ ଓ ପୌରସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟ ଛାତ୍ରଛାତ୍ରୀ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଯୋଗଗୁରୁ ସଞ୍ଜୟ କୁମାର ମଥାନ ବେଦପାଠ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭିନ୍ନକ୍ଷମ ବିଦ୍ୟାଳୟର ଅଧ୍ୟକ୍ଷ ସ୍ୱପ୍ନାଂଶୁ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ।

ସକାଳେ ତିନିମୁହାଣି ରାମ ମନ୍ଦିର ପରିସରରୁ ୨୦୦ ଭିନ୍ନକ୍ଷମ ଓ ସାଧାରଣ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରି ସଂସ୍କୃତି ଭବନରେ ପହଞ୍ଚିଥିଲା। ଏହାକୁ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଭିନ୍ନକ୍ଷମ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡ. ବିପିନ କୁମାର ଦାସ, ନୃସିଂହ ଚରଣ ବେହେରା, ଡ. ବିରଜା ରାଉତରାୟ, ଜୟପ୍ରକାଶ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ପୁନର୍ବାସ କେନ୍ଦ୍ର ତରଫରୁ ୨୧ ଭିନ୍ନକ୍ଷମଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ୩ ଦମ୍ପତିଙ୍କୁ ୨.୫ ଲକ୍ଷ ଟଙ୍କା ଲେଖାଏଁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସଦର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ କୁମାର ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲିଘାଟରେ ବନ୍ଧୁକଧାରୀଙ୍କ ଆତଙ୍କରାଜ

**ଡେରାବିଶ,୩।୧୨(ସମିସ):** ବିରୁପା ନଦୀର ଡେରାବିଶ ବ୍ଲକ ମଙ୍ଗଳପୁର ବାଲିଘାଟ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ବୋଲେରୋରେ ୬ରୁ ୭ ଜଣ ଦୁର୍ବୃତ୍ତ ପହଞ୍ଚି ବନ୍ଧୁକ ଦେଖାଇ ଆତଙ୍କରାଜ ଚଳାଇଥିଲେ। ସେମାନଙ୍କ କଟୁ ଭାଷା ଓ ଆତଙ୍କରେ ଅତିଷ୍ଠ ହୋଇ ଗ୍ରାମବାସୀ ତୀବ୍ର ବିରୋଧ କରିବାରୁ ଦୁର୍ବୃତ୍ତମାନେ ଭୟରେ ସେଠାରେ ଗାଡ଼ି ଛାଡ଼ି ପଳାଇଥିଲେ।

**ଗ୍ରାମବାସୀ ଗୋଡ଼େଇଲେ, ବୋଲେରୋ ଛାଡ଼ି ପଳାଇଲେ**

ବିରୁପା ନଦୀର ଡେରାବିଶ ବ୍ଲକ ଅନ୍ତର୍ଗତ କୌଣସି ବାଲିଘାଟ ନିଲାମ ହୋଇ ନ ଥିବା ବେଳେ ନଦୀରୁ ପାଣି କମିବା ପରେ କିଛି ମୁଷ୍ଟିମେୟ ବ୍ୟକ୍ତି ଏହି ଘାଟଗୁଡ଼ିକରୁ ହାଇୱା ଓ ଟ୍ରାକ୍ଟର ଲାଗାଇ ଚୋରାରେ ଦିନରାତି ବାଲି ଚାଲାଣ କରୁଛନ୍ତି। ଚୋରାବାଲି ଚାଲାଣକୁ ନେଇ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ଆଗକୁ ଏହି ଘଟଣା ଉଗ୍ରରୂପ ନେବା ଆଶଙ୍କା ରହିଛି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ନିକିରେଇ ଥାନା ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତୁରନ୍ତ ପ୍ରଶାସନ ଚୋରା ବାଲି ଚାଲାଣକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ତାରିଣୀ ମନ୍ଦିର ଟ୍ରଷ୍ଟ ବୋର୍ଡ ବୈଠକ



**ମହାକାଳପଡ଼ା,୩।୧୨(ସମିସ):** ମହାକାଳପଡ଼ା ବ୍ଲକ ଜୟଚନ୍ଦ୍ରପୁର ବଉଦଗଡ଼ା ନିକଟ ତାରିଣୀ ଠାକୁରାଣୀ ଟ୍ରଷ୍ଟ ବୋର୍ଡର ଦ୍ୱିତୀୟ ଅଧିବେଶନ ବୁଧବାର ମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ବୋର୍ଡ ପରିଚାଳନା ପରିଷଦ ଟ୍ରଷ୍ଟି ଭାରପ୍ରାପ୍ତ ମହାକାଳପଡ଼ା ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମନ୍ଦିରର ସୁପରିଚାଳନା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ତାରିଣୀଙ୍କ ସୁନା, ରୁପା ଗହଣା ଓ ଜମା ଅର୍ଥରାଶି ଆଦି ସର୍ବସମ୍ମୁଖରେ ଗଣତି ମଣତି କରାଯାଇ ଟ୍ରଷ୍ଟ ବୋର୍ଡ ଆକାଉଣ୍ଟରେ ଜମା ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ନୂତନ ମନ୍ଦିର ନିର୍ମାଣ କରାଯାଇ ମା'ଙ୍କ ବିଗ୍ରହ ପ୍ରତିଷ୍ଠା ସମ୍ପନ୍ନ ହେବା ପରେ ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ପୁରୁଣା ମନ୍ଦିର ଭଙ୍ଗାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ନୂତନ ମନ୍ଦିର ପାଇଁ ଚିହ୍ନଟ ଜାଗା ଟ୍ରଷ୍ଟବୋର୍ଡ ସଦସ୍ୟମାନେ ପରିଦର୍ଶନ କରିଥିଲେ। ସୁନ୍ଦର, ଆକର୍ଷଣୀୟ ତଥା ଭବ୍ୟମନ୍ଦିର ନିର୍ମାଣ କରାଯିବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ମହାକାଳପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ମାର୍ଶାଘାଇ ଥାନା ଅଧିକାରୀ ତପନ କୁମାର ନାୟକ, ଟ୍ରଷ୍ଟ ବୋର୍ଡ ପରିଚାଳନା କମିଟି ସଭ୍ୟ ଦୀନବନ୍ଧୁ ଲେଙ୍କା, ଭିକାରୀ ବେହେରା, କିଶୋର ଚନ୍ଦ୍ର ସାମଲ, ଅମୀୟ ସାମଲ, ନିର୍ମଳ ଚନ୍ଦ୍ର ସ୍ୱାଇଁ, ଅଭୟ କୁମାର ସାହୁ ଓ ନରୋତ୍ତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅସହଯୋଗ ଅଭିଯୋଗ

# ଟ୍ରଲି ଉପରେ ଭିନ୍ନକ୍ଷମଙ୍କୁ ରଖି ପ୍ରତିବାଦ

**ଡେରାବିଶ,୩।୧୨(ସମିସ):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତର ଖରିଦାସାହି ଗ୍ରାମର ସଞ୍ଜୟ ଜେନା (୫୪) ଜଣେ ଭିନ୍ନକ୍ଷମ ହୋଇଥିବା ବେଳେ ଆବାସ ଯୋଜନା ଅର୍ଥ ପାଇବା ପାଇଁ ବାରଦୁଆର ଶୁଣ୍ଢିପିଣ୍ଡା ହେଉଛନ୍ତି। ଦୀର୍ଘ ୩ ମାସ ହେବ ସେ ବ୍ୟାଙ୍କରୁ ସହଯୋଗ ପାଇ ନ ଥିବା ଅଭିଯୋଗ କରି ଭିନ୍ନକ୍ଷମଙ୍କ ସମେତ ଗ୍ରାମବାସୀ ବ୍ୟାଙ୍କ ସାମ୍ନାରେ ହଟ୍ଟଗୋଳ କରିଛନ୍ତି। ସଞ୍ଜୟଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ୯୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଇଛି। ସେ କେବଳ କଥା କହିପାରୁଥିବା ବେଳେ ଶରୀରର କୌଣସି ଅଙ୍ଗ କାମ କରୁନାହିଁ। କେବଳ ଶୋଇ ରହୁଥିବା ସଞ୍ଜୟ ଦୁର୍ଦ୍ଦିନରେ ଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଗୃହ ନିର୍ମାଣ ପାଇଁ ଅନ୍ତ୍ୟୋଦୟ ଆବାସ ଯୋଜନାରେ ତାଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। କାର୍ଯ୍ୟାଦେଶ ସହ ପ୍ରଥମ କିସ୍ତି ବାବଦ ପାଇବାକୁ ଥିବା ୪୦ ହଜାର ଟଙ୍କା ତାଙ୍କୁ ମିଳି ନ ଥିବାରୁ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିପାରିନାହାନ୍ତି। ଏ ସମ୍ପର୍କରେ ସଞ୍ଜୟଙ୍କ ପରିବାର ଲୋକେ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ବେଳେ ବ୍ୟାଙ୍କରେ ତ୍ରୁଟି ଯୋଗୁଁ ଟଙ୍କା ଯାଇପାରି ନ ଥିବା ଜଣାପଡ଼ିଥିଲା। ସଞ୍ଜୟଙ୍କ ପରିବାର ଏସ୍‌ବିଆଇ ଚାନ୍ଦୋଳ ଶାଖାକୁ ଯାଇ ସମସ୍ୟା



ସମାଧାନ କରିବାକୁ ଅନୁରୋଧ କରିଥିଲେ ମଧ୍ୟ କିଛି ସୁଫଳ ପାଇ ନ ଥିଲେ। ଏହାର ପ୍ରତିବାଦରେ ମଙ୍ଗଳବାର ପୂର୍ବାହ୍ନରେ ଖରିଦାସାହି ଗ୍ରାମର କିଛି ଲୋକ ସଞ୍ଜୟଙ୍କୁ ଏକ ଟ୍ରଲିରେ ଆଣି ବ୍ୟାଙ୍କ ସମ୍ମୁଖରେ ରଖି ଶାଖା ପରିଚାଳକଙ୍କୁ ଡକାଇଥିଲେ। ଏହି ଘଟଣାକୁ ନେଇ ବ୍ୟାଙ୍କ ସମ୍ମୁଖରେ ପ୍ରଥମେ ବାକବିତଣ୍ଡା ଓ ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଚାନ୍ଦୋଳ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସଞ୍ଜୟଙ୍କ ପରିବାରକୁ ଶାଖା ପରିଚାଳକ ଡକାଇ ସମସ୍ୟା ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ଏ ସମ୍ପର୍କରେ ଶାଖା ପରିଚାଳିକା ଅପରାଜିତା ମିଶ୍ରଙ୍କୁ ପଚାରିବାରୁ ତାଙ୍କର ଏହି ଘଟଣାରେ କୌଣସି ତ୍ରୁଟି ନ ଥିବା କହିଛନ୍ତି। ସଞ୍ଜୟଙ୍କ ଅଙ୍ଗୁଳି ଛାପ କମ୍ପ୍ୟୁଟର ଗ୍ରହଣ କରୁ ନ ଥିବାରୁ ଏଭଳି ସମସ୍ୟା ହୋଇଥିବା କହିଥିଲେ। ଅପରପକ୍ଷରେ ଡେରାବିଶ ବିଡିଓ ନମିତା ବାରିକଙ୍କୁ ପଚାରିବାରୁ କହିଲେ, ଡିବିଟି ମାଧ୍ୟମରେ ପ୍ରଥମ କିସ୍ତି ଟଙ୍କା ଦିଆଯିବା ନିୟମ ରହିଛି। ତେବେ କେଉଁ କାରଣ ପାଇଁ ଏହି ଅର୍ଥ ଯାଇପାରିନାହିଁ ତାହାର ଅନୁଧ୍ୟାନ କରି ଖୁବଶୀଘ୍ର ପଦକ୍ଷେପ ନେବେ ବୋଲି କହିଛନ୍ତି।

# ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦କୁ ନେଇ ତାଲିମ

**କେନ୍ଦ୍ରାପଡ଼ା,୩।୧୨(ସମିସ):**

ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦କୁ ଦୃଷ୍ଟିରେ ରଖି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଲିଲିତା ଦାସ ମୁଖ୍ୟଅତିଥି, କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଡେପୁଟି ଡାଇରେକ୍ଟର (ପ୍ଲାନିଂ) ଆରତୀ ନାୟକ ସମେତ ସମସ୍ତ ବିଡିଓ, ତହସିଲଦାର ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱରୁ ଦାରିଦ୍ର୍ୟ ଦୂରୀକରଣ ତଥା ସମାନତା




ଆଣିବା, ପ୍ରକୃତି ଓ ପ୍ରାକୃତିକ ପରିବେଶର ସ୍ଥାୟୀ ସୁରକ୍ଷା, ସୁସ୍ଥ ସୁନ୍ଦର ନିରାମୟ ଜୀବନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ଏବଂ ବିଶ୍ୱକୁ ଶାନ୍ତି ଓ ପ୍ରଗତି ପଥରେ ଆଗେଇନେବା ଉଦ୍ଦେଶ୍ୟରେ ୨୦୧୫ ସେପ୍ଟେମ୍ବରରେ ମିଳିତ ଜାତିସଂଘ ପକ୍ଷରୁ ନ୍ୟୁୟର୍କରେ ଅନୁଷ୍ଠିତ ଏକ ବୈଠକରେ ୧୯୩ଟି ସଦସ୍ୟ ରାଷ୍ଟ୍ର ଦ୍ୱାରା ୧୭ଟି ଲକ୍ଷ୍ୟ ସ୍ଥିର କରାଯାଇଥିଲା। ଯାହାକି ନିରନ୍ତର ବିକାଶ ଲକ୍ଷ୍ୟ କୁହାଯାଉଛି। ଜିଲ୍ଲାକୁ ଦାରିଦ୍ର୍ୟମୁକ୍ତ, କ୍ଷୁଧା ଦୂର କରିବା, ଖାଦ୍ୟ ସୁରକ୍ଷା ତଥା ଉନ୍ନତ ପୁଷ୍ଟିକର ଖାଦ୍ୟ ହାସଲ କରିବା ଓ ନିରନ୍ତର କୃଷିକୁ ପ୍ରୋତ୍ସାହିତ କରିବା, ସୁସ୍ଥ ଓ ନିରାମୟ ଜୀବନ, ଗୁଣାତ୍ମକ ଶିକ୍ଷା, ଲିଙ୍ଗଗତ ସମାନତା, ସ୍ୱଚ୍ଛ ଜଳ ଓ ପରିମଳ, ସୁଲଭ ଓ ସ୍ୱଚ୍ଛ ଶକ୍ତି, ମର୍ଯ୍ୟାଦାସମ୍ପନ୍ନ କାର୍ଯ୍ୟ ଓ ଅର୍ଥନୈତିକ ବିକାଶ, ଶିଳ୍ପ, ଉଦ୍ଭାବନ ଓ ଭିତ୍ତିଭୂମି, ଅସମାନତା ହ୍ରାସ, ସହର ଓ ଜନ ସମୁଦାୟର ସ୍ଥାୟିତ୍ୱ, ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଓ ଦୀର୍ଘସ୍ଥାୟୀ ଉତ୍ପାଦନ, ଜଳବାୟୁ ଭିତ୍ତିକ କାର୍ଯ୍ୟପନ୍ଥା, ଜଳ ଭିତରେ ଜୀବନ, ସ୍ଥଳ ଭାଗରେ ଜୀବନ, ଶାନ୍ତି, ନ୍ୟାୟ ଏବଂ ଦୃଢ଼ ପ୍ରତିଷ୍ଠାନ ଲକ୍ଷ୍ୟ ହାସଲ ନିମନ୍ତେ ସହଭାଗିତା ଇତ୍ୟାଦି ଉପରେ ତାଲିମ ଦିଆଯାଇଥିଲା। ସମସ୍ତଙ୍କୁ ନେଇ ବିକାଶ କରିବା ସହ ଲୋକଙ୍କୁ ସଚେତନ କରିବା ଉପରେ ଅତିଥିମାନେ ଗୁରୁତ୍ୱ ଦେଇଛନ୍ତି। ଯାଜପୁରର ଡେପୁଟି ଡାଇରେକ୍ଟର ଡିପିଏମୟୁ ଅର୍ଚ୍ଚିତା ଦାସ ନିରନ୍ତର ତାଲିମ ପ୍ରଦାନ କରିଥିଲେ।

## ଡାକ୍ତରଙ୍କୁ ରାଜ୍ୟ ସରକାରଙ୍କ ଅଣଦେଖା

# ପ୍ରତିଶ୍ରୁତି ପରେ ଦାବି ପୂରଣରେ ସରକାର ବିଫଳ

■ ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ ଦେଲା ଓମ୍ସା
■ ରୋଗୀ ସେବା ଠପ୍ ହେବା ସମ୍ଭାବନା



ରାଇରଙ୍ଗପୁର, ୩।୧୨(ସମିସ): ରାଇରଙ୍ଗପୁର ହସ୍ପିଟାଲରେ ଡାକ୍ତର ଅଭାବ ସମସ୍ୟା ଥିବାବେଳେ କାର୍ଯ୍ୟରତ ଡାକ୍ତରମାନଙ୍କୁ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ସେମାନଙ୍କ ସମସ୍ୟାର ସମାଧାନ ନେଇ ରାଜ୍ୟ ସରକାର ପ୍ରତିଶ୍ରୁତି ପ୍ରଦାନ କରିବା ସତ୍ତ୍ୱେ ଦାବି ପୂରଣ କରିବାରେ ବିଫଳ ହୋଇଛନ୍ତି। ଯାହାକୁ ନେଇ ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସନ୍ (ଓମ୍ସା) ପକ୍ଷରୁ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଓମ୍ସା ରାଇରଙ୍ଗପୁର ଶାଖା ସଭାପତି ତଥା ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ବସନ୍ତ ନାଥ ମାର୍ଣ୍ଡି ଓ ସମ୍ପାଦକ ଡା. ସୌମେଶ କୁମାର ମହାନ୍ତଙ୍କ ପୌରୋହିତ୍ୟରେ ବୁଧବାର ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲ ପରିସରରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି। ୨୦୨୪ ସେପ୍ଟେମ୍ବର ୧୮ରେ ବାଲେଶ୍ୱରଠାରେ ଓମ୍ସା କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଅତିଥି ଭାବେ ଯୋଗଦେଇ ଡାକ୍ତରମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଦାବିଗୁଡ଼ିକ ପୂରଣ କରିବା ନେଇ ପ୍ରାୟ ୧୨୦୦ ଡାକ୍ତରଙ୍କ ସମ୍ମୁଖରେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମଧ୍ୟ ଦାବି ପୂରଣ ନେଇ ବର୍ଷକରେ ସ୍ୱାସ୍ଥ୍ୟ ସଚିବ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହିତ ୫ ଥର ଉଚ୍ଚସ୍ତରୀୟ ଆଲୋଚନା ହୋଇଛି। କିନ୍ତୁ ଏହାପରେ ମଧ୍ୟ ଦାବି ପୂରଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଯାହାକୁ ନେଇ ଓମ୍ସା ପକ୍ଷରୁ ୧୮ ଦଫା ଦାବି ଉପସ୍ଥାପନ କରି ଗତ ନଭେମ୍ବର ୨୦ରୁ କଳା ପୋଷାକ ପରିଧାନ ପୂର୍ବକ ଆନ୍ଦୋଳନରତ ରହି ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ରୋଗୀ ସେବା ଜାରି ରଖିଛନ୍ତି। ମୁଖ୍ୟ ଦାବି ମଧ୍ୟରେ କେନ୍ଦ୍ରୀୟ ହାରରେ ଡାକ୍ତର ଓ ଦନ୍ତ ଚିକିତ୍ସକମାନଙ୍କୁ ଡିଏସିପି ବିନା ସର୍ତ୍ତାବଳୀରେ ଲାଗୁ କରିବା, କ୍ୟାଡର ପୁନର୍ବିନ୍ୟାସ, ପୋଷ୍ଟକ୍ରେଡ଼ ଓ ଡିଏସିପିରେ ଲେଭେଲ ୧୫ ବାଦ୍ କରିବା, କେବିକେ ଅଞ୍ଚଳରେ ୫ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟରତ ଡାକ୍ତରଙ୍କ ଉପକୂଳବର୍ତ୍ତୀ ଜିଲ୍ଲାକୁ ବଦଳି, ଡାକ୍ତର ଦୂର କରିବା ପାଇଁ ବିଶେଷଜ୍ଞ ଓ ଡିପ୍ଲୋମାଧାରୀ ବୃଦ୍ଧି, ଡାକ୍ତରଙ୍କୁ ପ୍ରଶାସନିକ ଭତ୍ତା ଓ ଦନ୍ତ ଚିକିତ୍ସକଙ୍କୁ ବିଶେଷଜ୍ଞ ଭତ୍ତା ପ୍ରଦାନ, ପୋଷ୍ଟମର୍ଟମ ଭତ୍ତା ବୃଦ୍ଧି, ତୁରନ୍ତ ଖାଲି ଡାକ୍ତରୀ ପଦ ପୂରଣ କରିବା, ପ୍ରତି ବର୍ଷ ବିଭାଗୀୟ ପଦୋନ୍ନତି, କାର୍ଯ୍ୟରତ ଡାକ୍ତରଙ୍କୁ କଡ଼ା ସୁରକ୍ଷା, ସ୍ୱାସ୍ଥ୍ୟ ବୀମା ପ୍ରଦାନ ଆଦି ଅନେକ ଦାବି ରହିଛି। ଉକ୍ତ ଦାବିକୁ ପୂରଣ କରିବା ନେଇ ଗଣମାଧ୍ୟମ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ଦାବି ପୂରଣ ନ ହେଲେ ଡାକ୍ତରମାନେ ଆନ୍ଦୋଳନକୁ ତୀବ୍ରତର କରି ରାଜ୍ୟ ସରକାରଙ୍କୁ ଅସହଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି। ଆସନ୍ତା ରାଜ୍ୟସ୍ତରୀୟ ବୈଠକ ଅନୁଯାୟୀ ଆଗାମୀ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ଡାକ୍ତର ଆନ୍ଦୋଳନ ହେଲେ ରୋଗୀ ସେବା ଠପ୍ ହେବାର ସମ୍ଭାବନା ରହିଛି। ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ଡା. ପ୍ରମୋଦ କୁମାର ସାହୁ, ସହସମ୍ପାଦକ ଡା. ଦେବେନ୍ଦ୍ର ନାଥ ଟୁଡୁ, କୋଷାଧ୍ୟକ୍ଷ ଡା. ମାନସୀ କିସ୍କୁ, ସଦସ୍ୟ ଡା. ରିତା ଟୁଡୁ, ଡା. ଗୋବିନ୍ଦ ସୋରେନ୍, ଡା. ନରେନ୍ଦ୍ର ନାଥ ମୁର୍ମୁ, ଡା. ଛବିରାଣୀ ନାଏକ, ଡା. ଦୀପକ ରଞ୍ଜନ ଜେନା, ଡା. ରିତେଶ ଚୈତନ୍ୟ ଓ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ସଫେଇ କର୍ମଚାରୀଙ୍କୁ କମ୍ବଳ ବଣ୍ଟନ



ବାରିପଦା, ୩।୧୨(ସମିସ): ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ ତରଫରୁ ବାରିପଦା ପୌରପାଳିକା ଅନ୍ତର୍ଗତ ୪ ନମ୍ବର ୱାର୍ଡର ସମସ୍ତ ୧୫ ଜଣ ସଫେଇ କର୍ମଚାରୀଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସଙ୍ଘର ସଭାପତି ରାଜେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ମୁଖ୍ୟବକ୍ତା ଡ. ପ୍ରମଥ ନାଥ ଭୂୟାଁ, ଉପସଭାପତି ବୀଣାପାଣି ପଣ୍ଡା ଯୋଗଦେଇ ନିଜର ବକ୍ତବ୍ୟ ରଖିବା ସହ କମ୍ବଳ ବଣ୍ଟନ କରିଥିଲେ। ସଭ୍ୟ ସନ୍ତୋଷ କୁମାର କାସ୍ତଙ୍କ ପରିଚାଳନାରେ ଉଭୟ ଅତିଥିଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ ପରେ ସମ୍ପାଦକ ବିଜୟ କୁମାର ମହାପାତ୍ର ବାର୍ଷିକ ବିବରଣୀ ସହ ଆୟବ୍ୟୟ ରିପୋର୍ଟ ପ୍ରଦାନ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ପାଣି ଧନ୍ୟବାଦ ଦେଇଥିଲେ।

## ଅଲ୍‌ଚିକି ବିଦ୍ୟାଳୟ ଉଦ୍‌ଘାଟିତ

ବହଳଦା, ୩।୧୨(ସମିସ): ଦାଣ୍ଡବୋଷସ୍ଥ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୈତୃକ ଘରୁ ସିଧା ପ୍ରସାରଣ ମାଧ୍ୟମରେ ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲା ଅନ୍ତର୍ଗତ ତେଲକୁପି ବର୍ଣ୍ଣ ମିଶନ (ଅଲଚିକି) ଆବାସିକ ବିଦ୍ୟାଳୟ ପରମ୍ପରାର ସହିତ ଉଦ୍‌ଘାଟିତ ହୋଇଛି। ଗୁରୁ ଗୋମକେଙ୍କ ବଡ଼ବୋହୂ ରୁକ୍ମିଣୀ ମୁର୍ମୁ ଏହାକୁ ଉଦ୍‌ଘାଟନ କରିଛନ୍ତି। ଗୋମକେଙ୍କ ନାତି ଚୁନିଆନ ମୁର୍ମୁ ଓ ଭୀମୱାର ମୁର୍ମୁ ଅଂଶଗ୍ରହଣ କରିଥିଲେ। ଅଲଚିକି ଲିପି ପ୍ରବର୍ତ୍ତକ ରାମଦାସ ମୁର୍ମୁ ବିଶେଷ ଅତିଥି ଭାବେ ଉପସ୍ଥିତ ଥିଲେ। ପଣ୍ଡିତ ମୁର୍ମୁଙ୍କ ଶିକ୍ଷା ଓ ଅଲଚିକି ଲିପିର ପ୍ରଚାର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ଗଜେନ୍ଦ୍ର କିସ୍କୁ ମଧ୍ୟ ଉପସ୍ଥିତ ଥିଲେ। ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ସଭାପତି ଚୁନିୟାନ୍ ମୁର୍ମୁ ଏହି ପ୍ରୟାସର ନେତୃତ୍ୱ ନେଇଥିବାବେଳେ ସହକାରୀ କୋଷାଧ୍ୟକ୍ଷା ସସ୍ମିତା ମୁର୍ମୁ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ମଦନ ସୋରେନ, କାର୍ଯ୍ୟାଳୟ ସମ୍ପାଦକ ସଲମା ମୁର୍ମୁ ଓ ଟ୍ରଷ୍ଟର ସଦସ୍ୟ ବୀର ବିକ୍ରମ ମୁର୍ମୁ ଉପସ୍ଥିତ ଥିଲେ। ଗୁରୁ ଗୋମକେଙ୍କ ଶିଷ୍ୟ ନବୀନ ବେସରାଙ୍କ ନେତୃତ୍ୱରେ ତେଲକୁପି ବର୍ଣ୍ଣ କମିଟିରୁ ପରାମର୍ଶଦାତା ବୁଦ୍ଧେଶ୍ୱର ଟୁଡୁ, ସଭାପତି ଲଖିରାମ ବାସ୍କେ ଓ ସଦସ୍ୟ ସାଧନା ବାସ୍କେ, ସନ୍ଦୀପ ବାସ୍କେ, ସୀତାମଣି ବାସ୍କେ, ନନ୍ଦିତା ଟୁଡୁ ଓ ସୁନୀଲ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ବିଜ୍ଞାନ ପ୍ରାଧାନ୍ୟ ନେଇ ଆଲୋଚନାଚକ୍ର

ରାଇରଙ୍ଗପୁର, ୩।୧୨(ସମିସ): ସ୍ଥାନୀୟ ଲିଟିଲ୍ ଫ୍ଲାୱାର ବିଦ୍ୟାଳୟ ପରିସରରେ 'ବିଜ୍ଞାନର ପ୍ରାଧାନ୍ୟ' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ. ବୀରେନ୍ଦ୍ର କୁମାର ବିନ୍ଧାଣି, ଡ. ନରେଶ ଚନ୍ଦ୍ର ବଳ, ଡ. ସୌମ୍ୟ ରଞ୍ଜନ ମହାପାତ୍ର, ଡ. କୁମାର ନିଖିଲ, ଡ. ଗୁଲାବ ଚାନ୍ଦ ଆର୍ଯ୍ୟ, ଲିଟିଲ ଫ୍ଲାୱାର ବିଦ୍ୟାଳୟ ସମ୍ପାଦକ କାଳୀ ପ୍ରସନ୍ନ ମହାନ୍ତି, ଶିକ୍ଷକ ଜୀବନରାମ ମହାନ୍ତ, ବିଜ୍ଞାନ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଲିଟିଲ୍ ଫ୍ଲାୱାର ବିଦ୍ୟାଳୟ ଅଧ୍ୟକ୍ଷ ଦେବବ୍ରତ ଦାସଙ୍କ ସଭାପତିତ୍ୱରେ ଏହି ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ବିଜ୍ଞାନ ଦ୍ୱାରା ସମାଜରେ ଦେଖାଯାଉଥିବା ବିଭିନ୍ନ ସମସ୍ୟାର ସମାଧାନ ସମ୍ଭବ ବୋଲି ସମସ୍ତେ ମତପୋଷଣ କରିଥିଲେ। ସୁମନ ହେଁସ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ଦିଲ୍ଲୀପ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲ୍ୟ ବିବାହ ବନ୍ଦ ପାଇଁ ସଚେତନତା

ବଡ଼ସାହି, ୩।୧୨(ସମିସ): ବଡ଼ସାହି ବ୍ଲକ ଅଧୀନ ଛେଳିଆ-ଏ ପଞ୍ଚାୟତରେ ବାଲ୍ୟ ବିବାହ ବନ୍ଦ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ପ୍ରଶାସନ, ବସ୍ତି ଏରିଆ ଡେଭଲପମେଣ୍ଟ କାଉନସିଲ ଓ ଜଷ୍ଟ ରାଇଟ ଫର୍ ଚିଲଡ୍ରେନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଏଡିସିର ସମ୍ପାଦକ ଗୋପାଳକୃଷ୍ଣ କର ସଭାପତିତ୍ୱ କରିଥିଲେ। ଛେଳିଆ ସରପଞ୍ଚ ପ୍ରୀତିଲତା ସିଂ, ଛେଳିଆ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ କାର୍ତ୍ତିକ ଜେନା, ମଣିନାଗେଶ୍ୱର ମନ୍ଦିର ପୂଜକ ଦୁର୍ଯ୍ୟୋଧନ କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଲ୍ୟ ବିବାହ ବନ୍ଦ ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ୧୦୦ ଦିନ ଧରି ଚାଲିବ। ଏହା ବିରୋଧରେ ଉପସ୍ଥିତ ଅତିଥି ଓ ଜନସାଧାରଣ ଶପଥ ପାଠ କରିଥିଲେ। ପରେ ଏକ ସଚେତନତା ମହମବତୀ ଶୋଭାଯାତ୍ରା ଗାଁ ପରିକ୍ରମ କରିଥିଲା। ବିଏଡିସିର ପ୍ରକଳ୍ପ ଅଧିକାରୀ ରାଜଶ୍ରୀ ବେହେରା ଓ କର୍ମଚାରୀ ଅଙ୍କିତ ବାରିକ, ସୁଭଦ୍ରାରାଣୀ ନାୟକ ସହଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

ଶୁଳିଆପଦା, ୩।୧୨(ସମିସ): ଶୁଳିଆପଦା ବ୍ଲକର ପାକଟିଆ ପଞ୍ଚାୟତ ପରିସରରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପାକଟିଆ ସରପଞ୍ଚ ସତ୍ୟବାନ୍ ସିଂ, ସମ୍ମାନିତ ଅତିଥି ଭାବେ ମହାବିଲା ସରପଞ୍ଚ ଅନୁପ କୁମାର ସିଂ, କୁଜିଡିହି ସରପଞ୍ଚ ଖଗେଶ୍ୱର ସିଂ, ପାକଟିଆ ଗ୍ରାମ ପଞ୍ଚାୟତର ପିଇଓ ରଞ୍ଜିତା ବାଗ, ସମିତିସଭ୍ୟ ଭାରତୀ ଟୁଡୁ, ସାଧନାର କ୍ଷେତ୍ର ସଂଯୋଜିକା ନମ୍ରତା ମହାନ୍ତ, ବିକାଶ ମେମୋରିଆଲ ଟ୍ରଷ୍ଟର ଗଣେଶ୍ୱର ସିଂ ଓ ମୁଖ୍ୟବକ୍ତା ଭାବେ ସାଧନା ଅନୁଷ୍ଠାନର ପ୍ରୋଗ୍ରାମ ମ୍ୟାନେଜର ସମୀରଣ ଘୋଷ, ସାଧନା କର୍ମୀ ସଂଯୁକ୍ତା ସିଂ, ସଞ୍ଜୟ କୁମାର ସିଂ, ପାକଟିଆ ପଞ୍ଚାୟତର ସମସ୍ତ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ଏମ୍‌ବିକେ, ସିଆର୍‌ପି ଏବଂ ପ୍ରତି ଗ୍ରାମର ସମସ୍ତ ଭିନ୍ନକ୍ଷମ ଏହି କାର୍ଯ୍ୟରେ ଯୋଗଦେଇଥିଲେ। ଏଥିରେ ମଞ୍ଚାସିନ ଅତିଥିମାନେ ଭିନ୍ନକ୍ଷମ ପିଲା ଓ ବ୍ୟକ୍ତିମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ସମସ୍ତେ ହାତ ବଢ଼ାଇବାର ମନ ଭିତରେ ଇଚ୍ଛା ରଖିବାର ବାର୍ତ୍ତା ଦେଇଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାରିପଦା, ୩।୧୨(ସମିସ): ଶାମାଖୁଣ୍ଟା ବ୍ଲକସ୍ଥ ସିନ୍ଦୁରଗୌରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର କୁମାର ମହାନ୍ତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ୍ ଡ. ଭକ୍ତହରି ମହାନ୍ତ, ସ୍ୱତନ୍ତ୍ର ଅତିଥି ଭାବେ ରଷ୍ଟ୍ରପତି ପୁରସ୍କାରପ୍ରାପ୍ତ କୃତୀ ଶିକ୍ଷକ ଡ. ଶଶିଧର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ କୁଡୁମାଲୀ କଲ୍‌ଚରାଲ ଆସୋସିଏସନ୍‌ର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ଅବସରପ୍ରାପ୍ତ କୃତୀ ଶିକ୍ଷକ ମୋହନ ଚରଣ ମହାନ୍ତ, ସମାଜସେବୀ କାଶୀନାଥ ସିଂ, ପ୍ରଧାନଶିକ୍ଷକ ସୁଶିଲ ମହାନ୍ତ, ସ୍ୱାଧୀନ କୁମାର ମିଶ୍ର, ଓଡ଼ିଶା କୁଡୁମାଲୀ ଭାଷା ପରିଷଦର ସମ୍ପାଦକ ହରେକୃଷ୍ଣ ମହାନ୍ତ ଯୋଗଦେଇଥିଲେ। ଅତିଥିଗଣ ବିଦାୟୀ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟଧାରା ଓ ମହତ୍ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିବା ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ତରଫରୁ କିଶୋର ମହାନ୍ତଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଜିଲ୍ଲା ଶିକ୍ଷାଧିକାରୀ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀଙ୍କୁ ମଧ୍ୟ ଏହି ଅବସରରେ ବିଦ୍ୟାଳୟ ତରଫରୁ ବିଦ୍ୟାଳୟର ପ୍ରତିଷ୍ଠାତା ଡ. ଭକ୍ତହରି ମହାନ୍ତ, ଶିକ୍ଷକ ଓ ପରିଚାଳନା ସମିତି ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍‌ସହିତ କିଶୋର କୁମାର ମହାନ୍ତଙ୍କୁ 'କୁଡୁମୀ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶତ୍ରୁଘ୍ନ ମହାନ୍ତ ଓ ଉପେନ୍ଦ୍ରନାଥ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ଗୁରୁଦେବ ପାତ୍ର ଧନ୍ୟବାଦ ଦେଇଥିଲେ।

## ଧୂମ୍‌ଧାମ୍‌ରେ ବର-ଅଶ୍ୱତ୍ଥ ଗଛର ବାହାଘର

ବଡ଼ସାହି/ମାଣତ୍ରୀ, ୩।୧୨(ସମିସ): ଯୋଡ଼ା ବର-ଅଶ୍ୱତ୍ଥ ଗଛ ହେଉଛନ୍ତି ଲକ୍ଷ୍ମୀ ନାରାୟଣ। ଏହି ଗଛ ମୂଳେ ପୂର୍ବରୁ ଶିଷ୍ୟମାନେ ସେମାନଙ୍କ ଗୁରୁଠାରୁ ବେଦ ଆବୃତି ଅଭ୍ୟାସ କରୁଥିଲେ ବୋଲି ଲୋକ କଥା ରହିଛି। ଏହାକୁ ଦୃଷ୍ଟିରେ ରଖି ଆମ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ହିନ୍ଦୁ ରୀତିନୀତି ଅନୁସାରେ ଏହି ଗଛମାନଙ୍କୁ ପୂଜା କରିବା ସହିତ ସେମାନଙ୍କ ମଧ୍ୟରେ ବିବାହ ମଧ୍ୟ ସମ୍ପନ୍ନ ହୋଇଥାଏ। ଏପରି ଏକ ନିଆରା ପରମ୍ପରା ଦେଖିବାକୁ ମିଳିଛି ବଡ଼ସାହି ବ୍ଲକ ଅଧୀନ ମାଣତ୍ରୀ ହାଟ ପରିସରରେ। ଗ୍ରାମର ସିଦ୍ଧେଶ୍ୱର ବେହେରା ଜଣେ ପ୍ରକୃତି ପ୍ରେମୀ। ସେ ବହୁ ସ୍ଥାନରେ ବହୁ ମୂଲ୍ୟବାନ ଗଛ ଲଗାଇଛନ୍ତି। ଏହି ହାଟ ପରିସରରେ ଶୋଭା ପାଉଥିବା ଯୋଡ଼ା ବର-ଅଶ୍ୱତ୍ଥ ଗଛଗୁଡ଼ିକ ମଧ୍ୟ ଲୋକଙ୍କ ସୁବିଧା ପାଇଁ ସେ ଲଗାଇଥିଲେ। ସେଗୁଡ଼ିକ ବଡ଼ ହୋଇ ଯେତେବେଳେ ଶୋଭାବର୍ଦ୍ଧନ କଲେ, ସେତେବେଳେ ପରମ୍ପରା ଅନୁସାରେ ସେମାନଙ୍କର ବିବାହ କରିବା ପାଇଁ ଚିନ୍ତା କରି ଶ୍ରୀ ବେହେରା ସାହି ଭାଇ, ବନ୍ଧୁବାନ୍ଧବଠାରୁ ଆରମ୍ଭ କରି ସମସ୍ତଙ୍କୁ ନିମନ୍ତ୍ରଣ କରି ଏହାକୁ ଧୂମ୍‌ଧାମ୍‌ରେ ସମ୍ପନ୍ନ କରିଛନ୍ତି। ଦିଅଁ ମଙ୍ଗୁଳା, ବାଣ, ରୋଷଣୀ, ଶଙ୍ଖ, ବାଜା ଓ ବରଯାତ୍ରୀ ସବୁ ବିଧିବିଧାନ ଅନୁସାରେ ଅନୁଷ୍ଠିତ ହୋଇଛି। ସିଦ୍ଧେଶ୍ୱର ବେହେରା ଓ ତାଙ୍କ ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟା ବେହେରା ଏହି କାର୍ଯ୍ୟ ସମାପନ କରିଥିବାବେଳେ ପୂଜକ ହରିଶ୍ଚନ୍ଦ୍ର ଶତପଥୀ ଓ ଜୟନ୍ତ କୁମାର ପଣ୍ଡାଙ୍କ ମନ୍ତ୍ରଧ୍ୱନିରେ ହାଟ ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏପରିକି ୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ମଧ୍ୟ ଭୋଜିଭାତରେ ଆପ୍ୟାୟିତ କରିଥିବାର ଦେଖିବାକୁ ମିଳିଛି।


## ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

କୁଳିଅଣା, ୩।୧୨(ସମିସ): କୁଳିଅଣା ବ୍ଲକ ଚାନ୍ଦୁଆସ୍ଥିତ କେଜିବିଭି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିରଞ୍ଜନ ଗିରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଡିଓ ଜିତେନ୍ଦ୍ର ମୁର୍ମୁ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁଙ୍କ ପ୍ରତିନିଧି ସୁଗୁଦା ମୁର୍ମୁ, କୁଳିଅଣା ବ୍ଲକ ଅଧ୍ୟକ୍ଷା ଦିପିକା ସିଂ, ଉପାଧ୍ୟକ୍ଷା ଅନିମା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଆନନ୍ଦ ଚନ୍ଦ୍ର ଟୁଡୁ, ପୂର୍ବତନ ବିଇଓ ଶ୍ୟାମ ଶଙ୍କର ଶତପଥୀ, ଏବିଇଓ ଗୌରୀମଣି ସିଂ, ଚାନ୍ଦୁଆ ପଞ୍ଚାୟତ ସମିତିସଭ୍ୟ ପ୍ରଦୀପ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୯୪ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପ୍ରକଳ୍ପ ଅଂଶଗ୍ରହଣ କରିଥିବାବେଳେ ୭ଟି ଜିଲ୍ଲାସ୍ତରକୁ ମନୋନୀତ ହୋଇଛି। ପରିଶେଷରେ ପ୍ରଧାନଶିକ୍ଷୟିତ୍ରୀ ଆରଷୁମଣି ବାସ୍କେ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରଶମନ ପ୍ରଶିକ୍ଷଣ

ବହଳଦା, ୩।୧୨(ସମିସ): ବହଳଦାସ୍ଥିତ ଧୀରଜଲାଲ୍ କଲେଜରେ ମଙ୍ଗଳବାର ବାରିପଦାସ୍ଥିତ ୫ମ ବାଟାଲିୟନର ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରଶମନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରଶମନ ପ୍ରଶିକ୍ଷଣ ଶିବିରରେ ଅନେକ ଶିକ୍ଷଣୀୟ ଓ ଉପାଦେୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାପ କାମୁଡ଼ା, କୁକୁର କାମୁଡ଼ା ପ୍ରଭୃତିର ତତ୍କାଳ ଉପଚାର, ନିଆଁ ଲିଭାଇବା, ବନ୍ୟା ଓ ବାତ୍ୟା ଦୁର୍ଗତଙ୍କୁ ତତ୍କାଳ ସହାୟତା, ପାଣିରେ କୌଣସି ବ୍ୟକ୍ତି ବୁଡ଼ିଯିବା ସମୟରେ ଉଦ୍ଧାର କରିବା ଇତ୍ୟାଦି ସମ୍ପର୍କରେ ଓଡ୍ରାଫ୍ ଟିମ୍ କଲେଜର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡ୍ରାଫ୍ ଟିମ୍ ଲିଡର ବିଭୂତିଭୂଷଣ ବେହେରା, ଅରୁଣ ମହାନ୍ତ, ଡମ୍ବରୁଧର ପାଲ୍, ସୁବୋଧ ବେହେରା, କାଳିପଦ ଗିରି, ତପନ ମହାନ୍ତ, ରୋହିତ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ।

## ସୀମାନ୍ତ ଅଞ୍ଚଳରେ ହାତୀ ଭୟ; ଜନଜୀବନ ଅସ୍ତବ୍ୟସ୍ତ



**ସ୍ଥାୟୀ ସମାଧାନର ନାଁ ଗନ୍ଧ ନାହିଁ**

ରାସଗୋବିନ୍ଦପୁର, ୩।୧୨(ସମିସ): ରାସଗୋବିନ୍ଦପୁର ରେଞ୍ଜ ଅଧୀନସ୍ଥ ସୀମାନ୍ତବର୍ତ୍ତି ଅଞ୍ଚଳରେ ହାତୀ ଭୟରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ନଳଗଜା, ହରିଣାଶୋଳ, ଭଦୁଆଶୋଳ, ଅମର୍ଦ୍ଦା, ରାଜଘାଟ ଆଦି ଅଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। କେତେବେଳେ କାହାର ଜୀବନ ଗଲାଣି ତ କେତେବେଳେ ଘର ଭାଙ୍ଗିବା ସହ ଚାଷ ନଷ୍ଟ ହେଲାଣି। ତେବେ ବର୍ଷ ତମାମ ହାତୀ ଉପଦ୍ରବ ଲାଗିରହୁଥିବାରୁ ଲୋକେ ଧନ ଜୀବନର ସୁରକ୍ଷା ମଣ୍ଣୁ ନ ଥିବାବେଳେ ଭୟ ଆତଙ୍କରେ ରହୁଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ହରିଣାଶୋଳ ଜଙ୍ଗଲରେ ହାତୀ ଥିବାବେଳେ ଅମର୍ଦ୍ଦା, କାକବନ୍ଧ ଜଙ୍ଗଲରେ ହାତୀ ରହିଥିବାର ସୂଚନା ମିଳିଛି।

ଜଙ୍ଗଲ ନିକଟବର୍ତ୍ତୀ ପଞ୍ଚାୟତ ଅଧୀନରେ ଥିବା ଗ୍ରାମଗୁଡ଼ିକରେ ଅଧାରୁ ଅଧିକ ଅଧିବାସୀ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରିଥା'ନ୍ତି। ସେମାନଙ୍କର ମୁଖ୍ୟ ଜୀବିକା ଜଙ୍ଗଲରୁ ପତ୍ର ତୋଳି ଆଣି ଖଲି ତିଆରି କରି ପରିବାର ପ୍ରତିପୋଷଣ କରିବା ତଥା ମୁଖ୍ୟତଃ ଖରିଫ୍ ଓ ରବି ଚାଷ ଉପରେ ବର୍ଷ ତମାମ ନିର୍ଭର କରିଥା'ନ୍ତି। ହେଲେ ବର୍ଷ ତମାମ ଜଙ୍ଗଲରେ ହାତୀ ରହୁଥିବାରୁ ଲୋକେ ଭୟରେ ଜଙ୍ଗଲକୁ ପତ୍ର ତୋଳିବା ପାଇଁ ଯାଉ ନ ଥିବାବେଳେ ଚାଷ ସମୟରେ ହାତୀ ଯୋଗୁଁ ଫସଲ ନଷ୍ଟ ହେଉଥିବାରୁ ଲୋକଙ୍କର ଦୈନିକ ଚଳଣି ଓ ଜୀବିକା ଉପରେ ପ୍ରଭାବ ପଡୁଛି। ଅନେକ ସମୟରେ ହାତୀମାନେ ଏଣେତେଣେ ବୁଲୁଥିବାରୁ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଛି। ଏହା ସହ ରାତିରେ ହାତୀ ଘର ଭାଙ୍ଗୁଥିବାରୁ ଲୋକେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ବର୍ଷ ତମାମ ନିଜର ଜୀବିକା ହରାଇ ସୀମାନ୍ତବର୍ତ୍ତି ଅଞ୍ଚଳର ଲୋକେ ଆତଙ୍କରେ ରହୁଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ସୀମାନ୍ତବର୍ତ୍ତି ଅଞ୍ଚଳଗୁଡ଼ିକରେ ସ୍ଥାୟୀ ସମାଧାନର କୌଣସି ନାଁ ଗନ୍ଧ ଧରୁ ନ ଥିବାବେଳେ ଟ୍ରେଞ୍ଚ୍ ଖୋଳାଯିବା ସହ ହାତୀ ଉପଦ୍ରବର ସ୍ଥାୟୀ ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଏନ୍‌ସିସି କମାଣ୍ଡିଂ ଅଧିକାରୀଙ୍କ ବିଶୋଇ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ



ବିଶୋଇ, ୩।୧୨(ସମିସ): ୧୪ ଓଡ଼ିଶା ବାଟାଲିୟନ ଏନ୍‌ସିସି, କେନ୍ଦୁଝରର କମାଣ୍ଡିଂ ଅଧିକାରୀ କର୍ଣ୍ଣେଲ ଜୟନ୍ତ ମୋହନ ଯୋଶୀ ଏବଂ ତାଙ୍କ ସହିତ ଏନ୍‌ବି/ସୁବ ପରବିନ୍ଦର ମଙ୍ଗଳବାର ବିଶୋଇ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନ କରିଥିଲେ। ଉକ୍ତ ଦୁଇ ଅଧିକାରୀ ସ୍କୁଲରେ ପହଞ୍ଚିବା ପରେ ଏନ୍‌ସିସି ଛାତ୍ରଛାତ୍ରୀମାନେ ଭବ୍ୟ ପଟୁଆରରେ ଦୁଇ ଅଧିକାରୀଙ୍କୁ ସ୍ୱାଗତ କରି ବିଦ୍ୟାଳୟକୁ ପାଛୋଟି ନେଇଥିଲେ। ବିଦ୍ୟାଳୟରେ ଅଧ୍ୟୟନରତ ୧୦୦ ଜଣ ଏନ୍‌ସିସି ଛାତ୍ରଛାତ୍ରୀଙ୍କ ପ୍ରତି ଉଦ୍ଦିଷ୍ଟ ଥିବା ଶିକ୍ଷା, ତାଲିମ ଏବଂ ଅନ୍ୟାନ୍ୟ ସରକାରୀ ସୁବିଧାସୁଯୋଗ ପ୍ରଦାନ ନେଇ ପୁଙ୍ଖାନୁପୁଙ୍ଖ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କାନ୍ତିପ୍ରଭା ଷଡ଼ଙ୍ଗୀ ଓ ଏନ୍‌ସିସି ଶିକ୍ଷକ ରାହୁଲ ନାୟକଙ୍କ ସହିତ ଆଲୋଚନା କରିଥିଲେ। ପରେ ଏନ୍‌ସିସି ଶିକ୍ଷକ ଶ୍ରୀ ନାୟକଙ୍କ ସଂଯୋଜନାରେ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅନୁଶାସନକୁ ନିଜ ଜୀବନର ବ୍ରତ କରି ଏନ୍‌ସିସି ଛାତ୍ରଛାତ୍ରୀମାନେ ଦେଶ ସୁରକ୍ଷାରେ ସାରଥୀ ସାଜିବେ ସେନେଇ କର୍ଣ୍ଣେଲ ଶ୍ରୀ ଯୋଶୀ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଭବିଷ୍ୟତରେ ଦେଶର ତିନି ମୁଖ୍ୟ ସୁରକ୍ଷାବାହିନୀରେ ଯୋଗଦେଇ ଭାରତ ମାତାର ସୁରକ୍ଷାରେ ଅଂଶୀଦାର ହେବେ ସେନେଇ ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଶେଷରେ ଏନ୍‌ସିସି ଶିକ୍ଷକ ରାହୁଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କେନାଲ ରାସ୍ତାରୁ ବାଡ଼ ହଟାଇଲା ପ୍ରଶାସନ

**'ସକାଳ' ପ୍ରଭାବ**

ମୋରଡା, ୩।୧୨(ସମିସ): ଗତ ୨୯ ତାରିଖରେ 'ବାଡ଼ ହଟାଇବାକୁ ଅଞ୍ଚଳବାସୀଙ୍କ ଦାବି' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇବା ପରେ ସୋମବାର ସୁବର୍ଣ୍ଣରେଖା ଏସଡିଓ ବିଜୟ ସିଂ, ମୋରଡ଼ା ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ଚିତ୍ରଡା ଫାଣ୍ଡି ପୁଲିସ ପହଞ୍ଚି ଉକ୍ତ ରାସ୍ତାରୁ ବାଡ଼କୁ ହଟାଇଛନ୍ତି। ଅପରପକ୍ଷରେ ବାଡ଼ ଘେରି କରିଥିବା ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ଯୋଗେଶ୍ୱର ମହାକୁଡ଼ କାଗଜପତ୍ରକୁ ନେଇ ଅସୁବିଧା ହୋଇଥିବାରୁ ସେ ଟଙ୍କା ପାଇନାହାନ୍ତି ଓ କାଗଜ ପତ୍ର ସଠିକ ହେବା ପରେ ସେ ମଧ୍ୟ ଟଙ୍କା ପାଇପାରିବେ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ମହୁଲବଣି ଗ୍ରାମ ନିକଟରେ କିଛିମାସ ତଳେ ସୁବର୍ଣ୍ଣରେଖା କେନାଲ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ଯୋଗେଶ୍ୱର ମହାକୁଡ଼ କେନାଲ ରାସ୍ତାର ତିନୋଟି ସ୍ଥାନରେ ବାଡ଼ ଘେରାଇ ରାସ୍ତା ବନ୍ଦ କରିଦେବା ଫଳରେ ଚାଷୀ ବିଲରୁ ଧାନ ଆଣିବାକୁ ଅସୁବିଧାର ସମ୍ମୁଖୀନ ହେବା ସହ ପାଖ ଗ୍ରାମ ମାଇଗାଁକୁ ଯିବାକୁ ଲୋକଙ୍କୁ ପାଞ୍ଚ କିଲୋମିଟର ଅଧିକ ବାଟ ବୁଲି ଯିବାକୁ ପଡୁଥିଲା।

## ବନଖଣ୍ଡସ୍ତରୀୟ ଗଜସାଥୀ ପ୍ରଶିକ୍ଷଣ ଶିବିର

# ଗଜସାଥୀଙ୍କୁ ଉଚିତ୍ ପାରିଶ୍ରମିକ ଓ ଜୀବନ ବୀମା ପାଇଁ ଦାବି




ମୋରଡ଼ା, ୩।୧୨(ସମିସ): ମୋରଡ଼ା ବ୍ଲକ ଅଧୀନ ଝିଙ୍କିରିଆ କଲ୍ୟାଣ ମଣ୍ଡପରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ବାରିପଦା ବନଖଣ୍ଡସ୍ତରୀୟ ଗଜସାଥୀ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏସିଏଫ୍ ମେହେରବାନ ଅଲ୍ଲୀଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଉକ୍ତ ଶିବିରରେ ଡିଏଫ୍‌ଓ ଗୋବିନ୍ଦଚନ୍ଦ୍ର ବିଶ୍ୱାଳ, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ପୂର୍ବତନ ପିସିସିଏଫ୍ ଦେବବ୍ରତ ସ୍ୱାଇଁ, ପ୍ରଶିକ୍ଷକ ସୁବ୍ରତ ବିଶ୍ୱାଳ, ହାତୀ ବଞ୍ଚାଅ ଫାଉଣ୍ଡେସନର ଅଧ୍ୟକ୍ଷ ରଜନୀକାନ୍ତ ଜେନା, ଅଶ୍ୱନୀ କୁମାର ଦାସ, ଜିଲ୍ଲା ପରିଷଦ ସଭ୍ୟା ଧାନୀ କିସ୍କୁ ପ୍ରମୁଖ ଉପସ୍ଥିତ ଥିଲେ। ମଣିଷ ଓ ହାତୀ ସଂଘର୍ଷକୁ କମାଇବା ଏବଂ ସ୍ଥାନୀୟ ବାସିନ୍ଦା, ହାତୀମାନଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ପ୍ରୋତ୍ସାହିତ କରିବା ଉକ୍ତ ଶିବିରର ମୂଳ ଲକ୍ଷ୍ୟ ବୋଲି ସମସ୍ତେ ମତପ୍ରକାଶ କରିଥିଲେ। ସେହିପରି ହାତୀ-ମଣିଷ ମଧ୍ୟରେ ସଂଘର୍ଷରେ ହାତୀ ରାଗିବା ହେତୁ ଉପଦ୍ରବ ଚଳାଉଛି। ତେଣୁ ଉକ୍ତ ସଂଘର୍ଷକୁ କିପରି ଅତିରୁ ଅତି କମ୍ କରାଇବାକୁ ମତାମତ ଦେଇଥିଲେ ଅତିଥିମାନେ। ଏହି ଅବସରରେ ଉପସ୍ଥିତ ଗଜସାଥୀମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ଗଜସାଥୀମାନଙ୍କ ଜୀବନ ସବୁବେଳେ ବିପଦରେ ରହିଥିବାବେଳେ ସେମାନଙ୍କୁ ଉଚିତ୍ ପାରିଶ୍ରମିକ ମିଳୁନାହିଁ। ସେମାନଙ୍କ ଜୀବନ ବୀମା କରିବାକୁ ଦାବି କରିଛନ୍ତି ଗଜସାଥୀ ଜିଲ୍ଲା ସମ୍ପାଦକ ବିଶ୍ୱରଞ୍ଜନ ନାଏକ।

ହାତୀମାନଙ୍କଠାରୁ ୪୦୦ ମିଟର ଦୂରରେ ରହିବା, ହାତୀ ଆସିଲେ ବାଣ ଫୁଟାଇବା ବନ୍ଦ କରିବା ଆଦି ସମ୍ପର୍କରେ ଉପସ୍ଥିତ ସରପଞ୍ଚ, ଲୋକପ୍ରତିନିଧି ଏବଂ ସାଧାରଣ ଲୋକଙ୍କୁ ଅବଗତ କରାଯାଇଥିଲା। ଶେଷରେ ଗଜସାଥୀମାନଙ୍କୁ ନୂତନ ୟୁନିଫର୍ମ, ଟର୍ଚ୍ଚ ଲାଇଟ୍, ଟୋପି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ବେତନଟି ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ରନାଥ ନାଏକ, ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂ, ଫରେଷ୍ଟର ଦୀପକ ପାତ୍ର, ଫରେଷ୍ଟ ଗାର୍ଡ ବିଜୟ ଦାସ, ନମିତା ସେଠୀ ଏବଂ ଅନ୍ୟ ବନ ବିଭାଗ କର୍ମଚାରୀ।

### ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

# ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନତା ପଦଯାତ୍ରା

**ଝାରସୁଗୁଡ଼ା, ୩ା୧୨(ସମିସ)**

ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରି ସେମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଏବଂ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ବଞ୍ଚିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ସକାଳେ ଜିଲ୍ଲାପାଳ କାର୍ଯ୍ୟାଳୟରୁ ଏସିଏଲ୍ କମ୍ୟୁନିଟି ହଲ୍ ପର୍ଯ୍ୟନ୍ତ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ୩୦ ଥର ରକ୍ତଦାନ କରିଥିବା ଦିବ୍ୟାଙ୍ଗ ଲକ୍ଷ୍ମଣ ପଟେଲଙ୍କୁ ଏବଂ ଜାତୀୟ ସ୍ତରରେ ପହଁରା ପ୍ରତିଯୋଗିତାରେ



ଉତ୍ତୀର୍ଣ୍ଣ ହୋଇଥିବା ଦୀପକ ବାରିକଙ୍କୁ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏଥିସହ ଉଚ୍ଚ ଶିକ୍ଷା ଲାଭ ପାଇଁ ଜଣେ ଦିବ୍ୟାଙ୍ଗଙ୍କ ଝିଅ ଅମ୍ରିତା ରାୟଙ୍କୁ ବୃତ୍ତି ଆକାରରେ ୫୦, ୦୦୦ର ଏକ ଚେକ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାୟ ୫୦୦ ଜଣ ଦିବ୍ୟାଙ୍ଗ ଓ ଅଭିଭାବକ ଯୋଗ ଦେଇଥିଲେ। ୪ ଟି ଦିବ୍ୟାଙ୍ଗ ସ୍କୁଲର ଛାତ୍ରଛାତ୍ରୀ, ମୂକ ବଧିର ସଂଘ ଓ ବରିଷ୍ଠ ନାଗରିକ ସଂଘର ସଭ୍ୟ ତଥା ମିଶନ ଆଶ୍ରା ଓ ମିଶନ ଆଶାଲୋକର ଅନ୍ତେବାସୀଙ୍କ ସମେତ ପ୍ରାୟ ୫୦୦ ଜଣ ଦିବ୍ୟାଙ୍ଗ ଓ ଅଭିଭାବକ ଅଂଶଗ୍ରହଣ କରିଥିଲେ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ ଏବଂ ପିପୁଲ୍ସ ଫୋରମର କର୍ମଚାରୀମାନଙ୍କ ଦ୍ୱାରା ଦିବ୍ୟାଙ୍ଗଙ୍କ ଉପରେ ଆଧାରିତ ନାଟକ 'ଅକ୍ଷମ ହେଲେ ବି ସକ୍ଷମ' ମଞ୍ଚସ୍ଥ ହୋଇଥିଲା। ବିବେକ ତାଣ୍ଡିଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା।

ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଅଲୋକମୟୀ ପ୍ରଧାନ, ଅଧକ୍ଷ (ସ୍ଥାୟୀ ଲୋକ ଅଦାଲତ) ଅଶ୍ୱିନୀ

**ଦିବ୍ୟାଙ୍ଗଙ୍କୁ ସ୍ୱାବଲମ୍ବୀ କରିବାକୁ ଆହ୍ୱାନ**

ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁର୍ଯ୍ୟଶ୍ରୁତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରଶ୍ମିତା ମେହେର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଜ୍ଞା ମିଶ୍ର ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ କନିଷ୍ଠ କିରାଣି ଆଦିତ୍ୟ ବାଦୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇବର ସୁରକ୍ଷା ସଚେତନତା କର୍ମଶାଳା

**ଝାରସୁଗୁଡ଼ା, ୩ା୧୨(ସମିସ):** ଡିଜିଟାଲ୍ ଯୁଗରେ ମହିଳା ଓ କିଶୋରୀମାନଙ୍କୁ ସାଇବର୍ ଅପରାଧରୁ ସୁରକ୍ଷିତ ରଖିବା ଲକ୍ଷ୍ୟରେ ବୁଧବାର ଝାରସୁଗୁଡ଼ା ଜିଲ୍ଲାର ଡିଏମଏଫ୍ ଅଡିଟୋରିୟମ୍ ହଲରେ ଜିଲ୍ଲା ପ୍ରଶାସନ ଓ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ଉଦ୍ୟମରେ ଅନଲାଇନ୍ ସେଫ୍ଟି



ଓ ସାଇବର୍ ବୁଲିଂ ସଚେତନତା କର୍ମଶାଳା ଆୟୋଜିତ ହୋଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଅଧ୍ୟକ୍ଷତା କରି ଡିଜିଟାଲ୍ ଯୁଗରେ ନାରୀ ଓ କିଶୋରୀଙ୍କ ଉପରେ ଏହାର ପ୍ରଭାବ ତଥା ସାଇବର ସୁରକ୍ଷା ଓ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡିଜିଟାଲ୍ ସୁରକ୍ଷା ଓ ସଚେତନତାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟରେ ଆୟୋଜିତ କର୍ମଶାଳାରେ କିଶୋରୀ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଶିକ୍ଷକମାନେ ବହୁ ସଂଖ୍ୟାରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସାଇବର୍ ଅପରାଧର ପ୍ରକାର ଭେଦ, ଅନଲାଇନ୍ ଶୋଷଣକୁ ଚିହ୍ନଟ ଏବଂ ଦେଶର ଡିଜିଟାଲ୍ ଆଇନ ବିଷୟରେ ଆଲୋଚନା କରାଯାଇଥିଲା। ଏହା ସହିତ ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ମିଳୁଥିବା ଆଇନଗତ ସହାୟତା ସମ୍ବନ୍ଧରେ ବିଶେଷ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପିଓ-କମ-ପିଓ ଯାଜ୍ଞସେନୀ ମହାନନ୍ଦ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ହବ୍ ଜିଲ୍ଲା ସଂରକ୍ଷକ ଲିଲେଶ୍ୱର ସାହୁ ଅନଲାଇନ୍ ସେଫ୍ଟି, ସାଇବର୍ ବୁଲିଂ, ଏବଂ ଡିଜିଟାଲ୍ ପ୍ରଭାବ

**କିଶୋରୀ ଓ ମହିଳାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ**

ବିଷୟରେ ବିସ୍ତୃତ ଆଲୋଚନା କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ସଚିବ ଅଲୋକମୟୀ ପ୍ରଧାନ, ଆଇନ ବିଶେଷଜ୍ଞ ବି ନାଗେଶ୍ୱରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେହେତା ନିର୍ଦ୍ଦେଶିକା ଆନନ୍ଦିନୀ ପାଢ଼ୀ, ଡିଏସପି (ସାଇବର) ମାଧା ଏବଂ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଆଶିଷ ପଣ୍ଡା ପ୍ରମୁଖ ସାଇବର ଅପରାଧ ଜନିତ ସୁରକ୍ଷା ତଥା ସଚେତନତା ସମ୍ପର୍କିତ ଆନୁଷଙ୍ଗିକ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିବା ସହ ଏ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି ଦିଗରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଶେଷରେ ଉପଖଣ୍ଡ ପିଓ ମିନାକ୍ଷୀ ରାଜ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଟ୍ରକ୍‌ରୁ ଡିଜେଲ ଓ ବ୍ୟାଟେରୀ ଚୋରି, ୪ ଗିରଫ

**ଝାରସୁଗୁଡ଼ା, ୩ା୧୨(ସମିସ):** ଟ୍ରକରୁ ଡିଜେଲ ଓ ବ୍ୟାଟେରୀ ଚୋରି ଅଭିଯୋଗରେ ୪ ଜଣ ଅଭିଯୁକ୍ତଙ୍କୁ ଓରିଏଣ୍ଟ ଥାନା ପୁଲିସ ପକ୍ଷରୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଗତ ଦୁଇ ତାରିଖ ରାତିରେ ୪ନମ୍ବର ପାର୍କିଂରେ ଛିଡା ହୋଇଥିବା ୨ଟି ଟ୍ରକରୁ ୮୫ ଲିଟର ଡିଜେଲ ଓ ୨ଟି ଆକ୍ସନ ପ୍ଲସ ବ୍ୟାଟେରୀ ଚୋରି ହୋଇଥିବା ନେଇ ବ୍ରଜରାଜନଗର ଥାନା ଲମଟିବାହାଲର ଅଜୟ ସିଂ ଓରିଏଣ୍ଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଓରିଏଣ୍ଟ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ମାନଙ୍କ ନିକଟରୁ ରିତିକ ଅଗ୍ରୱାଲ ନାମକ ଜଣେ ବ୍ୟକ୍ତି ୨୫ ଲିଟର ଡିଜେଲ ଓ ୨ଟି ବ୍ୟାଟେରୀ କିଣିଥିଲେ। ବୁଧବାର ୪ ଜଣ ଅଭିଯୁକ୍ତକୁ ଓରିଏଣ୍ଟ ପୁଲିସ ପକ୍ଷରୁ ଗିରଫ କରିବା ସହିତ ଅଭିଯୁକ୍ତ ମାନଙ୍କ ନିକଟରୁ ୮୫ ଲିଟର ଡିଜେଲ, ୨ଟି ବ୍ୟାଟେରୀ, ଗୋଟିଏ ସ୍ପାନର, ଗୋଟିଏ ପ୍ଲାଷ୍ଟିକ ପାଇପ ଆଦିକୁ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ଓରିଏଣ୍ଟ ଥାନା ମଧୁବନ ନଗର ଅଞ୍ଚଳର ଈଶ୍ୱର ଖରସେଲ(୩୧), ସାଧୁ ପ୍ରଧାନ(୨୮), ସାନଯୋବ ଅଞ୍ଚଳର ଦିବ୍ୟ ଲୁହାର(୨୫), ରିତିକ ଅଗ୍ରୱାଲ(୨୫) ହୋଇଥିବା ବେଳେ ଓରିଏଣ୍ଟ ପୁଲିସ ପକ୍ଷରୁ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି।

## ବିଶ୍ୱ ଏଡ୍‌ସ ଦିବସ କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୩ା୧୨(ସମିସ):** ଜିଲ୍ଲାସ୍ତରୀୟ ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ସଭା, ଶୋଭାଯାତ୍ରା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ଆୟୋଜିତ ଶୋଭାଯାତ୍ରାକୁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ବେଦାନ୍ତ ସିଏସ୍‌ଆର ସଭ୍ୟ, ଡିପିଏମ୍ ଓ ହସ୍ପିଟାଲ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବିଶ୍ୱାମିତ୍ର ଧରୁଆ, ପ୍ରଭାତୀ ବେକ୍, ଅର୍ଚ୍ଚନା ମିସାଲ, ନିରାକାର ପଣ୍ଡା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ନର୍ସିଂ ସ୍କୁଲ, ନର୍ସିଂ ଅନୁଷ୍ଠାନ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀମାନେ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ସଭାଗୃହରେ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଡ.ଆରଏନ୍ ମାଝୀ, ଡ.ରାଧାରମଣ ବିର୍ତ୍ତିଆ ଓ କାଉନସିଲର ଶୁକଦେବ ରାଉତ ପ୍ରମୁଖ ଜିଲ୍ଲାରେ ଏଡ୍‌ସ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ତଥ୍ୟ ଅନୁସାରେ ଜିଲ୍ଲାରେ ୬୨୬ଜଣ ଏଚ୍‌ଆଇଭି ପଜିଟିଭ ଚିହ୍ନଟ ହୋଇଥିବା ସଭାରେ ସୂଚନା ଦିଆଯାଇଥିଲା।

## ଶ୍ରଦ୍ଧାରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ

**ରାଉରକେଲା, ୩ା୧୨(ସମିସ):** ଟିପିଡବ୍ଲୁଓଡିଏଲ ଏବଂ ଶ୍ରଦ୍ଧାର ମିଳିତ ଆନୁକୂଲ୍ୟରେ ୩ ଡ଼ିସେମ୍ବର ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପାନପୋଷ ଉପଖଣ୍ଡର ବରିଷ୍ଠ ସାମାଜିକ ଅଧିକାରୀ ମିନୁ ତାଣ୍ଡିଆ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଡ. ରାମକୃଷ୍ଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡାମିଟସର ଅଧ୍ୟକ୍ଷ ଯତୀନ୍ ନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଗନ ବିହାରୀ ଧଳ, ରବୀନ୍ଦ୍ର କୁମାର ପାଣ୍ଡବ, ବିଭୁ ଭୂଷଣ ଦାଶ, ସତ୍ୟାନନ୍ଦ ବେହେରା, ପୀତବାସ ପ୍ରଧାନ, ପ୍ରମୋଦ କୁମାର ପଟ୍ଟନାୟକ ପ୍ରମୁଖ ବ୍ୟକ୍ତବ୍ୟ ରଖିଥିଲେ। କାର୍ଯ୍ୟକାରୀ ସଭାପତି ପଶୁପତିନାଥ ଚାଟାର୍ଜୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରଦ୍ଧାର ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଶେଷରେ ଉପସଭାପତି ଡ. ପ୍ରଭାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ରା ବ୍ଲକ ତଥା ଶ୍ରଦ୍ଧା ସେକ୍ଟର -୧୬ ଅଞ୍ଚଳରୁ ୧୫୦ରୁ ଊର୍ଦ୍ଧ୍ୱ ଅଂଶ ଗ୍ରହଣକାରୀ ଯୋଗଦେଇଥିଲେ।

## ଭିନ୍ନକ୍ଷମଙ୍କୁ ସହାୟକ ଉପକରଣ ବଣ୍ଟନ

**ବଣାଇଁ, ୩ା୧୨(ସମିସ):** ବଣାଇଁ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ପରିସରରେ ବଣାଇଁ ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଭିନ୍ନକ୍ଷମଙ୍କୁ ବିଭିନ୍ନ ପ୍ରକାରର ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ବଣାଇଁ ତାଲୁକ ଆଇନ ସେବା ସଂସ୍ଥାର ପ୍ରାଧିକରଣ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଆଶୁତୋଷ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥଲେ। ସମ୍ମାନିତ ଅତିଥି ଭାବେ ସବ୍ ଜଜ୍ ରଞ୍ଜନ କୁମାର ପ୍ରଧାନ, ଏସ୍‌ଡିଜେଏମ୍ ପ୍ରୀତିଶ ମିଶ୍ର, କୋଇଡା ଜେଏମ୍‌ଏଫ୍‌ସି ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ, ବଣାଇଁଗଡ଼ ବିଡିଓ ଦିବ୍ୟଶଙ୍କର ଜୟପୁରିଆ, ସିଡିପିଓ ବୀଣାପାଣି ନାୟକ, ବିଇଓ ସୁନୀଲ ମୁଣ୍ଡୁ, ସାମାଜିକ ସୁରକ୍ଷା ଅଧିକାରୀ ଅଜୟ କୁମାର ସାହୁ ଯୋଗଦେଇ ଭିନ୍ନକ୍ଷମଙ୍କ ସମାଜରେ ସମାନ ଅଧିକାର ରହିଛି ବୋଲି କହିଥିଲେ। ଭିନ୍ନକ୍ଷମ ହିତାଧିକାରୀଙ୍କୁ ୪ଟି ଟ୍ରାଇ ସାଇକଲ, ୫ ଟି ହ୍ୱିଲ ଚେୟାର, ସହାୟକ ଉପକରଣ ବଣ୍ଟନ କରିବା ସହ ୩ ଜଣକୁ ଆଶାବାଡି ଓ ୪ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ବଣାଇଁ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟର ବିଏସଏସଓ ଅନୁପମା ନାଗ, ଉପାଧ୍ୟକ୍ଷା ବିନତି ବେହେରା, ରିଟେନର ମାନସ କୁମାର ପତି, ବଣାଇଁ କୋର୍ଟର ଆଇନଜୀବୀଙ୍କ ସମେତ ବ୍ଲକ କାର୍ଯ୍ୟାଳୟ ଓ କୋର୍ଟର ସମସ୍ତ କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## କଂଗ୍ରେସ ଜିଲ୍ଲା ପ୍ରଭାରୀଙ୍କ ଝାରସୁଗୁଡ଼ା ଗସ୍ତ

**ଝାରସୁଗୁଡ଼ା, ୩ା୧୨(ସମିସ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ତଥା ଝାରସୁଗୁଡ଼ା ଜିଲ୍ଲା ପ୍ରଭାରୀ ସନ୍ତୋଷ ସିଂ ସାଲୁଜା ଝାରସୁଗୁଡ଼ା ଗସ୍ତରେ ଆସି




ପୁରୁଣା ବସଷ୍ଟାଣ୍ଡ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଠାରେ ବୈଠକ କରିଛନ୍ତି। ବୈଠକରେ କଂଗ୍ରେସ କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଭାରୀ ସାଲୁଜାଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ଜିଲ୍ଲା ପ୍ରଭାରୀ ସାଲୁଜା କହିଥିଲେ ଯେ 'ଭୋଟ ଚୋର ଗାଦି ଛାଡ' ପରିପ୍ରେକ୍ଷୀରେ ଦିଲ୍ଲୀ ରାମଲୀଳା ପଡ଼ିଆରେ ଏଆଇସିସି ପକ୍ଷରୁ ବିଶାଳ ସମାବେଶ ହେବ। ସେଥିପାଇଁ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ରାଉରକେଲାରୁ କିପରି ସମସ୍ତେ ଶୃଙ୍ଖଳିତ ଭାବେ ଦିଲ୍ଲୀ ଯାଇପାରିବେ ସେନେଇ ଆଲୋଚନା କରିଥିଲେ। ସାଲୁଜାଙ୍କ ଉପସ୍ଥିତିରେ କିଛି ଯୁବକ କଂଗ୍ରେସ ଦଳରେ ଯୋଗ ଦେଇଥିଲେ। ସଭାରେ କଂଗ୍ରେସ ନେତ୍ରୀ ଅମିତା ବିଶ୍ୱାଳ, ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ ସଭାପତି ଜୀବନ ସାର୍ଥକ ଦାସ, ସୁନ୍ଦରଗଡ଼ ଜିଲ୍ଲା କଂଗ୍ରେସ ସଭାପତି ନିର୍ମଳ ନାୟକ, ରାଉରକେଲା କଂଗ୍ରେସ ସଭାପତି ସ୍ୱବିର ହୁସେନ, ସମ୍ବଲପୁର ଜିଲ୍ଲା କଂଗ୍ରେସ ସଭାପତି ଅମିତ ଗୁରୁ, ବରଗଡ଼ ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଣ୍ଟ ସହ ଅନେକ କଂଗ୍ରେସ କର୍ମୀ ଓ ନେତା ମାନେ ଉପସ୍ଥିତ ଥିଲେ।

## ରେଙ୍ଗାଲପାଲି ପ୍ରେମାନନ୍ଦ ଯୋଗାଶ୍ରମରେ ଗୀତା ଜୟନ୍ତୀ

**ରିଆମାଳ, ୩ା୧୨(ସମିସ):** ରିଆମାଳ ବ୍ଲକ ଲୁଲଙ୍ଗ ପଞ୍ଚାୟତ ଅଧୀନ ରେଙ୍ଗାଲପାଲି ପ୍ରେମାନନ୍ଦ ଯୋଗାଶ୍ରମରେ ବୁଧବାର ମହାଡମ୍ବରରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ଆଶ୍ରମର ମହନ୍ତ ସ୍ୱରୁପାନନ୍ଦ ପୁରିଜୀଙ୍କ ତତ୍ତ୍ୱାବଧାନରେ ବହୁ ସାଧୁସନ୍ଥ ଆସି ଗୀତାର ୭ ଶହ ଶ୍ଳୋକର ୭ ଶହ ଆଳତି କରିଥିଲେ। ସକାଳୁ କଳସ ଯାତ୍ରା, ଗୋ ପୂଜନ, ସନ୍ଥ ପୂଜନ, ପ୍ରଭୁ ଶିବଙ୍କ ପୂଜା, ଗୁରୁଦେବଙ୍କ ପୂଜନ ଅନୁଷ୍ଠିତ ହୋଇଥିଲା। ଏହା ପରେ ଅନ୍ନ ଯଜ୍ଞ, ଗିତାଯଜ୍ଞ, ନାମ ଯଜ୍ଞ, ଘୃତ ଯଜ୍ଞ, ରୁଦ୍ରାଭିଷେକ, ଚଣ୍ଡୀପାଠ ହୋଇଥିଲା। ପୂଜକ ଭାବେ ପିତାମ୍ବର ଶତପଥୀ, ଗୋପି ନନ୍ଦ, ସଞ୍ଜୟ ଶତପଥୀ, ତ୍ରିନାଥ ନନ୍ଦ ପୂଜା କାର୍ଯ୍ୟ ତୁଲାଇ ଥିଲେ। କର୍ତ୍ତା ଭାବେ କୁମର ପ୍ରଧାନ, ଅମିୟ ବେହେରା, କଳାକର ବିଶ୍ୱାଳ ତାଙ୍କ ଧର୍ମପତ୍ନୀ ପୂଜାରେ ବସିଥିଲେ। ସଚ୍ଚିଦାନ୍ଦ ସରସ୍ୱତୀ, ଶଙ୍କର୍ଷଣ ଚୈତନ୍ୟ ଜୀ, ଅନ୍ତର୍ଯ୍ୟାମୀ ଦାଶ, ପ୍ରଭୁପାଦ ଦାସ ପ୍ରମୁଖ ପ୍ରବଚକ ଆସି ହରିକଥା ଉପରେ ପ୍ରବଚନ ଦେଇଥିଲେ। ରେଙ୍ଗାଲପାଲି, ନୂଆଗାଁ, କେଉବେନୀ ଆଦି ପୁରୁଷ ଓ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ୨୦୦୦ରୁ ଊର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ।

## ୭ରେ ସରକାରୀ ଉତ୍କୃଷ୍ଟ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

**ରାଉରକେଲା, ୩ା୧୨(ସମିସ):** ସେକ୍ଟର -୬ ସରକାରୀ ଉତ୍କୃଷ୍ଟ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଘୁନାଥପାଲୀ ବିଧାୟକ, ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟିର ସଭାପତି ଦୁର୍ଗାଚରଣ ତନ୍ତୀଙ୍କ ଅଧ୍ୟକ୍ଷତାରେ ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ତନ୍ତୀ କହିଛନ୍ତି, ୧୯୭୫ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟ ତାର ଗୌରବମୟ ଇତିହାସକୁ ନେଇ ଆସନ୍ତା ୭ ତାରିଖରେ




ବିଦ୍ୟାଳୟ ପ୍ରାଙ୍ଗଣରେ ତାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବ। ଏହି ମହୋତ୍ସବରେ ରାଜ୍ୟ ସମେତ ଦେଶ ବିଦେଶରୁ ୫୦୦ରୁ ଊର୍ଦ୍ଧ୍ୱ ପ୍ରାକ୍ତନ ଛାତ୍ରଛାତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ବିଦ୍ୟାଳୟରୁ ଅଧ୍ୟୟନ କରି ବିଭିନ୍ନ କ୍ଷେତ୍ରରେ ରାଜ୍ୟ, ଜାତୀୟ ତଥା ଆନ୍ତର୍ଜାତୀୟସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ପୂରାତନ ଛାତ୍ରଛାତ୍ରୀମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ। ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଓ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ଆର୍‌ଏସ୍‌ପି ଡିଆଇସି, ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ, ଏସ୍‌ପିଙ୍କ ସମେତ ସୁନ୍ଦରଗଡ଼ ଜିଲ୍ଲାର ୭ ଜଣ ବିଧାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁସ୍ମିତା ମହାପାତ୍ର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟ ଆରମ୍ଭ ଦିନ ଠାରୁ ଏ ପର୍ଯ୍ୟନ୍ତ କାର୍ଯ୍ୟରତ ସମସ୍ତ ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ଠିକଣା ସଂଗ୍ରହ କରାଯାଇ ଏକ ଡାଟା ପ୍ରସ୍ତୁତ କରାଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପ୍ରଧାନ ଶିକ୍ଷକ ଭାଗିରଥୀ କୁଅଁରଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହଦେବ ମହାକୁଡ କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ ଲୋଡିଥିଲେ। ଜାତୀୟ ଫୁଟବଲ ରେଫେରୀ ତଥା ପ୍ରାକ୍ତନ ଛାତ୍ର କମିଟିର ସାଂଗଠନିକ ସମ୍ପାଦକ ଭାସ୍କର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାକ୍ତନ ଛାତ୍ର ରମେଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆର୍‌ଏସ୍‌ପିର ସିଜିଏମ୍ ହୀରାଲାଲ ମହାପାତ୍ର, ପ୍ରତାପ ପାଢ଼ୀ, ରଞ୍ଜନ ଜେନା, ପଞ୍ଚାନନ ମହାପାତ୍ର, ସରୋଜ ଚନ୍ଦ୍ର ପରିଡ଼ା, ମହେଶ ନାଗ, ଭୀମସେନ ଛତ୍ରିଆ, ରବୀନ୍ଦ୍ର ସେଠୀ, ପ୍ରଫୁଲ୍ଲ ଜେନା, ଗୁରୁଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମଧୁବନ ନଗର ଶିବମନ୍ଦିରରେ ଗୀତା ଯଜ୍ଞ



**ଝାରସୁଗୁଡ଼ା, ୩ା୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌର ପରିଷଦ ଅଧୀନ ୱାର୍ଡ ନଂ୧୩ ମଧୁବନ ନଗରରେ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରେ ଥିବା କୂଅରୁ ୨୧ଟି କଳସରେ ଜଳ ଆଣି ପୂଜା ମଣ୍ଡପରେ ଘଟ ପୂଜନ ହୋଇଥିଲା। ଅଖଣ୍ଡ ଦୀପ ପୂଜା ସ୍ଥାନରେ ସ୍ଥାପନ କରାଯାଇ ଅଧିବାସ, ଭଜନ ସଙ୍କୀର୍ତ୍ତନ ଆୟୋଜିତ ହୋଇଥିଲା। ବୁଧବାର ସକାଳୁ ଗୀତା ପାଠ ଉଚ୍ଚାରଣ ସହ ପୂଜା ଆରମ୍ଭ ହୋଇ ସନ୍ଧ୍ୟା ସମୟରେ ପୂର୍ଣ୍ଣାହୁତି ଓ ପୁଷ୍ପାଞ୍ଜଳି ସହ ପୂଜା ସମ୍ପନ୍ନ ହୋଇଥିଲା। ସ୍ୱର୍ଗତ ବାବା ଗଜାନନ ପଟେଲ ଏହି ଗୀତା ଯଜ୍ଞ ଆରମ୍ଭ କରିଥିଲେ। ଏବେ ତାଙ୍କ ଚାରି ପୁଅ ତ୍ରିଲୋଚନ ପଟେଲ, ଶୁକ୍ରୁ ପଟେଲ, ରାମ ପଟେଲ ଓ ଶ୍ୟାମ ପଟେଲ କାର୍ଯ୍ୟକ୍ରମ କରି ଆସୁଛନ୍ତି। ଚଳିତ ବର୍ଷ କର୍ତ୍ତା ଭାବେ ଗଙ୍ଗାଧର ବେହେରା ଓ ତାଙ୍କ ପତ୍ନୀ ଜମ୍ବୁବତି ବେହେରା, ଶ୍ରୀକାନ୍ତ ଘଡେଇ ଓ ତାଙ୍କ ପତ୍ନୀ ମମତା ଜେନା ଏବଂ ସଞ୍ଜୀବ ଧୁରୁଆ ଓ ତାଙ୍କ ପତ୍ନୀ ବାସନ୍ତୀ ଧୁରୁଆ ଦାୟିତ୍ୱ ତୁଲାଇଥିବା ବେଳେ ମୁଖ୍ୟ ପଣ୍ଡିତ ଭାବେ ଉମେଶ ଶତପଥୀ, ରମେଶ ଶତପଥୀ, ତପନ ପଣ୍ଡା, ସହଦେବ ପୂଜାରୀ ଏବଂ ସହଯୋଗୀ ଶତ୍ରୁଘ୍ନ ପଟେଲ ସମସ୍ତ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଆଖପାଖ ଅଞ୍ଚଳର ଅନେକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା ଓ ଶେଷରେ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ବିଶେଷ ଅତିଥି ଭାବେ ଝାରସୁଗୁଡ଼ା ଗୋପାଳ ଜୀ ମଠର ମହନ୍ତ ଦାମୋଦର ଦାସ ମହାରାଜ ଯୋଗ ଦେଇଥିଲେ। ତ୍ରିଲୋଚନ ପ୍ରଧାନ ଓ ପଦ୍ମମିନୀ ପ୍ରଧାନ ୫୬ ଭୋଗ ଅର୍ପଣ କରିଥିଲେ।

## ଝାରସୁଗୁଡ଼ା ପୌର ପରିଷଦର ୨୦ ସ୍ୱଚ୍ଛ ସବାରୀ ଲୋକାର୍ପିତ




**ଝାରସୁଗୁଡ଼ା, ୩ା୧୨(ସମିସ):** ଝାରସୁଗୁଡ଼ା ପୌର ପରିଷଦ ଦ୍ୱାରା ମଙ୍ଗଳବଜାର ଅଡିଟରିୟମ ଠାରେ ୨୦ଟି ସ୍ୱଚ୍ଛ ସବାରୀ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ସହରର ଆବର୍ଜନା ପରିବହନ କରିବା ପାଇଁ ୨୦ଟି ସ୍ୱଚ୍ଛ ସବାରୀକୁ ପତାକା ଦେଖାଇ ଲୋକାର୍ପିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଝାରସୁଗୁଡ଼ା ପୌରାଧକ୍ଷା ରାନୀ ହାତୀ, ଉପାଧକ୍ଷ ବେଣୁ ଗୋପାଳ ପାଣିଗ୍ରାହୀଙ୍କ ସହିତ ଇଓ ମାନସରଞ୍ଜନ ମଲ୍ଲିକ, କାଉନସିଲର କୈଳାଶ ନନ୍ଦ, ତରଙ୍ଗ ଦୁବେ, ଦେବବ୍ରତ ପାଣ୍ଡେ, ବନ୍ଦନା ମୁଦ୍ରାଙ୍କ ସହିତ ପ୍ରେମସେନ ରାୟ, ପୁରୁଷୋତ୍ତମ ଥିରାଣୀ, ନେତାଜୀ ପଟ୍ଟନାୟକ, ତାରଣ ଗିଦ୍ୱାନି, ପୌର ପରିଷଦ ସମସ୍ତ କର୍ମଚାରୀ, ସଫେଇ କର୍ମଚାରୀ ତଥା ଝାରସୁଗୁଡ଼ା ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ସ୍ୱଚ୍ଛ ସବାରୀ ଝାରସୁଗୁଡ଼ା ସହରକୁ ଆବର୍ଜନା ମୁକ୍ତ କରିବାରେ ସହାୟକ ହେବା ସହ ପରିବେଶକୁ ସୁନ୍ଦର ରଖିବ ବୋଲି ବିଧାୟକ ବକ୍ତବ୍ୟରେ କହିଥିଲେ।

# ଧୂଳି ପ୍ରଦୂଷଣରେ ଧୁତରା-ଝାରସୁଗୁଡ଼ା ରାସ୍ତା ବେହାଲ

**ଝାରସୁଗୁଡ଼ା/କିର୍ମିରା, ୩ା୧୨(ସମିସ)**

ଧୁତରା-ଝାରସୁଗୁଡ଼ା ରାସ୍ତା ଅସମ୍ଭବ ଧୂଳି ଗୁଣ୍ଡ ପ୍ରଦୂଷଣରେ ଦିନ ଦ୍ୱିପ୍ରହରେ ମଧ ମରଣଯନ୍ତା ପାଲଟିଛି। ଝାରସୁଗୁଡ଼ା ଜିଲ୍ଲା କିର୍ମିରା, ଲଇକେରା, ବାମରା, ବାଗଡ଼ିହି, ଧୁରୁଆଡିହି, ସୁଲାହୀ, ଝାରମୁଣ୍ଡା, ଭୀମଯୋର, କାଦୋବାହାଲ, ତେଲିଡିହି, ଜାମକାନି, ଜୁନାପାଲି, ନକ୍ସାପାଲି, ଚନ୍ଦରପୁର, ଡୁଲେସରା, ଡୁଡିବାହାଲ, ଶ୍ରଦ୍ଧାପାଲି, ଦେଓପାଏନ, ବିଡମାଳ, ଝାରମାଳ, ଠାକୁରପଡ଼ା, ହଳକାଡ଼ିପା, ଭାଲୁପତ୍ରା, ବନପାଲି ଆଦି ଅଞ୍ଚଳରୁ ଝାରସୁଗୁଡ଼ା ସହର ଉପରେ ବଜାର, ଚିକିତ୍ସା ପାଇଁ ଜନସାଧାରଣ ନିର୍ଭର କରିଥାନ୍ତି। ଏହାସହ ସ୍କୁଲ କଲେଜ ଭଳି ଶିକ୍ଷାନୁଷ୍ଠାନ ସହ ପେଟପାଟଣା ପାଇଁ ଯାତାୟାତ କରୁଥିବା କୁଲି ମଜୁରିଆ, ମୂଲିଆଙ୍କୁ ଧୁତରା ଝାରସୁଗୁଡ଼ା ମୁଖ୍ୟ ରାସ୍ତାରେ କାରଖାନା ମାନଙ୍କର ଭାରୀଯାନ ଚଳାଚଳ ହେତୁ ଧୂଆଁ ପ୍ରଦୂଷଣରେ ନାହିଁ ନ ଅବସ୍ଥା ଭୋଗିବାକୁ ପଡୁଛି। ଦୈନନ୍ଦିନ ଛୋଟବଡ ଦୁର୍ଘଟଣା ଘଟୁଥିବା ବେଳେ ଏଥିପ୍ରତି ଜନପ୍ରତିନିଧି, ନେତା, ମନ୍ତ୍ରୀ, ଜିଲ୍ଲା ପ୍ରଶାସନିକ, କାରଖାନା କର୍ତ୍ତୃପକ୍ଷ କାହାରି ଦୃଷ୍ଟି ପଡୁନାହିଁ। ଝାରସୁଗୁଡ଼ା ପିଡବ୍ଲ୍ୟୁଡି ତରଫରୁ ୨ ବର୍ଷ ପୂର୍ବେ ରାସ୍ତାଟିର ମରାମତି ପାଇଁ ୩୮ ଲକ୍ଷ ୯୬ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ବର୍ଷେ ଭିତରେ ପୂର୍ବତନ ବିଧାୟିକାଙ୍କ କରକମଳରେ ୧୩ କୋଟି ମଞ୍ଜୁର ହୋଇ ସୁଦ୍ଧା ରାସ୍ତାଟିର ମରାମତି ସମ୍ଭବ ହେଲା ନାହିଁ। ଆଇଓସିଏଲ ଠାରୁ ସାରସମାଳ ପର୍ଯ୍ୟନ୍ତ କିଛି କାମ ହୋଇଥିଲେ ସୁଦ୍ଧା ନ ହେଲା



ସଙ୍ଗେ ସମାନ। ଏ ରାସ୍ତାରେ ଭାରୀଯାନ ଚଳାଚଳ କରି ଧୂଳି ଧୂଆଁ ଉଡୁଥିବାରୁ ଯାତ୍ରୀଙ୍କୁ ବହୁ ଅସୁବିଧା ଭୋଗିବାକୁ ପଡୁଛି। ପ୍ରଚୁର ଧୂଆଁ ସହ ରାସ୍ତା ଧୂଆଁ ବଳୟରେ ଅଦୃଶ୍ୟ ହୋଇଯାଉଛି। ଯେକୌଣସି ସମୟରେ ମର୍ମନ୍ତୁଦ ଦୁର୍ଘଟଣା ହେବାର ପ୍ରବଳ ସମ୍ଭାବନା ରହିଛି। ଏଥିପ୍ରତି ଉଚ୍ଚ ପ୍ରଶାସନ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ମତ ପ୍ରକାଶ ପାଇଛି।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ କାର୍ଯ୍ୟକ୍ରମ

**ସମ୍ବଲପୁର, ୩।୧୨ (ସମିସ)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଆଜି ପୂର୍ବାହ୍ଣରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ -୨୦୨୫ ଉପଲକ୍ଷେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିଏସଏସଓ ସୌରଚନ୍ଦ୍ର ପାଣିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗ ଦେଇଥିବାବେଳେ ମହାନଗର ନିଗମ ଡେପୁଟି କମିଶନର ସୀମା ସବିତା କୁଲ୍ଲୁ, ଡିଏସ୍‌ଡବ୍ଲୁଓ ସଂଯୁକ୍ତା ସାହୁ ସମ୍ମାନିତ ଅତିଥି ଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଲରମ୍ଭା କଲେଜ ଅର୍ଥନୀତି ବିଭାଗ ମୁଖ୍ୟ ଡଃ ଦିଗାମ୍ବର ଚାନ୍ଦ, ହୀରାକୁଦ କଲେଜ ରାଜନୀତି ବିଜ୍ଞାନ ବିଭାଗ ପ୍ରଫେସର ଡଃ ମଞ୍ଜୁଲତା ପଣ୍ଡା, ଭିମସାର ବୁର୍ଲାର ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର, ସୁଟିଂରେ ପାରା ଅଲିମ୍ପିଆନ ପୁଲିସ ବିଭାଗର ସୁକାନ୍ତ ସାହୁ ଏବଂ କୁଚିଣ୍ଡା ନବୋଦୟର




୧୦ମ ଶ୍ରେଣୀ ଛାତ୍ର ସୌମ୍ୟକାନ୍ତ ମହାକୁଡ଼ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶାନ୍ତନୁ ସାନବଡ଼ ଓ ରେଶ୍ମା ବେହେରାଙ୍କୁ ବିବାହ ପ୍ରୋତ୍ସାହନ ରାଶି ଅଢ଼େଇ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।

ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସମସ୍ତଙ୍କ ପାଖରେ ସାମର୍ଥ୍ୟ ଅଛି, ଦୃଢ଼ତାର ସହ ଚେଷ୍ଟା କଲେ ସଫଳତାର ଶିଖର ଛୁଇଁ ପାରିବେ। ସେମାନଙ୍କୁ କେବଳ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଭିନ୍ନକ୍ଷମଙ୍କ ସୁବିଧା ସୁଯୋଗ ପ୍ରଦାନ କଲେ ହେବନାହିଁ ବରଂ ସେମାନଙ୍କ ପ୍ରତିଭା କିଭଳି ଦକ୍ଷତାର ସହ ବିକଶିତ ହୋଇପାରିବ ସେଥିପ୍ରତି ଚେଷ୍ଟା କରିବାକୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସେମାନେ ସ୍ୱାବଲମ୍ବୀ ହୋଇ ସାମାଜିକ, ଅର୍ଥନୈତିକ ବିକାଶର ଅଂଶ ହେବାସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ପାରିବେ। ସମ୍ବଲପୁର ଜିଲ୍ଲା ସବୁ ସମୟରେ ଭିନ୍ନକ୍ଷମ ସଶକ୍ତିକରଣ କ୍ଷେତ୍ରରେ ଆଗୁଆ ରହିଥିବାବେଳେ ଭିନ୍ନକ୍ଷମଙ୍କ ଦକ୍ଷତା ବିକାଶ ଏବଂ ନିୟୋଜନ ସହ ଉଦ୍ୟୋଗୀ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଶ୍ରୀ ବୋନ୍ଦର ସୂଚନା ଦେଇଛନ୍ତି। ଏହି ଅବସରରେ ୧୦ ଜଣଙ୍କୁ ଶ୍ରବଣ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ଦୌଡ଼, ଗୀତ, ସଟ୍‌ପୁଟ୍, ରଚନା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଦିବ୍ୟାଙ୍ଗ ମାନଙ୍କ ସହ ବରିଷ୍ଠ ନାଗରିକ, ବିଭିନ୍ନ ଅନୁଷ୍ଠାନ ତଥା ଜନସାଧାରଣ ସାମିଲ ହୋଇଥିଲେ।

# ଏନ୍‌ଏସି ଅବସରପ୍ରାପ୍ତ କର୍ମଚାରୀଙ୍କ ଅନଶନ



**କୁଚିଣ୍ଡା, ୩।୧୨(ସମିସ):** କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ବାରମ୍ବାର ଆବେଦନ କରିବା ସତ୍ତ୍ୱେ ସେମାନଙ୍କର ବୈଧ ଅବସରକାଳୀନ ସୁବିଧା ନପାଇବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସମ୍ପୃକ୍ତ କର୍ମଚାରୀମାନେ କହିଛନ୍ତି ଯେ ସେମାନେ ରାଜ୍ୟ ପ୍ରଶାସନ, ଜିଲ୍ଲା ପ୍ରଶାସନ, ସ୍ଥାନୀୟ ପ୍ରଶାସନ ଏବଂ ମୁଖ୍ୟମନ୍ତ୍ରୀଙ୍କ ସାଧାରଣ ଅଭିଯୋଗ ଶୁଣାଣିରେ ମଧ୍ୟ ବହୁବାର ଲିଖିତ ଅଭିଯୋଗ ଦାଖଲ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଅବସରର ବହୁ ବର୍ଷ ପରେ ମଧ୍ୟ କର୍ତ୍ତୃପକ୍ଷଙ୍କ ନିରନ୍ତର ଅବହେଳା ଯୋଗୁଁ ସେମାନଙ୍କୁ ଗ୍ରାଚ୍ୟୁଇଟି ଏବଂ ଅବ୍ୟବହୃତ ଛୁଟି ପାଇଁ ଦେୟ ଭଳି କୌଣସି ଆର୍ଥିକ ସୁବିଧା ଯୋଗାଇ ଦିଆଯାଇ ନାହିଁ। ତେଣୁ, କ୍ଷତିଗ୍ରସ୍ତ ଅବସରପ୍ରାପ୍ତ କର୍ମଚାରୀ ମିଳିତ ଭାବରେ ବୁଧବାରରୁ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ରିଲେ ଅନଶନ ବସିଛନ୍ତି। ସେମାନଙ୍କର ପ୍ରାପ୍ୟ ସମାଧାନ ନହେବା ପର୍ଯ୍ୟନ୍ତ ପ୍ରତିବାଦରେ ସ୍ୱେଚ୍ଛାକୃତ ଅଂଶଗ୍ରହଣ ଘୋଷଣା କରିଛନ୍ତି।ଅନଶନରେ ଉପେନ୍ଦ୍ର କୁମାର ପାତ୍ର, ଶିବା ଚନ୍ଦ୍ର ମାଝୀ, କୃତାର୍ଥ ବେହେରା, ମଦନ ମୋହନ ମାଝୀ, ଖୁସିରାମ କଉଡ଼ି, ମାଧବ ତ୍ରିପାଠୀ, ବିନୋଦ ବିହାରୀ ଚଲାନଙ୍କ ସମେତ ବହୁ ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ପାରୁଆଭାଡି ମଣ୍ଡିରୁ ଉଠିଲା ଧାନ

**କୁଚିଣ୍ଡା, ୩।୧୨(ସମିସ):** ଗତ ଶୁକ୍ରବାର ୨୮ ତାରିଖରୁ ଆରମ୍ଭ ହୋଇଥିବା ଖରିପ ଧାନ କିଣା ପାରୁଆଭାଡି ମଣ୍ଡିରେ ପ୍ରଥମ ଥର କୌଣସି ମିଲ ଟ୍ୟାଗ୍ ହୋଇ ନଥିବା ବେଳେ ଧାନ ଆସିନଥିଲା। ସୋମବାର ଦ୍ୱତୀୟ ଥର ରେ ବି ଧାନ ଆସିନଥିବା ବେଳେ ବୁଧବାର ତୃତୀୟ ପାଳିରେ ମିଲ ଟ୍ୟାଗ୍ ହେବା ପରେ ଧାନ କିଣା ଆରମ୍ଭ ହୋଇଯାଇଥିଲା। ମଣ୍ଡିକୁ ଆସିଥିବା ୩୨ ଜଣ ଚାଷୀ ୩୬୮୦ବସ୍ତା ଧାନ ଆଣିଥିଲେ। ସେହି ୩୬୮୦ବସ୍ତା ଧାନ କୁ ପାରୁଆଭାଡି ଲେମ୍ପ କିଣି ଟ୍ୟାଗ୍ ହୋଇଥିବା ଆରବିଏଣ୍ଡସନ, ସାଲେଶ୍ୱର ମିଲକୁ ଧାନ ପଠେଇ ଥିଲେ।




# ରେଢ଼ାଖୋଲ ସୁରଘୁଙ୍ଗୁର ମହୋତ୍ସବ ପ୍ରସ୍ତୁତି ବୈଠକ



**ରେଢ଼ାଖୋଲ, ୩।୧୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲର ସାଂସ୍କୃତିକ ଅନୁଷ୍ଠାନ ସୁରଘୁଙ୍ଗୁର ପକ୍ଷରୁ ସୋମବାର ଦିନ ସ୍ଥାନୀୟ ପିଡବ୍ଲୁଡି ବଙ୍ଗଳାରେ ସୁରଘୁଙ୍ଗୁର ମହୋତ୍ସବ-୨୦୨୬ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଂଘର ଉପଦେଷ୍ଟା କେକେ ସାହୁଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ସଭାପତି ସୁଶାନ୍ତ କୁମାର ନାଗ ସଭାପତିତ୍ୱ କରି ମହୋତ୍ସବରେ ଲିଭି ଯାଉଥିବା ନୃତ୍ୟ, କଳା ସଂସ୍କୃତିକୁ ପ୍ରାଧାନ୍ୟ ଦିଆଯାଇ କିପରି ଆକର୍ଷଣୀୟ କରାଯାଇପାରିବା ବିଷୟରେ ଆଲୋଚନା କରିଥଲେ। ଜାନୁଆରୀ ୨୮ରୁ ଫେବୃୟାରୀ ୧ ତାରିଖ ପର୍ଯ୍ୟନ୍ତ କରାଯାଇ ଆରମ୍ଭରେରୁ ମିନି ମାରାଥନ, ଦଣ୍ଡ କୃଷ୍ଣଗୁରୁ, ପାଲା, ସମ୍ବଲପୁରୀ ଫେସନ ସୋ, କବିତା ପାଠୋତ୍ସବ, ନୃତ୍ୟ, ଗୀତ, ଡ୍ରଇଁ, ଖୋଟି ଇତ୍ୟାଦି ପ୍ରତିଯୋଗିତା କରାଯାଇ ବିଭିନ୍ନ ଜିଲ୍ଲାର ଲୋକଗୀତ, ଲୋକନୃତ୍ୟ, ଲୋକବାଦ୍ୟର ଦଳଗତଙ୍କୁ ନେଇ ମହୋତ୍ସବ ଓ ଜିଲ୍ଲାର କଳା, କ୍ରୀଡା, ଚାଷୀ, ଶିକ୍ଷା କ୍ଷେତ୍ରରେ ଥିବା ବ୍ୟକ୍ତି ବିଶେଷମାନଙ୍କୁ ସମ୍ମାନିତ କରାଯିବା ନେଇ ଆଲୋଚନା ହୋଇଥିଲା। ପ୍ରସ୍ତୁତି ବୈଠକରେ ଉପଦେଷ୍ଟା ଉମାକାନ୍ତ ମହାନନ୍ଦ, ସୁଭଦ୍ର ଭବସାଗର, ପ୍ରସନ୍ନ ପ୍ରଧାନ, ସୁଧାଂଶୁ ପୁରୋହିତ, ପ୍ରକାଶ ମୁଖି, ଉପସଭାପତି ରଶ୍ମିରଞ୍ଜନ ଖଡିରତ୍ନ ସହ ସମ୍ପାଦକ ଗଜାନନ ଭେସରା ଓ ସଭ୍ୟ ସ ବିଶ୍ୱରଞ୍ଜନ, ଜିତେନ୍ଦ୍ର ବାଘ, ସୁକାନ୍ତ ବେହେରା, ଦେବେନ୍ଦ୍ର ବେହେରା, ଶରତ ସୁନା, ପ୍ରକାଶ ମେହେର, ସୁଧୀର ସୁନା, ଜାଗା ସିଂ, ହିମାଂଶୁ ସାହୁ, ସୁମନ୍ତ ସାହୁଙ୍କ ସହିତ ସୁରଘୁଙ୍ଗୁର ପରିବାରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ରାଜେନ୍ଦ୍ର ବୈଠାରୁ ଧନ୍ୟବାଦ୍ ଦେଇଥିଲେ।

# ଜୁନିୟର ରେଡ୍‌କ୍ରସ କାଉନସେଲର ତାଲିମ ଶିବିର

**ସମ୍ବଲପୁର, ୩।୧୨ (ସମିସ) :** ସମ୍ବଲପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାର ତିନୋଟି ବ୍ଲକ ପାଇଁ ଏକଦିବସୀୟ ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସ କାଉନସେଲର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଧନକଉଡ଼ା ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ବିଶ୍ୱାମିତ୍ର ଦୀପ ଅଧକ୍ଷତା କରିଥିଲେ। ଶିବିରର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଯୋଗଦେଇ ରେଡକ୍ରସ ପତାକା ଉତ୍ତୋଳନ କରିବା ସହିତ ପ୍ରଶିକ୍ଷାର୍ଥୀ ମାନଙ୍କୁ ବିଦ୍ୟାଳୟସ୍ତରରେ ପ୍ରଶିକ୍ଷିତ ଜ୍ଞାନକୁ ପ୍ରୟୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଶିବିରଟି ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଧନକଉଡ଼ା ବ୍ଲକ ଶିକ୍ଷାଧିକାରୀ କରନ ଶର୍ମା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆଇ.ସି.ଟି.ସି କାଉନସେଲର ବିଭୁତି ଭୂଷଣ ଭୋଇ, ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷିକା ଗୀତାଞ୍ଜଳି ସା, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁଜାତା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ବଲପୁର ଜିଲ୍ଲାର ଧନକଉଡ଼ା, ରେଙ୍ଗାଲି ଏବଂ ବାମରା ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ମୋଟ ୭୦ ଜଣ କାଉନସେଲର ଯୋଗ ଦେଇଥିଲେ।

କାଉନସେଲର ବିଭୁତି ଭୂଷଣ ଭୋଇ ଏଚ.ଆଇ.ଭି.-ଏଡ୍‌ସ ସମ୍ବନ୍ଧରେ ସବିଶେଷ ପ୍ରଶିକ୍ଷଣ ପ୍ରଦାନ କରିଥିବାବେଳେ ଆନନ୍ଦ ତନସନା ପ୍ରାଥମିକ ଉପଚାର ଏବଂ ସିପିଆର ଦିଆଯିବା ପ୍ରକ୍ରିୟା ପ୍ରଦର୍ଶନ କରିଥିଲେ। ସାଧନକର୍ମୀ ସମୀର ଭୋଇ ଜଳବାୟୁ ପରିବର୍ତ୍ତନ, ଦୀପିକା ପ୍ରଧାନ ଘର ବଗିଚା ଏବଂ ବିକାଶ ରଞ୍ଜନ ସାହୁ ବିଦ୍ୟାଳୟସ୍ତରରେ ରେଡକ୍ରସ କାର୍ଯ୍ୟକ୍ଷମ କରିବା ନେଇ ପ୍ରଶିକ୍ଷଣ ଦେଇଥିଲେ। ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ ସଂଯୋଜନା କରିଥିଲେ। ଜୁନିୟର ରେଡକ୍ରସ କାଉନସେଲର ଲକ୍ଷ୍ମଣ ମେହେର, ସୁଧାଂଶୁ ଭୂଷଣ ଷଣ୍ଢ ତଥା ଧନକଉଡ଼ା ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଦିନରେ ଜିଲ୍ଲାର ତିନୋଟି ଲେଖାଏ ବ୍ଲକ ସକାଶେ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ।

# ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ ମହାବିଦ୍ୟାଳୟସ୍ତରୀୟ ଅଭିଯାନ




**ସମ୍ବଲପୁର, ୩।୧୨ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟଠାରେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ପକ୍ଷରୁ ନିରନ୍ତର ବିକାଶ ଲକ୍ଷ୍ୟ (ସସ୍‌ଟେନେବଲ୍ ଡେଭଲପମେଣ୍ଟ ଗୋଲ୍ ବା ଏସ୍‌ଡିଜି) ଉପରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଏବଂ ପ୍ରଦର୍ଶନୀ ଉପନିର୍ଦ୍ଦେଶକ ପ୍ରକାଶ କୁମାର ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ମୁଖ୍ୟଅତିଥି ଏବଂ କୁଳସଚିବ ସନତ କୁମାର ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଏସ୍‌ଡିଜି ସମ୍ବନ୍ଧୀୟ ମଡେଲ ପ୍ରଦର୍ଶନୀ ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତା ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପଦାର୍ଥ ବିଜ୍ଞାନ ପ୍ରଫେସର ଡଃ ଶଙ୍କର ପ୍ରସାଦ ପତି, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରର ନିର୍ଦ୍ଦେଶକ ଡଃ ସଚିଦାନନ୍ଦ ବକ୍ସି ଓ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡଃ ବିଭୂତି କଲ୍ୟାଣ ମହାକୁଳ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଉପକୁଳସଚିବ ଡଃ ଉମାଚରଣ ପତି ବିଚାରକ ଭାବେ ପ୍ରତିଯୋଗିତା ଗୁଡ଼ିକୁ ପରିଚାଳନା କରିଥିଲେ। ଏହି ତିନୋଟି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ସହକାରୀ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

**କୁସୁମୀ ଲ୍ୟାମ୍ପର ଏମଡିଙ୍କୁ ନିଲମ୍ବନ ପ୍ରସଙ୍ଗ**

# ବେଆଇନ ଦର୍ଶାଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**କୁଚିଣ୍ଡା, ୩।୧୨(ସମିସ)**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ କୁସୁମୀ ଲ୍ୟାମ୍ପ ସମିତିର ସଭାପତି ବେଆଇନ ଭାବେ ଏବଂ ପାତରଅନ୍ତର ନୀତି ଅବଲମ୍ବନ କରି କୁସୁମୀ ଲ୍ୟାମ୍ପର ନିଲମ୍ବିତ ଏମଡି କୈଳାସ ମାଝୀଙ୍କୁ ନିଲମ୍ବନ କରିଥିବା ନେଇ ସମ୍ବଲପୁର ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, କୁଚିଣ୍ଡା ସମବାୟ ବିଭାଗର ସହକାରୀ ନିବନ୍ଧକ (ଏଆରସିଏସ୍)ଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣାଧିନ କୁସୁମୀ ଲ୍ୟାମ୍ପ ସମିତିରେ କୈଳାସ ମାଝୀ ଦୀର୍ଘ ବର୍ଷ ହେବ ପରିଚାଳନା ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରି ଆସୁଛନ୍ତି। ତେବେ ସେ ସମିତିର ପ୍ରାୟ ୧୩ ଲକ୍ଷ ୫୪ ହଜାର ୬୮ ଟଙ୍କା ହେରଫେର କରିଥିବା ଅଭିଯୋଗ କରି ଲ୍ୟାମ୍ପର ସଭାପତି ବିପ୍ର ଚରଣ ବାଘ ତାଙ୍କୁ ପତ୍ର ସଂଖ୍ୟା ୧୨/୪.୯.୨୦୨୪ ଦିନ ଚାକିରିରୁ ନିଲମ୍ବନ କରିଥିଲେ।ଏହି ନିଲମ୍ବନକୁ ବେଆଇନ ବୋଲି ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି। କାରଣ ସମବାୟ ନିୟମ ଅନୁସାରେ କୌଣସି କର୍ମଚାରୀଙ୍କୁ ନିଲମ୍ବନ କରିବା ପୂର୍ବରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା କଥା ମାତ୍ର ଏ କ୍ଷେତ୍ରରେ ସଭାପତି ଏହାର ଖୋଲା ଉଲ୍ଲଂଘନ କରିଛନ୍ତି। କୌଣସି ନୋଟିସ ପ୍ରଦାନ କରି ନାହାଁନ୍ତି।ଏହା ବ୍ୟତୀତ ସଭାପତି ତାଙ୍କର ନିଲମ୍ବନ ଆଦେଶକୁ ସମିତିର ପରିଚାଳନା ପରିଷଦର ବୈଠକରେ ମଞ୍ଜୁର କରାଇବା ପାଇଁ ନିୟମ ରହିଛି, ପରିଚାଳନା ପରିଷଦର ମଞ୍ଜୁରୀ ବିନା କୌଣସି କର୍ମଚାରୀଙ୍କୁ ନିଲମ୍ବନ କରିବା ପାଇଁ ସଭାପତି କ୍ଷମତା ପ୍ରାପ୍ତ ଅଧିକାରୀ ନୁହଁନ୍ତି। ମାତ୍ର ସଭାପତି ସବୁ ନିୟମକୁ ବେଖାତିର କରି ତାଙ୍କୁ ବେଆଇନ ଭାବେ ନିଲମ୍ବନ କରାଯାଇଥିବା ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି। ସେ ସମିତିର କୌଣସି ଟଙ୍କା ହେରଫେର କରି ନ ଥିବା କଥା ବି ଉଲ୍ଲେଖ କରିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ଏହି ସମିତିର ଆକାଉଣ୍ଟାଣ୍ଟ ଅଲେଖ ଚନ୍ଦ୍ର ନାୟକ ସମିତିର ୨୭ ଲକ୍ଷ ୨୮ ହଜାର ଟଙ୍କା ଆତ୍ମସାତ କରିଥିବାରୁ ତାଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ପାଇଁ କୁଚିଣ୍ଡା ଏଆରସିଏସ ନିର୍ଦ୍ଦେଶ ଦେଇଥିଲେ ମଧ ସଭାପତି ଆକ୍ରୋଶ ମନୋଭାବ ରଖି ଶ୍ରୀ ମାଝୀଙ୍କୁ ନିଲମ୍ବନ କରିଥିଲେ ମଧ ଅଲେଖ ନାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ଏଣୁ ସଭାପତିଙ୍କ ଏପରି ବେଆଇନ କାମରେ ତଦନ୍ତ କରି ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଶ୍ରୀ ମାଝୀ ଜିଲ୍ଲାପାଳଙ୍କୁ ଦରଖାସ୍ତ ମାଧମରେ ଅନୁରୋଧ କରିଛନ୍ତି।

# ମହିଳା ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ

**ରେଢ଼ାଖୋଲ, ୩।୧୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ବିବସ ପାଳିତ ହୋଇଯାଇଛି। ୱାଇଆରସି ସଂଯୋଜିକା ବାସନ୍ତୀ ଭୋଇ ସଭା ପରିଚାଳନା କରିଥିଲେ। ଅନୁଷ୍ଠାନର ଅଧକ୍ଷା ଏଡ୍‌ସ ରୋଗର ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ସୁନୀତା ମିଶ୍ର ଏଡସ୍ ରୋଗର କାରଣ, ଲକ୍ଷଣ ଏବଂ ନିରାକରଣ ବିଷୟରେ ସମ୍ୟକ ଧାରଣା ଦେଇଥିଲେ। ସଚେତନତା କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ ନଗର ପରିକ୍ରମା ସମେତ ବରିଷ୍ଠ ନାଗରିକଙ୍କୁ ରେଡ ରିବନ ପିନ୍ଧାଇ ସଚେତନତା ସୃଷ୍ଟି କରିଥିଲେ। ଶେଷରେ ଏନଏସ୍‌ଏସ୍ ସଂଯୋଜକ ଅଧ୍ୟାପକ ପ୍ରହ୍ଲାଦ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ।







# ଉଚ୍ଚକାପାଟ ଓ ରଙ୍ଗିଆଟିକ୍ରା ପଞ୍ଚାୟତରେ ମଣ୍ଡି ଉଦ୍‌ଘାଟିତ



**କୁଚିଣ୍ଡା, ୩।୧୨(ସମିସ):** ବାମରା ବ୍ଲକ ଉଚ୍ଚକାପାଟ ଓ ରଙ୍ଗିଆଟିକ୍ରା ପଞ୍ଚାୟତରେ ଚଳିତ ବର୍ଷ ଖରିଫ ଧାନ କ୍ରୟ ପାଇଁ ବୁଧବାର ମଣ୍ଡି ଉଦ୍‌ଘାଟିତ ହୋଇଛି। ଭଗପଡ଼ା ଛକ ନିକଟରେ ଥିବା ମଣ୍ଡିରେ ଚାଷୀ ନେତା ଯୋଗ ବିହାରୀ ପରିଡ଼ା, ସରପଞ୍ଚ ସୁବନ୍ତି କେଛୁ, ସମିତି ସଭ୍ୟା ସୌଦାମିନୀ ନାଏକ, ନୋଡାଲ ଅଧିକାରୀ ପ୍ରତାପ କୁମାର ସା, ଲାମ୍ପ ପରିଚାଳନା ନିର୍ଦ୍ଦେଶକ ପ୍ରଦିପ ଭାଇଁସା, ସଭାପତି ଲକ୍ଷ୍ମୀନାରାୟଣ ଛତ୍ରିଆ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏସ ଓ ଏଲପିସି ସଭ୍ୟ ସୁକାନ୍ତ ନାଏକ, ପ୍ରଦୀପ ପଟେଲ, ଆଲୋକ ଚୌଧୁରୀ, ବିକାଶ ଚୌଧୁରୀ, ଶଙ୍କର ନିଖଣ୍ଡିଆ, ମିତ୍ରଭାନୁ କେଛୁ ଓ ଅନିଲ ପୁରୋହିତଙ୍କ ସହ ମାନେ ଚାଷୀ ଉପସ୍ଥିତ ଥିଲେ।ଉଚ୍ଚକାପାଟ ମଣ୍ଡିରେ ପ୍ରଥମ ଦିନରେ ୩ ଜଣ ଚାଷୀଙ୍କ ୨୭୨ ବସ୍ତା ଧାନ ଆସି ପହଞ୍ଚି ଥିବା ଜଣାପଡ଼ିଛି। ସେହିପରି ରଙ୍ଗିଆଟିକ୍ରା ଠାରେ ମଣ୍ଡି ଉଦ୍‌ଘାଟିତ ହୋଇଛି।

# ଘନେଇଲା ଆନ୍ଦୋଳନ, ୫ରେ ଦୁଲୁକିବ ଲୋୟର ପିଏମ୍‌ଜି

**ପଦ୍ମପୁର, ୩।୧୨(ସମିସ)**

ରାଜ୍ୟ ଶିକ୍ଷକ ମହାସଂଘର ଷ୍ଟିୟରିଂ କମିଟି ସଦସ୍ୟ, ଜିଲ୍ଲା ସଂଘ ତଥା ରାଜବୋଡାସମ୍ବର ବ୍ଲକ ଶିକ୍ଷକ ସଂଘର ପରାମର୍ଶ ଦାତାଙ୍କ ମାର୍ଗଦର୍ଶନ ଓ ତତ୍ତ୍ୱାବଧାନରେ ତଥା ସଭାପତି ହେମନ୍ତ ଛୁରାଙ୍କ



ନେତୃତ୍ୱରେ ସ୍ଥାନୀୟ ରାଜବୋଡାସମ୍ବର ବ୍ଲକ ଶିକ୍ଷାଅଧିକାରୀଙ୍କୁ ଗଣଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ତଥା ସ୍କୁଲ ଓ ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ୨ ଦଫା ଦାବି ସମ୍ବଳିତ ପତ୍ର ପ୍ରଦାନ କରାଯାଇଛି। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ବିରୋଧୀ ଦଳର ନେତା ମୋହନ ମାଝୀ ୨୦୨୨ରେ ମସିହାରେ ବିରୋଧୀ ଦଳରେ ଥିଲାବେଳେ ଧାରଣା ସ୍ଥଳକୁ ଆସି ପ୍ରାଥମିକ ଶିକ୍ଷକ ମାନଙ୍କର ଦରମା ଅସଂଗତି ଓ ସରକାରକୁ ଆସିଲେ ମାଟ୍ରିକ ସିଟିରୁ ଯୁକ୍ତ ଦୁଇ ସିଟି ପୋଷ୍ଟକୁ ଉନ୍ନୀତ କରି ମୂଳ ଗ୍ରେଡ ପେ ୪୨୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏବେ ଲୋକଙ୍କର ସରକାର ତାଙ୍କ କଥା ରଖି କଣ୍ଟ୍ରାକ୍ଟୁଆଲ ସମୟ ୬ ବର୍ଷ ୨୦୦୧ରୁ ହିସାବକୁ ନେଇ ନୋସନାଲ ଇନ୍କ୍ରିମେଣ୍ଟ ପ୍ରଦାନ କରିବାକୁ ନିବେଦନ ହୋଇଛି। ସରକାର ଦାବି ପୂରଣ ନକଲେ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ଅଚଳ କରିବା ସହ ଅସହଯୋଗ ଆନ୍ଦୋଳନ ଦାବି ପୂରଣ ପର୍ଯ୍ୟନ୍ତ ଚାଲୁ ରଖିବାକୁ ରାଜ୍ୟ ମହାସଂଘର ନିଷ୍ପତ୍ତିକୁ ତୀବ୍ର କରିବାକୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପତ୍ର ପ୍ରଦାନ ସମୟରେ ସମ୍ପାଦକ ଅଶୋକ ସାହୁ ବିବରଣୀ ପାଠ କରିଥିଲେ। ସଂଗଠନ ସମ୍ପାଦିକା ମମତା ମିଶ୍ର, କୋଷାଧ୍ୟକ୍ଷ ମନୋଜ ସାହୁ, ପ୍ରେମସାଗର ପ୍ରଧାନ, ଚଣ୍ଡୀପ୍ରସାଦ ଭୋଇ, ସଞ୍ଜୀବ ବାରିକ, ନେତ୍ରାନନ୍ଦ ସାହୁ, ଆଶିଷ ବୈକାର, ଦେବାନନ୍ଦ ତୁରିଆ, ସୁରେଶ ଚୌହାନ, ନୀଳାଦ୍ରି ମଣ୍ଡଳୀ ନାୟକ, ପ୍ରମୁଖ ବହୁ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକାରୀ କମିଟି ସଦସ୍ୟ, କ୍ଲଷ୍ଟର ପ୍ରତିନିଧି ସାମିଲ ହୋଇଥିଲେ।

## ଆନ୍ଦୋଳନକୁ ଓହ୍ଲାଇବ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ



**ଅମ୍ବାଭୋନା, ୩।୧୨(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୨ ଦଫା ଦାବି ନେଇ ଆସନ୍ତା ଡିସେମ୍ବର ୫ ତାରିଖରେ ହେବାକୁ ଥିବା ଆନ୍ଦୋଳନ ପାଇଁ ଅମ୍ବାଭୋନା ବ୍ଲକ୍ ଏନ୍‌ପିଏସ ଶିକ୍ଷକ ସଂଘର ସଭାପତି ସ୍ୱାଧୀନ ସାହୁଙ୍କ ସହ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ବିଇଓ ଅମ୍ବାଭୋନାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ଅଦ୍ୟାବଧି କୌଣସି ଦାବି ପୂରଣ କରି ନ ଥିବାରୁ ଅମ୍ବାଭୋନା ବ୍ଲକ୍‌ର ସମସ୍ତ ଏନ୍‌ପିଏସ ଶିକ୍ଷକ ଶିକ୍ଷୟିତ୍ରୀ ଆସନ୍ତା ଡିସେମ୍ବର ୫ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ୨୦୦୧ରୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଠିକା କାର୍ଯ୍ୟକାଳକୁ ଗଣନା କରିବା ସହ ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ ଆଦି ଦାବି ଉପସ୍ଥାପନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସନ୍ତୋଷ ମାଝୀ, ଦୁଖ ନାଶନ ପ୍ରଧାନ, କେଦାର ନାଏକ, ରମେଶ ଚନ୍ଦ୍ର ପଟେଲ, ଶ୍ୟାମ ଚରଣ ନାଏକ, ଚୌଧୁରୀ ପାତ୍ର, ବଳରାମ ଦରଦ ମେଘ, ପରମେଶ୍ୱର ରଥ, ରୋହିତ ଭୁଏ, ରାମେଶ୍ୱର ଭୁଏ, ବୁଲୁ ବିଶ୍ୱାଲ, ସିଦ୍ଧାର୍ଥ ପ୍ରଧାନ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ସମାଜସେବୀ ସଂଘ ପକ୍ଷରୁ ଶୀତ ବସ୍ତ୍ର ବଣ୍ଟନ

**ବରଗଡ଼, ୩।୧୨(ସମିସ):** ବିଗତ ଦୁଇ ଦିନ ଧରି ଜିଲ୍ଲା ସମାଜସେବୀ ସଂଘ ତରଫରୁ ଏକ ନିଆରା କାର୍ଯକ୍ରମ ଚାଲୁ ରହିଥିଲା। ନୂଆଁ ଓ ପୁରୁଣା ଶୀତ ବସ୍ତ୍ର ସହିତ ଅନ୍ୟାନ୍ୟ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରା ଯାଇଥିଲା। ୨୯ ତାରିଖ ସକାଳେ କାର୍ଯ୍ୟକ୍ରମକୁ ବରଗଡ଼ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ଶୁଭାରମ୍ଭ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ନିମାଇଁ ଚରଣ ମହାପାତ୍ର, ରୀନା ମହାପାତ୍ର, ଅକ୍ରୁର ମଲ୍ଲିକ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ସାହୁ, ସମାଜସେବୀ ରାଜୁ ମହାନନ୍ଦ, ସଞ୍ଜୀବ ମେହେର, ସମ୍ବିଧାନ ସୁରକ୍ଷା ମଞ୍ଚର ସଭାପତି ପବିତ୍ର ଦେହେରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସମାଜସେବୀ ସଂଘର ପ୍ରତିଷ୍ଠାତା ତଥା ରାଜ୍ୟ ସମାଜସେବୀ ସଂଘ ଓଡ଼ିଶାର ରାଜ୍ୟ ସଭାପତି ବଳିଷ୍ଠ ଦୁର୍ଗାଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସଂଘର ସଦଶ୍ୟ ପରମେଶ୍ୱର ନାଥ, ମିଠାରାମ ସାହୁ, ମୋହନଲାଲ ଅଗ୍ରୱାଲ, ଧୀରେନ୍ଦ୍ର ପୃଷ୍ଟି, ଅଶୋକ ଅଗ୍ରୱାଲ, ରଞ୍ଜନ ସାହୁ, ଦୀପକ ଦାଶ, କୀର୍ତ୍ତି ମହାନନ୍ଦ, ରାଜେଶ ପୁରୋହିତ, ବିକ୍ରମ ଦାଶ, ଜୟନ୍ତ ଭୋଇ, ଅନିଲ ବେହେରା, ରାଜେଶ ଶର୍ମା, ଶିବ ଲୁହା, ନାରାୟଣ ସିଂ, ଆକାଶ ବାରିକ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ସମ୍ବିଧାନ ଦିବସରେ ଶୋଭାଯାତ୍ରା

**ବିଜେପୁର, ୩।୧୨(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ହାଇସ୍କୁଲ ପଡ଼ିଆ ଠାରେ ଅନୁସୂଚିତ ଜାତି ସରକାରୀ କର୍ମଚାରୀ ସଂଘ ବିଜେପୁର ଆୟୋଜନ କ୍ରମେ ୭୬ତମ ସମ୍ବିଧାନ ଦିବସ ଅବସରରେ ବିରାଟ ଜନସମାବେଶ ଆୟୋଜିତ ହୋଇଯାଇଛି। ବୀର ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଓ ଭାରତୀୟ ସମ୍ବିଧାନ ଗ୍ରହଣ ଦିବସ ପାଳନ ପାଇଁ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସନ୍ତୋଷ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବହୁଜନ ବିକାଶ ଓ ସୁରକ୍ଷା ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବାବୁଲୁ ବିଭାର, ସମ୍ମାନିତ ଅତିଥି ଭାବେ ବଳରାମ ବିଭାର, ପ୍ରବୁଦ୍ଧ ଭାରତ ସଂଘର ସଭାନେତ୍ରୀ ପଦ୍ମାଳୟା ଦୀପ, ଲକ୍ଷେ ଘର ସମାଜ ସଭାପତି ଗୋଲାପ ପାଇକ, ଦଳିତ ସଂଗଠକ ବାଳକିଶୋର ଛତର, ପହଣ୍ଡି ସରପଞ୍ଚ ନବୀନ ମହାନନ୍ଦ, ଜାରିଂ ସରପଞ୍ଚ ପ୍ରଭାସିନୀ ବିଭାର, ଟି ଗଣ୍ଡପାଲି ସରପଞ୍ଚ ଦିଲିପ ଦୀପ, ସମିତି ସଭ୍ୟ ବଳରାମ ଦୀପ, ସୁରେଖା ଭୋଇ, ଜଗଦୀଶ ଲୁହା ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଡ.ରମେଶ ଚନ୍ଦ୍ର ମହାନନ୍ଦ ବୀର ବିର୍ସା ମୁଣ୍ଡାଙ୍କ ଅଦମ୍ୟ ଆନ୍ଦୋଳନ ଓ ଆଦିବାସୀ ଅଧିକାର ସୁରକ୍ଷା ପାଇଁ କରିଥିବା ତ୍ୟାଗର କଥା ସ୍ମରଣ କରିଥିଲେ। ଏହାସହ ସମ୍ବିଧାନ ପ୍ରଣେତା ଡ.ଆମ୍ବେଦକରଙ୍କ ଜୀବନ ଦର୍ଶନ, ସେମାନଙ୍କର ସାମାଜିକ ସୁଧାର ଅଭିଯାନ ଉପରେ ଅତିଥି ଗଣ ମତବ୍ୟକ୍ତ କରିଥିଲେ।

## ସାର୍ବଜନୀନ ଲକ୍ଷ୍ମୀପୂଜା ମହୋତ୍ସବ ଉଦ୍‌ଯାପିତ

**ବିଜେପୁର, ୩।୧୨(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ପଡ଼ା ଗାଁରେ ୫ଦିନ ବ୍ୟାପୀ ସମାରୋହରେ ଆୟୋଜିତ ସାର୍ବଜନୀନ ୩୦ତମ ଲକ୍ଷ୍ମୀପୂଜା ମହୋତ୍ସବରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ପୂଜା ପୂର୍ଣ୍ଣାହୁତିରେ କର୍ତ୍ତା ଭାବେ ପ୍ରଦୀପ ମେହେର ଓ ସୋନାଲି ମେହେର ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ମନ୍ତ୍ରୀ ରୀତା ସାହୁ, ଡ.ରାଜେଶ ତ୍ରିପାଠୀ, ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ମିଶ୍ର, କ୍ରୀଡା ଶିକ୍ଷକ ସାନନ୍ଦ ସେଠ ପ୍ରମୁଖ ଅତିଥି ବୃନ୍ଦ ଯୋଗ ଦେଇଥିଲେ। ଶେଷରେ ଭୁବନେଶ୍ୱରର ଚତୁର୍ଦ୍ଧାମୂର୍ତ୍ତି ଭଜନ ସନ୍ଧ୍ୟା, ପଶ୍ଚିମବଙ୍ଗର ନଟୁଆ ଡାନ୍ସ, କଳାହାଣ୍ଡିର ଦକ୍ଷିଣକାଳୀ କଳା ପରିଷଦ, ଖୋର୍ଦ୍ଧାର ମଧୁର ସଙ୍ଗୀତ, ପୁରୁଲିଆର ଛଉ, ବରପାଲିର ଲୋକନୃତ୍ୟ ଆଦି ପରିବେଷିତ ହୋଇଥିଲା। କଳାକୁଞ୍ଜର କଳାକାର, ସାଗର ମନ୍ଥନ ଓ ଲକ୍ଷ୍ମୀ ଲୀଳାରେ ଅଂଶଗ୍ରହଣ କରିଥିବା ସମସ୍ତ କଳାକାର, ସାମ୍ବାଦିକ, ସ୍ୱେଚ୍ଛାସେବୀ ପ୍ରମୁଖଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉମାକାନ୍ତ ଭୋଇ, ଅମିୟ ଭୋଇ, ଗଣେଶ ମେହେର ପ୍ରମୁଖ ସାଂସ୍କୃତିକ ମଞ୍ଚକୁ ପରିଚାଳନା କରିଥିଲେ। ସଭାପତି ଉମେଶ ମେହେର, ଉପ ସଭାପତି ଗୋପବନ୍ଧୁ ମେହେର, ସମ୍ପାଦକ ବିଶିକେଶନ ମେହେର, ସହ ସମ୍ପାଦକ ଅମୂଲ୍ୟ ବାରିକ, କୋଷାଧ୍ୟକ୍ଷ ଶାନ୍ତନୁ ମିଶ୍ର, ସହ କୋଷାଧ୍ୟକ୍ଷ ଅନନ୍ତ ପଧାନଙ୍କ ସମେତ ପୂଜା କମିଟିର ସଦସ୍ୟ ତଥା ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ଝାରବନ୍ଧ, ୩।୧୨(ସମିସ):** ଝାରବନ୍ଧ ବ୍ଲକସ୍ତରୀୟ ବଲ୍ଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବଳିଢ଼ିପା ଝାରବନ୍ଧ ଠାରେ ଶୁଭମ ପତି ବିଇଓ ଝାରବନ୍ଧଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପର୍ଶୁରାମ ପଣ୍ଡା ବିଡିଓ ଝାରବନ୍ଧ ଯୋଗଦେଇ ଥିବା ବେଳେ ଆୟୋଜକ ସମ୍ପାଦକ ଜିତେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସୁଷମା ପଟେଲ ସିଡିପିଓ ଝାରବନ୍ଧ, ସନ୍ତୋଷ ବେହେରା ଜିଲ୍ଲା ପରିଷଦ ସଭ୍ୟ ଝାରବନ୍ଧ, ଦୟାନିଧି କୈବର୍ତ୍ତ ଏବିଇଓ ଦୟାନିଧି କୈବର୍ତ୍ତ, ବିସିକେଶନ ଶତପଥୀ ଯୋଗଦେଇ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଲେଖ ଘୁଟା ତହସିଲଦାର ଝାରବନ୍ଧ ଯୋଗ ଦେଇଥିଲେ। ବ୍ଲକ ବିଜ୍ଞାନ ସମ୍ପାଦକ ଚିତ୍ତରଞ୍ଜନ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ଏବଂ ବିବରଣୀ ପଠନ କରିଥିଲେ। ଝାରବନ୍ଧ ବ୍ଲକର ସମସ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ୩୧୭ଟି ପ୍ରୋଜେକ୍ଟ ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନୀର ସିନିୟର ବିଭାଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସ୍ମିତା ପରମିତା ପ୍ରଧାନ ପ୍ରଥମ ସ୍ଥାନ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୁଟୁକାର ଛାତ୍ର ଅହେମ ଭୋଇ ଦ୍ୱିତୀୟ ସ୍ଥାନ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ ଭଣ୍ଡାରପୁରୀର ଛାତ୍ରୀ ଶିଖାରାଣୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆରଏଏ(ରା)ରେ ସରକାରୀ ଉଚ୍ଚ ବିଦ୍ୟାଳୟ ଝାରବନ୍ଧର ଛାତ୍ର ଜିତେଶ ପ୍ରଧାନ ପ୍ରଥମ ସ୍ଥାନ, ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ଡୁଙ୍ଗୁରିପାଲିର ଛାତ୍ରୀ ଶ୍ରୁତିରଣା ଦ୍ୱିତୀୟ ସ୍ଥାନ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବଳିଢ଼ିପାର ଛାତ୍ର ଦେବ ବୁଡେକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବ୍ଲକ ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀରେ ବିଚାରକ ଭାବେ ନୂଆପଡ଼ା ଜିଲ୍ଲାରୁ ୫ ଜଣ, ରାଜବୋଡାସମ୍ବର ବ୍ଲକରୁ ୪ ଜଣ ଏବଂ ପାଇକମାଳ ବ୍ଲକରୁ ୫ ଜଣ ବିଜ୍ଞାନ ଶିକ୍ଷକ ଯୋଗ ଦେଇ ସମସ୍ତ ପ୍ରୋଜେକ୍ଟକୁ ବିଚାର କରିଥିବା ବେଳେ ଝାରବନ୍ଧ ବ୍ଲକର ସମସ୍ତ ସିଆରସିସି, ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସାମିଲ ଥିଲେ। ବିଜୟ ଦାନୀ ମଞ୍ଚ ପରିଚାଳନା କରିଥିବା ବେଳେ ଟିକେଶ୍ୱର ପ୍ରସାଦ ପଟେଲ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବରପାଲିରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

**ବରପାଲି, ୩।୧୨(ସମିସ):** ବରପାଲି ସରସ୍ୱତୀ ସଂଘ ଓ ସରସ୍ୱତୀ ଭୌତିକ ଚିକିତ୍ସା କେନ୍ଦ୍ର ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ସରସ୍ୱତୀ ସଂଘ ସମ୍ପାଦିକା ସୁନିତା ମୁଣ୍ଡଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଂଘ ଉପ ସଭାପତି ପ୍ରତିଭା ବାରିକ ଯୋଗ ଦେଇ ଦିବ୍ୟାଙ୍ଗ ଭାଇ ଭଉଣୀ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ପ୍ରୟାସ କରାଗଲେ ଭିନ୍ନକ୍ଷମ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳତମ ହୋଇପାରନ୍ତା ବୋଲି ମତବ୍ୟକ୍ତ କରିଥିଲେ। ପରେ ପିଲା ମାନଙ୍କୁ ନେଇ ଚିତ୍ରାଙ୍କନ, ସଫ୍ଟବଲ ଫିଙ୍ଗା ଏବଂ ୧୦୦ମି. ଦୌଡ ପ୍ରତିଯୋଗିତା ମାନ କରାଯାଇଥିଲା। ପ୍ରତିଯୋଗିତାରେ କୃତୀ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସଂଘ ସଦସ୍ୟା ଅଞ୍ଜଳି ପଧାନ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଶିକ୍ଷକ ପ୍ରଶାନ୍ତ ସାମଲ ଓ ପ୍ରତାପ ଚନ୍ଦ୍ର ବିଶ୍ୱାଳ, ଭୌତିକ ଚିକିତ୍ସକ ଡ. ସସୀମ ପଧାନ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ବିବେଶିଖା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଚକ୍ଷୁ ଚିକିତ୍ସା ଶିବିର

**ପାଇକମାଳ, ୩।୧୨(ସମିସ):** ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଲୋହିତ ବାରିକ ଶିବିରର ଉଦ୍‌ଘାଟନ କରିଥିଲେ। ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁରର ଡାକ୍ତର ଓ କର୍ମଚାରୀ ଆସି ମାଗଣାରେ ଚକ୍ଷୁ ପରୀକ୍ଷା କରିଥିଲେ। ଶିବିରରେ ମୋଟ ୧୮୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଯୁବ ରେଡକ୍ରସ ସଂଯୋଜିକା ପୁଷ୍ପମଞ୍ଜରୀ ପ୍ରଧାନ ଓ ଦେବାଶିଷ ଭଏନା ଶିବିର ପରିଚାଳନା କରିଥିବାବେଳେ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀ ତଥା ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଗୁରୁ ଭଗବାନ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ

**ପଦ୍ମପୁର, ୩।୧୨(ସମିସ):** ପଦ୍ମପୁର ଉପଖଣ୍ଡ ଢ଼ୋଲବନ୍ଧ ଗାଁରେ ଥିବା ସଚେତନ ହେମା ଅନୁଷ୍ଠାନ ତରଫରୁ ନାଟ୍ୟଗୁରୁ ଭଗବାନ ସାହୁଙ୍କ ୨୫ ତମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ସାହୁ ମୁଖ୍ୟ ଅତିଥି, କାର୍ତ୍ତିକ ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟକାର ରାଜ ସାହୁ ସଭା ପରିଚାଳନା କରିଥିଲେ। ଅନୁଷ୍ଠାନର ନୂତନ ନାଟକ 'ମାର୍ଜାରକେଶରୀ' ପାଣ୍ଡୁଲିପି ପୂଜା କରାଯାଇଥିଲା। କଣ୍ଠଶିଳ୍ପୀ ସ୍ୱପ୍ନେଶ୍ୱରୀ ସାହୁ ଓ ଆଲିଶା ସାହୁ ଗୁରୁଭକ୍ତି ଗୀତ ପରିବେଷଣ କରିଥିଲେ। ଘନଶ୍ୟାମ ଭୋଇ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆଦର୍ଶ ସାହୁ, ସଞ୍ଜୀବ ସାହୁ, ଘନଶ୍ୟାମ ସାହୁ, ସନ୍ଧ୍ୟାରାଣୀ ସୁନା, ଆରାଧ ସାହୁ, ପ୍ରିୟାଂଶି ସାହୁ, ମୁକେଶ ସାହୁ, ମହେନ୍ଦ୍ର ସାହୁ, ତାରାକାନ୍ତ ଭୋଇ, ଜୟନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଝାରବନ୍ଧରେ ଜାଲ୍ ଶିକ୍ଷକ

## ଚାକିରିରେ ଥାଇ ରେଗୁଲାର ବିଏ କରି ପ୍ରମୋସନ ଅଭିଯୋଗ

**ବରଗଡ଼, ୩।୧୨(ସମିସ):** ଶିକ୍ଷା ପ୍ରଦାନ କରାଯାଉଥିବା ବିଦ୍ୟାଳୟରୂପକ ମଣିଷ ଗଢ଼ା କାରଖାନାର ସୂକ୍ଷ୍ମ କାରିଗର ହେଉଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ। ଏହି ମଣିଷ ଗଢ଼ା କାରଖାନାରେ ନକଲି ଶିକ୍ଷକ ଶିକ୍ଷୟିତ୍ରୀ ଜାଲ ପ୍ରମାଣପତ୍ର ଦେଇ ଚାକିରି କରିଥିବା ଖବର ବିଗତ ଦିନରେ ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ତଦନ୍ତ ପରେ କେତେକ ଜାଲ୍ ଶିକ୍ଷକ ଶିକ୍ଷୟିତ୍ରୀ ଧରାପଡ଼ିବା ପରେ ସରକାରଙ୍କୁ ଦରମା ଟଙ୍କା ଫେରସ୍ତ କରିଛନ୍ତି। କିନ୍ତୁ ଜାଲ ପ୍ରମାଣପତ୍ର ଦେଇ ଚାକିରି ହାତେଇ ଥିବା ଝାରବନ୍ଧ ବ୍ଲକର ଜାଲ୍ ଶିକ୍ଷକଙ୍କ ପ୍ରମାଣପତ୍ର ତଦନ୍ତ ପ୍ରକ୍ରିୟା ଫାଇଲ ତଳେ ପଡ଼ି ରହିଥିବା ଅଭିଯୋଗ ହୋଇଛି। ନକଲି ଶିକ୍ଷାଗତ ସିଟି, ବିଇଡି ପ୍ରମାଣପତ୍ରରେ ଚାକିରି କରି ସରକାରଙ୍କ ରାଜସ୍ୱ ହାନି କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀ କୋମଳମତି ଛାତ୍ରଛାତ୍ରୀଙ୍କୁ କିଭଳି ଶିକ୍ଷା ପ୍ରଦାନ କରୁଥିବେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତଦନ୍ତ ପାଇଁ ଚିଠି ଆସେ ତଦନ୍ତ ମଧ୍ୟ ହୁଏ ହେଲେ ଯଥା ପୂର୍ବମ ତଥା ପରମ ଅବସ୍ଥା ଦେଖିବାକୁ ମିଳେ। ଏପରିକି କେତକ ଶିକ୍ଷକ ଶିକ୍ଷୟିତ୍ରୀ ନିୟମିତ ଚାକିରିରେ ଥାଇ ବିଏ ଏବଂ ବିଇଡି ପାଠ ପଢ଼ି ପ୍ରମୋସନ ନେଇ ମୋଟା ଦରମା ନେଉଥିବା ଦେଖାଦେଉଛି। ଏପରି ସ୍ଥଳେ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ପାଠଚକ୍ର

**ବରଗଡ଼, ୩।୧୨(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟରେ ସ୍ନାତକ ଓ ସ୍ନାତକୋତ୍ତର ଓଡ଼ିଆ ଶ୍ରେଣୀର ମିଳିତ ଆନୁକୂଲ୍ୟରେ 'ଓଡିଆ ଲୀଳା ନାଟକ : ଏକ ଅଧ୍ୟୟନ' ଶୀର୍ଷକ ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାପତିତ୍ୱ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଭାଗ ମୁଖ୍ୟ ଡ.ସରୋଜ ନାଏକ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅଧ୍ୟାପିକା ରୀନା ଧର୍ମବିନାୟକ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଗାଇସିଲାଟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀ ଏବଂ ମାଣ୍ଡୋସିଲ୍ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ ଓଡ଼ିଆ ଲୀଳା ନାଟକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ଅଧ୍ୟାପକ ନିର୍ମଳକୁମାର ଓ ଅଧ୍ୟାପିକା ସୁରେଶ୍ୱରୀ ପାଣ୍ଡେ ଉପସ୍ଥିତ ଥିଲେ। ଶେଷରେ ପ୍ରାଧ୍ୟାପିକା ପୂର୍ଣ୍ଣିମା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ବୈଷ୍ଣବ ପାଣିଙ୍କ ରଚିତ ଏବଂ ଡ.ସରୋଜ ନାଏକଙ୍କ ନିର୍ଦ୍ଦେଶିତ ଫପ୍ରହଲ୍ଲାଦ ଚରିତ ତଥା 'ନୃସିଂହଲୀଳା' ନାମକ ଲୀଳା ନାଟକ ଜୟନ୍ତୀ ଯୁବକ ସଂଘ, ବବେବିରାଙ୍କ ଦ୍ୱାରା ମହାବିଦ୍ୟାଳୟସ୍ଥ ଡ୍ରାମା ମଞ୍ଚରେ ମଞ୍ଚସ୍ଥ ହୋଇଥିଲା। ଅଧ୍ୟାପିକା ସୁରେଶ୍ୱରୀ ପାଣ୍ଡେ ମାନପତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଛାତ୍ର ଚିନ୍ତାମଣି ସାହା, ଲିପୁନ ସାହୁ, ମହେଶ ବରିହା, ନିର୍ମଳ ଧରୁଆ, ଗୀତାଞ୍ଜଳି ସାହୁ, ସାଗରୀକା ଯୋଷୀ ଓ ସସ୍ମିତା ସେଠ ପ୍ରମୁଖ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ଏଡ୍‌ସ ଦିବସ






**ବରଗଡ଼, ୩।୧୨(ସମିସ):** ବିକାଶ ହାୟର ଏଜୁକେସନାଲ ଇଂଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜ ଦ୍ୱାରା ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ସଚେତନତା ରାଲି ସହ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇ ହୋଇଛି। ବରାହଗୋଡା ଗାଁରେ ବିକାଶ ନର୍ସିଂ କଲେଜର ଅଧ୍ୟାପକ, ଅଧ୍ୟାପିକା, ବିଏସସି ନର୍ସିଂ ପ୍ରଥମ ସେମିଷ୍ଟାର ଓ ତୃତୀୟ ସେମିଷ୍ଟାର ଛାତ୍ରଛାତ୍ରୀ ତଥା ବରାହଗୋଡା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଆଶା, ଏବଂ ଅଙ୍ଗନବାଡ଼ି କର୍ମୀଙ୍କ ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ଦିପାଞ୍ଜଳି ପଟେଲଙ୍କ ତତ୍ତ୍ୱାବଧାନ ଏବଂ ଅଧ୍ୟାପିକା ଏନ୍‌ବି ଅମିନା, ଅଧ୍ୟାପକ ଅଂଶୁମାନ ମିଶ୍ରଙ୍କ ସମର୍ଥନରେ ହୋଇଥିଲା।

**ଗାଇସିଲେଟ:** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଠଉମାଲ ବିରେନ୍ଦ୍ର ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଓ ରେଡ୍‌ରିବନ୍ କ୍ଲବ୍ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷା ଭାବନା ସେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କାଉନସିଲର ଧନେଶ୍ୱରୀ ବାରିକ ଓ ଅଧ୍ୟାପକ ଅଧ୍ୟାପିକା ସଭାରେ ମଞ୍ଚାସୀନ ଥିଲେ। କାଉନସିଲର ଧନେଶ୍ୱରୀ ବାରିକଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟରୁ ଶୋଭାଯାତ୍ରା ବାହାରି ଗାଁ ପରିକ୍ରମା କରି ଏଡ୍‌ସ୍ ବିଷୟରେ ସଚେତନତା କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଶେଷରେ ଅଧ୍ୟାପକ ପରେଶ ପଟେଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ଅମ୍ବାଭୋନା:** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ସ୍ଥିତ ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରେଡକ୍ରସ ୟୁନିଟ ତରଫରୁ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷା ପ୍ରାଧ୍ୟାପିକା ଦମୟନ୍ତୀ ହୋତାଙ୍କ ସଭାପତିତ୍ୱରେ ଅମ୍ବାଭୋନା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଡ.ପ୍ରଶାନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଡ୍‌ସ ବିଷୟରେ ବିସ୍ତୃତ ଆଲୋଚନା କରି ଯୁବ ସମାଜକୁ ସଚେତନତା ବାର୍ତ୍ତା ଦେଇଥିଲେ। ରେଡକ୍ରସ କାଉନସିଲର ସୁରଜ ପଟେଲ ଓ ବିଦ୍ୟାଳୟରେ ଜୟନ୍ତ ବାରିକ ଏଡ୍‌ସ ବାର୍ତ୍ତା ରଖିଥିଲେ। ସଭାକୁ ଅଧ୍ୟାପକ ପ୍ରଶାନ୍ତ ସାହୁ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଅନୁପମା ପ୍ରଧାନ ସହଯୋଗ କରିଥିଲେ। ଅଧ୍ୟାପକ କିଶନ ଅଗ୍ରୱାଲ, ଭାରତ ବିଶି, ଚିନ୍ମୟ ପ୍ରଧାନ, ଅଧ୍ୟାପିକା ତାରାକାନ୍ତି ସାହୁ, ସୁଜାତା ସା, ଲିପିକା ପ୍ରଧାନ, ସୁଧାରାନୀ ବେହେରା, କୈଳାସ ସେଟ, ସୌରଭ ସହରା, ହେମସାଗର ରାଉତ, ଯୁଧିଷ୍ଠିର ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

**ଘେଁସ:** ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଘେଁସ ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ପ୍ରଥମେ ଏଡ୍‌ସ ସଚେତନତା ରାଲି ଆୟୋଜିତ ହେଲା। ରାଲି ପରେ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଲା। କାର୍ଯ୍ୟକ୍ରମରେ ସଭାପତିତ୍ୱ ଅଧ୍ୟକ୍ଷ ପ୍ରଣୟ ବଲ୍ଲଭ ପାଣିଗ୍ରାହୀ କରିଥିଲେ ଏବଂ ଡ.ପ୍ରସାନ୍ତ ମଟାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଡ୍‌ସ ବିଷୟରେ ସନ୍ଦେଶ ଦେଲେ। ପ୍ରବନ୍ଧ ଲିଖନ, ବକ୍ତୃତା, ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଜେତା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇ କାର୍ଯ୍ୟକ୍ରମର ଶେଷ କରାଯାଇଥିଲା। କାର୍ଯ୍ୟକ୍ରମଟି ଯୁବରେଡ୍ କ୍ରସ୍ କାଉନ୍ସେଲର ଗୌତମ ସାମଲ ଓ ଅରୁଣ ମେହେରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

## ମତ୍ସ୍ୟଜୀବୀ ତିଅର ସମାଜର କାର୍ଯ୍ୟକାରୀ କମିଟି ବୈଠକ

**ବରଗଡ଼, ୩।୧୨(ସମିସ):** ଡୁଙ୍ଗୁରିପାଲି ଶାଖା କମିଟି ଆନୁକୂଲ୍ୟରେ, ଡୁଙ୍ଗୁରିପାଲି ସ୍ଥିତ ସାଇ ଗେଷ୍ଟ ହାଉସ ଠାରେ ପଶ୍ଚିମ ଓଡ଼ିଶା ମତ୍ସ୍ୟଜୀବୀ ତିଅର ସମାଜ ଦଶମ ମହାସଭା ନବନିର୍ବାଚିତ କାର୍ଯ୍ୟକର୍ତ୍ତା ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କାର୍ଯ୍ୟକ୍ରମ ସହିତ ମହାସଭାର ପ୍ରଥମ କାର୍ଯ୍ୟକାରୀ କମିଟି ବୈଠକ ସଭାପତି ନିତ୍ୟାନନ୍ଦ ବେହେରା, ବରଗଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରାଙ୍କ ଦ୍ୱାରା ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରାଯାଇଥିଲା। ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀଙ୍କୁ ଅନ୍ୱେଷଣ କରି ଆର୍ଥିକ ଅନୁଦାନ ଦେବାପାଇଁ ସୂଚନା ଦିଆଯାଇଥିଲା। କୋଷାଧ୍ୟକ୍ଷ ଭୋଜପତି ବେହେରା ଡୁଙ୍ଗରିପାଲିଙ୍କ ଦ୍ୱାରା ମହାସଭା ଆୟବ୍ୟୟ ଉପସ୍ଥାପନ କରାଯାଇଥିଲା। ମହାସଭା ମୁଖ୍ୟ ଉପଦେଷ୍ଟା ଛତ୍ରପତି ବେହେରା ଜାତି ଉଦ୍ଦେଶ୍ୟରେ ମାର୍ଗଦର୍ଶନ ଦେଇଥିଲେ ଏବଂ ଉପମୁଖ୍ୟ ଉପଦେଷ୍ଟା ଗଣେଶ ବେହେରା, ବଲାଙ୍ଗିର କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ବେହେରା, ବରଗଡ଼ ଉପସଭାପତି ପ୍ରେମରାଜ ବେହେରା, ବିଜେପୁର ଉପସଭାପତି ନୱଲ କିଶୋର ବେହେରା, ଯୁଗ୍ମ ସମ୍ପାଦକ ବିଜୟ କେତନ ବେହେରା, କୁଚିପାଲି ସଂଗଠନ ସମ୍ପାଦକ ଗୌରାଙ୍ଗ ବେହେରା, ସଂଗଠନ ସମ୍ପାଦକ ଭାବଗ୍ରାହୀ ବେହେରା, ସରୋଜ ବେହେରା, କୃଷ୍ଣଚନ୍ଦ୍ର ବେହେରା, ସମୀକ୍ଷକ ସୁନୀଲ ବେହେରା, ଅଶୋକ ବେହେରା ଏବଂ ବିଭିନ୍ନ ଶାଖା କମିଟିର ନେତୃ ମଣ୍ଡଳୀ ନିଜ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

## ଜିଲ୍ଲାସ୍ତରୀୟ ବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

**ବିଜେପୁର, ୩।୧୨(ସମିସ)**

ବରଗଡ଼ ଜିଲ୍ଲା ବିଦ୍ୟାଳୟ କ୍ରୀଡା ଅନୁଷ୍ଠାନ ଓ ବିଜେପୁର ବ୍ଲକ ବିଦ୍ୟାଳୟ କ୍ରୀଡା ଅନୁଷ୍ଠାନଙ୍କ ମିଳିତ ପ୍ରୟାସରେ ଚଳିତ ବର୍ଷ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ କ୍ରିକେଟ ଚାମ୍ପିଅନ ରେଡିଏନ୍ସ ଶିକ୍ଷାନୁଷ୍ଠାନ ବିଜେପୁର ଠାରେ ଶୁଭାରମ୍ଭ ହୋଇଯାଇଛି। ରେଡିଏନ୍ସ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଅଜିତ ମେହେରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ସରୋଜ ଭୁଏ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜେପୁର ବ୍ଲକ ଅଧ୍ୟକ୍ଷ



ଜୟକୃଷ୍ଣ ଡନସନା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ବିଞ୍ଜ ବିଭୁଦତ୍ତ ସାହୁ, ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ.ସୁଶାନ୍ତ ମେହେର, ଜିଲ୍ଲା ସରପଞ୍ଚ ସଂଘର ସଭାପତି ସବିତା ସାହୁ, ବ୍ଲକ ଶିକ୍ଷା ଅଧିକାରୀ ବଲ୍ଲଭ ମେହେର ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ବରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୨ରୁ ଅଧିକ ଟିମ୍ ଯୋଗଦାନ କରିଛନ୍ତି। ରେଡିଏନ୍ସ ଶିକ୍ଷାନୁଷ୍ଠାନର ଗୋବିନ୍ଦ ମେହେର, ନେତ୍ରମଣି ମେହେର, ମୋହିନୀ ମେହେର, ଅଧ୍ୟାପକ ପ୍ରଫୁଲ୍ଲ ପଧାନ, ଡିଙ୍ଗର ବାଗ, ଆଲୋକ ପୋଡ, ସୁରେନ୍ଦ୍ର ସେଠ୍, ସଞ୍ଜୟ ପଧାନ, ରିତା ପଧାନ, ସୁପ୍ରିୟା ମେହେର, କୁମୁଦିନୀ ବାରିକ, ଆୟୁଶା ପଧାନ, ହେଲିସା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉପାଧ୍ୟକ୍ଷ ସଞ୍ଜୟ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଆଁ ଲାଗି ଜଳିଗଲା ଲକ୍ଷାଧିକ ଟଙ୍କାର କପଡ଼ା



ଖପ୍ରାଖୋଲ,୩।୧୨(ସମିସ): ବଲାଙ୍ଗିର ଜିଲ୍ଲା ଅଧୀନ ସ୍ଥାନୀୟ ଖପ୍ରାଖୋଲର ମୁଖ୍ୟ ରାସ୍ତାରେ ଥିବା ଯାଜ୍ଞସେନୀ ଗାର୍ମେଣ୍ଟରେ ମଙ୍ଗଳବାର ରାତିରେ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗି ଲକ୍ଷାଧିକ ଟଙ୍କାର କପଡ଼ା ପୋଡ଼ି ଯାଇଛି। ମଙ୍ଗଳବାର ରାତି ପ୍ରାୟ ୧୦ଟା ସମୟରେ ଯାଜ୍ଞସେନୀ କପଡ଼ା ଦୋକାନରେ ସର୍ଟସର୍କିଟ ହେବା ଯୋଗୁଁ ନିଆଁ ଲାଗି ଯାଇଥିଲା। ଦୋକାନ ବନ୍ଦ ଥିବା ବେଳେ ଭିତରୁ ଧୂଆଁ ବାହାରୁଥିବା ସ୍ଥାନୀୟଲୋକେ ଦେଖି ଦୋକାନ ମାଲିକ ଯୋଗେନ୍ଦ୍ର ମେହେରଙ୍କୁ ଜଣାଇଥିଲେ। ପରେ ଖପ୍ରାଖୋଲ ଅଗ୍ନିଶମକର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବା ଫଳରେ ଲକ୍ଷ ଲକ୍ଷ ଟଙ୍କାର ଶୀତ ବସ୍ତ୍ର ନଷ୍ଟ ହୋଇଯାଇଥିବା ଦୋକାନର ମାଲିକ ଯୋଗେନ୍ଦ୍ର ମେହେର ପ୍ରକାଶ କରିଛନ୍ତି। ପ୍ରାୟ ଚାଳିଶ ଲକ୍ଷ ଟଙ୍କାର କପଡ଼ା ନଷ୍ଟ ହୋଇଥିବା ଦୋକାନ ମାଲିକ କହିଛନ୍ତି।

## ବନ୍ଦନାକଟା ଲୁଟ୍ ମାମଲା

# ୫ ଗିରଫ; ୯୭ ହଜାର ଟଙ୍କା ଜବତ

ବଲାଙ୍ଗିର,୩।୧୨(ସମିସ)

ଡକାୟତି ମାମଲାରେ ବଲାଙ୍ଗିର ପୁଲିସକୁ ମିଳିଛି ବଡ଼ ସଫଳତା। ଗତ ୨୮ ତାରିଖରେ ଗୋରୁ କିଣିବାକୁ ଯାଇଥିବାବେଳେ ପୁଇଁନ୍ତଲା ଥାନା ବନ୍ଦନାକଟାଠାରେ ହୋଇଥିବା ଦୁଇଲକ୍ଷ ଟଙ୍କା ଲୁଟ ମାମଲାରେ ପୁଲିସ ୫ ଜଣଙ୍କୁ ଗିରଫ କରିଥିବାବେଳେ ନଗଦ ଟଙ୍କା, ମାରଣାସ୍ତ୍ର, କାର ଓ ମୋବାଇଲ ଜବତ କରିଥିବା ଜଣାପଡ଼ିଛି। ଚାରି ଦିନ ଭିତରେ ପୁଲିସକୁ ଏହି ସଫଳତା ମିଳିଥିବା ବେଳେ ଏନେଇ ଏସ୍‌ପି ଅଭିଲାଷ ଜି. ସାମ୍ବାଦିକ ସମ୍ମିଳନୀରେ ପୁଇଁନ୍ତଲା ଥାନା ଅଧିକାରୀ ଓ ତାଙ୍କ ଟିମକୁ ପ୍ରଶଂସା କରିଥିଲେ।

### ଲୁଟ୍ ଷଡ଼ଯନ୍ତ୍ର କରି ଅଭିଯୋଗ ପାଇଁ ଆସିଥିଲେ

ବଲାଙ୍ଗିର ପୁଲିସ ଏକ ଲୁଟ ମାମଲା ପର୍ଦ୍ଦାଫାସ କରିଥିବା ବେଳେ ଅଭିଯୁକ୍ତ ଙ୍କ ବିଷୟରେ କିଛି ତଥ୍ୟ ସାମ୍ନାକୁ ଆଣିଥିଲା ଯାହାକି ଆଲୋଚନାର ବିଷୟ। ଏହି ଲୁଟ ମାମଲାର ଷଡ଼ଯନ୍ତ୍ର ରଚିଥିଲା ଅଭିଯୋଗକାରୀ ଖେତୀ ବାରିକଙ୍କ ଜଣେ ଚିହ୍ନାଲୋକ। ଗିରଫ ହୋଇଥିବା ଜୟଦ୍ରଥ କୁଅଁର ଓରଫ ଜୟଦୀପ। ଲୁଟ ହେବା ପରେ ଅଭିଯୋଗକାରଙ୍କ ସହ ସେ ଥାନାକୁ ଆସି ଅଭିଯୋଗ କରିଥିଲେ। କିନ୍ତୁ ତଦନ୍ତ ପରେ ପୁଲିସ ଜାଣିବାକୁ ପାଇଥିଲା ଯେ ଜୟଦୀପ ହିଁ ଅଭିଯୋଗକାରୀଙ୍କ ବିଶ୍ୱାସରେ ବିଷ ମିଶାଇ ରଚିଥିଲେ ଲୁଟ୍ ଷଡ଼ଯନ୍ତ୍ର।





- ବ୍ୟବହୃତ କାର୍, ବାଇକ୍, ମୋବାଇଲ ଜବତ
- ଗାଈ କିଣିବାକୁ ଗଲା ବେଳେ ହୋଇଥିଲା ଲୁଟ୍

ସୂଚନା ଅନୁସାରେ ଗତ ୨୮ ତାରିଖରେ ପୁଇଁନ୍ତଲା ଥାନା ବୁଢ଼ୀସିଣ୍ଢୋଳ ଗାଁର ଖେତୀ ବାରିକ ଓ ବାଗଦଲ ଗାଇଗରିଆ ମିଶି ଏକ ବାଇକ୍‌ରେ ଆଗଲପୁର ବ୍ଲକ ରୋତ ଗୋରୁ ବଜାରକୁ ଗାଈ, ଛେଳି, ବଦଳ କିଣିବା ଉଦ୍ଦେଶ୍ୟରେ ସକାଳୁ ବାହାରିଥିଲେ। ବନ୍ଦନାକା ରାସ୍ତାରେ ଆସୁଥିବା ବେଳେ ବନ୍ଦନାକଟା ଗାଁ ନିକଟରେ ପାଞ୍ଚରୁ ଛଅ ଜଣ ଯୁବକ ଆସି ତାଙ୍କୁ ଘେରିଯାଇଥିଲେ। ଭୁଜାଲି ଓ ଅନ୍ୟ ମାରଣାସ୍ତ୍ର ଦେଖାଇ ସେମାନେ ଧରିଥିବା ୨ ଲକ୍ଷ ୨ ହଜାର ପାଞ୍ଚଶହ ଟଙ୍କା ଓ ଉଭୟଙ୍କ ମୋବାଇଲ ଫୋନ ଧରି ଫେରାର ହୋଇଯାଇଥିଲେ। ଏନେଇ ଉଭୟ ଆସି ପୁଇଁନ୍ତଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ କେସ ନଂ ୩୨୪/୨୦୨୫ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସପି ଅଭିଲାଷ ଜି.ଙ୍କ ନିର୍ଦ୍ଦେଶକ୍ରମେ ପୁଇଁନ୍ତଲା ଥାନା ଅଧିକାରୀ ଡିଏସ୍‌ପି ଅନୀତା ପ୍ରଧାନଙ୍କ ନେତୃତ୍ୱରେ ଏକାଧିକ ଟିମ ଗଠନ କରି ତଦନ୍ତ ଆଗକୁ ବଢ଼ିଥିଲା। ବୈଷୟିକ ସହାୟତା, ସ୍ଥାନୀୟ ସୂଚନାକୁ ଭିତ୍ତିକରି ପୁଲିସ ଅନେକ ସ୍ଥାନରେ ଚଢ଼ଉ କରିଥିଲା। ଏହି ମାମଲାରେ ସମ୍ପୃକ୍ତ ଥିବା ପାଞ୍ଚଜଣ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ତରଭା ଥାନା ସରଧାପାଲିର ଜୟଦ୍ରଥ କୁଅଁର ଓରଫ ଜୟଦୀପ, ସଦର ଥାନା ଅଧୀନ ବାଗବାଡି ଗାଁର ଗୋପାଳ ବାରିକ, ପୁଇଁନ୍ତଲା ଥାନା ପୁଡ଼ାପାଲି ଗାଁର ସୁଶାନ୍ତ ଦୀପ ଓରଫ ସୁରୁ, ସୁଶାନ୍ତ ପୋଢ଼, ରାଜା ଓରଫ କର୍ମ ନାଏକ ବୋଲି ଏସ୍‌ପି ପୁଇଁନ୍ତଲା ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ସେମାନଙ୍କ ପାଖରୁ ନଗଦ ୯୭ ହଜାର୯୩୦ ଟଙ୍କା, ଚୋରିହୋଇଥିବା ଗୋଟିଏ ଫୋନ, ବ୍ୟବହୃତ ହୋଇଥିବା ଭୁଜାଲି, ନମ୍ବର ବିହୀନ କାର, ଏକ ବାଇକ୍ ଓ ଅଭିଯୁକ୍ତ ମାନଙ୍କ ସାତୋଟି ଫୋନ ଜବତ ହୋଇଛି। ଏହି ଘଟଣାରେ ଗିରଫ ହୋଇଥିବା ତିନି ଜଣଙ୍କ ନାମରେ ପୂର୍ବରୁ ମଧ୍ୟ ଅନ୍ୟ ଥାନା ମାନଙ୍କରେ ମାମଲା ରହିଥିବା ଜଣାପଡ଼ିଛି।

### ଗୋପାଳ ନାମରେ ୧୯ ମାମଲା

ପୁଇଁନ୍ତଲା ଥାନା ବନ୍ଦନାକଟା ୨ ଲକ୍ଷ ଟଙ୍କା ଲୁଟ ମାମଲାରେ ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରୁ ଗୋପାଳ ବାରିକ ଅନ୍ୟତମ। ଗିରଫ ଗୋପାଳ ବିଷୟରେ ପୁଲିସ ସାଂଘାତିକ ସୂଚନା ପ୍ରଦାନ କରିଛି। ଗୋପାଳ ଗୋଟିଏ କି ଦୁଇଟି ନୁହଁ ବିଭିନ୍ନ ଥାନାରେ ୧୯ ଟି ଅପରାଧିକ ମାମଲାରେ ସେ ସମ୍ପୃକ୍ତ ଥିବା ଜଣାପଡିଛି। ସେ ସଂପୃକ୍ତଥିବା ମାମଲା ଗୁଡିକ ହେଲା ସଦର ଥାନା କେସ ନଂ ୧୯୫/୨୦୨୨, ୨୧୪/୨୦୨୨, ୬୨/୨୦୧୮, ୨୩୧/୨୦୨୦, ୧୯୭/୨୦୨୦, ୪୮୧/୨୦୨୩, ସୋନପୁର ଜିଲ୍ଲା ତରଭା ଥାନା କେସ୍ ନଂ ୭୮/୨୦୨୨, ୨୧୭/୨୦୨୨, ୧୪୯/୨୦୨୧, ୧୮୧/୨୦୧୯, ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା କେସ୍ ନଂ ୧୪୮/୨୦୨୨, ସଇଁନ୍ତଲା ଥାନା କେସ୍ ନଂ ୬୦/୨୦୨୧୮, ଦେଓଗାଁ ଥାନା କେସ୍ ନଂ ୫୮/୨୦୨୦, ତୁଷୁରା ଥାନା କେସ ନଂ ୮୭/୨୦୨୦, ଲୋଇସିଂହା ଥାନା କେସ୍ ନଂ ୩୪୬/୨୦୧୮, କଳାହାଣ୍ଡି ଜିଲ୍ଲା ନର୍ଲା ଥାନା କେସ ନଂ ୪୮/୨୦୧୮, ପୁଇଁନ୍ତଲା ଥାନା କେସ ନଂ ୮୩/୨୦୨୩, ୨୭୬/୨୦୨୩ ଓ ୬୭/୨୦୨୩ ବୋଲି ଜଣାପଡ଼ିଛି। ଗୋପାଳ ନାମରେ ବହୁ ସଙ୍ଗୀନ ଅଭିଯୋଗ ରହିଥିବାବେଳେ ଉକ୍ତ ଘଟଣାରେ ମଧ୍ୟ ଗୋପାଳ ଅନ୍ୟତମ ମାଷ୍ଟରମାଇଣ୍ଡ ବୋଲି ଜଣାପଡ଼ିଛି। ସେହିପରି ସୁଶାନ୍ତ ପୋଢ଼ ଲୋଇସିଂହା କେସ୍ ନଂ ୩୯୮/୨୦୨୪ ଓ ସୁଶାନ୍ତ ଦୀପ ପୁଇଁନ୍ତଲା କେସ ନଂ ୧୫୦/୨୦୨୦ ରେ ସାମିଲ ଥିବା ପୁଲିସ ସୂଚନା ଦେଇଛି।

# ଖ୍ରୀଷ୍ଟିୟାନ ସମାଜ ପକ୍ଷରୁ ପ୍ରାକ୍ ବଡ଼ଦିନ




ବଲାଙ୍ଗିର,୩।୧୨(ସମିସ): ବଲାଙ୍ଗିର ଖ୍ରୀଷ୍ଟିୟାନ ସମାଜ ପକ୍ଷରୁ ପ୍ରାକ୍ ବଡ଼ଦିନ କାର୍ଯ୍ୟକ୍ରମ ପାଳନ କରାଯାଇଛି। ମିଶନ ସ୍କୁଲ ଖେଳ ପଡ଼ିଆର ସଭାପତି ଆଚାର୍ଯ୍ୟ ନିମୁଏଲ ନାଗଙ୍କ ପ୍ରାର୍ଥନା ପରେ ବିରାଟ ଶୋଭାଯାତ୍ରା ଆରମ୍ଭ କରାଯାଇଥିଲା। ସମ୍ପାଦକ ସଚ୍ଚିଦାନନ୍ଦ ହନୁମାନଙ୍କ ସଂଯୋଜନାରେ ଏହି ଶୋଭାଯାତ୍ରା କଚେରି ଛକ, ଭାଗୀରଥି ଛକ, ମହିଳା କଲେଜ ଛକ, ରାଜେନ୍ଦ୍ର କଲେଜ ଛକ ରାସ୍ତା ଦେଇ ସଭା ଶେଷରେ ମିଶନ କମ୍ପାଉଣ୍ଡ ସ୍ଥିତ ନିୟ ଲାଇଭ ଏସେମ୍ବ୍ଲି ହଲଠାରେ ସମାପନ ହୋଇଥିଲା। ଏହି ଶୋଭାଯାତ୍ରାରେ ଶିଶୁ ଓ ମହିଳାମାନେ ମଧ୍ୟ ସାମିଲ ହୋଇଥିଲେ। ଡିସେମ୍ବର ମାସକୁ ଖ୍ରୀଷ୍ଟିୟାନ ଲୋକମାନେ ପବିତ୍ର ମାସ ଭାବେ ପାଳନ କରି ମାସସାରା ବିଭିନ୍ନ କାର୍ଯ୍ୟକ୍ରମ କରି ଡିସେମ୍ବର ୨୫କୁ ପବିତ୍ର ଭାବରେ ପାଳନ କରିଥାନ୍ତି। ୟୁ ଲାଇଫ୍ ଅସେମ୍ବ୍ଲି ହଲ୍ ସମାପନ ଉତ୍ସବରେ ସଚ୍ଚିଦାନନ୍ଦ ହନୁମାନ ସଂଯୋଜନାରେ ସମ୍ବଲପୁର ଧର୍ମାଂଚଳର ବିଶପ୍ ଇମାନୁଏଲ ଦାନି ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ପ୍ରାକ୍ ବଡଦିନର ମହତ୍ୟ ଉପରେ ଆଲୋକପାତ କରିଥିଲେ। ସୁଶାନ୍ତ କୁମାରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଶରତ ବଲ୍ଲଭ ବାଗ, ସୁନିଲ କୁମାର ନନ୍ଦ, ବୁଦ୍ଧଦେବ ଛତ୍ରିଆ, ରିଜୁ ଦିପ, ଗୌରବ ତାଣ୍ଡି, ଶେଖର ପାଉଲ, ପ୍ରେମ ରାଉଲ, ଇମାନୁଏଲ ନନ୍ଦ, ପୁର୍ଣ୍ଣମୂର୍ତ୍ତି ଖ୍ରୀଷ୍ଟଦାସ, ମାନୁଏଲ ବାରିକ, ଶୈଳେଶ ପାଲ, ସଞ୍ଜୁ ନାଗ, ସ୍ମୃତିରାଜ କର, ସରୋଜ ନାଗ, ସରୋଜ ଛତ୍ରିଆ, ଇସମାଇଲ ହନୁମାନ, ଜ୍ୟୋତିରାଜ ନାଗ, ସନ୍ଦିପ ବାରିକ, ଆଦାମ ଇସମାଇଲ, ଶୁଭମ ତାଣ୍ଡି, ନରେଶ ମାଥ୍ୟୁସ, ଆଦାମ ଇସମାଇଲ, ସୂର୍ଯ୍ୟକାନ୍ତ ବାରିକ ପ୍ରମୁଖ ଙ୍କ ସହିତ ଶତାଧିକ ମହିଳା ଓ ଖ୍ରୀଷ୍ଟିୟାନ ସମାଜର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

# ଅସଦାଚରଣ ଅଭିଯୋଗରେ ଶିକ୍ଷକ ଗିରଫ

ପାଟଣାଗଡ଼,୩।୧୨(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ଲରମ୍ବା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ସ୍କୁଲର ଶିକ୍ଷକ ଅସଦାଚରଣ କରିଥିବାନେଇ ମଙ୍ଗଳବାର ଲରମ୍ବା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।



ଏନେଇ ଅଭିଯୁକ୍ତ ଶିକ୍ଷକଙ୍କୁ ଲରମ୍ବା ପୁଲିସ ଅଟକ ରଖି ଅଧିକ ତଦନ୍ତ ଜାରିରଖିଥିଲା। ବୁଧବାର ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ଶିକ୍ଷକ ତ୍ରିଲୋଚନ ମେହେରଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଶିକ୍ଷକଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ସୂଚନାଯୋଗ୍ୟ ଯେ ଲରମ୍ବା ଥାନା ଅଞ୍ଚଳର ଅଷ୍ଟମ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ସ୍କୁଲର ଶିକ୍ଷକ ଜଣକ ସ୍କୁଲର ଏକ କୋଠରୀକୁ ଡାକି ଅସଦାଚରଣ କରିଥିଲେ। ଏନେଇ ଛାତ୍ରୀ ଜଣକ ଘରକୁ ଆସି ତାଙ୍କ ଅବିଭାବକଙ୍କୁ ଘଟଣା ବିଷୟରେ କହିଥିଲେ। ପରେ ଛାତ୍ରୀଙ୍କ ପରିବାର ଲୋକେ ଓ ଗାଁ ଲୋକେ ମିଶି ସ୍କୁଲକୁ ଯାଇ ଶିକ୍ଷକଙ୍କୁ ଅଭିଯୋଗ କରିଥିଲେ। ଶିକ୍ଷକ ଜଣକ ନିଜ ଭୁଲ ସ୍ୱୀକାର କରିଥିଲେ। ପରେ ଏ ଘଟଣାକୁ ନେଇ ନାବାଳିକା ଛାତ୍ରୀଙ୍କ ମା ଲରମ୍ବା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ଅଧିକ ତଦନ୍ତ କରି ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଭାନୁଶଙ୍କର ଯାଦବ ସୂଚନା ଦେଇଛନ୍ତି।

# ସାଲେପାଲିରେ ବିଶ୍ୱ ଦିବ୍ୟାଙ୍ଗ ଦିବସ

ଦେଓଗାଁ,୩।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାଲେପାଲି ଜଗତବନ୍ଧୁ ବିଶ୍ୱଭାରତୀ ଶିକ୍ଷା ନିକେତନରେ ବୁଧବାର ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଛି। ଶିବପ୍ରସାଦ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସମ୍ପାଦକ ପବିତ୍ରାନନ୍ଦ ପ୍ରଧାନ, ରାଜଶ୍ରୀ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଥିଲେ। ଶେଷରେ ତିଲୋତ୍ତମା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।




# ଭୂତିଆରବାହାଲ ସରକାରୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଦେଓଗାଁ,୩।୧୨(ସମିସ): ବଲାଙ୍ଗିର ଜିଲ୍ଲା ସଦରବ୍ଲକ୍ ଅଧୀନ ଭୂତିଆରବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚଳିତବର୍ଷ ୧୨୫ତମ ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ହେଉଥିବା ୨୫ଟି କାର୍ଯ୍ୟକ୍ରମ ମଧ୍ୟରୁ ନବମ କାର୍ଯ୍ୟକ୍ରମ ଭାବେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ଉତ୍ସବର ବୁଧବାର ଉଦ୍‌ଯାପନୀ ଦିବସରେ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ସାହୁଙ୍କ ଅଧ୍ୟକ୍ଷତା ତଥା ଶୁଭଲକ୍ଷ୍ମୀ ପ୍ରୀୟଦର୍ଶିନୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ଅଗ୍ରୱାଲ, ସମ୍ମାନିତ ଅତିଥିଭାବେ ମୋ ବିଦ୍ୟାଳୟ ସଭାପତି ଚିନ୍ତାମଣି ଚୌଧୁରୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏ ଅବସରରେ ୧୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ୨୪ଟି ପ୍ରତିଯୋଗିତାରେ ଭାଗନେଇଥିଲେ। ନେପାଲ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଷ୍ଣୁପ୍ରିୟା ଗିରି, ଆଶୀର୍ବାଦ ସାହୁ, ତେଜରାଜ ଥନାପତି, ମୋହନ ଚୌଧୁରୀ, ପୁରୁଷୋତ୍ତମ ବାଗ, କୈଳାସ ଚନ୍ଦ୍ର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା

ଖପ୍ରାଖୋଲ,୩।୧୨(ସମିସ): ବଲାଙ୍ଗିର ଜିଲ୍ଲା ଅଧୀନ ଖପ୍ରାଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅବସରରେ ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରୁଦ୍ରଦେବ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବରେ ଖପ୍ରାଖୋଲ ତହସିଲଦାର ସତ୍ୟ ସୁନ୍ଦର ରାଉତ ରାୟ, ଖପ୍ରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଓମ୍ ପ୍ରକାଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଖପ୍ରାଖୋଲ ଉଚ୍ଚ ବିଦ୍ୟାଳୟର ହିନ୍ଦି ଶିକ୍ଷକ ମୁରଲୀ ମେହେର ମଞ୍ଚ ପରିଚାଳନା କରିଥିଲେ। ତେବେ ଖପ୍ରାଖୋଲ ବ୍ଲକରୁ ୫୬ଜଣ ଛାତ୍ର ଛାତ୍ରୀ ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।




# ସେଞ୍ଚୁରିଆନ୍ ବିଦ୍ୟାଳୟରେ ବାର୍ଷିକ ଉତ୍ସବ 'ଫୋନିକ୍ସ'

ବଲାଙ୍ଗିର,୩।୧୨(ସମିସ)

ସେଞ୍ଚୁରିଅନ ପବ୍ଲିକ୍ ସ୍କୁଲ ଓ ହେଲୋ କିଡ୍‌ସ ବିଭାଗର ବାର୍ଷିକ ଉତ୍ସବ ବଲାଙ୍ଗିର ସହରରେ ଅବସ୍ଥିତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଉପ କୁଳପତି ପ୍ରଫେସର ଡ. ଡିଏନ୍ ରାଓ ଯୋଗ ଦେଇଥିଲେ। ଡ. ଅନଙ୍ଗ ଉଦୟ ନାଏକ, ଉପାଧାକ୍ଷା ଡ. ଅଙ୍କିତା ଶୁଭ୍ରସ୍ମିତା ଗଡ଼ତ୍ୟା, ସେଞ୍ଚୁରିଅନ ବିଦ୍ୟାଳୟର ଉପାଧାକ୍ଷା ଡ. ପୁଣ୍ୟତୋୟା ବିଶ୍ୱାଳ ଉପସ୍ଥିତ ଥିଲେ। ଅଧକ୍ଷ ତମାଳ ଚକ୍ରବର୍ତ୍ତୀ, ହେଲୋ କିଡ଼ସ ବିଦ୍ୟାଳୟର ଅଧକ୍ଷା ସୋନିକା ତ୍ରିପାଠୀ ଉପସ୍ଥିତ ରହି ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ପ୍ରଦୀପ ଷଡ଼ଙ୍ଗୀ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ସେମାନେ ଜୀବନରେ କଠିନ ଅଧ୍ୟବସାୟ କରନ୍ତୁ ଓ ଅନୁଷ୍ଠାନ ପାଇଁ ଗୌରବ ଆଣନ୍ତୁ। ଆରାଧ୍ୟା ପ୍ରଜ୍ଞାମିତା ବିଶ୍ୱାଳ ମିସ୍ ହେଲୋ କିଡ୍‌ସ ଓ ଶ୍ରେୟାଂଶ ମଲ୍ଲିକ ମାଷ୍ଟର ହେଲୋ କିଡ୍‌ସ ଭାବରେ ପୁରସ୍କୃତ ହୋଇଥିଲେ।




ବିଦ୍ୟାଳୟର ପ୍ରଥମରୁ ଦଶମ ଶ୍ରେଣୀ ମଧ୍ୟରୁ ଦଶମ ଶ୍ରେଣୀ ବୀନା କୁମାରୀ ବର୍ଷର ଉତ୍ତମ ଛାତ୍ର ଭାବେ ପୁରସ୍କୃତ ହୋଇଥିବା ବେଳେ ସିଏଚଏସଇ ( ବିଜ୍ଞାନ ) ଦ୍ୱାଦଶ ଶ୍ରେଣୀର ପ୍ରିୟା ରାଣୀ ପ୍ରଧାନ, ସିବିଏସଇ ( ବିଜ୍ଞାନ) ବିଭାଗର ଦ୍ୱାଦଶ ଶ୍ରେଣୀର ଛାତ୍ର ନଳୀନ ମେହେର ଓ ଆଲିସ୍କା ବାରିକ ( ବର୍ଷ ର ଉତ୍ତମ ଛାତ୍ର ) ଭାବରେ ପୁରସ୍କୃତ ହୋଇଥିଲେ। ଅରିନ୍ଦମ ପରିଛା, ଭକ୍ତି ପଢ଼ାରିଆ, ପରିଚାଳନା କରିଥିଲେ।

